R.N.I. REGN. No. 65000/96 POSTAL REGN. No. OR/BN-32/12-14

23 January 2026, Friday

ତ୍ରିଂଶତମ ବର୍ଷ

ସଂଖ୍ୟା : ୧୧୦

ତିଥି : ପଞ୍ଚମୀ

୨୩ ଜାନୁଆରୀ ୨୦୨୬, ଶୁକ୍ରବାର

ସମ୍ବଲପୁର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur






### ୪.୫୭ ଲକ୍ଷ ସୁଭଦ୍ରା ହିତାଧିକାରୀ ପାଇଲେ ୩୧୯୫ କୋଟି

## ମହିଳାଙ୍କ ସର୍ବାଙ୍ଗୀନ ବିକାଶ ଆମର ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୧ (ସବ୍ୟୁ) : ଓଡ଼ିଶାର ସର୍ବ ବୃହତ ମହିଳା କେନ୍ଦ୍ରିକ କଲ୍ୟାଣ ଯୋଜନା ସୁଭଦ୍ରାର ପ୍ରାୟ ୪ ଲକ୍ଷ ୫୭ ହଜାର ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ପ୍ରଦାନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୩୧୯୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ଡିବିଟି ମାଧ୍ୟମରେ ପ୍ରଦାନ କରିଥିଲେ ।




ସୂଚନା ଯୋଗ୍ୟ ଯେ, ସୁଭଦ୍ରା ଯୋଜନା ଅନ୍ତର୍ଗତ ପ୍ରଥମ, ଦ୍ୱିତୀୟ ଅବଶିଷ୍ଟ ଏବଂ ତୃତୀୟ କିସ୍ତି ପାଇନଥିବା ହିତାଧିକାରୀଙ୍କୁ ଏବଂ ନୂତନ ଭାବେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପଞ୍ଜୀକୃତ ହୋଇଥିବା ହିତାକାରୀଙ୍କୁ ସହାୟତା ପ୍ରଦାନ କରାଯାଇଛି ।

ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବାର୍ଷିକ ୧୧ ହଜାର କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା "ସୁଭଦ୍ରାଦ୍ଧ ହେଉଛି ସ୍ୱାଧୀନତା ପରବର୍ତ୍ତୀ ଓଡିଶାର ସର୍ବବୃହତ୍ ମହିଳା କୈନ୍ଦ୍ରିକ ଯୋଜନା, ଯେଉଁଥିରେ ୨୧ ରୁ ୬୦ ବର୍ଷ ବୟସର ୧ କୋଟିରୁ ଉର୍ଦ୍ଧ୍ୱ ଯୋଗ୍ୟ ମହିଳାଙ୍କୁ ୫ ବର୍ଷ ମଧ୍ୟରେ ବାର୍ଷିକ ୧୦ ହଜାର ଟଙ୍କା ଲେଖାଏଁ ଦୁଇଟି କିସ୍ତିରେ, ମୋଟ ୫୦ ହଜାର ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି । ସେଇଥିପାଇଁ "ସୁଭଦ୍ରାଦ୍ଧ ଓଡ଼ିଶାର ସମସ୍ତ ମା' ଭଉଣୀଙ୍କ ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ଜ୍ୱଳନ୍ତ ନିଦର୍ଶନ ।

ଆମ ସରକାର ଆସିବାମାତ୍ରେ ପ୍ରଥମ ଦିନରେ ହିଁ ଏଥିପାଇଁ କ୍ୟାବିନେଟରେ ନିଷ୍ପତ୍ତି ହୋଇ ସେପ୍ଟେମ୍ବର ୧୭, ୨୦୨୪ ତାରିଖରେ ପ୍ରଥମ କିସ୍ତି ଦିଆ ଯାଇଥିଲା । ସୁଭଦ୍ରା ଯୋଜନାର ଶୁଭାରମ୍ଭ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ (୯ ପୃଷ୍ଠାରେ)

## ୧୬ ମାଓବାଦୀ ନିହତ

ରାଉରକେଲା, ୨୨।୧ (ସବ୍ୟୁ): ଝାଡ଼ଖଣ୍ଡରେ ବଡ଼ଧରଣର ମାଓ ବିରୋଧୀ ଅପରେସନକୁ ମିଳିଛି ବଡ଼ ସଫଳତା । ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମି ଜିଲ୍ଲାର ସରଣ୍ଡା ଜଙ୍ଗଲରେ ସୁରକ୍ଷା ବାହିନୀ- ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଏନକାଉଣ୍ଟରରେ ଏକ ବଡ଼ ସଫଳତା ମିଳିଛି ।

ସରଣ୍ଡା ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ନେଇ ସୁରକ୍ଷା ବାହିନୀଙ୍କୁ ଗୁପ୍ତ ସୂଚନା ମିଳିଥିଲା । ପରେ ଆରମ୍ଭ ହୋଇଥିଲା ସ୍ୱତନ୍ତ୍ର ମିଳିତ ଅପରେସନ୍ । ଝାଡ଼ଖଣ୍ଡର ଚାଇଁବସା ଜିଲ୍ଲା ଅନ୍ତର୍ଗତ ସରଣ୍ଡା ଜଙ୍ଗଲରେ ସୁରକ୍ଷା ବାହିନୀ -ମାଓ ସଂଗଠନ ମଧ୍ୟରେ ଏନକାଉଣ୍ଟର ହୋଇଥିଲା । ଛୋଟାନାଗରା ଥାନା ଅଞ୍ଚଳର ଦୁର୍ଗମ ଜଙ୍ଗଲରେ ଏହି ଏନକାଉଣ୍ଟର ହୋଇଥିଲା । କେନ୍ଦ୍ର ଗୃହମନ୍ତ୍ରୀଙ୍କ କଡ଼ା ନିର୍ଦ୍ଦେଶକୁ ଆଧାର କରି ମାଓବାଦୀଙ୍କୁ ଖୋଜି ଖୋଜି ନିପାତ କରିଛନ୍ତି ଯବାନ । (୯ ପୃଷ୍ଠାରେ)

### ଖାଇକୁ ଖସିଲା ସେନା ଗାଡ଼ି

## ୧୦ ଯବାନ ସହିଦ



ନୂଆଦିଲ୍ଲୀ, ୨୨।୧ : ଜମ୍ମୁ-କାଶ୍ମୀରର ସେନାକୁ ନେଇ ଯାଉଥିବା ଏକ ଗାଡ଼ି ଘାଟି ତଳକୁ ଖସି ପଡିବା ଯୋଗୁଁ ୧୦ ଯବାନ ସହିଦ ହୋଇଛନ୍ତି । ଡୋଡାଠାରେ ଏହି ଗାଡ଼ିଟି ଏକ ଘାଇକୁ ଖସି ପଡିଥିଲା । ୧୦ ସୈନିକ ସହିତ ହୋଇଥିବା ବେଳେ ୧୦ ଆହତ ହୋଇଛନ୍ତି । ଅଧିକାରୀମାନେ କହିଥିଲେ ସେନାର ଏହି ଗାଡ଼ିଟି ବୁଲେଟ୍ ପ୍ରୁଫ୍ ଥିଲା । ଏହା ଚାମ୍ବାଠାରେ ହୋଇଥିବା ଅପରେସନରେ ମଧ୍ୟ ସାମିଲ ହୋଇଥିଲା ।

ସେନାର ଏହି ଗାଡିଟି ଡୋଡାର ଭାଦରୱାହ-ଚମ୍ବା ରାସ୍ତାରେ ଯାତ୍ରା କରୁଥିବା ସମୟରେ (୯ ପୃଷ୍ଠାରେ)



# ଚଟଣି

ସମୟ
ଶୁକ୍ରବାର, ୨୩ ଜାନୁଆରୀ ୨୦୨୬



# ମା'ସରସ୍ୱତୀଙ୍କ ଆରାଧନା ପର୍ବ

ବିଦ୍ୟାଦାୟିନୀ, ଜଡ଼ତାହାରିଣୀ କାବ୍ୟକଳାର ଆଦ୍ୟାଶକ୍ତି - ସକଳ ଜ୍ଞାନ ଓ ଚେତନା ଶକ୍ତିର ଉଦ୍ରେକକାରିଣୀ, ଦେବୀ ବୀଣାପାଣି । ମା'ସରସ୍ୱତୀଙ୍କ ଉଦ୍ଦେଶ୍ୟରେ ଜ୍ଞାନପିପାସୁ ଆର୍ଯ୍ୟ ମାନବ ଭକ୍ତି ବିନମ୍ର କଣ୍ଠରେ ଗାଇଥାଏ - "ଯା କୁନ୍ଦେନ୍ଦୁ ତୁଷାରହାରା ଧବଳା ଯା ଶ୍ୱେତ ପଦ୍ମାସନା, ଯା ବୀଣା ବରଦଣ୍ଡମଣ୍ଡିତକରା, ଯା ଶୁକ୍ଳ ବସ୍ତ୍ରାନ୍ୱିତା, ଯା ବ୍ରହ୍ମାଚ୍ୟୁତଶଙ୍କର ପ୍ରଭୃତିଭିଃ ଦେବୈ ସଦା ବନ୍ଦିତା, ସ ମାଂ ପାତୁ ସରସ୍ୱତୀ ଭଗବତୀ ନିଶେଷ ଜାଡ଼୍ୟାପହା ।' ମାଘ ଶୁକ୍ଳ ପଞ୍ଚମୀ ତିଥିରେ ମା ସରସ୍ୱତୀଙ୍କର ଆବାହନ ତଥା ପୂଜା-ବନ୍ଦନା କରାଯାଇଥାଏ । ବସନ୍ତର ଅୟମାରମ୍ଭରେ ଧରଣୀରାଣୀ ସକଳ ସୌନ୍ଦର୍ଯ୍ୟକୁ ଅଙ୍ଗୀଭୂତ କରି ସକଳ ପରିପୂର୍ଣ୍ଣତାରେ ଅଭିସିକ୍ତ ହୋଇ, ମଙ୍ଗଳମୟୀ ଆଦ୍ୟାଶକ୍ତିର ପଦପ୍ରାନ୍ତରେ ପୂଜା ଅର୍ଚ୍ଚନା ବାଢ଼େ ଏହି ପୁଣ୍ୟ ଦିବସରେ । ଏଣୁ ଏହି ପଞ୍ଚମୀ, ଶ୍ରୀପଞ୍ଚମୀ ବା ବସନ୍ତ ପଞ୍ଚମୀ ନାମରେ ମଧ୍ୟ ସୁବିଦିତ । ମା'ସରସ୍ୱତୀ ହେଉଛନ୍ତି ବିଦ୍ୟା, ବୁଦ୍ଧି, ଜ୍ଞାନ ଓ ବାଣୀର ଅଧିଷ୍ଠାତ୍ରୀ ଦେବୀ । ସେ ମୂଳସ୍ଥାନ ଅମୃତମୟ ପ୍ରକାଶପୁ ଅଟନ୍ତି । ତାଙ୍କର ତେଜ ଦିବ୍ୟ ଓ ଅପରିମେୟ । ତାଙ୍କୁ ଶବ୍ଦ ବ୍ରହ୍ମା ରୂପେ ପୂଜନ କରାଯାଏ । ପୁରାଣ ଅନୁସାରେ, ବ୍ରହ୍ମାସ୍ୱରୂପା, କାମଧେନୁ ତଥା ସମସ୍ତ ଦେବଙ୍କର ପ୍ରତିନିଧିତ୍ୱ କରିଥାନ୍ତି ବାଗ୍‌ଦେବୀ । ସେ ହେଉଛନ୍ତି ବିଦ୍ୟା, ବୁଦ୍ଧି ଓ ସରସ୍ୱତୀ । ମାଘମାସ ଶୁକ୍ଳପକ୍ଷ ବସନ୍ତ ପଞ୍ଚମୀ ତିଥିରେ ମା'ସରସ୍ୱତୀଙ୍କ ଅବତରଣ ହୋଇଥିଲା । ଏହି ତିଥିକୁ ଶ୍ରୀପଞ୍ଚମୀ ବୋଲି କୁହାଯାଏ । ଏହି ଦିନ ବିଶେଷ ପୂଜାର୍ଚ୍ଚନା ତଥା ବ୍ରତସ୍ତୋତ୍ର ଦ୍ୱାରା ମା'ସରସ୍ୱତୀଙ୍କ ସାନ୍ନିଧ୍ୟ ଲାଭ କରିହୁଏ । ମାଘ ଶୁକ୍ଳ ପଞ୍ଚମୀର ପ୍ରାତଃକାଳରେ ବାଗ୍‌ଦେବୀଙ୍କୁ ଆହ୍ୱାନ କରାଯାଏ । ସରସ୍ୱତୀ ଦେବୀଙ୍କ ଏହି ବାର୍ଷିକ ପୂଜାରେ ଛୋଟ ପିଲାଙ୍କ ଅକ୍ଷର ଆରମ୍ଭ ଓ ବିଦ୍ୟାରମ୍ଭ କରାଯାଏ । ଅଜ୍ଞାନ ଅନ୍ଧକାର ମଧ୍ୟରୁ ତେଜୋମୟ ଦିବ୍ୟଧାମକୁ ବାଟ କଢ଼ାଇ ଘେନି ଯିବାର ସେ ହେଲେ ଅଧିଷ୍ଠାତ୍ରୀ ଦେବୀ ।

ସତ୍ୟ ମହାପାତ୍ର , ଦୂରଭାଷ : ୯୬୫୮୧୦୫୫୩୨



# ବୀର ସୁରେନ୍ଦ୍ର ସାଏ





ଆଜି ଜନ୍ମଦିନ

ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଇତିହାସରେ ବୀର ସୁରେନ୍ଦ୍ର ସାଏ ଏକ ଅମ୍ଳାନ ପ୍ରତିଭା । ସେ ୧୮୦୯ ମସିହା ଜାନୁଆରୀ ୨୩ ତାରିଖରେ ସମ୍ବଲପୁରର ଖିଣ୍ଡା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ସମ୍ବଲପୁରର ଚୌହାନ ରାଜବଂଶର ଥିଲେ । ମାତ୍ର ୧୮ ବର୍ଷ ବୟସରୁ ସେ ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ସମ୍ବଲପୁରକୁ ବ୍ରିଟିଶ କବଳରୁ ମୁକ୍ତ କରି ଏହାର ପ୍ରକୃତ ଉତ୍ତରାଧିକାରୀଙ୍କୁ ସିଂହାସନରେ ବସାଇବା । ଦୀର୍ଘ ବର୍ଷ ଧରି ବ୍ରିଟିଶ ବାହିନୀ ସହିତ ଲଢ଼ିବା ପରେ ମଧ୍ୟ ସେ କେବେହେଲେ ବ୍ରିଟିଶ ଆଗରେ ଆତ୍ମସମର୍ପଣ କରିନଥିଲେ । ଶେଷରେ ବିଶ୍ୱାସଘାତକତା ଅଭିଯୋଗ ଯୋଗୁଁ ସେ ଧରାପଡ଼ିଥିଲେ ଏବଂ ତାଙ୍କୁ ଅସୀରଗଡ଼ ଦୁର୍ଗରେ ବନ୍ଦୀ କରି ରଖାଯାଇଥିଲା । ୨୮ ଫେବ୍ରୁଆରୀ ୧୮୮୪ ମସିହାରେ ସେହି ଦୁର୍ଗ ମଧ୍ୟରେ ତାଙ୍କର ଦେହାନ୍ତ ହୋଇଥିଲା । ସେ ଜଣେ ଏପରି ବୀର ଥିଲେ ଯିଏ ଜୀବନର ଅଧିକାଂଶ ସମୟ କାରାଗାରରେ କଟାଇଥିଲେ ମଧ୍ୟ ନିଜର ଆଦର୍ଶରୁ ଓହରି ନଥିଲେ । ଆଜି ବି ତାଙ୍କର ସାହସ ଏବଂ ବଳିଦାନ ଓଡ଼ିଶା ତଥା ସାରା ଭାରତ ପାଇଁ ଗର୍ବର ବିଷୟ ।



# ନେତାଜୀ ସୁଭାଷ ଚନ୍ଦ୍ର ବୋଷ

ଆଜି ଜନ୍ମଦିନ

ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏକ ଅଭୁଲା ନାମ । ୧୮୯୭ ମସିହା ଜାନୁଆରୀ ୨୩ ତାରିଖରେ ଓଡ଼ିଶାର କଟକ ସହରରେ ସେ ଜନ୍ମଗ୍ରହଣ କରିଥିଲେ । ପିତା ଜାନକୀନାଥ ବୋଷ ଏବଂ ମାତା ପ୍ରଭାବତୀ ଦେବୀଙ୍କର ସେ ଥିଲେ ନବମ ସନ୍ତାନ । କଟକର ରେଭେନ୍ସା କଲିଜିଏଟ୍ ସ୍କୁଲରୁ ଶିକ୍ଷା ଆରମ୍ଭ କରି ସେ ପରବର୍ତ୍ତୀ ସମୟରେ ଆଇ.ସି.ଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ଦେଶମାତୃକାର ସେବା ପାଇଁ ବ୍ରିଟିଶ ସରକାରଙ୍କ ଅଧୀନରେ ଚାକିରି କରିବାକୁ ଚାହିଁ ନଥିଲେ । ସୁଭାଷ ଚନ୍ଦ୍ର ବୋଷଙ୍କ ମତରେ "ଅହିଂସା" ଅପେକ୍ଷା "ଶକ୍ତି" ମାଧ୍ୟମରେ ସ୍ୱାଧୀନତା ହାସଲ କରିବା ଅଧିକ ପ୍ରଭାବଶାଳୀ ଥିଲା । ସେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହୋଇଥିଲେ, କିନ୍ତୁ ବିଚାରଧାରାର ମତଭେଦ ଯୋଗୁଁ ସେ ପରେ କଂଗ୍ରେସ ଛାଡି 'ଫରୱାର୍ଡ ବ୍ଲକ' ଗଠନ କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେ ଗୁପ୍ତଭାବେ ଭାରତ ଛାଡି ଜର୍ମାନୀ ଓ ଜାପାନ ଯାଇଥିଲେ ଏବଂ ସେଠାରେ 'ଆଜାଦ୍ ହିନ୍ଦ୍ ଫୌଜ'ର ନେତୃତ୍ୱ ନେଇଥିଲେ । ତାଙ୍କର ପ୍ରସିଦ୍ଧ ଧ୍ୱନି "ତୁମେ ମତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି" ଭାରତୀୟ ଯୁବପିଢ଼ିଙ୍କ ମଧ୍ୟରେ ଅପୂର୍ବ ଦେଶପ୍ରେମ ଜାଗ୍ରତ କରିଥିଲା । ସେ ସର୍ବଦା ଯୁବପିଢିଙ୍କର ପ୍ରେରଣା ହୋଇ ରହିଆସିଛନ୍ତି । ନେତାଜୀଙ୍କ ସାହସିକତା ଏବଂ ନିର୍ଭୀକ ନେତୃତ୍ୱ ବ୍ରିଟିଶ ସାମ୍ରାଜ୍ୟର ମୂଳଦୁଆକୁ ଦୋହଲାଇ ଦେଇଥିଲା । ଯଦିଓ ୧୯୪୫ ମସିହାରେ ଏକ ବିମାନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଏ, ତଥାପି ତାଙ୍କର ବଳିଦାନ ଏବଂ ଆଦର୍ଶ ପ୍ରତିଟି ଭାରତୀୟଙ୍କ ହୃଦୟରେ ସଦା ସର୍ବଦା ଜୀବିତ । ଜଣେ ସଚ୍ଚା ଦେଶଭକ୍ତ ଭାବରେ ସେ ଚିରକାଳ ନମସ୍ୟ ହୋଇ ରହିବେ ।

## ଇତିହାସ

**କୁଷ୍ଠ ନିବାରଣ ଅଭିଯାନ ଦିବସ**

୧୯୩୦: ପଶ୍ଚିମ ଭାରତୀୟ ଲେଖକ ତଥା ନୋବେଲ ପୁରସ୍କାର ବିଜେତା ଡେରେକ କାଲକୋଟଙ୍କ ଜନ୍ମ ।
୧୯୬୩: ଭାରତର ପ୍ରସିଦ୍ଧ କ୍ରାନ୍ତିକାରୀ ନରେନ୍ଦ୍ର ମୋହନ ସେନଙ୍କ ପରଲୋକ ।
୧୯୬୫: କାର୍ଯ୍ୟକ୍ଷମ ହେଲା ଦୁର୍ଗାପୁର ଇସ୍ପାତ କାରଖାନା ।
୧୯୬୬: ଭାରତର ପ୍ରଧାନମନ୍ତ୍ରୀ ହେଲେ ଇନ୍ଦିରା ଗାନ୍ଧୀ ।
୧୯୮୯: ତାଜିକିସ୍ତାନରେ ଭୟଙ୍କର ଭୂକମ୍ପରେ ଶତାଧିକ ଲୋକଙ୍କ ମୃତ୍ୟୁ ।
୨୦୦୨: ଜାମିନରେ ଆସିଲେ ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ ।
୨୦୦୪: ମଧ୍ୟପ୍ରଦେଶରେ ଗୋହତ୍ୟା ଉପରେ ପ୍ରତିବନ୍ଧକ ଲାଗୁ ।
୨୦୦୭: ଭାରତ ଓ ରୁଷ୍ ମଧ୍ୟରେ ମଧ୍ୟମ ଆକାର ବହୁଦ୍ଦେଶୀୟ ପରିବହନ ବିମାନ ଉତ୍ପାଦନ ଲାଗି ଚୁକ୍ତି ସ୍ୱାକ୍ଷରିତ ।
୨୦୦୯: ଫିଲ୍ମ ଓ ଟେଲିଭିଜନ କାର୍ଯ୍ୟକ୍ରମରେ ଧୂମପାନ ଦୃଶ୍ୟ ପ୍ରଦର୍ଶନ ଉପରେ ଲାଗିଥିବା ପ୍ରତିବନ୍ଧକ ହଟିଲା ।
୧୯୨୪: ସାଉଦି ଆରବର ରାଜା ଶାହ ଅବ୍‌ଦୁଲ୍ଲାଙ୍କ ନିଧନ ।

## ମଇଦା ପୁଳି

**ସାମଗ୍ରୀ-** ମଇଦା ୫୦୦ ଗ୍ରାମ, କ୍ଷୀର ଏକ ଲିଟର, ଖୁଆ, ଚିନି ୨ କପ, ଗୁଜୁରାତି, ତେଲ ।

**ପ୍ରଣାଳୀ-** ମଇଦା ସହିତ ନଡିଆ କୋରା, କ୍ଷୀର ମିଶାଇ ଜନ୍ତି ନିଅନ୍ତୁ । ଖୁଆ ସହିତ ଚିନି, ଗୁଜୁରାତି ଗୁଣ୍ଡ ମିଶାଇ ପୁର କରି ନିଅନ୍ତୁ । ଅଲଗା ପାତ୍ରରେ ଚିନି ସିରା କରି ରଖନ୍ତୁ । ଜନ୍ତା ମଇଦାରେ ଗୋଲଗୋଲ ଗୁଳି ଗଢି ସେଥିରେ ପୁର ଦିଅନ୍ତୁ ଏବଂ ତେଲରେ ଛାଣନ୍ତୁ । ଏହି ଛଣାକୁ ଚିନି ସିରାରେ ପକାଇ ଖାଇବାକୁ ଦିଅନ୍ତୁ ।




## ଚୌଧୁରୀ ଭାଗବତ ପ୍ରସାଦ

ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି



ଓଡିଶା ବା ତତ୍କାଳୀନ ଉତ୍କଳର ସେ ଥିଲେ ଜଣେ ପ୍ରାତଃ ସ୍ମରଣୀୟ ବରପୁତ୍ର । ତାଙ୍କ ଦେହାବସନର ଅନେକ ବର୍ଷ ପରେ କେହି ତାଙ୍କୁ ମନେ ପକାନ୍ତୁ ଅବା ମନେ ନ ପକାନ୍ତୁ, ତାଙ୍କର ନୀତି, ଆଦର୍ଶ ଓ ଅବଦାନକୁ ଯଦି ଆମେ ଭୁଲିଯିବୁ ସମ୍ଭବତଃ ଅଗ୍ରଗମନ କରିବା ସକାଶେ ଆମେ ଆଉ ପ୍ରେରଣା ବା ଦୃଷ୍ଟାନ୍ତ ପାଇପାରିବା ନାହିଁ। ଆମର ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଇତିହାସର ଅନ୍ଧକାର ଗର୍ଭରେ ସତ୍ତା ହରାଇଛି । ସେହିଭଳି ଓଡ଼ିଶାର ଅନ୍ୟଜଣେ ବରପୁତ୍ର ଥିଲେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଭଦ୍ରକ ଅଞ୍ଚଳର ତାଳପଦା ଗ୍ରାମର ପୂର୍ବତନ ଜମିଦାର ଓ ବିହାର ଓଡ଼ିଶା ବ୍ୟବସ୍ଥାପକ (ଏବର ବିଧାନସଭା) ର ପ୍ରଥମ ଓଡିଆ ଉପସଭାପତି (ଏବର ଉପ ବାଚସ୍ପତି) ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର । ସେ ଜନ୍ମ ହୋଇଥିଲା ସନ ୧୨୭୧ ସାଲ ଚୈତ୍ର ଦ୍ୱାଦଶୀରେ (୧୮୬୫ ମସିହା) ଅପ୍ରେଲ ୨୨ ତାରିଖରେ ଆଉ ତାଙ୍କର ଦେହାବସାନ ଘଟିଥିଲା ଭଦ୍ରକ ସହରରେ ୧୯୩୬ ମସିହା ଜାନୁଆରୀ ୨୩ ତାରିଖରେ ।

( ଉଦ୍ଧୃତ ଲେଖା ଉତ୍କଳ ପ୍ରସଙ୍ଗର ୨୦୨୨ ମସିହା ଏପ୍ରିଲ ମାସ ସଂସ୍କରଣରେ ପ୍ରକାଶିତ 'ବିହାର ଓଡିଶାର ପ୍ରଥମ ଓଡିଆ ଉପ ବାଚସ୍ପତି ଭାଗବତ ପ୍ରସାଦ' ନିବନ୍ଧର କିୟଦଂଶ । )

## ରାଶିଫଳ

ମାଘମାସ ଶୁକ୍ଳପକ୍ଷ, ପଞ୍ଚମୀ
୨୩.୧.୨୦୨୬ ଶୁକ୍ରବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

**ମେଷ-** ଧନପ୍ରାପ୍ତି, ବ୍ୟବସାୟରେ ଉନ୍ନତି, ଦେବଦର୍ଶନ, ଶତ୍ରୁ ନାଶ, ଉଚ୍ଚଆଶାରେ ବାଧା, ବିବାଦ ସମାଧାନ, କର୍ମନିଯୁକ୍ତି, ମୋକଦ୍ଦମାରେ ବିଜୟ, ଦୂରଯାତ୍ରା, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୩, ଆରାଧନା- ମହାଲକ୍ଷ୍ମୀ ।

**ବୃଷ-** ଧନବ୍ୟୟ, କର୍ମକ୍ଷେତ୍ରେ ଅଶାନ୍ତି, ପାରିବାରିକ ଖୁସି, ଦୂରସ୍ଥାନକୁ ଯାତ୍ରା, ଗାଡ଼ିଚଳାଚଳରେ ସାବଧାନ, ଶତ୍ରୁକଷ୍ଟ, ନୂତନ ବାଣିଜ୍ୟ ଆରମ୍ଭ, ଶରୀର ସୁସ୍ଥ, ବିଦ୍ୟାରେ ଅବନତି, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ମା ବଗଳାମୁଖୀ ।

**ମିଥୁନ-** ସମ୍ମାନ ବୃଦ୍ଧି, ଶତ୍ରୁନାଶ, ଉଚ୍ଚଆଶା ସଫଳ, ବ୍ୟବସାୟରେ ଲାଭ, ଭୂସମ୍ପତ୍ତିର ସମାଧାନ, ଦୂରଯାତ୍ରା, ବିବାଦ ସମାଧାନ, ଶରୀର ସୁସ୍ଥ, ସ୍ତ୍ରୀ ସହଯୋଗ, ପିଲାଙ୍କ ଖୁସି, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧, ଆରାଧନା- କୁବେର ଭଗବାନ ।

**କର୍କଟ-** ଗଠନମୂଳକ କାର୍ଯ୍ୟରେ ବିବାଦ, ବନ୍ଧୁଦର୍ଶନ, ଅର୍ଥସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁ ସମସ୍ୟା, ଶରୀର ସୁସ୍ଥ, ନୂତନ କାର୍ଯ୍ୟ ଲାଭ, ଉତ୍ସବ ରହିବ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୩, ଆରାଧନା- ମହାଲକ୍ଷ୍ମୀ ।

**ସିଂହ-** ଦ୍ରବ୍ୟଲାଭ, କାର୍ଯ୍ୟରେ ଉନ୍ନତି, ସମ୍ମାନପ୍ରାପ୍ତି, ଅର୍ଥ ସମସ୍ୟା ସମାଧାନ, ଈଶ୍ୱର ପୂଜାରେ ଶାନ୍ତି, ପ୍ରୀତି ବୃଦ୍ଧି, ଆମୋଦ ପ୍ରମୋଦ, ଲମ୍ବାଯାତ୍ରା, ବ୍ୟବସାୟରେ ଆଗ୍ରହ, ଶତ୍ରୁ ପରାଜିତ, ବିଦ୍ୟାରେ ସଫଳତା, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୪, ଆରାଧନା- ଭଗବାନ ବିଷ୍ଣୁ ।

**କନ୍ୟା-** ସମସ୍ୟା ସମାଧାନ, ଦେବ ଦର୍ଶନ, ଅନୁଷ୍ଠାନରୁ ଲାଭ, ବିଦ୍ୟାରେ ସଫଳତା, ସୁସମାଚାର, ଶତ୍ରୁ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପ ଲାଭ, ହଠାତ୍ ଦୂରଯାତ୍ରା, ମାନସିକ ଶାନ୍ତି, ଉତ୍ତରା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୯, ଆରାଧନା- ଶଙ୍କର ଭଗବାନ ।

**ତୁଳା-** କର୍ମକ୍ଷେତ୍ରେ ଶୁଭ, ଦୂରଯାତ୍ରା, ଉଚ୍ଚଆଶାରେ ବିଳମ୍ବ, ଶତ୍ରୁ ପରାଜିତ, ଦାମ୍ପତ୍ୟ ଖୁସି, ବ୍ୟବସାୟ ମାନ୍ଦାବସ୍ଥା, ସୁସମାଚାର, ମୋକଦ୍ଦମାରେ କଷ୍ଟ, ପଡ଼ୋଶୀ କଳହ, ମାନସିକ ଦୁଃଖ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**ବିଛା-** ଅସନ୍ତୁଷ୍ଟ, ଶତ୍ରୁସମସ୍ୟା, କର୍ମକ୍ଷେତ୍ରେ ସ୍ୱଳ୍ପ ସମସ୍ୟା, ମାନସିକ କଷ୍ଟ, ଅର୍ଥ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୃହ ନିର୍ମାଣ, ମୋକଦ୍ଦମାରେ ସନ୍ତୁଷ୍ଟ, ଦୂରଯାତ୍ରା, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ-** ସଫଳତା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅର୍ଥସମସ୍ୟା, ସୁସମ୍ବାଦ ପ୍ରାପ୍ତି, ବିବାଦ ସମାଧାନ, ଆଶା ସଫଳ, କର୍ମକ୍ଷେତ୍ରେ ବିବାଦ, ଗାଡ଼ିଚାଳନାରେ ସାବଧାନ, ଶତ୍ରୁ ସମସ୍ୟା, ବିଦ୍ୟାରେ ସଫଳତା, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୯, ଆରାଧନା- ପିତାମାତାଙ୍କ ସେବା ।

**ମକର-** ଦ୍ରବ୍ୟପ୍ରାପ୍ତି, ଅଳ୍ପ ସମସ୍ୟା, ଦୂରଯାତ୍ରା, ଦେବଦର୍ଶନ, ବାଣିଜ୍ୟରେ ଲାଭ, ଶତ୍ରୁ ସମସ୍ୟା, ସମ୍ମାନ ପ୍ରାପ୍ତି, ପୁରାତନ ରୋଗ, ସୁମିଷ୍ଟ ଭୋଜନ, ସନ୍ତାନ ଖୁସି, ଲୋକସମ୍ପର୍କ ବୃଦ୍ଧି, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୬, ଆରାଧନା- ଲକ୍ଷ୍ମୀନାରାୟଣ ।

**କୁମ୍ଭ-** ସଫଳତା, ସମ୍ମାନ ବୃଦ୍ଧି, ଦାମ୍ପତ୍ୟ କଳହ, ବ୍ୟବସାୟରେ ଲାଭ, ବିବାଦ ସମାଧାନ, ଋଣଗ୍ରସ୍ତ, ଦୂରଯାତ୍ରା, ପଡ଼ୋଶୀ କଳହ, ମୋକଦ୍ଦମାରେ କଷ୍ଟ, ସୁସମ୍ବାଦ, ଦେବଦର୍ଶନ ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୫, ଆରାଧନା- ପ୍ରଭୁ ଗଣେଶ ।

**ମୀନ-** ଋଣଗ୍ରସ୍ତ, ସମ୍ପର୍କରେ ଉନ୍ନତି, ବନ୍ଧୁ ଦର୍ଶନ, ଗୃହେ ଅଶାନ୍ତି, ମୋକଦ୍ଦମାରେ ପଡ଼ିପାରନ୍ତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର କଷ୍ଟ, ମାନସିକ ଅଶାନ୍ତି, ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୩, ଆରାଧନା- ଲକ୍ଷ୍ମୀନୃସିଂହ ।









ସୁଭଦ୍ରା ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

## ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୬

# ୨୦୩୬ ସୁଦ୍ଧା ୯୦ ପ୍ରତିଶତ ଚାଷ ଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆଯିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଜଳର ସୁପରିଚାଳନା ବିନା କୃଷି, ଅର୍ଥନୈତିକ ଉନ୍ନତି ଓ ରାଜ୍ୟର ପ୍ରଗତି ଅସମ୍ଭବ। ପାଣି ପଞ୍ଚାୟତ ବ୍ୟବସ୍ଥା ଓଡିଶାର କୃଷି ଓ କୃଷକଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିଛି ବୋଲି ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଗାମୀ ୫ ବର୍ଷ ମଧ୍ୟରେ ବୃହତ, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଲିଫ୍ଟ ଇରିଗେସନ, ମେଗା ଲିଫ୍ଟ ଓ ଆଡିବନ୍ଧ ନିର୍ମାଣ ମାଧ୍ୟମରେ ୧୫ ଲକ୍ଷ ହେକ୍ଟର ଅତିରିକ୍ତ ଜମିକୁ ଜଳସେଚନ ଅନ୍ତର୍ଭୁକ୍ତ କରାଯିବ। ବର୍ତ୍ତମାନ ରାଜ୍ୟରେ ୪୦,୩୮୦ ଗୋଟି ପାଣି ପଞ୍ଚାୟତ ସକ୍ରିୟ ଭାବେ କାର୍ଯ୍ୟ କରୁଥିବାବେଳେ, ସେଗୁଡିକ ମାଧ୍ୟମରେ ୨୪.୧୨ ଲକ୍ଷ ହେକ୍ଟର ଜମିର ଜଳସେଚନ ସଫଳତାର ସହ ପରିଚାଳିତ ହେଉଛି। ଓଡିଶା ପାଣି ପଞ୍ଚାୟତ ଆଇନ-୨୦୦୨ ଓ ତାହାର ସଂଶୋଧନ ମାଧ୍ୟମରେ ମହିଳା, ମତ୍ସ୍ୟଜୀବୀ ଓ ଜଳ ବ୍ୟବହାରକାରୀଙ୍କୁ ସମାନ ଅଧିକାର ଓ ସୁଯୋଗ ଦିଆଯାଇଛି।



ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ପ୍ରାଚୀନ ଜଳସେଚନ ପଦ୍ଧତିରେ ଜଳର ଅପଚୟ ହେଉଥିବାବେଳେ, ପାଣି ପଞ୍ଚାୟତ ମାଧ୍ୟମରେ ସମତାମୂଳକ ଓ ଦକ୍ଷ ଜଳ ବଣ୍ଟନ ସମ୍ଭବ ହୋଇପାରିଛି।
ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ମୟୂରଭଞ୍ଜର ଖଇରିବନ୍ଧନ ବ୍ୟାରେଜ୍, ବଲାଙ୍ଗିରର ଅପରଲାଣ୍ଟ ପ୍ରକଳ୍ପ, ସାଣ୍ଡୁଲ ଭୂତଳ ପାଇପଲାଇନ୍, ନୟାଗଡର ବୃତଙ୍ଗ ଜଳସେଚନ ପ୍ରକଳ୍ପ ସହିତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅନେକ ଜଳାଶୟ ଓ କେନାଲ ପ୍ରକଳ୍ପ ତ୍ୱରାନ୍ୱିତ ଭାବେ ଚାଲୁ ରହିଛି। ୨୦୩୬ ସୁଦ୍ଧା ଓଡିଶାକୁ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଲକ୍ଷ୍ୟରେ ୯୦ ପ୍ରତିଶତରୁ ଅଧିକ ଚାଷଯୋଗ୍ୟ ଜମିକୁ ଜଳସେଚନ ସୁବିଧା ଯୋଗାଇବା ପାଇଁ ସରକାର ପ୍ରତିବଦ୍ଧ ହୋଇ କାର୍ଯ୍ୟ କରୁଛନ୍ତି। କୃଷକମାନଙ୍କୁ ଫସଲ ବିବିଧିକରଣ, ପନିପରିବା, ଫଳ ଓ ଫୁଲ ଚାଷ ମାଧ୍ୟମରେ ଆୟ ବୃଦ୍ଧି କରିବାକୁ ଆହ୍ୱାନ ଜଣାଇ ସେ କହିଛନ୍ତି ଯେ, ସମୃଦ୍ଧ କୃଷକ ବିନା ସମୃଦ୍ଧ ଓଡିଶା ଗଠନ ସମ୍ଭବ ନୁହେଁ। କୃଷକ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି । ଜଳବାୟୁ ସହନଶୀଳ କୃଷି ପାଇଁ ଓଡିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଜଳବାୟୁ ସହନଶୀଳ କୃଷି ଅଭ୍ୟାସ ଏବଂ କୃଷି କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର ମାଧ୍ୟମରେ ଫସଲର ବିବିଧତା ଏବଂ ସହନଶୀଳ ବିହନ ବ୍ୟବହାର ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।
ସେ ଆହୁରି କହିଥିଲେ ଯେ, ଜଳସେଚନ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାକୁ ଆପଣାଇବା ପାଇଁ ଆଇଓଟି ସକ୍ଷମ ଡିଜିଟାଲ ଜଳମାପ ଏବଂ ମୃତ୍ତିକାର ଆଦ୍ରତା ଜାଣିବା ପାଇଁ ସେନ୍‌ସିଙ୍ଗ୍ ସିଷ୍ଟମ ନିମନ୍ତେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ମ୍ୟାନେଜମେଣ୍ଟକୁ ଅନୁବନ୍ଧିତ କରାଯାଇଛି। ଏଥି ସହିତ ପାଣି ପଞ୍ଚାୟତ ଗୁଡିକର ଦକ୍ଷତା ବୃଦ୍ଧି ପାଇଁ ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ସହ ଏମ୍‌ଓୟୁ କରାଯାଇଛି । ନୂଆପଡା ଜିଲ୍ଲାର ଚାନ୍ଦପାଲାରେ ୨,୫୬୭ ହେକ୍ଟର ଜମିକୁ ଆଧୁନିକ ଜଳ ଦକ୍ଷତା ଏବଂ ଗୋଷ୍ଠୀ ଦ୍ୱାରା ପରିଚାଳିତ ଜଳସେଚନ ପରିଚାଳନା ପାଇଁ ପାଇଲଟ୍ ପ୍ରୋଜେକ୍ଟ ଭାବେ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ଚାଷୀ ମାନଙ୍କୁ କିପରି ଉତ୍ତମ ବଜାର ବ୍ୟବସ୍ଥା ଯୋଗାଇଦେବା ସହିତ ସେମାନଙ୍କ ଉତ୍ପାଦିତ ଫସଲକୁ ବାହାରକୁ ଦେଶକୁ ରପ୍ତାନୀ କରାଯାଇ ସେମାନଙ୍କୁ ଉତ୍ତମ ମୂଲ୍ୟ ଦିଆଯାଇ ପାରିବ ସେ ଦିଗରେ ସରକାର ଯୋଜନା କରୁଛନ୍ତି। ଚାଷୀଙ୍କ ଆୟ କିପରି ଦ୍ୱିଗୁଣିତ ହୋଇପାରିବ, ତାହା ଆମ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ଇଞ୍ଜିନିୟର-ଇନ-ଚିଫ ସାଗର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟରେ ନିକୋଟିନ୍ ଯୁକ୍ତ ପଦାର୍ଥର ପ୍ରସ୍ତୁତି, ବିକ୍ରିକୁ ମନା

# ଦୋକାନ ଜଗିବେ ଡ୍ରଗ୍ ଇନ୍ସପେକ୍ଟର

ଭୁବନେଶ୍ୱର,(ସବ୍ୟୁ): ଆଗେ ଗୁଟଖା ବିକ୍ରି ଉପରେ ନିଷେଧାଦେଶ ଥିଲା, ଏବେ ତାସହ ଯୋଡ଼ି ହେଲା ତମାଖୁ ଓ ନିକୋଟିନ୍ ଯୁକ୍ତ ସାମଗ୍ରୀ । ନିକୋଟିନ୍ ଯୁକ୍ତ ଉତ୍ପାଦର ପ୍ରସ୍ତୁତି ଓ ବିକ୍ରି ଉପରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବ୍ୟାନ୍ ଲଗାଇବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଲେ ଜିଲ୍ଲାରେ ଏହାକୁ ଜଗିବେ ଡ୍ରଗ୍ ଇନ୍ସପେକଟର । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁପାଳନ ପୂର୍ବକ ଏବଂ ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି- ଗୁଟଖା, ପାନରେ ପଡୁଥିବା ଜର୍ଦ୍ଦା, ଖଇନି ଓ ନିକୋଟିନ୍ ଯୁକ୍ତ ସବୁ ସାମଗ୍ରୀର ଉତ୍ପାଦନ, ପ୍ରସ୍ତୁତି, ପ୍ୟାକେଜିଂ, ଗଚ୍ଛିତ, ପରିବହନ ଓ ବିକ୍ରୟ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷଙ୍କ ଗାଇଡଲାଇନ୍ ଅନୁସାରେ ଏଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ନମ୍ବର ୨୦୬୫ ଅନୁସାରେ ନିଷେଧାଦେଶ ବି ଜାରି ହୋଇଛି । ଏଥିସହ ସୁସ୍ଥ ଓ ତମାଖୁମୁକ୍ତ ଓଡ଼ିଶା ଗଠନରେ ସହଯୋଗ ପାଇଁ ମଧ ଲୋକଙ୍କୁ ଆହ୍ୱାନ ଦିଆଯାଇଛି । ତମାଖୁ ଓ ନିକୋଟିନ୍ ସେବନ ଯୋଗୁ କ୍ୟାନ୍ସର୍ ଭଳି ଗୁରୁତର ରୋଗ ସୃଷ୍ଟି ହେଉଥିବାବେଳେ ଶିଶୁ ଓ ଯୁବପିଢ଼ିଙ୍କ ସ୍ୱାସ୍ଥ୍ୟ ପ୍ରତି ଏହା ଅତ୍ୟନ୍ତ ହାନିକାରକ ବୋଲି ଦର୍ଶାଯାଇଛି । ତେବେ ୨୦୧୩ ମସିହାରେ ଗୁଟଖା ବ୍ୟାନ୍ ଭଳି ନିକୋଟିନ୍ ନିଷେଧ କେବଳ ଲୋକ ଦେଖାଣିଆ ନହେଉ ବୋଲି ସମାଜସେବୀ କହିଛନ୍ତି । ଗତବର୍ଷ ଏସିଆ ମହାଦେଶରେ ୩ ଲକ୍ଷ ୮୯ ହଜାରରୁ ଅଧିକ ଲୋକ କ୍ୟାନ୍ସରରେ ଆକ୍ରାନ୍ତ ହୋଇଥିବା ବେଳେ ୧ଲକ୍ଷ ୪୧ ହଜାର ଜଣ ପ୍ରାଣ ହରାଇଛନ୍ତି । ଭାରତରେ ବି ପ୍ରତିବର୍ଷ ୨ଲକ୍ଷ ଲୋକ ଆକ୍ରାନ୍ତ ହେଉଛନ୍ତି ଏବଂ ଓଡ଼ିଶାରେ ଏସଂଖ୍ୟା ୬୦ ହଜାରରୁ ଅଧିକ ।



ଖୋର୍ଦ୍ଧା ଜିଲ୍ଲା ଏଥିରେ ସର୍ବାଗ୍ରେ ରହିଛି । ବଡ଼ କଥା ହେଲା କିଶୋରରୁ ବୟସ୍କ ସମସ୍ତେ ଗୁଟଖା ଓ ତମାଖୁ ମାୟାରେ ପଡ଼ିଛନ୍ତି । ସ୍କୁଲ ଓ ହସ୍ପିଟାଲର ୧୦୦ ମିଟର ପରିଧି ଭିତରେ ଏହାର ବିକ୍ରି କଟକଣା ନିୟମର ସବୁଠି ଧଜ୍ଜିଆ ଉଡୁଛି । ଯେଉଁ ଆଚାର୍ଯ୍ୟ ହରିହର କର୍କଟ ରୋଗ ନିରୂପଣ କେନ୍ଦ୍ରକୁ ନିଇତି ଶହ ଶହ ରୋଗୀ କ୍ୟାନସର ଚିକିତ୍ସା ପାଇଁ ଆସନ୍ତି, ତା ପାଖରେ ହିଁ ଖୁଲମଖୁଲା ବିକ୍ରି ହେଉଛି ଗୁଟଖା । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ସୂଚନା ଅନୁଯାୟୀ, ପାନ ମସଲା ନାଁରେ ନିକୋଟିନ୍ ବିକ୍ରି ଉପରେ ଚଢ଼ାଉ ଜୋରଦାର ହେବ ।

## ନ୍ୟୁଟ୍ରିଲାଇଟ୍ ବାୟୋଟିନ୍ ସି ପ୍ଲସ୍ ପ୍ରଚଳନ କଲା ଆମୱେ

ଭୁବନେଶ୍ୱର, (ସବ୍ୟୁ): ସାମ୍ପ୍ରତିକ ସମୟର ବିଳମ୍ବିତ ରାତି, ଅଧିକ ଚାପ ଏବଂ ପୋଷଣ ହ୍ରାସ ଖାଦ୍ୟ ଯୁଗରେ ସବୁଠାରୁ ସୁସ୍ଥ କେଶ, ତ୍ୱଚା ଏବଂ ନଖ ମଧ୍ୟ ସେଗୁଡିକର ମଜଭୁତପଣ ହରାଇପାରେ। ଉପଭୋକ୍ତାମାନେ ସମାଧାନଗୁଡିକ ଭିତରେ ଅଧିକରୁ ଅଧିକ ସୌନ୍ଦର୍ଯ୍ୟକୁ ଆପଣାଉଥିବାବେଳେ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ସମର୍ଥନ କରୁଥିବା ଅନ୍ୟତମ ଅଗ୍ରଣୀ କମ୍ପାନୀ ଆମୱେ ଇଣ୍ଡିଆ ସୁସ୍ଥ କେଶ, ତ୍ୱଚା ଏବଂ ନଖକୁ ଏହା ଭିତରୁ ସମର୍ଥନ କରୁଥିବା ଉପାଦାନଗୁଡିକ ଧାରଣ କରିଥିବା ବିଜ୍ଞାନସମ୍ମତ ଉପାୟରେ ପ୍ରସ୍ତୁତ ନ୍ୟୁଟ୍ରାସ୍ୟୁଟିକାଲ ନ୍ୟୁଟ୍ରିଲାଇଟ୍ ବାୟୋଟିନ୍ ସି ପ୍ଲସ୍ (ଜିଙ୍କ୍ ଓ ବେଟା କାରୋଟିନ୍ ସହିତ) ପ୍ରଚଳନ କରିଛି। 'ବାୟୋଟିନ୍ ଊର୍ଦ୍ଧ୍ୱରେ' ନିଜର ଉପସ୍ଥିତି ରଖୁଥିବା ଫର୍ମୁଲେସନ ଭାବରେ ଏହି ଉତ୍ପାଦ ଏକକ-ଉପାଦାନ ସପ୍ଲିମେଣ୍ଟର ଊର୍ଦ୍ଧ୍ୱରେ ରହିଛି ଏବଂ ବାୟୋଟିନ୍, ଭିଟାମିନ ସି ଓ ଜିଙ୍କ୍ ଆଦି ତିନିଟି ଅତ୍ୟାବଶ୍ୟକ ପୋଷଣର ସୁପାରିଶ କରାଯାଉଥିବା ଖାଦ୍ୟଗତ ପରିପୂରକ (ଆରଡିଏ) ର ୧୦୦% ଯୋଗାଇ ଦେଉଛି। ଏହା ବିଜ୍ଞାନସମ୍ମତ ପୋଷଣ ଏବଂ ଉଦ୍ଭିଦ ଭିତ୍ତିକ ସୁସ୍ଥତା ଉପରେ ଆମୱେର ଦୃଷ୍ଟିନିବଦ୍ଧକୁ ପୁନଃଦୃଢ଼ୀକରଣ କରୁଛି।

## ଫେବୃଆରୀରେ ରାଷ୍ଟ୍ରପତିଙ୍କ ୫ଦିନିଆ ଓଡ଼ିଶା ଗସ୍ତ



ଭୁବନେଶ୍ୱର, (ସବ୍ୟୁ) : ଫେବୃଆରୀ ପ୍ରଥମ ସପ୍ତାହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିବେ । ଫେବୃଆରୀ ୨ରେ ଭୁବନେଶ୍ୱରରେ ପହଞ୍ଚି ୩ ତାରିଖରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିବେ । ୪ ତାରିଖରେ ଯାଜପୁରରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ମା' ବିରଜାଙ୍କ ଦର୍ଶନ କରିବେ । ପରବର୍ତ୍ତୀ ଦୁଇ ଦିନ ଅର୍ଥାତ ଫେବୃଆରୀ ୫ ଓ ୬ ତାରିଖରେ ମୟୂରଭଞ୍ଜ ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ଏକାଧିକ କାର୍ଯ୍ୟକ୍ରମରେ ଯୋଗ ଦେବେ । ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ମଧ୍ୟ ରହିଛି । ଏହା ପରେ ରାଷ୍ଟ୍ରପତି ଭୁବନେଶ୍ୱର ଫେରିବା ସହ ଛତିଶଗଡ଼ ଯିବାର କାର୍ଯ୍ୟକ୍ରମ ରହିଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି ।

### ଲୋକସେବା ଭବନରେ ଜାତୀୟ ଭୋଟର ଦିବସ

# 'ମୋ ଭାରତ ମୋ ଭୋଟ' ସଂକଳ୍ପ ପାଠ କରାଇଲେ ମୁଖ୍ୟ ସଚିବ


ଭୁବନେଶ୍ୱର(ସବ୍ୟୁ): ୧୬ତମ ଜାତୀୟ ମତଦାତା ଦିବସ ଗୁରୁବାର ଲୋକସେବା ଭବନରେ ପାଳିତ ହୋଇଯାଇଛି । ମୁଖ୍ୟ ଶାସନ




ସଚିବ ଅନୁ ଗର୍ଗ କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ସଂକଳ୍ପ ପାଠ କରାଇଥିଲେ । ପ୍ରତିବର୍ଷ ଦେଶରେ ଜାନୁଆରୀ ୨୫ ତାରିଖରେ ଜାତୀୟ ମତଦାତା ଦିବସ ପାଳନ କରାଯାଉଥିବା ବେଳେ ଏବର୍ଷ ଜାନୁଆରୀ ୨୫ ତାରିଖ ରବିବାର ଏବଂ ପୂର୍ବବର୍ତ୍ତୀ ୨୩ ଓ ୨୪ ତାରିଖ ସରକାରୀ ଛୁଟି ଦିବସ ପଡୁଥିବାରୁ ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଆଧାରରେ ରାଜ୍ୟବ୍ୟାପୀ ଆଜି ଜାତୀୟ ମତଦାତା ଦିବସ ପାଳନ ହୋଇଛି । ଚଳିତ ବର୍ଷ ଏହି ଦିବସ ପାଳନର ପ୍ରସଙ୍ଗ ରହିଛି "ମୋ ଭାରତ ମୋ ଭୋଟ" । ଭାରତର ନାଗରିକ ଭାବରେ ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ରଖି ନିଜ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବା ତଥା ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁର୍ଣ୍ଣ ରଖି, ନିର୍ଭିକ ହୋଇ, ଜାତି, ବର୍ଣ୍ଣ, ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନହୋଇ ପ୍ରତ୍ୟେକ ନିର୍ବାଚନରେ ନିଜ ମତାଧିକାର ସାବ୍ୟସ୍ତ କରିବା ନିମନ୍ତେ ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଏହି ଶପଥ ପାଠ କାର୍ଯ୍ୟକ୍ରମ ସମୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କ ସମେତ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଯୋଜନା ଓ ସଂଯୋଜନ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ମତଦାତା ଦିବସର ସଂକଳ୍ପ ପାଠ କରିଥିଲେ । ସେହିପରି ଲୋକସେବା ଭବନ ଓ ଖାରବେଳ ଭବନସ୍ଥିତ ବିଭିନ୍ନ ବିଭାଗର କାର୍ଯ୍ୟାଳୟରେ ମଧ୍ୟ ମତଦାତାଙ୍କ ସଂକଳ୍ପପାଠ କରାଯାଇଛି ।

## ରାଜଧାନୀର ବିଭିନ୍ନ ସ୍ଥାନରେ ଟ୍ରାଫିକ୍ ଜାମ୍, ଲୋକେ ନାହିଁ ନଥିବା ହିନସ୍ତା

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀର ବିଭିନ୍ନ ରାସ୍ତାରେ ଗୁରୁବାର ସନ୍ଧ୍ୟାରେ ଟ୍ରାଫିକ୍ ଜାମ୍ ଯୋଗୁ ଲୋକେ ନାହିଁନଥିବା ହୀନସ୍ତା ହେଉଛନ୍ତି । ଶିଖରଚଣ୍ଡିରୁ ପଟିଆ ବିଗ୍‌ବଜାର ଛକ ପର୍ଯ୍ୟନ୍ତ ରାସ୍ତାରେ ଗାଡି ଚଳାଚଳ ୨ଘଣ୍ଟା ଠପ୍ ହୋଇଗଲା । ସେହିପରି ଜୟଦେବ ବିହାରରୁ ନନ୍ଦନକାନନ ରାସ୍ତା ଏଭଳି ଜାମ୍ ଯେ, ଆମ୍ବୁଲାନ୍ସ ଅନ୍ୟ ଜରୁରୀକାଳୀନ ଗାଡି ଦୀର୍ଘ ସମୟ ଧରି ରାସ୍ତାରେ ଅଟକ ହୋଇଥିବା ଦେଖିବାକୁ ମିଳିଛି । କେବଳ ଜୟଦେବ ବିହାର, କିଟ୍ ରାସ୍ତା ନୁହେଁ ପଳାଶୁଣିରୁ ଖଣ୍ଡଗିରି ପର୍ଯ୍ୟନ୍ତ ଦୁଇପାଶ୍ୱର୍ ରାସ୍ତା ଓ ଓଭରବ୍ରିଜ୍ ଉପରେ ନାହିଁ ନଥିବା ଭିଡ ପରିଲକ୍ଷିତ ହୋଇଥିଲା । ସେହିପରି ରସୁଲଗଡରୁ କଳ୍ପନା ରବି ଟକିଜ୍ ରାସ୍ତାରେ ଗାଡି ମୋଟର ଏଭଳି ଜାମ୍ ହୋଇଥିଲା ଯେ, ରାସ୍ତା ଅତିକ୍ରମ କରିବା ପାଇଁ ଘଣ୍ଟା ଘଣ୍ଟା ସମୟ ଲାଗିଲା ସେହିପରି ବୁଧବାର ରାତିରେ ପଳାଶୁଣି ନିକଟରେ ଏକ ତେଲଟ୍ୟାଙ୍କର ଫାଟିଯିବାରୁ ଜାତୀୟ ରାଜପଥରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । କେବଳ ପଳାଶୁଣି ଘଟଣାକୁ ନେଇ ନୁହେଁ, ଗଙ୍ଗପଡା ନିକଟରେ ଏକ ଥର୍ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ହେବାକୁ ନେଇ ରାଜପଥରେ ଗାଡି ଚଳାଚଳରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଥିଲା । ଗୁରୁବାର ସନ୍ଧ୍ୟାରେ ରାସ୍ତାରେ ଭିଡ କ'ଣ ପାଇଁ ହେଉଛି ଜାଣିବାକୁ ଚାହିଁବାରୁ ୩/୪ ଦିନ ଛୁଟି ଥିବାରୁ ରାସ୍ତାରେ ଲୋକମାନେ ଗାଡିଧରି ଘରକୁ ଯାଉଥିବାରୁ ଏଭଳି ହୋଇଛି ବୋଲି ଟ୍ରାଫିକ୍‌ର ଜଣେ କର୍ମଚାରୀ କହିଥିଲେ । ବିଭିନ୍ନ ଛକରେ ଥିବା ଟ୍ରାଫିକ୍ କର୍ମଚାରୀମାନେ ରାସ୍ତାରେ ଗାଡି କିପରି ଅଟକି ନରହୁ ସେଥିପାଇଁ ଆପଣା ଉଦ୍ୟମ କରୁଥିବା ଦେଖିବାକୁ ମିଳିଥିଲା । ଡମଣା ଓ କଳିଙ୍ଗ ହସ୍ପିଟାଲ ଛକରେ ଉପସ୍ଥିତ ଟ୍ରାଫିକ୍ କର୍ମଚାରୀମାନେ ଦୀର୍ଘ ସମୟ ଗାଡି ଚଳାଚଳକୁ ନେଇ ବିବ୍ରତ ହୋଇଯାଇଥିଲେ । ନୂଆବର୍ଷ ଜାନୁଆରୀ ମାସରେ ରାଜଧାନୀକୁ ବିଭିନ୍ନ ସହରକୁ ଲୋକମାନେ ଗାଡି ଧରି ଆସୁଥିବାରୁ ରାସ୍ତା ଜାମ୍ ହେବା ସ୍ୱାଭାବିକ ବୋଲି ଜଣେ ଅବସରପ୍ରାପ୍ତ ପୋଲିସ ଅଫିସର କହିଛନ୍ତି ।

ଓଡ଼ିଶା ସରକାର



ନେତାଜୀ ସୁଭାଷ ଚନ୍ଦ୍ର ବୋଷ
ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ତା.୨୩.୦୧.୨୦୨୬ରିଖ

ସକାଳ ୮ ଘଟିକା ସମୟରେ ଭୁବନେଶ୍ୱରସ୍ଥିତ ରସୁଲଗଡ଼ ଛକଠାରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।

ସକାଳ ୮.୩୦ ମିନିଟ୍ ସମୟରେ ଭୁବନେଶ୍ୱରସ୍ଥିତ ଭିଏସ୍‌ଏସ୍ ନଗରଠାରେ ଥିବା ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।

ସନ୍ଧ୍ୟା ଘ.୫.୩୦ମି. ସାଧାରଣ ସଭା ଜୟଦେବଭବନ, ଭୁବନେଶ୍ୱର

-ମୁଖ୍ୟ ଅତିଥି-
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର, ଭୁବନେଶ୍ୱର

-ମୁଖ୍ୟବକ୍ତା-
ଡ଼. ନାରାୟଣ ପଣ୍ଡା
ବିଶିଷ୍ଟ ଶିକ୍ଷାବିତ୍ ଏବଂ ସାହିତ୍ୟିକ

ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଏହି ସମାରୋହରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR: DADLS-81

### ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ପତ୍ର ଲେଖିଲେ କେନ୍ଦ୍ରମନ୍ତ୍ରୀ

## ଗୁଜରାଟରେ ଓଡ଼ିଆ ଭାଷା ଓ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ଅନୁରୋଧ କଲେ

ଭୁବନେଶ୍ୱର (ସବ୍ୟୁ): ଗୁଜରାଟ ବିଶେଷ ଭାବରେ ସୁରଟରେ ବସବାସ କରୁଥିବା ଓଡ଼ିଆ ସମ୍ପ୍ରଦାୟର ସାମାଜିକ ଏବଂ ଶିକ୍ଷାଗତ ବିକାଶ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ଏକ ପତ୍ର ଲେଖି ଅନୁରୋଧ କରିଛନ୍ତି । ଗୁଜରାଟରେ ଓଡ଼ିଆ ଭାଷା ଓ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ସେ ହସ୍ତକ୍ଷେପ ଲୋଡ଼ିଛନ୍ତି । ଗୁଜରାଟ ବିଶେଷତଃ ସୁରଟରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଓଡ଼ିଆ ଭାଷୀ ଜନସମୁଦାୟ ବସବାସ କରୁଛନ୍ତି, ଯେଉଁମାନେ ରାଜ୍ୟର ଶିଳ୍ପ ଏବଂ ସାମାଜିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଉଛନ୍ତି । ଓଡ଼ିଆ ଭାଷା ଏବଂ ସଂସ୍କୃତି ପ୍ରତି ସେମାନଙ୍କର ଆଗ୍ରହ ଏବଂ ଆକାଂକ୍ଷାକୁ ଦୃଷ୍ଟିରେ ରଖି ଶ୍ରୀ ପ୍ରଧାନ ଗୁଜରାଟରେ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଂଖ୍ୟା ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ଓଡ଼ିଆ ଭାଷାର ଶିକ୍ଷଣ-ପ୍ରଶିକ୍ଷଣ ବିଦ୍ୟାଳୟ ସଂଖ୍ୟାରେ ବୃଦ୍ଧି କରାଗଲେ ତାହା ସ୍ୱାଗତଯୋଗ୍ୟ ହେବ ବୋଲି ସେ କହିଛନ୍ତି ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୁଶଳ ନେତୃତ୍ୱରେ ଜାତୀୟ ଶିକ୍ଷା ନୀତି ୨୦୨୦ ମାତୃଭାଷାରେ ପ୍ରାଥମିକ ଶିକ୍ଷା, ଭାରତୀୟ ଭାଷାଗୁଡ଼ିକର ପ୍ରୋତ୍ସାହନ ଏବଂ ବହୁଭାଷୀ ଶିକ୍ଷାକୁ ସୁଲଭ ତଥା ସଶକ୍ତ କରିବା ଉପରେ ଗୁରୁତ୍ୱ ଦେଉଛି । ଏହି କ୍ରମରେ ଗୁଜରାଟରେ ଓଡ଼ିଆ ଭାଷା ପାଇଁ ଆବଶ୍ୟକୀୟ ସଂସ୍ଥାଗତ ସୁଦୃଢ଼ିକରଣ ପ୍ରାସଙ୍ଗିକତା ରଖୁଛି । ତା' ସହିତ, ରାଜ୍ୟର ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାକୁ ଏକ ବୈକଳ୍ପିକ ବିଷୟ ଭାବରେ ଆରମ୍ଭ କରିବା ଏବଂ ଓଡ଼ିଆ ଭାଷା ବିଭାଗ ପ୍ରତିଷ୍ଠା କରିବା ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷାରେ ଭାଷା-ନିରନ୍ତରତା ଉପଲବ୍ଧ ହୋଇପାରିବ ବୋଲି ଶିକ୍ଷା ମନ୍ତ୍ରୀ ପତ୍ରରେ ଉଲ୍ଲେଖ କରିଛନ୍ତି । ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଏବଂ ଓଡ଼ିଶା-ଗୁଜରାଟ ମଧ୍ୟରେ ସ୍ଥାନାନ୍ତରିତ ହେଉଥିବା ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ଏନସିଇଆରଟି ଆଧାରିତ ପାଠ୍ୟକ୍ରମ ପ୍ରଚଳନ କରିବାକୁ ପରାମର୍ଶ ଦେଇଛନ୍ତି ଶ୍ରୀ ପ୍ରଧାନ । ଏହି କ୍ରମରେ ଓଡ଼ିଆ ଭାଷା ପାଇଁ ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଟିଏଟି) ଆରମ୍ଭ କରିବାକୁ ପ୍ରସ୍ତାବ ଦେଇଛନ୍ତି । ଏହାଦ୍ୱାରା ସରକାରୀ ବିଦ୍ୟାଳୟରେ ଯୋଗ୍ୟ ଓଡ଼ିଆ ଶିକ୍ଷକଙ୍କ ଅଭାବ ଦୂର ହୋଇପାରିବ । 'ସୁରଟ ଓଡ଼ିଆ ସମାଜ' ପକ୍ଷରୁ ମିଳିଥିବା ଆବେଦନ ପତ୍ରକୁ ମଧ୍ୟ ସେ ମୁଖ୍ୟମନ୍ତ୍ରୀଙ୍କ ଅବଗତି ନିମନ୍ତେ ସଂଲଗ୍ନ କରିଛନ୍ତି । ଗୁଜରାଟ ସରକାର ଏହି ବିଷୟଗୁଡ଼ିକ ଉପରେ ସହାନୁଭୂତିର ସହ ବିଚାର କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି ।

### ବିଜେଡି ରାଜନୈତିକ ବ୍ୟାପାର କମିଟିର ବୈଠକ

## ରାଜ୍ୟବ୍ୟାପୀ ଆନ୍ଦୋଳନ ପାଇଁ ଖୁବଶୀଘ୍ର ଖସଡ଼ା

ଭୁବନେଶ୍ୱର, (ସବ୍ୟୁ): ଗୁରୁବାର ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଷଷ୍ଠ ବିଜୁ ଜନତା ଦଳ ରାଜନୈତିକ ବ୍ୟାପାର କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ନବୀନ ନିବାସରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଦଳର ସଭାପତିଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ଦଳର ସଭାପତିଙ୍କର ରାଜନୈତିକ ପରାମର୍ଶଦାତା ଡ଼ ସଂତୃପ୍ତ ମିଶ୍ର, ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ରାଜନୈତିକ ବ୍ୟାପାର କମିଟିର ସଦସ୍ୟ ନିରଞ୍ଜନ ପୂଜାରୀ, ଶ୍ରୀମତୀ ପ୍ରମିଳା ମଲ୍ଲିକ, ସୁଦାମ ମାରାଣ୍ଡି, ଟୁକୁନି ସାହୁ, ବିକ୍ରମ ଆରୁଖ, ସଞ୍ଜୟ କୁମାର ଦାସବର୍ମା, ପ୍ରଣବ ପ୍ରକାଶ ଦାସ ଓ ଡ଼ ସସ୍ମିତ ପାତ୍ର ଉପସ୍ଥିତ ଥିଲେ । ଗଣମାଧ୍ୟମକୁ ରାଜନୈତିକ ବ୍ୟାପାର କମିଟିର ସଦସ୍ୟ ତଥା ଉପସଭାପତି ସଞ୍ଜୟ କୁମାର ଦାସବର୍ମା କହିଛନ୍ତି ଯେ, ଓଡ଼ିଶାର ୭୦ ଭାଗ ଚାଷୀକୁଳକୁ ଯେଉଁଭଳି ଭାବରେ ଡବଲ ଇଞ୍ଜିନ ସରକାର ପ୍ରତାରିତ କରିଛି, ସେ ସମ୍ପର୍କରେ ବ୍ୟାପକ ଭାବରେ ଚର୍ଚ୍ଚା ଓ ଆଲୋଚନା କରାଯାଇଛି । ଗତ ସାଧାରଣ ନିର୍ବାଚନରେ ଓଡ଼ିଶାର ଚାଷୀକୁଳକୁ ପ୍ରତିଶ୍ରୁତି ଦିଆଯାଇଥିଲା, ବିଜେପି ସରକାର ଆସିଲେ ଓଡ଼ିଶାର ଚାଷୀ ମାନଙ୍କର ସମସ୍ତ ବଳକା ବିକ୍ରି ଯୋଗ୍ୟ ଧାନ ସଂଗ୍ରହ କରିବୁ ଏବଂ ଏମ୍‌ଏସ୍‌ପି ସହିତ ଇନପୁଟ୍ ସବ୍‌ସିଡି ମିଶାଇ ୩୧୦୦ ଟଙ୍କାରେ ଧାନ କିଣିବୁ । କିନ୍ତୁ ଗୋଟିଏ ବର୍ଷର ଖରିଫ୍ ସିଜିନ୍ ପରେ ସରକାର ଘୋଷଣା କଲେ ଆମେ ୧୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଧାନ କିଣିବୁ, ଆଉ ବଳକା ଧାନ ଚାଷୀ ଖୋଲା ବଜାରରେ ବିକ୍ରି କରିଦିଅନ୍ତୁ । ଚଳିତ ବର୍ଷ ଓଡ଼ିଶାର ଚାଷୀକୁଳକୁ ଟୋକନ ପ୍ରଦାନ ପାଇଁ, ମଣ୍ଡିରେ ଧାନ ଉଠାଇବା ପାଇଁ, ଉଠୁଥିବା ଧାନର ପ୍ରାପ୍ୟ ପ୍ରଦାନ ପାଇଁ ପ୍ରତ୍ୟେକ କ୍ଷେତ୍ରରେ ଆନ୍ଦୋଳନ କରିବାକୁ ପଡୁଛି । ଯୋଗାଣ ବିଭାଗ, ସମବାୟ ବିଭାଗ ଓ କୃଷି ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଏବଂ ବିଭିନ୍ନ ମନ୍ତ୍ରୀ ମାନଙ୍କର ଭିନ୍ନ ଭିନ୍ନ ବକ୍ତବ୍ୟ ଓ ଚାଷୀକୁଳକୁ ଅପମାନ ଜନକ ବକ୍ତବ୍ୟକୁ ଆଜିର ବୈଠକରେ ତୀବ୍ର ନିନ୍ଦା କରାଯାଇଛି ।



ରାଜ୍ୟରେ ଚରମ ଆଇନ ଶୃଙ୍ଖଳା ପରିସ୍ଥିତି, ସଂଖ୍ୟାଲଘୁ ଓ ଦଳିତ ମାନଙ୍କ ପ୍ରତି ଅତ୍ୟାଚାର, ପଲ୍ୟୁସନ ସାର୍ଟିଫିକେଟ୍ ନାଁରେ ଲୋକଙ୍କ ଉପରେ ଜିଜିଆ କର ଆଦାୟ କରିବା, ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ସ୍କାମକୁ ନେଇ ଆଜି ବୈଠକରେ ବ୍ୟାପକ ଭାବରେ ଆଲୋଚନା କରାଯାଇଛି । ଓଡ଼ିଶାର ଜୀବନରେଖା ମହାନଦୀର ସୁରକ୍ଷା ପାଇଁ ବିଜୁ ଜନତା ଦଳ ପ୍ରତିଶ୍ରୁତିବଦ୍ଧ । ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଦ୍ୱାରା ଆହ୍ୱାନ କରାଯାଇଥିବା ସର୍ବଦଳୀୟ ବୈଠକରେ ଯୋଗଦେବା ପାଇଁ ଆଜିର ବୈଠକରେ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଓଡ଼ିଶାର ଜନସାଧାରଣଙ୍କର ସ୍ୱାର୍ଥ ଓ ମହାନଦୀର ଜଳ ପ୍ରବାହର ସୁରକ୍ଷା ବିଜୁ ଜନତା ଦଳର ଆଭିମୁଖ୍ୟରେ କୌଣସି ସାଲିସ୍ କରାଯିବ ନାହିଁ ବୋଲି ଶ୍ରୀ ଦାସବର୍ମା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ବିଜୁ ଜନତା ଦଳ ଖୁବଶୀଘ୍ର ରାଜ୍ୟବ୍ୟାପୀ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମର ରୂପରେଖ ଘୋଷଣା କରିବ ବୋଲି ଗଣମାଧ୍ୟମକୁ ସୂଚନା ଦିଆଯାଇଛି ।

## ଭ୍ରୂଣର ଡିଏନ୍‌ଏ ପରୀକ୍ଷା ସହ ଗର୍ଭପାତ ନିମନ୍ତେ ହାଇକୋର୍ଟ ଦେଲେ ଅନୁମତି

କଟକ,(ସବ୍ୟୁ): ଜଣେ ପୀଡ଼ିତାଙ୍କ ଗର୍ଭପାତ ଏବଂ ଭ୍ରୂଣର ଡିଏନଏ ପରୀକ୍ଷା ପାଇଁ ହାଇକୋର୍ଟ ଆଜି ଅନୁମତି ପ୍ରଦାନ କରିଛନ୍ତି । ଏହି ଗର୍ଭପାତ କିପରି ସୁରକ୍ଷିତ ଭାବେ କରାଯାଇ ପାରିବ ସେଥିପାଇଁ ଡାକ୍ତରୀ ଟିମ୍ ପଦକ୍ଷେପ ନେବ। ଏହି ଗର୍ଭପାତ କାର୍ଯ୍ୟ କାପିଟାଲ ହସ୍ପିଟାଲରେ ଦୁଇ ସପ୍ତାହ ମଧ୍ୟରେ କରାଯିବାକୁ ହାଇକୋର୍ଟର ବିଚାରପତି ଜଷ୍ଟିସ ସାବିତ୍ରୀ ରଥ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ପୀଡ଼ିତା ଜଣକ ହାଇକୋର୍ଟରେ ଏକ ପିଟିସନ ଦାଏର କରି ତାଙ୍କ ଗର୍ଭସ୍ଥ ଭ୍ରୂଣର ଡିଏନଏ ପରୀକ୍ଷା ଏବଂ ଗର୍ଭପାତ ପାଇଁ ଅନୁମତି ମାଗିଥିଲେ । ପୀଡ଼ିତାଙ୍କ ପକ୍ଷରୁ ଦାବି କରାଯାଇଥିଲା ଯେ ଗର୍ଭଧାରଣ ଅନିଚ୍ଛାକୃତ ଏବଂ ଦୁଷ୍କର୍ମ ମାମଲା ସହ ଜଡ଼ିତ । ତାଙ୍କର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଗର୍ଭ ଧାରଣ ସମ୍ଭବ ନୁହେଁ । ତେଣୁ ତତ୍କାଳ ଗର୍ଭପାତ ଅନୁମତି ପାଇଁ ପ୍ରାର୍ଥନା କରିଥିଲେ । ପରବର୍ତ୍ତୀ ସମୟରେ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଏହାକୁ ଏକ ଅପରାଧିକ ରିଟ୍ ପିଟିସନ ଭାବେ ପଞ୍ଜୀକୃତ କରାଯାଇଥିଲା । ପୀଡ଼ିତା ପ୍ରଥମେ ରାଉରକେଲା ମହିଳା ଥାନାରେ ଏନେଇ ଅଭିଯୋଗ କରିଥିଲେ । ପୁଲିସ ଏହାକୁ ଜିରୋ ଏଫଆଇଆର ଭାବେ ଏହାକୁ ରୁଜୁ କରିଥିଲା । ପରେ ଏହି ମାମଲାକୁ ବିଞ୍ଝାରପୁର ଥାନାକୁ ହସ୍ତାନ୍ତର କରାଯାଇଥିଲା। କେସ୍ ଡାଏରୀ ଅନୁଯାୟୀ, ୨୦୨୫ ନଭେମ୍ବର ୨୪ ତାରିଖରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ପରୀକ୍ଷାରୁ ଜଣାପଡ଼ିଥିଲା ଯେ, ପୀଡ଼ିତା ଜଣକ ସେହି ସମୟରେ ୧୩ ସପ୍ତାହ ୫ ଦିନର ଗର୍ଭବତୀ। ଏହି ହିସାବରେ ବର୍ତ୍ତମାନ ସୁଦ୍ଧା ପୀଡ଼ିତାଙ୍କ ଗର୍ଭାବସ୍ଥା ପ୍ରାୟ ୨୧ ସପ୍ତାହ ୪ ଦିନରେ ପହଞ୍ଚି ସାରିଛି। ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାର ୨୦୨୫ ସେପ୍ଟେମ୍ବର ୧୭ରେ ଏକ ସ୍ୱତନ୍ତ୍ର ଏସଓପି ପ୍ରସ୍ତୁତ କରିଛନ୍ତି। ଏହି ଏସଓପିରେ ନାବାଳିକା ଏବଂ ୨୪ ସପ୍ତାହରୁ ଅଧିକ ଗର୍ଭାବସ୍ଥାର ସୁରକ୍ଷିତ ଗର୍ଭପାତ ପାଇଁ ସ୍ୱତନ୍ତ୍ର ନିୟମାବଳୀ ରହିଛି। ମାମଲାର ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅଦାଲତ ଏହି ମାମଲାର ଶୁଣାଣି ଶେଷ କରି ଗତକାଲି ରାୟ ସଂରକ୍ଷିତ ରଖୁଥିଲେ। ଆଜି ଏହି ରାୟ ପ୍ରକାଶ ପାଇଛି।

## ସ୍କୁଟିକୁ ଧକ୍କା ଦେଲା ହାଇୱା ପତ୍ନୀମୃତ, ବାପ ପୁଅ ଗୁରୁତର

ବାଙ୍କୀ , (ସବ୍ୟୁ): କଟକ ଜିଲ୍ଲା ବାଙ୍କୀ ଥାନା ବାଆଁରା ରାମଚଣ୍ଡୀ ଛକ ରେ ଗୁରୁବାର ସନ୍ଧ୍ୟାରେ ଏକ ସ୍କୁଟିକୁ ଧକ୍କା ଦେବାରୁ ସ୍କୁଟି ପଛରେ ବସିଥବବା ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବା ବେଳେ ଚାଳକ ତାଙ୍କ ସ୍ୱାମୀ ଓ ପୁତ୍ର ଦୁଇ ଜଣ ଗୁରୁତର ହୋଇଛନ୍ତି । ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱରରୁ ସ୍କୁଟିରେ ବାଙ୍କୀ କଳାପଥର ପଞ୍ଚାୟତର ପର୍ଶୁରାମପୁର ଗ୍ରାମର ବିଭୂତି ବେହେରା ନିଜ ପତ୍ନୀ ଓ ଚାରି ବର୍ଷର ପୁଅକୁ ଧରି ଗାଁକୁ ଆସୁଥିବାବେଳେ ବାଆଁରା ରାମଚଣ୍ଡୀ ଛକରେ ଓ ଡି୦୬ ଏଲ,୩୭୫୯ ନଂ. ବିଶିଷ୍ଟ ହାଇୱା ସ୍କୁଟିକୁ ଧକ୍କା ଦେଇଥିଲା ।ଘଟଣା ହିଁ ବିଭୂତିଙ୍କ ପତ୍ନୀଙ୍କର ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ସ୍ଥଳରୁ ଗୁରୁତର ବାପପୁଅଙ୍କୁ ସଙ୍ଗେସଙ୍ଗେ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି ।

## ପୁରୀ ଜିଲ୍ଲାର ତୃତୀୟ ଦିଶା ବୈଠକ

ପୁରୀ, (ସବ୍ୟୁ): ପୁରୀ ଜିଲ୍ଲା ତୃତୀୟ ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବା ଦିଶା ବୈଠକ ଗୁରୁବାର ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଅଧ୍ୟକ୍ଷତା କରି ଥିଲେ। ଏହା ସହ ସମସ୍ତ ସରକାରୀ ଯୋଜନା ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ ବୋଲି କହି ଥିଲେ । ସାଂସଦ କହି ଥିଲେ ସାଧାରଣ ଲୋକ ମାନଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବା ଆମର କର୍ତ୍ତବ୍ୟ। ତେଣୁ ପ୍ରତ୍ୟେକ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରି ଲୋକ ମାନଙ୍କୁ ତାହାର ସୁଫଳ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ଓ ଅନ୍ୟ ସଦସ୍ୟ ମାନେ ବିଭିନ୍ନ ବିଭାଗ ଉପରେ ଯେଉଁ ମତାମତ ଦେଇ ସମସ୍ୟା ଉପସ୍ଥାପନ କରୁଛନ୍ତି ତାହାର ସମାଧାନ ପାଇଁ ତ୍ୱରାନ୍ୱିତ ପ୍ରକ୍ରିୟାରେ କାର୍ଯ୍ୟ କରିବାକୁ ଡା ପାତ୍ର ପରାମର୍ଶ ଦେଇଥିଲେ ।ଏହି ବୈଠକ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଓ ଜିଲ୍ଲାର ବିକାଶ ପାଇଁ ଅଭିପ୍ରେତ। ଯଦି କୌଣସି ଅଧିକାରୀ ବିନା ସୂଚନା ରେ ବୈଠକରେ ଅନୁପସ୍ଥିତ ରହୁଛନ୍ତି ତେବେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି,ଜିଲ୍ଲା ପରିଷଦ ର ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ଗ୍ରୀଷ୍ମ ଋତୁ ଆସୁଥିବାରୁ ପାନୀୟ ଜଳ ସଂକଟର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।ତେବେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ର ବିଭିନ୍ନ ପ୍ରକଳ୍ପ ର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ସମସ୍ତ ଲୋକ ପ୍ରତିନିଧି ମାନଙ୍କ ସହ ଯୋଗାଯୋଗ ରଖି କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ପରାମର୍ଶ ଦିଆଯାଇଥିଲା ।

### ଫେସବୁକରେ ଧମକପୂର୍ଣ୍ଣ ପୋଷ୍ଟର ଶ୍ରୀମନ୍ଦିରରେ ବୋମା ପଡ଼ିବ

## ସାଂସଦଙ୍କୁ ହତ୍ୟା ଧମକ ଓ ଗ୍ରାଣ୍ଡ ସେଣ୍ଟରରେ ଗୁଳି ଫୁଟିବ ଧମକ ଘଟଣାରେ ଜେଲ ଗଲା ଅଭିଯୁକ୍ତ

ପୁରୀ, (ସବ୍ୟୁ) : ସୋସିଆଲ ମିଡ଼ିଆ ଫେସବୁକରେ ଜୁଲି ରାଣୀ ପଣ୍ଡା ନାମ୍ନୀ ଜଣେ ମହିଳାଙ୍କ ନାମରେ ଏକ ଆକାଉଣ୍ଟ୍ ଖୋଲି ପୁରୀ ଜଗନ୍ନାଥ ମନ୍ଦିରରେ ଖୁବ ଶୀଘ୍ର ବୋମା ପଡିବ, ଖୁବଶୀଘ୍ର ସୁଭାଶିଷ ଖୁଣ୍ଟିଆକୁ ଗୁଳି ମାଡ ହେବ, ଖୁବ ଶୀଘ୍ର ପୁରୀ ଗ୍ରାଣ୍ଡ ସେଣ୍ଟରରେ ଗୁଳି ଫୁଟେଇବୁ ଭଳି ପୋଷ୍ଟ ହୋଇ ଥିବା ଧମକପୂର୍ଣ୍ଣ ପୋଷ୍ଟର ପର୍ଦ୍ଦାଫାଶ କରିଛି ପୁଲିସ । ଏହି ପୋଷ୍ଟ କରିଥିବା ଅଭିଯୁକ୍ତକୁ ଧରିବାରେ ସକ୍ଷମ ହୋଇଛି ସିଂହଦ୍ୱାର ଥାନା ପୋଲିସ। ପୋଲିସ ପକ୍ଷରୁ ଅଭିଯୁକ୍ତ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତର ପରିଚୟ ହେଲା କେନ୍ଦ୍ରାପଡା ଜିଲ୍ଲା ସଦର ଥାନା ଅନ୍ତର୍ଗତ ଅଡଙ୍ଗ ଗ୍ରାମ ପ୍ରତୀକ ମିଶ୍ର (୩୦) । ସେ ବର୍ତ୍ତମାନ ବାସେଲୀ ସାହି ଥାନା ଅଧୀନ ମଙ୍ଗଳାଘାଟ ନୀଳାଦ୍ରି ବିହାରରେ ରହୁଛି। ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଓଏସଡି ସୁରକ୍ଷା ହେମନ୍ତ କୁମାର ପାଢ଼ୀଙ୍କ ଅଭିଯୋଗ କ୍ରମେ ସିଂହଦ୍ୱାର ଥାନାରେ କେଶ ନମ୍ବର ୧୮/୨୦୨୬ ଅନୁଯାୟୀ ଆଇଟି ଆକ୍ଟର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରାଯାଇଛି । ଗିରଫ ଅଭିଯୁକ୍ତ ପ୍ରତୀକ ମିଶ୍ର ନାମରେ କେନ୍ଦ୍ରାପଡା ଜିଲ୍ଲା ସଦର ଥାନାରେ ୨ ଟି, କେନ୍ଦ୍ରାପଡା ପାଟକୁରା ଥାନାରେ ୨ଟି, ପୁରୀ ଟାଉନ ଥାନାରେ ୨ ଟି ଓ ପୁରୀ ଜିଲ୍ଲା ବଳଙ୍ଗା ଥାନାରେ ୨ଟି ଏହିପରି ମୋଟ ୯ ଗୋଟି ସଙ୍ଗୀନ ଅପରାଧିକ ମାମଲା ରହିଥିବା କହିଛନ୍ତି ଏସପି ପ୍ରତୀକ ସିଂ। ପୁଲିସ ସୂଚନା ମୁତାବକ ଯେ ଗତ କିଛି ଦିନ ତଳେ ଜୁଲି ରାଣୀ ପଣ୍ଡା ନାମରେ ଏକ ଫେସବୁକ ଆକାଉଣ୍ଟରେ ଧମକପୂର୍ଣ୍ଣ ପୋଷ୍ଟର ମେସେଜ ପୋଷ୍ଟ ହୋଇ ଥିଲା । ଏହି ପୋଷ୍ଟର ମେସେଜରେ ପୁରୀ ଜଗନ୍ନାଥ ମନ୍ଦିରରେ ଖୁବ ଶୀଘ୍ର ବୋମା ପଡିବ, ଖୁବଶୀଘ୍ର ସୁଭାଶିଷ ଖୁଣ୍ଟିଆକୁ ଗୁଳି ମାଡ ହେବ, ଖୁବ ଶୀଘ୍ର ପୁରୀ ଗ୍ରାଣ୍ଡ ସେଣ୍ଟରରେ ଗୁଳି ଫୁଟେଇବୁ ଆଦି ରହିଥିଲା କ୍ଷ ଯାହା ବିଭିନ୍ନ ବୈଦୁତିକ ଗଣମାଧ୍ୟମ ଓ ସାମାଜିକ ପ୍ଲାଟ ଫର୍ମରେ ଭାଇରାଲ ହୋଇ ଥିଲା କ୍ଷ ଯାହା ଶ୍ରୀମନ୍ଦିର ପ୍ରଶାସନ ଓ ପୋଲିସ ନଜରକୁ ଆସିଥିଲା। ଶ୍ରୀମନ୍ଦିର ଓଏସଡି ହେମନ୍ତ କୁମାର ପାଢ଼ୀ (ସୁରକ୍ଷା)ଙ୍କ ଅଭିଯୋଗକୁ ଆଧାର କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଥିଲା। ସିଟି ଡିଏସପି ରଶ୍ମି ରଂଜନ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରା ଯାଇ ତଦନ୍ତ ଆରମ୍ଭ ହୋଇ ଥିଲା। ପୁଲିସ ଅଭିଯୁକ୍ତ ପ୍ରତୀକ ମିଶ୍ରକୁ ଥାନାକୁ ଆଣି ଅଟକ ରଖି ପଚରା ଉଚରା କରି ଥିଲା। ପୁଲିସର ଜେରା ବେଳେ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଥିଲା। ଏହା ପରେ ସତ୍ୟତା ଜଣାପଡିଥିଲା କ୍ଷ ଅଭିଯୁକ୍ତ ପ୍ରତୀକ ଜୁଲିରାଣୀ ପଣ୍ଡା ନାମକ ଜଣେ ମହିଳାଙ୍କୁ ପ୍ରେମ କରୁଥିଲା କ୍ଷ ମହିଳା ଜଣଙ୍କ ଅଭିଯୁକ୍ତ କଥାରେ ରାଜି ନହେବାରୁ ପ୍ରତିଶୋଧ ନେବା ପାଇଁ ତାଙ୍କ ସିମ ବ୍ୟବହାର କରି ଗତ ୧୧ ତାରିଖରେ ମହିଳାଙ୍କ ନାମରେ ଏକ ଆକାଉଣ୍ଟ ଖୋଲିଥିଲା । ତାଙ୍କୁ ବଦନାମ କରିବାକୁ ଯାଇ ପ୍ରତୀକ ଏଭଳି କାଣ୍ଡ ଘଟାଇଥିବା ପୋଲିସକୁ କହିଛି। ସିଂହଦ୍ୱାର ଥାନା ପୁଲିସ ପକ୍ଷରୁ ଆଜି ପ୍ରତୀକକୁ କୋର୍ଟ ଚାଲାଣ କରାଯାଇଛି କ୍ଷ କୋର୍ଟ ତାର ଜାମିନ ନାମଞ୍ଜୁର କରି ଜେଲକୁ ପଠାଇ ଦେଇଛି ।

## ନୀଳାଚଳ କୃଷକ ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ପୁରୀ, (ସବ୍ୟୁ): ବୁଧବାର ପୂର୍ବାହ୍ନରେ ନୀଳାଚଳ କୃଷକ ମହାସଂଘ ପକ୍ଷରୁ ବିଭିନ୍ନ ମୌଳିକ ସମସ୍ୟା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରା ଯାଇଛି। ସଙ୍ଘ ପକ୍ଷରୁ ୨୩ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରା ଯାଇଛି। ଏକ ହଜାରରୁ ଉର୍ଦ୍ଧ୍ୱ କୃଷକ ହାତରେ ବ୍ୟାନର ଓ ପ୍ଲାଆ କାର୍ଡ ଧରି ଗୁଣ୍ଡିଚା ମନ୍ଦିର ନିକଟରୁ ଏକ ବିରାଟ ଶୋଭା ଯାତ୍ରାରେ ବାହାରି ବଡ ଦାଣ୍ଡ ଭିଆଇପି ରୋଡ ଦେଇ ଆସି ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ସେଠାରେ ସଂଘ ପକ୍ଷରୁ ଏକ ସଭା ଆୟୋଜନ ହୋଇ ଥିଲା। କୃଷକ ମାନେ ଚାଷୀ ମାନଙ୍କର ମୌଳିକ ସମସ୍ୟା ଓ ନ୍ୟାର୍ଯ୍ୟ ଦାବୀ ନେଇ ସରକାରଙ୍କ ବିରୋଧରେ ନାରାବାଜି ଦେଇ ଥିଲେ। ପୁରୀ ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା। କୃଷିକୁ ଛାଡ଼ିଦେଲେ କୃଷକଙ୍କର ବଞ୍ଚିବାର ବିକଳ୍ପ ପନ୍ଥା ନାହିଁ। କୃଷକ ମାନଙ୍କର ବହୁ ବିଧ ଉନ୍ନତି ପାଇଁ ନୀଳାଚଳ କୃଷକ ମହାସଂଘ ୧୯୮୫ ମସିହାରୁ ଅହରହ ଚେଷ୍ଟା ଓ ସ୍ୱର ଉତ୍ତ୍ୱଳନ କରି ଆସୁଛି। ମହାସଂଘ ଚାଷୀମାନଙ୍କ ପାଇଁ ସ୍ୱର୍ ଉତ୍ତ୍ୱଳନ କରୁ ଥିଲେ ମଧ୍ୟ, ଚାଷୀ ମାନଙ୍କର କୌଣସି ଉନ୍ନତି ପରିଲକ୍ଷିତ ହେଉ ନାହିଁ। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ କୃଷି କ୍ଷେତ୍ରରେ ସମ୍ମୁଖୀନ ହେଉ ଥିବା ଚାଷ ଓ ଚାଷୀ ମାନଙ୍କର ବିଭିନ୍ନ ସମସ୍ୟା ପ୍ରତି କ୍ରମାଗତ ଭାବେ ଅବହେଳା ପ୍ରଦର୍ଶନ କରିବା ସହିତ ତୃଟି ପୂର୍ଣ୍ଣ କୃଷି ନୀତି ଜାରି ରଖିଛନ୍ତି। ଯାହା ଫଳରେ ଏକ ବୃହତ୍ତର ଗୋଷ୍ଠୀ ଚାଷୀ ଯେଉଁମାନେ ଶତକଡା ୮୦ ଭାଗ ଚାଷ ଉପରେ ନିର୍ଭର କରନ୍ତି, ସେମାନଙ୍କର ଆର୍ଥିକ ସ୍ଥିତି ଦିନକୁ ଦିନ ଦୂର୍ବଳରୁ ଦୁର୍ବଳତର ହେଉଛି। ଆଜିର ଏହି କାର୍ଯ୍ୟକ୍ରମ ସଭାପତି ଗୋପୀନାଥ ମିଶ୍ର ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇ ଥିଲା। କାର୍ଯ୍ୟକ୍ରମରେ ଉପଦେଷ୍ଟା ମଣ୍ଡଳୀ ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ସଂପାଦକ ବିପ୍ରବର ମହାପାତ୍ର, ଉପସଭାପତି ପ୍ରକାଶ କୁମାର ନାୟକଙ୍କ ସମେତ ବହୁ ନେତୃ ମଣ୍ଡଳୀ ଉପସ୍ଥିତ ଥିଲେ।

### ଧର୍ମଶାଳା ତହସିଲ ବାଜବାଟି କଳାପଥର ଖଣିରେ ବେଆଇନ ଖନନ ମାମଲା

## ଏନ୍‌ଜିଟିରେ ଜିଲ୍ଲାପାଳଙ୍କ ରିପୋର୍ଟ ଦାଖଲ ପରେ ଅଡୁଆରେ ଜିଲ୍ଲା ପ୍ରଶାସନ

ଚଣ୍ଡିଖୋଲ,(ସବ୍ୟୁ) ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅନ୍ତର୍ଗତ ବହୁ ଚର୍ଚ୍ଚିତ ବାଜବାଟି ପାହାଡର ୨ ଏବଂ ୬ ନଂ କଳାପଥର ଖଣିରେ ହୋଇଥିବା ବ୍ୟାପକ ଅନିୟମିତତା ଓ ବେଆଇନ ଖଣି ଖନନକୁ ନେଇ ଯାଜପୁର ଜିଲ୍ଲା ପ୍ରଶାସନ ଏବେ ହରଡଘଣାରେ ପଡିଛି। ଏ ସଂପର୍କରେ ଏନଜିଟିରେ ବିଚାରାଧିନ ଥିବା ମାମଲାକୁ ନେଇ ଯାଜପୁର ଜିଲ୍ଲାପାଳଙ୍କ ରିପୋର୍ଟ ଦାଖଲ ପରେ ଧର୍ମଶାଳାରେ ଚାଲିଥିବା ବେଆଇନ ଖଣି ଖନନର ପୋଲ ଖୋଲିଯିବା ସହ ପ୍ରଶାସନ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ଏହି ଖଣି ଦୁଇଟିରେ ମାତ୍ରାଧିକ ଖନନ ଠାରୁ ଆରମ୍ଭ କରି ପରିବେଶ ନିୟମ ଉଲଂଘନ ପରି ଗୁରୁତର ଅଭିଯୋଗ ହେବାପରେ ଏନଜିଟି ଏ ସମ୍ପର୍କରେ ଯାଜପୁର ଜିଲ୍ଲା ପ୍ରଶାସନକୁ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ରିପୋର୍ଟ ପ୍ରଦାନରେ ବିଳମ୍ବ ହେବାରୁ ଏଥିରେ ଅସନ୍ତୋଷ ବ୍ୟକ୍ତ କରି ଏନଜିଟି ଯାଜପୁର ଜିଲ୍ଲାପାଳଙ୍କୁ ଦୁଇଟି ମାମଲାରେ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନଜିଟିର ଏପରି କଠୋର ଆଭିମୁଖ୍ୟ ପରେ ଯାଜପୁର ଜିଲ୍ଲାପ୍ରଶାସନ ପକ୍ଷରୁ ଏନଜିଟିଙ୍କୁ ଗତ ସପ୍ତାହରେ ମଧ୍ୟବର୍ତିକାଳୀନ ରିପୋର୍ଟ ପ୍ରଦାନ କରାଯାଇ ଥିଲା। ଏହି ରିପୋର୍ଟରେ



ଧର୍ମଶାଳା ତହସିଲ ଅଂଚଳରେ କଳାପଥର ଖଣି ଗୁଡିକରେ ହେଉଥିବା ଅନିୟମିତତା ସଂପର୍କରେ ଅଭିଯୋଗ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ଉଲେଖ କରାଯାଇଥିଲା। ଏଥିସହିତ ଯେଉଁ ବାଜବାଟି ପାହାଡକୁ ନେଇ ବିବାଦ ଦେଖାଦେଇଛି ସେହି ପାହାଡ ପୂର୍ବରୁ ୬ ମିଟରର ଗଭୀର ଥିଲା ବୋଲି ପ୍ରଶାସନ ଏନଜିଟିକୁ ଏହି ରିପୋର୍ଟରେ ଏନଜିଟିକୁ ଅବଗତ କରିବା ପରେ ଉକ୍ତ ରିପୋର୍ଟକୁ ନେଇ ଜିଲ୍ଲା ପ୍ରଶାସନ ନିଜେ ଅଡୁଆରେ ପଡିଯାଇଛି । କାରଣ ସରକାରଙ୍କ ପକ୍ଷରୁ ଲିଜ ପ୍ରଦାନ କରାଯାଉଥିବା କୌଣସି କଳାପଥର ଖଣିରେ ୬ ମିଟରରୁ ଉର୍ଦ୍ଧ୍ୱ ଗଭୀର ଖନନ ହୋଇପାରିବ ନାହିଁ ବୋଲି ନିର୍ଦ୍ଦେଶନାମା ରହିଛି। ଯଦି ଉକ୍ତ ଅଂଚଳର କଳାପଥର ଖଣି ଗୁଡିକରେ ପୂର୍ବରୁ ୬ ମିଟରରୁ ଉର୍ଦ୍ଧ୍ୱ ଗଭୀରର ଖନନ ହୋଇଥିଲା ତେବେ କିଭଳି ଓ କେଉଁ ପରିସ୍ଥିତିରେ ସେହିସବୁ ଖଣିରୁ ପୁନର୍ବାର ପଥର ଖନନ ପାଇଁ ଅନୁମତି ଦିଆଗଲା ବୋଲି ଏବେ ଏନଜିଟି ପ୍ରଶ୍ନ ଉଠାଇଛି। ପୂର୍ବରୁ ହୋଇଥିବା ବେଆଇନ ପଥର ଖନନ ସଂପର୍କରେ ପ୍ରଶାସନ ପକ୍ଷରୁ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେ ସଂପର୍କରେ ଅବଗତ କରିବାକୁ ଏନଜିଟି ଉଭୟ ଜିଲ୍ଲା ପ୍ରଶାସନ ଓ ସିଆ କର୍ତ୍ତୃପକ୍ଷଙ୍କୁ ପାଲଟା ରିପୋର୍ଟ ତଲବ କରିଛନ୍ତି। ଏନଜିଟି ମଧ୍ୟ ଉକ୍ତ ପାହାଡ ଅଂଚଳରେ ମାତ୍ରାଧିକ ଖନନ ହେଉଥିବା,ସେଫଟି ଜୋନ ନଥିବା ଏବଂ ଗ୍ରୀନ ବେଲ୍ଟ ଜୋନ ନଥିବା ନେଇ ଉଦବେଗ ପ୍ରକାଶ କରିଥିଲେ। ଏ ଦିଗରେ ସିଆ କର୍ତ୍ତୃପକ୍ଷ ଇତିମଧ୍ୟରେ କି ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ଏନଜିଟିକୁ ଅବଗତ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।ଏନଜିଟି ଏହି ବାଜବାଟି ଖଣି ଅନିୟମିତତା ମାମଲାର ପରବର୍ତ୍ତୀ ଶୁଣାଣୀ ଆସନ୍ତା ମାର୍ଚ୍ଚ ୧୭ ତାରିଖକୁ ଧାର୍ଯ୍ୟ କରିଥିବାରୁ ଏବେ ଯାଜପୁର ଜିଲ୍ଲା ପ୍ରଶାସନ ଏନଜିଟିକୁ କଣ ଆଉ କି ପ୍ରକାର ଜବାବ ଦେବ ତାକୁ ନେଇ ହରଡ ଘଣାରେ ପଡିଥିବା ଆଲୋଚନା ହେଉଛି।

### ଶତାୟୁ ସଙ୍କଳନର ଲୋକାର୍ପଣ

## ଇତିହାସକୁ ତଥ୍ୟଭିତ୍ତିକ କରିବା ପାଇଁ ଡ଼ଃ ତପନ କୁମାର ଚାନ୍ଦଙ୍କର ଆହ୍ୱାନ

ଭୁବନେଶ୍ୱର (ସବ୍ୟୁ) : ଓଡିଶା ତାର ମୁଖପତ୍ର ଇତିହାଶୟନର ଦ୍ୱାଦଶ ପ୍ରକାଶନ ଶତାୟୁ ସଂଘ' ବିଶେଷଓଙ୍କର ଲୋକାର୍ପଣ କାର୍ଯ୍ୟକ୍ରମ ରାଜ୍ୟ ସଗ୍ରାଳୟଠାରେ ଅନୁଷ୍ଠିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମରେ ବିକ୍ରମ କେଶରୀ ମହାପାତ୍ର ଅଧ୍ୟକ୍ଷ, ଡ଼ଃ ତପନ କୁମାର ଚାନ୍ଦ ପୂର୍ବତନ ସିଏମ୍‌ଡି ନାଲକୋ, ପ୍ର. ବସନ୍ତ କୁମାର ମଲିକ, ସହାୟକ ପ୍ରଫେସର ଯୋଗ, ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓ ସହ ପ୍ରାନ୍ତ ଶାରୀରିକ ରାଜ୍ୟ ପ୍ରମୁଖ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓଡିଶା ପୂର୍ବପ୍ରାନ୍ତ ଡ଼ଃ ସନ୍ତୋଷ କୁମାର ମିତ୍ର ଉପାଧ୍ୟକ୍ଷ, ଭାରତୀୟ ଇତିହାସ ସଂକଳନ ସମିତି, ଓଡିଶା ମଞ୍ଚାସିନ ହୋଇଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶହେ ବର୍ଷ ପାଳନ ଅବସରରେ - ସଙ୍ଘ ପ୍ରେରଣାରେ ପରିଚାଳିତ ସଂକଳନ ସମିତି, ଏହି ସଂସ୍କରଣ ମାଧ୍ୟମରେ ନିଜର କୃତଜ୍ଞତା ପ୍ରକାଶନ ରୂପେ ଅର୍ପଣ କରିଛି ଓ ଏହି ଉତ୍ସବରେ ମୁଖ୍ୟବକ୍ତା ପ୍ର. ବସନ୍ତ କୁମାର ମଲିକ ମତ ଉପସ୍ଥାନ କରିଥିଲେ ଯେ ଶାଖାରୁ ସଂସ୍କାରିତ ସ୍ୱୟଂ ସେବକ ଦେଶର ସେବା, ସୁରକ୍ଷା ସହିତ ସାରା ବିଶ୍ୱର ମଙ୍ଗଳ ପାଇଁ ତପସ୍ୟାରତ । ଡ଼ଃ ତପନ କୁମାର ଚାନ୍ଦ ମୁଖ୍ୟଅତିଥି ଭାରତର



ଇତିହାସରେ ଥିବା ତ୍ରୁଟିକୁ ତଥ୍ୟଭିତ୍ତିକ ସୁଧାର କରିବାର ଆବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିଥିଲେ ଓ ଦେଶ ଭିତରେ ଦେଶାତ୍ମବୋଧର ପ୍ରେରଣା ଦେଇପାରିବ ଓ ଇତିହାସ ଦେଶ ଦେଶ ମଧ୍ୟରେ ସୁସମ୍ପର୍କ ଓ ସମୃଦ୍ଧି ଯୋଡି ପାରିବ ବୋଲି ମତପ୍ରକାଶ କରିଥିଲେ । ଡ଼ଃ ସନ୍ତୋଷ କୁମାର ମିତ୍ର, ପୁସ୍ତକ ବିଷୟରେ ସମୀକ୍ଷା ଓ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ କମଲେଶ ଦାଶ ରାଷ୍ଟ୍ରୀୟ ସମ୍ପର୍କ ପ୍ରମୁଖ , ଅଖିଳ ଭାରତୀୟ ଇତିହାସ ସଂକଳନ ଯୋଜନା , ନୂଆ ଦିଲ୍ଲୀ ଉପସ୍ଥିତ ହୋଇ ମାର୍ଗଦର୍ଶନ କରିଥିଲେ ଓ ପ୍ରଫେସର ଗୋପାଳ କୃଷ୍ଣ ଦାଶ, ବିଜୟ କୁମାର ପଣ୍ଡା , କାର୍ତିକ କୁମାର ରାଉତ , ଡ଼ଃ ପାରେଶ୍ୱର ସାହୁ , ଡ଼ଃ ଉମାକାନ୍ତ ମହାରଣା , ଡ଼ଃ ଗିରିଜା ଶଙ୍କର ବଳ, ଗିରିଧାରୀ ପତ୍ର ,ପ୍ରଦୀପ କୁମାର ମିଶ୍ର , ଗଙ୍ଗାଧର ଦାଶ ଓ ଗୋପାଳ ଚନ୍ଦ୍ର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଚଣ୍ଡୀଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ : ହୋର୍ଡ଼ିଂରେ ରହୁ ଓଳାଶୁଣୀ ନାମ




ବାଲିଚନ୍ଦ୍ରପୁର, (ସବ୍ୟୁ): ଚଣ୍ଡୀଖୋଲ ଠାରୁ ପାରାଦ୍ୱୀପ ବନ୍ଦରକୁ ସଂଯୁକ୍ତ କରୁଥିବା ୭୬.୫୫୮ କି.ମି ବିଶିଷ୍ଟ ୫୩ ନମ୍ବର ଜାତୀୟରାଜପଥ ୮ ଲେନ୍ ବିଶିଷ୍ଟ ସଂପ୍ରସାରିତ ହେଉଛି । ଏହା ହେଉଛି ଓଡ଼ିଶାର ପ୍ରଥମ ୮ ଲେନ୍ ବିଶିଷ୍ଟ ସଡ଼କ ଏବଂ ଖୁବ୍‌ଶୀଘ୍ର ଏହି କାର୍ଯ୍ୟ ଶେଷ ହେବାକୁ ଯାଉଛି । ଚଣ୍ଡୀଖୋଲ ଠାରୁ ବନ୍ଦରେଶ୍ୱର ପର୍ଯ୍ୟନ୍ତ ୧୮କି.ମି. ୨୦୦ ମିଟର ସଡ଼କର ଚାରିନଙ୍ଗଳ-ମାତକତପୁର ମଧ୍ୟଭାଗରେ ଜାତୀୟ ରାଜପଥର ହୋର୍ଡ଼ିଂ ଲାଗିଛି । ସେହି ନିକଟରେ ରହିଛି ରାଜ୍ୟର ପ୍ରମୁଖ ଧର୍ମ, ସଂସ୍କୃତି ଓ ବିଶିଷ୍ଟ ପର୍ଯ୍ୟଟନସ୍ଥଳୀ ଓଳାଶୁଣୀ ଗୁମ୍ଫା । ଉର୍ଦ୍ଦିଷ୍ଟ ହୋର୍ଡ଼ିଂରେ କେନ୍ଦ୍ରାପଡ଼ା (୧୬ କି.ମି.), ପାରାଦ୍ୱୀପ (୪୬ କି.ମି.) ଓ ଚାନ୍ଦବାଲି (୫୨ କି.ମି.) ଲେଖା ଯାଇଥିଲା ବେଳେ ସ୍ଥାନୀୟ ବିଶିଷ୍ଟ ଆଧ୍ୟାତ୍ମିକ ଓ ପର୍ଯ୍ୟଟନକ୍ଷେତ୍ର ଓଳାଶୁଣୀର ନାମ ନାହିଁ । ହୋର୍ଡ଼ିଂ ଲାଗିଥିବା ସ୍ଥାନଠାରୁ ଓଳାଶୁଣୀର ଦୂରତା ମାତ୍ର ୧ କି.ମି. । ଚଣ୍ଡୀଖୋଲ ପଟରୁ ଆସୁଥିବା ଯାତ୍ରୀ, ପର୍ଯ୍ୟଟକ, ଶ୍ରଦ୍ଧାଳୁ ଓ ସାଧାରଣ ଲୋକଙ୍କ ପାଇଁ ଓଳାଶୁଣୀ ଏକ ପ୍ରସିଦ୍ଧ ପୀଠ । ଏଇ ନିକଟରେ ଓଳାଶୁଣୀ ମେଳା ଅନୁଷ୍ଠିତ ହେଉଛି ଏବଂ ମେଳାରେ ପ୍ରତିଦିନ ଲକ୍ଷାଧିକ ଲୋକଙ୍କର ମଧ୍ୟ ସମାଗମ ହେଉଛି । ଉକ୍ତ ସ୍ଥାନରେ ଥିବା ହୋର୍ଡ଼ିଂରେ ଓଳାଶୁଣୀ ନାମ ଲେଖାଯିବା ସହିତ ଓଳାଶୁଣୀ-ରନିଗିରି ରୋଡ୍ ଠାରେ ବାମପାଶ୍ୱର୍ରେ ଥିବା ରାଜସ୍ୱ ଗ୍ରାମ ପଲାଇ, ପୌରାଣିକ ସ୍ଥଳୀ ଗାଙ୍ଗୀପୀଠ ଏବଂ ଡାହାଣ ପାଶ୍ୱର୍ରେ ଓଳାଶୁଣୀ ରାସ୍ତା ପାଶ୍ୱର୍ ହୋର୍ଡ଼ିଂରେ ଲେଖାଯିବାକୁ ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ପକ୍ଷରୁ ଦାବି କରାଯାଇଛି । ଟ୍ରଷ୍ଟର ଉପଦେଷ୍ଟା ବଟକୃଷ୍ଣ ସାମଲ, ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ, ଟ୍ରଷ୍ଟି ପ୍ରଫେସର ରବୀନ୍ଦ୍ର ନାଥ ସାମଲ ଏବଂ ଟ୍ରଷ୍ଟି ତଥା ବରିଷ୍ଠ ସାମ୍ବାଦିକ ବିରୂପାକ୍ଷ ତ୍ରିପାଠୀ ଏକ ଦାବିପତ୍ର ନେଉଳପୁର ଠାରେ ଥିବା ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପଠାଇଛନ୍ତି ।

# ୨୪ରୁ ଦୁଇଦିନିଆ ଶ୍ୱାସରୋଗ ଚିକିତ୍ସକ ସମ୍ମିଳନୀ

ବ୍ରହ୍ମପୁର, (ସବ୍ୟୁ): ଏମକେସିଜି ମେଡିକାଲ କଲେଜ ଓ ହସପିଟାଲ ଯକ୍ଷ୍ମା ଓ ଛାତି ରୋଗ ବିଭାଗ ପକ୍ଷରୁ ଆସନ୍ତା ୨୪ ତାରିଖରୁ ଗୋପାଳପୁର ଠାରେ ୨ ଦିନିଆ ରାଜ୍ୟସ୍ତରୀୟ ଶ୍ୱାସରୋଗ ଚିକିତ୍ସକ ସମ୍ମିଳନୀ ଯଥା ଚେଷ୍ଟକନ୍-୨୦୨୬ ଆୟୋଜିତ ହେବ । ଏଥିରେ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ହସପିଟାଲରୁ ଯକ୍ଷ୍ମା ଓ ଛାତି ରୋଗ ବିଶେଷଜ୍ଞ, ଶ୍ୱାସରୋଗ ଚିକିତ୍ସକ, ଡାକ୍ତର ଓ ଛାତ୍ରଛାତ୍ରୀ ଯୋଗ ଦେବେ । ଓଡ଼ିଶା ରାଜ୍ୟ ଛାତି ରୋଗ ସମାଜ ସହଯୋଗରେ ଅୟୋଜିତ ଏହି ସମ୍ମିଳନୀରେ ସାଂପ୍ରତିକ ଯୁଗରେ ଶ୍ୱାସଜନିତ ରୋଗ, ଛାତିଜନିତ ସମସ୍ୟା, ନୂତନ ଚିକିତ୍ସା ପ୍ରଣାଳୀ, ନୂତନ ଔଷଧ ବିଷୟରେ ଆଲୋଚନା କରାଯିବ ବୋଲି ବୁଧବାର ଏମକେସିଜିର ଯକ୍ଷ୍ମା ଓ ଛାତି ରୋଗ ବିଭାଗ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସାଙ୍ଗଠନିକ ସମ୍ପାଦକ ଡା ପ୍ରିୟଜିତ ଜେନା ସୂଚନା ଦେଇଛନ୍ତି । ଦୀର୍ଘ ୨୦ ବର୍ଷ ପରେ ବ୍ରହ୍ମପୁର ଠାରେ ଛାତି ରୋଗ ବିଶେଷଜ୍ଞଙ୍କ ସମ୍ମିଳନୀ ଆୟୋଜନ ହେଉଥିବା ସେ କହିଥିଲେ । ସଂଗଠନିକ ସଭାନେତ୍ରୀ ତଥା ବିଭାଗୀୟ ମୁଖ୍ୟ ପ୍ରଫେସର ଡା ପ୍ରିୟଙ୍କା ଦାସ ସମ୍ମିଳନୀର ଆଭିମୁଖ୍ୟ ବିଷୟରେ କହିଥିଲେ । ସାମ୍ବାଦିକ ସମ୍ମିଳନୀରେ ଚେଷ୍ଟକନ ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡା. ନାରାୟଣ ମିଶ୍ର ଓ ପ୍ରଫେସର ହେମନ୍ତ କୁମାର ସେଠୀ, ଅଧ୍ୟକ୍ଷ ଡା. ପରେଶଚନ୍ଦ୍ର ମହନ୍ତ, ଏଡିଟର ଡା. ସରୋଜ କୁମାର ମିଶ୍ର ଓ ଡା. ସୁଶ୍ରୀ ଶ୍ୱେତାପଦ୍ମା ପ୍ରମୁଖ ଉପସ୍ଥିତ ଥିଲେ ।

## ବାରିପଦା ପିଡବ୍ଲ୍ୟୁଡି ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ

# ମୟୂରଭଞ୍ଜ ସରକାରୀ ଠିକାଦାର ସଂଘ ପକ୍ଷରୁ ବିକ୍ଷୋଭ ଓ ଧାରଣା




ବାରିପଦା, (ସବ୍ୟୁ) : ଆରଟିଆଇ ଦଲାଲଙ୍କ ବିରୋଧରେ ତାତିଲା ଠିକାଦାର ସଂଘ। ଗୁରୁବାର ମୟୂରଭଞ୍ଜ ସରକାରୀ ଠିକାଦାର ସଂଘ ପକ୍ଷରୁ ବାରିପଦା ପିଡବ୍ଲ୍ୟୁଡି ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଠିକାଦାର ମାନଙ୍କୁ ହେଉଥିବା ଦୁର୍ବ୍ୟବହାର ଓ ବ୍ଲାକ୍‌ମେଲିଂ ବିରୋଧରେ ଏକ ଶାନ୍ତିପୂର୍ଣ୍ଣ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ୬ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ, ଯେଉଁ ଦଲାଲ ସଂଗଠନ ଓ ବ୍ୟକ୍ତିବିଶେଷ ମାନେ ନିମ୍ନମାନ କାମ କହି ଅଭିଯୋଗ କରି ଆରଟିଆଇ ମାଗିବା ସହ ଅଫିସର ଓ ଠିକାଦାର ମାନଙ୍କୁ ଚାନ୍ଦାଆଦାୟ ବା ବ୍ଲାକ୍‌ମେଲିଂ କରୁଛନ୍ତି, ସେମାନଙ୍କୁ ଠିକାଦାର ସଂଘ ଦୃଢ଼ ବିରୋଧ କରିବ ବୋଲି ଚେତାବନୀ ଦିଆଯାଇଥିଲା। ସରକାରୀ ଠିକାଦାର ଓ ଅଧିକାରୀ ମାନଙ୍କୁ ଟାର୍ଗେଟ କରି ବ୍ଲାକ୍‌ମେଲିଂ ଓ ଚାନ୍ଦାବାଜିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ପୋଲିସ ସୁରକ୍ଷାରେ ବିଭିନ୍ନ ସରକାରୀ ପ୍ରକଳ୍ପରେ କାର୍ଯ୍ୟରତ ଥିବା ଠିକାଦାର ଓ ଅଧିକାରୀ ମାନଙ୍କୁ ପୋଲିସ ସୁରକ୍ଷା ପ୍ରଦାନ କରିବା ଆଦି ଦାବିମାନ କରାଯାଇଥିଲା। ଏଥିସହ ମୟୂରଭଞ୍ଜ ଜିଲ୍ଲା ବି-କ୍ଲାସ ତଳକୁ ବା ତିନିକୋଟି ତଳେ ବ୍ୟୟ ଅଟକଳରେ ପ୍ରକାଶ ପାଇଥିବା କାର୍ଯ୍ୟ ୦.୧ ଶତକଡା ଲେସ୍‌ରେ ଠିକାଦାର ମାନେ ଟେଣ୍ଡର ପକାଇବେ ଏବଂ ଏଥିରେ କେବଳ ମୟୂରଭଞ୍ଜ ଜିଲ୍ଲା ଠିକାଦାର ମାନେହିଁ ଟେଣ୍ଡର ପକାଇ ପାରିବେ ବୋଲି ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିଥିଲା ମୟୂରଭଞ୍ଜ ସରକାରୀ ଠିକାଦାର ସଂଘ। ଏହି କାର୍ଯ୍ୟକ୍ରମ ମୟୂରଭଞ୍ଜ ସରକାରୀ ଠିକାଦାର ସଂଘ ସଭାପତି ପରେଶ ମହାନ୍ତଙ୍କ ନେତୃତ୍ୱରେ ବହୁ ଠିକାଦାର ଯୋଗ ଦେଇଥିଲେ ।

# ବାରିପଦା ମଣ୍ଡଳ କାରାଗାରରେ ରୋଟାରୀ କ୍ଲବ ଆନୁକୂଲ୍ୟରେ ଚକ୍ଷୁ ଚିକିତ୍ସା ଶିବିର




ବାରିପଦା, (ସବ୍ୟୁ) : ବାରିପଦା ରୋଟାରୀ କ୍ଲବ ଆନୁକୂଲ୍ୟରେ ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ସହାୟତାରେ ବାରିପଦା ମଣ୍ଡଳ କାରାଗାରରେ ଅନ୍ତେବାସୀମାନଙ୍କ ନିମନ୍ତେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଉପରୋକ୍ତ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡଃ ସୌଭାଗ୍ୟ ରଞ୍ଜନ ପଣ୍ଡା ଏବଂ ଟେକନିସିଆନ ସୌରଭ ଶଙ୍କର ମହାନ୍ତି ୯୫ଜଣ ଅନ୍ତେବାସୀଙ୍କର ଚକ୍ଷୁ ପରୀକ୍ଷା କରିବା ପରେ କ୍ଲବ ତରଫରୁ ସେମାନଙ୍କୁ ଔଷଧ ବିତରଣ କରାଯାଇଥିଲା । ୪୦ଜଣ ଅନ୍ତେବାସୀଙ୍କର ଚଷମା ଆବଶ୍ୟକ ହେଉଥିବାରୁ ସେମାନଙ୍କ ପାଇଁ ଚଷମା ତିଆରି କରି ଅତିଶୀଘ୍ର ପ୍ରଦାନ କରାଯିବ । ଉକ୍ତ ଶିବିରକୁ ଜେଲର ଶଶିକାନ୍ତ ମାହାଲିକ, କ୍ଲବ ସଭାପତି ଭବାନୀ ଶଙ୍କର ସାହୁ, ସମ୍ପାଦକ ତିମିର କୁମାର ଘୋଷ, ପ୍ରକଳ୍ପ ଦାୟିତ୍ୱରେ ଥିବା ରୋଟାରିଆନ ସନ୍ଦୀପ କୁମାର ଚାନ୍ଦ ଏବଂ କାରାଗାରରର ଅନ୍ୟ ଅଧିକାରୀ ଓ କ୍ଲବର ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ କାରାଗାର ଅଧିକ୍ଷକ ମନୋରଞ୍ଜନ ପ୍ରତିହାରୀ ଫିତା କାଟି ଉଦଘାଟନ କରିଥିଲେ । ରୋଟାରିଆନ ଅରୁଣ କୁମାର ଦାଶ, ଡ଼ଃ ଶଶାଙ୍କ ଶେଖର ପାଣିଗ୍ରାହୀ, ଡ଼ଃ ପୁଷ୍ପା ପାତ୍ର, ସୁନୀତ ପୁରୀ, ମହେନ୍ଦ୍ର ରାଓ୍ୱତ, ପ୍ରୀତିସୁଧା ତ୍ରିପାଠୀ ଓ ଧରିତ୍ରୀ ପ୍ରହରାଜ ପ୍ରଭୃତି ଶିବିରରେ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ ।

# ଏନ୍‌ଆରଟିଏସ୍ ପରୀକ୍ଷା ଫଳ ପ୍ରକାଶ, କୃତି ଛାତ୍ରଛାତ୍ରୀ ଉତ୍ସାହିତ

ବୁଗୁଡ଼ା, (ସବ୍ୟୁ) : ଜାତୀୟ ଗ୍ରାମୀଣ ମେଧାବୃତ୍ତି (ଏନ୍‌ଆରଟିଏସ୍) ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ବୁଗୁଡା ଅଞ୍ଚଳର କୃତି ଛାତ୍ରଛାତ୍ରୀମାନେ ଉତ୍ସାହିତ ହୋଇ ଉଠିଛନ୍ତି । ପ୍ରକାଶିତ ୧୦ ଜଣିଆ କୃତି ଛାତ୍ରଛାତ୍ରୀଙ୍କ ତାଲିକା ମଧ୍ୟରେ ଖୋଳଖାଳି ହାଇସ୍କୁଲର ସ୍ମୃତି ଶ୍ରୀୟା ନାୟକ-୧ମ, ଗାୟତ୍ରୀ ନାଇକ-୬ଷ୍ଠ ଓ ସୁଇଟି ନାଇକ-୮ମ , ସୋରଡ ହାଇସ୍କୁଲର ରାହୁଲ ସେଠୀ-୨ୟ ଓ ଦିତିକୃଷ୍ଣ ବଢେଇ-୧୦ମ, ବି.କରଡ଼ାବାଡ଼ି ହାଇସ୍କୁଲର ହିମାଂଶୁ ଶେଖର ପ୍ରଧାନ-୩ୟ, ମୋଟାବାଡ଼ି ହାଇସ୍କୁଲର ସ୍ମୃତି ରଞ୍ଜନ ବିଷୋୟୀ-୪ର୍ଥ, ବିରଞ୍ଚିପୁର ହାଇସ୍କୁଲର ଶୁଭମ୍ କୁମାର ପାତ୍ର-୫ମ ଓ ରୁଦ୍ର ସେଠୀ-୭ମ, ସଙ୍କୁରୁ ହାଇସ୍କୁଲର ଆଦର୍ଶୀ ରାଣୀ ପାତ୍ର- ୯ମ ସ୍ଥାନରେ ରହିଛନ୍ତି । ପ୍ରକାଶ ଯୋଗ୍ୟ ଯେ, ଗତ ୧୯ ସେପେଟମ୍ବର ୨୦୨୫ରେ ପିପୁଲ୍ଲି ହାଇସ୍କୁଲ କେନ୍ଦ୍ରରେ ବୁଗୁଡ଼ା ବ୍ଲକ ଓ ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ହାଇସ୍କୁଲର ୨୫୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଉପରୋକ୍ତ ଛାତ୍ରଛାତ୍ରୀମାନେ ଏଥିରେ କୃତିତ୍ୱ ହାସଲ କରି ସ୍ୱ ସ୍ୱ ବିଦ୍ୟାଳୟର ଗୌରବ ବୃଦ୍ଧି କରିବା ସାଙ୍ଗକୁ ବିଭିନ୍ନ ମହଲରୁ ପ୍ରଶଂସିତ ହୋଇଥିବା ଜଣାଯାଇଛି ।

# ବୃତ୍ତି ପରୀକ୍ଷାରେ ବଉଳପାଳ ପ୍ରାଥମିକ ସ୍କୁଲର ସଫଳତା

ତିହିଡି, (ସବ୍ୟୁ): ତିହିଡି ବ୍ଲକ ଅନ୍ତର୍ଗତ ଭା ଟପଡ଼ା ପଞ୍ଚାୟତର ବଉଳ ପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସଫଳତା ଅର୍ଜନ କରିବା ସହିତ ବିଦ୍ୟାଳୟ ଲାଗି ଗୌରବ ଆଣି ଦେଇଛନ୍ତି । ଚଳିତ ୨୦୨୫-୨୬ ଶିକ୍ଷା ବର୍ଷ ରେ ଅନୁଷ୍ଠିତ ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଏହି ବିଦ୍ୟାଳୟର ଛାତ୍ର ଦୁଷ୍ମନ୍ତ ଦାସ ସଫଳତା ହାସଲ କରିବା ସହିତ ବ୍ଲକ ମେଧା ତାଲିକାରେ ପ୍ରଥମ ସ୍ଥାନରେ ଅଛନ୍ତି । ସେହିପରି ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଏହି ବିଦ୍ୟାଳୟର ଛାତ୍ରୀ ଅର୍ପିତା ଲେଙ୍କା ସଫଳତା ହାସଲ କରିବା ସହିତ ବ୍ଲକ ମେଧା ତାଲିକାରେ ତୃତୀୟ ସ୍ଥାନରେ ଅଛନ୍ତି । ଏହି ସଫଳତା ଲାଗି ଗ୍ରାମବାସୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷକ ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ବିଦ୍ୟୁତ୍ ଆଘାତରେ ଜଣେ ମୃତ

ଧରାକୋଟ, (ସବ୍ୟୁ): ଧରାକୋଟ ଥାନା ଅନ୍ତର୍ଗତ ଜାହାଡା ଗ୍ରାମର ଗୌଡ଼ ସାହିର ବିଦ୍ୟୁତ ଆଘାତ ଲାଗି ମଙ୍ଗଲୁ ଗୌଡ଼ (୫୮) ଙ୍କ ମୃତ୍ୟୁ ଘଟିଛି । ଗୁରୁବାର ସକାଳ ୧୦ଘଣ୍ଟା ସମୟରେ ମଙ୍ଗଲୁ ପାଣି ମୋଟର ଦ୍ୱାରା ଟାଙ୍କିରେ ପାଣି ଭର୍ତ୍ତି କରୁ ଥିବାବେଳେ ଆକସ୍ମିକ ଭାବେ ବଦ୍ୟୁତ ଆଘାତ ପାଇ ଗୁରୁତର ହୋଇ ପଡ଼ିଥିଲେ । ଚିକିତ୍ସା ପାଇଁ ତୁରନ୍ତ ଧରାକୋଟ ମେଡ଼ିକାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଧରାକୋଟ ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଆସିକା ପଠାଇଥିଲେ । ପ୍ରକାଶ ଥାଉକି ରାତି ପାଇଥିଲେ ମୃତକ ମଙ୍ଗଲୁଙ୍କ ବଡ଼ ପୁଅ ଶିବ ଶଙ୍କରଙ୍କ ବାହାଘର ଅନୁଷ୍ଠିତ ହୋଇଥାନ୍ତା । ଖୁସି ଆସିବା ପୂର୍ବରୁ ଏପରି ଏକ ଦୁଃଖଦ ଘଟଣା ପାଇଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ଶିମିଳିପାଳ ବାଘ ସଂରକ୍ଷଣ କ୍ଷେତ୍ର ନିକଟରେ ପ୍ରସ୍ତାବିତ ପଞ୍ଚ ତାରକା ହୋଟେଲ୍ ବିରୋଧରେ ଆବେଦନ : ଏନ୍‌ଜିଟିର ଶୁଣାଣି, ରାୟ ସଂରକ୍ଷିତ

ବାରିପଦା, (ସବ୍ୟୁ) : ଜାତୀୟ ହରିତ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି), ପୂର୍ବାଞ୍ଚଳ ବେଞ୍ଚ, କୋଲକାତା ମଙ୍ଗଳବାର ଦିନ ଓଡିଶାର ମୟୂରଭଞ୍ଜ ଜିଲ୍ଲାର ଲକ୍ଷ୍ମୀପୋସି ଗାଁରେ ଅବସ୍ଥିତ ପ୍ରାୟ ୧୦୦ ଏକର ଜଙ୍ଗଲି ପାହାଡ଼ିଆ ଜମିକୁ ବେସରକାରି ପଞ୍ଚତାରକା ହୋଟେଲ୍ / ରିଜର୍ଟ ପ୍ରକଳ୍ପ ପାଇଁ ହସ୍ତାନ୍ତର କରିବା ପ୍ରସ୍ତାବ ବିରୋଧରେ ଦାଖଲ ହୋଇଥିବା ଆବେଦନ ଉପରେ ବିସ୍ତୃତ ଶୁଣାଣି କରିଛନ୍ତି । ଏହି ଅଞ୍ଚଳ ଶିମିଳିପାଳ ବାଘ ସଂରକ୍ଷଣ କ୍ଷେତ୍ରର ପରିବେଶ ସଂମ୍ବେଦନଶୀଳ ମଣ୍ଡଳ (ଇକୋ-ସେନ୍‌ସିଟିଭ୍ ଜୋନ୍) ଭିତରେ ପଡ଼େ । ଏହି ଆବେଦନ ସାମାଜିକ କର୍ମୀ ରାକେଶ କୁମାର ମହାନ୍ତିଙ୍କ ଦ୍ୱାରା ଦାଖଲ ହୋଇଥିବା ବେଳେ, ତାଙ୍କ ପକ୍ଷରୁ ଅଧିବକ୍ତା ଆକାଶ ଶର୍ମା ଯୁକ୍ତି ରଖିଥିଲେ । ଆବେଦକ ଏନ୍‌ଜିଟି ନିକଟରେ ପ୍ରତିରୋଧାତ୍ମକ (ପ୍ରିଭେଣ୍ଟିଭ୍) ହସ୍ତକ୍ଷେପ ଆବଶ୍ୟକ ବୋଲି ଦାବି କରି, ଶିମିଳିପାଳ ନିକଟରେ ଜଙ୍ଗଲ ଜମିକୁ ହୋଟେଲ୍ ପ୍ରକଳ୍ପ ପାଇଁ ହସ୍ତାନ୍ତର କରିବାକୁ ବିରୋଧ କରିଥିଲେ । ଶୁଣାଣି ସମୟରେ ଅଧିବକ୍ତା ଆକାଶ ଶର୍ମା କହିଥିଲେ ଯେ, ଉକ୍ତ ଜମି ସରକାରୀ ରେକର୍ଡରେ ଜଙ୍ଗଲ ଜମି ଭାବେ ଲେଖାଯାଇଛି ଏବଂ ଶିମିଳିପାଳ ବାଘ ସଂରକ୍ଷଣ କ୍ଷେତ୍ରର ଇକୋ ସେନ୍‌ସିଟିଭ୍ ଜୋନ୍ ଭିତରେ ପଡ଼େ । ଆରଟିଆଇ ଆଇନ ଅଧୀନରେ ମିଳିଥିବା ସରକାରୀ ଡକ୍ୟୁମେଣ୍ଟ ଓ ବିଭିନ୍ନ ବିଭାଗୀୟ ରିପୋର୍ଟ ଏହି ଜମିର ପରିବେଶୀୟ ସଂମ୍ବେଦନଶୀଳତାକୁ ସ୍ପଷ୍ଟ କରେ ବୋଲି ସେ ଯୁକ୍ତି ରଖିଥିଲେ । ସେ ଆଇରଟିଆଇ ଉତ୍ତର, ଫିଜିବିଲିଟି ରିପୋର୍ଟ, ବନ ବିଭାଗର ପତ୍ରାଚାର ଏବଂ ଜିଲ୍ଲା ନିବେଶ ପ୍ରୋତ୍ସାହନ ଏଜେନ୍ସି (ଡିଆଇପିଏ) ଦ୍ୱାରା ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିବା ତଥ୍ୟକୁ ରେକର୍ଡରେ ରଖିଥିଲେ, ଯେଉଁଥିରେ ସିମିଳିପାଳ ନିକଟରେ ରିଜର୍ଟ ସ୍ଥାପନା ପାଇଁ ବେସରକାରି ହୋଟେଲ୍ ପ୍ରତିନିଧିଙ୍କ ଦର୍ଶନ ସୁବିଧା ଦିଆଯାଇଥିବା ଉଲ୍ଲେଖ ରହିଛି । ଏହା ଦ୍ୱାରା ସାମ୍ବିଧାନିକ ଅନୁମତି ପୂର୍ବରୁ ହିଁ ଜଙ୍ଗଲ ଜମିର ବ୍ୟବସାୟିକ ଉପଯୋଗ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ବୋଲି ସେ ଦାବି କରିଥିଲେ । ଅଧିବକ୍ତା ଶର୍ମା ପରିବେଶ ଆଇନର ସତର୍କତା (ପାରକ୍ୟୁନାରୀ ପ୍ରିନ୍ସିପାଲ) ଏବଂ ପ୍ରତିରୋଧାତ୍ମକ (ପ୍ରିଭେଣ୍ଟିଭ୍ ପ୍ରିନ୍ସିପାଲ) ସିଦ୍ଧାନ୍ତ ଉପରେ ଜୋର ଦେଇ କହିଥିଲେ ଯେ, ଏନ୍‌ଜିଟିର ଅଧିକାର କ୍ଷେତ୍ର ପ୍ରତିରୋଧାତ୍ମକ ଓ ଚିକିତ୍ସାତ୍ମକ ନୁହେଁ । ଇକୋ ସେନ୍‌ସିଟିଭ୍‌ର ଜୋନ୍‌ର ଓ ବାଘ ଆବାସ ଭଳି ସ୍ଥାନରେ ଏକଥର କ୍ଷତି ହେଲେ, ସେଥିରୁ ପୁନଃସ୍ଥାପନା ସମ୍ଭବ ନୁହେଁ ବୋଲି ସେ ଯୁକ୍ତି ରଖିଥିଲେ । ଶୁଣାଣି ସମୟରେ ବେଞ୍ଚ ଉଲ୍ଲେଖ କରିଥିଲେ ଯେ, ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ନିର୍ମାଣ କାର୍ଯ୍ୟ, ଗଛ କାଟା କିମ୍ବା ଫରେଷ୍ଟ କ୍ଲିୟାରେନ୍ସ ହୋଇନାହିଁ, ଏବଂ ଏହି ପର୍ଯ୍ୟାୟରେ କାରଣ ଉପସ୍ଥିତ କି ନୁହେଁ ସେଥିରେ ପ୍ରଶ୍ନ ଉଠାଇଥିଲେ । ବେଞ୍ଚ କହିଥିଲେ ଯେ, ସାଧାରଣତଃ ନିର୍ମାଣ କିମ୍ବା ଗଛ କାଟା ଆରମ୍ଭ ହେଲେ ଏପରି ଆବେଦନ ଶୁଣାଯାଏ । ଏହାର ଉତ୍ତରରେ ଅଧିବକ୍ତା ଶର୍ମା କହିଥିଲେ ଯେ, ଅନ୍ତିମ ଅନୁମତି ନଥିବା ହେଉଛି ଏନ୍‌ଜିଟି ନିକଟକୁ ଏବେ ଆସିବାର ମୁଖ୍ୟକାରଣ । ପ୍ରଥମେ ପରିବେଶକୁ କ୍ଷତି କରି ପରେ ଆଇନଗତ ଅନୁମତି ନେବା ପରିବେଶ ଆଇନ ଅନୁଯାୟୀ ଅନୁମତିଯୋଗ୍ୟ ନୁହେଁ ବୋଲି ସେ ଯୁକ୍ତି ରଖିଥିଲେ । ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ, ନ୍ୟାୟମୂର୍ତ୍ତି ଅଶୋକ ତ୍ୟାଗୀ ଏବଂ ମାନ୍ୟବର ସଦସ୍ୟ ଡ଼ାଃ ଆଫ୍ରୋଜ ଆହମଦଙ୍କ ସମ୍ମିଳିତ ବେଞ୍ଚ ଏହି ମାମଲାକୁ ରାୟ ପାଇଁ ସଂରକ୍ଷିତ ରଖିଛନ୍ତି । ଶିମିଳିପାଳ ବାଘ ସଂରକ୍ଷଣ କ୍ଷେତ୍ର ଆସପାସର ପରିବେଶ ସୁରକ୍ଷା ଏବଂ ପ୍ରତିରୋଧାତ୍ମକ ଆଇନଗତ ହସ୍ତକ୍ଷେପ ସମ୍ପର୍କରେ ଏହି ମାମଲାକୁ ଗଭୀର ଭାବେ ନଜର ରଖାଯାଉଛି ।

# ପିର ଯାହାନିଆଁ ବେଳାଭୂମିରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ

ଅସ୍ତରଙ୍ଗ,(ସବ୍ୟୁ): ପୁରୀ ବନ୍ୟପ୍ରାଣୀ ବନ ଖଣ୍ଡ ଅଧୀନ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ତରଫରୁ ବୁଧବାର ଦିନ ସମୁଦ୍ର ତଟ ସହ ପିର ମନ୍ଦିର ପରିସର, ଝାଉଁ ଜଙ୍ଗଲ ବଣ ଭୋଜି ସ୍ଥଳ, ଆଦି ସ୍ଥାନରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଆରମ୍ଭ କରା ଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅସ୍ତରଙ୍ଗ ରେଞ୍ଜର ମୋନାଲିସା ମହାପାତ୍ର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୁରେନ୍ଦ୍ରନାଥ ବିଦ୍ୟାପୀଠ ସୁନ୍ଦରର ଛାତ୍ର ଛାତ୍ରୀ ସମେତ ସମୁଦ୍ର ତଟ ଦେଶରେ ଥିବା ଗ୍ରାମ ଗୁଡିକର ଜନ ସାଧାରଣ,ଲୋକ ପ୍ରତିନିଧି,ଫରେଷ୍ଟର କାଳି ଚରଣ ମହାନ୍ତି, କୈଳାସ ନାୟକ, ଟିକିନା ପ୍ରଧାନ, ପରିବେଶ ବିତ୍ତ ଶୋଭାକର ବେହେରା, ବିଚିତ୍ରା ନନ୍ଦ ବିଶ୍ୱାଳ ସରପଞ୍ଚ କ୍ଷୀରୋଦ କାଣ୍ଡି, ସମିତିସଭ୍ୟ ବିମ୍ବାଧର ବିଶ୍ୱାଳ, ସମାଜ ସେବି ଜିତେନ୍ଦ୍ର ନାୟକ, ସିବ ଚରଣ ନାୟକ ପ୍ରଫୁଲ ବିଶ୍ୱାଳ, ସୌମରଞ୍ଜନ ବିଶ୍ୱାଳ,ବେଳାଭୂମି ରେ ନିୟୋଜିତ ପୋଲିସ ଦଳଙ୍କ ସମେତ ବନରକ୍ଷୀ ଓ ବନ ବିଭାଗ ଫ୍ଲ୍ୟାଇଙ୍ଗ ସ୍କ୍ୱାଡ଼ ପ୍ରଭୃତି ସାମିଲ ହୋଇ, ରାଲି କରି ବିଭିନ୍ନ ସ୍ଲୋଗାନ ଦେଇ ଜରି, ପ୍ଲାଷ୍ଟିକ, ଛିଣ୍ଡା ଜାଲ, ଅଳିଆ ଆବର୍ଜନା ଆଦି ଗୋଟେଇ ଡଷ୍ଟବିନରେ ଅନ୍ୟତ୍ର ସ୍ଥାନାନ୍ତରିତ ପାଇଁ ରଖିଥିଲେ ।ଶେଷରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନରେ ସାମିଲ ଥିବାଦଳଙ୍କୁ ନେଇଏକ ଶପଥ ପାଠ ସହ ଆଲୋଚନା ଚକ୍ର ରେଞ୍ଜର ମୋନାଲିସା ମହାପାତ୍ର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ।




# ବ୍ରହ୍ମ ଅବଧୂତ ବାଞ୍ଛାନିଧି ବାବାଙ୍କୁ ଡ୍ରିମ୍‌ସର ଶ୍ରଦ୍ଧାଞ୍ଜଳି



କଟକ, (ସ୍ୱପ୍ର): ମହିମା ଧର୍ମର ବିଶିଷ୍ଟ ସନ୍ଥ ବ୍ରହ୍ମ ଅବଧୂତ ବାଞ୍ଛାନିଧି ବାବାଙ୍କ ଦେହାନ୍ତରେ ଡ୍ରିମ୍‌ସ ପରିବାର ପକ୍ଷରୁ ତାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏବଂ ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଶୋକବାର୍ତ୍ତାରେ ବିଶ୍ୱବାସୀଙ୍କ କଲ୍ୟାଣ କାମନା ବିଶେଷ କରି ଟାଙ୍ଗୀ ଅଞ୍ଚଳବାସୀଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଓ ଆଶୀର୍ବାଦ ସବୁବେଳେ ରହିଥିଲା । ଟାଙ୍ଗୀରେ ପ୍ରଥମେ ମହିମା ଟୁଙ୍ଗୀ ପ୍ରତିଷ୍ଠା କରିବା ଏବଂ ସମସ୍ତଙ୍କ ସହଯୋଗରେ ପୀଠର ଉନ୍ନତିକରଣ ଦିଗରେ ସେ ଶତତ ଚେଷ୍ଟିତ ଥିଲେ । ଦେହାବସାନର କିଛିଦିନ ପୂର୍ବରୁ ସେ କଏରାପାରୀ ବାସଭନରେ ପଦାର୍ପଣ ସହ କିଛି ସମୟ ବିତାଇଥିଲେ ଓ ସମସ୍ତଙ୍କ ପାଇଁ ମହିମା ଅଲେଖଙ୍କ ପାଖରେ ମଙ୍ଗଳ କାମନା କରିଥିଲେ । ତାଙ୍କର ଆକସ୍ମିକ ବିୟୋଗରେ ସଭିଁଏ ମ୍ରିୟମାଣ । ତାଙ୍କ ଭଳି ମହିମା ଧର୍ମର ଜଣେ ବିଶିଷ୍ଟ ସନ୍ୟାସୀ, ମାର୍ଗଦର୍ଶକ ଓ ଶୁଭାକାଂକ୍ଷୀଙ୍କ ସ୍ଥାନ ସଦା ଅପୂରଣୀୟ ରହିବ ବୋଲି ଡ. ରଥ କହିଛନ୍ତି ।

# ଦଳିତ, ଆଦିବାସୀ, ପଛୁଆ ବର୍ଗ ଓ ଶ୍ରମିକଙ୍କ ଅଧିକାରକୁ ପ୍ରାଥମିକତା ଦେବା ଦାବିରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଜନ ପ୍ରତିବାଦ

ଛତ୍ରପୁର, (ସବ୍ୟୁ): ରାଜ୍ୟ ସରକାରଙ୍କ ଦଳିତ, ଆଦିବାସୀ, ପଛୁଆ ବର୍ଗ ଓ ଶ୍ରମିକଙ୍କ ଅଧିକାରକୁ ପ୍ରାଥମିକତା ଦେବା, ବାମସେଫ୍ ଓ ଭାରତ ମୁକ୍ତି ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧିବେଶନକୁ ପୁନଃ ସ୍ୱୀକୃତି ପ୍ରଦାନ କରିବା, ପୂର୍ବରୁ ବାତିଲ ହୋଇଥିବା ଅଧିବେଶନ ପାଇଁ ଯଥୋଚିତ କ୍ଷତିପୂରଣ ଦେବା, ଜଙ୍ଗଲ ଜମି ଅଧିକାର ଆଇନକୁ ସଠିକ୍ ଓ ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରିବା, ଗଞ୍ଜାମ ଜିଲ୍ଲାର ଆଧାର ଅପରେଟରମାନଙ୍କ ଅଧିକାର ସୁରକ୍ଷା ପ୍ରଦାନ କରିବା ସମେତ ବିଭିନ୍ନ ଦାବୀ ନେଇ ଗୁରୁବାର ଗଞ୍ଜାମ ଜିଲ୍ଲାର ବିଭିନ୍ନ ଗଣ ସଙ୍ଗଠନ ଯଥା-ଭାରତ ମୁକ୍ତି ମୋର୍ଚ୍ଚା, ଭିଟାମାଟି ସୁରକ୍ଷା ଅଭିଯାନ, ଆଦିବାସୀଲୋକ ସଂଗଠନ ଦକ୍ଷିଣାଞ୍ଚଳ ନିକାଶ ମଞ୍ଚ, ଦଳିତ ସହାୟକ ସହାୟକ ପ୍ରତିଷ୍ଠାନ ଏବଂ ଗଞ୍ଜାମ ଜିଲ୍ଲା ଆଧାର ଅପରେଟର ସଂଘର କର୍ମକର୍ତ୍ତା ଆଜି ଛତ୍ରପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଘେରାଉ କରିଛନ୍ତି । ଏହା ସହିତ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଏକ ଉଦେଶ୍ୟ ପୃଥକ ପୃଥକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରେ ବସବାସ କରୁଥିବା ଦଳିତ ଓ ଆଦିବାସୀମାନଙ୍କୁ ବ୍ୟକ୍ତିଗତ ଓ ସାମୂହିକ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା ସହ ତାଙ୍କ ଆର୍ଥିକ-ସାମାଜିକ ସଶକ୍ତିକରଣ ଓ ଆତ୍ମନିର୍ଭରତା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ସଠିକ ଭାବରେ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବୀ କରାଯାଇଛି । ଏହା ସହ ବେଗୁନିଆପଡା ବ୍ଲକର ଆଦିବାସୀ ମଧୁ ଶବରଙ୍କୁ ଗୋଇଲୁଣ୍ଡି, ବ୍ରହ୍ମପୁରର ଶୁଣ ସନ ଆଇ କେୟାର କ୍ଲିନିକ ଦ୍ୱାରା କଥିତ ନିଶୁଳ୍କ ଚକ୍ଷୁ ପରୀକ୍ଷା ନାମରେ ପରିବାରର ଅନୁମତି ବିନା ଉଠାଇ ନିଆଯାଇଥିବା ଘଟଣା ବର୍ତ୍ତମାନ ମାନବ ଚାଲାଣ ସନ୍ଦେହକୁ ଜନ୍ମ ଦେଇଛି ।

# ସମ୍ବଲପୁରୀ ଧନୁଯାତ୍ରା ଉଦ୍‌ଯାପିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗଙ୍ଗାଧର ମଣ୍ଡପରେ ୫ଦିନ ଧରି ଆୟୋଜିତ ହେଉଥିବା ସମ୍ବଲପୁରୀ ଧନୁଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସଂନ୍ଧ୍ୟାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୋଲିସ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ପୂର୍ବତନ ବିଧାୟକ ନାଉରୀ ନାୟକ , ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସମ୍ବଲପୁରୀ ଧନୁଯାତ୍ରା ସ୍ମରଣିକା ଉନ୍ମୋଚିତ ହୋଇଥିଲା । ଗୋପପୁରରେ କୃଷ୍ଣଲୀଳା ପରେ ଧନୁଯାତ୍ରା ପାଇଁ ଅକ୍ରୁର ଦୁଇ ଭାଇଙ୍କୁ ମଥୁରା ଘେନି ଆସିଥିଲେ । ଗୋପାଳଙ୍କ ସହ ଗୌଡବାଡି ଖେଳ, ଦହିହାଣ୍ଡି ଭାଙ୍ଗି ଦହିଖିଆ ଓ ମଥୁରା ଗମନ ଦୃଶ୍ୟ ଅଭିନିତ ହୋଇଥିଲା । ଶ୍ରୀକୃଷ୍ଣ ବଳରାମଙ୍କ ମଥୁରା ଯାତ୍ରା ସମୟରେ ଭାବ ବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା । ଅପରାହ୍ନରେ ବେନି ଭାଇ ରଥାରୁଢ ହୋଇ ଧନୁଯାତ୍ରାରେ ସାମିଲ ହେବା ପାଇଁ ମଥୁରା ନଗରରୀରେ ପହଞ୍ଚିଥିଲେ । ସେଠାରେ କୁବଜା ଉଦ୍ଧାର, ହସ୍ତିକୁ କାବୁ କରିବା ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା । ଏହାପରେ ଭଗବାନ ଶ୍ରୀକୃଷ୍ଣ ପାପାଚାରୀ କଂସ ବଦ୍ଧ ସହ ମାତା ଦେବକୀ ଓ ପିତା ବାସୁଦେବଙ୍କୁ କାରାଗାରରୁ ମୁକ୍ତ ଏବଂ ଉଗ୍ରେସନଙ୍କୁ ରାଜ୍ୟାଭିଷେକ କରିଥିଲେ । ପୂର୍ବରୁ ଦିବ୍ୟ ଧନୁଭଙ୍ଗ, ଅଷ୍ଟମଲ୍ଲଙ୍କୁ ମଧ୍ୟ ନିପାତ କରିଥିଲେ ।

# ନିଲମ୍ବିତ ରେଞ୍ଜରଙ୍କ ଘର ନିକଟରୁ ମିଳିଲା ମୃତ ହାତୀର ଦେହାବଶେଷ

ଭବାନୀପାଟଣା,(ସବ୍ୟୁ): କନ୍ଧମାଳ ଜିଲ୍ଲାର ବହୁ ଚର୍ଚ୍ଚିତ ବାଲିଗୁଡା ବନଖଣ୍ଡ ବେଲଘର ରେଞ୍ଜ ମୁଣ୍ଟୁଟି ଜଙ୍ଗଲର ମୃତ ହାତୀକୁ ଗାଏବ ଘଟଣା ର ପର୍ଦ୍ଦାଫାସ ହୋଇଛି । କଳାହାଣ୍ଡି ଜିଲ୍ଲା କେସିଙ୍ଗା ତହସିଲ ନିକଟରୁ ମିଳିଲା ମୃତ ହାତୀର ଖଣ୍ଡ ବିଖଣ୍ଡିତ ଦେହାବଶେଷ । ୭ଫୁଟ ତଳେ ସେଠାରେ ପୋତା ହୋଇଥିଲା। ଏହି ଘଟଣାରେ ନିଲମ୍ବିତ ହୋଇଥିବା ରେଞ୍ଜର ବିନୟ ବିଶି ଘର କନ୍ତେସିର ନିକଟସ୍ଥ ତହସିଲ ଯୋଜନା ନିକଟରୁ ମିଳିଲା ମୃତ ହାତୀର ଦେହାଂଶ । ହାତୀ ପୋତିବା ଘଟଣାରେ ସଂଶ୍ଲିଷ୍ଟ ଥିବା ବ୍ୟକ୍ତି ମାନଙ୍କ ସୂଚନା ଆଧାରରେ ବାଲିଗୁଡା ବନଖଣ୍ଡ ବିଭାଗ କଳାହାଣ୍ଡି ବନଖଣ୍ଡ ବିଭାଗ ଅଧିକାରୀମାନେ ଉପରୋକ୍ତ ସ୍ଥାନରେ ଅନୁସନ୍ଧାନ ପରେ ସ୍ଥାନ ପାଇଥିଲେ। ସ୍ଥାନ ଜଣା ପଡିବା ପରେ ଏହି ଅପରେସନକୁ ସମ୍ପୂର୍ଣ୍ଣ ଗୁପ୍ତ ରଖିବା ପାଇଁ ମିଳିଥିବା ସ୍ଥାନରେ ଗ୍ରୀନ ବ୍ୟାରିକେଡ଼ କରି ଘୋଡାଇଥିଲେ । ପରେ ଜେସିପି ଦ୍ୱାରା ମାଟି କଢା ଯାଇଥିଲା। ୭ଫୁଟ ତଳୁ ହାତୀର ଦେହାଂଶ ମିଳିବା ଆରମ୍ଭ ହୋଇଥିଲା। ହାତୀକୁ ଟିକି ଟିକି କରି କାଟି ପୋତା ହୋଇଥିଲା। ହାତୀ ଦେହାବଶେଷର ଅଧିକାଂଶ ପଚି ଶଢି ଯାଇଥିବାବେଳେ ହାତୀ ଶୁଣ୍ଢ,ଗୋଡ଼ ମୁଣ୍ଡ ଆଦି ମିଳିଥିଲା ।ପରେ ଭବାନୀପାଟଣା ଓ କେସିଙ୍ଗା ପ୍ରାଣୀ ଚିକିତ୍ସାଳୟର ବିଶେଷଜ୍ଞ ମାନେ ସେହି ସ୍ଥାନରେ ଶବ ବ୍ୟବଚ୍ଛେଦ କରିଥିଲେ।

ଏହି ଖବରରୁ ସମସ୍ତଙ୍କୁ ଦୁରେଇ ରଖାଯାଇଥିଲା। ଏମିତି କି ଗଣ ମାଧ୍ୟମ ପ୍ରତିନିଧିଙ୍କୁ ଫଟୋ ନେବାକୁ ବାରଣ କରାଯାଇଥିଲା। ବାଲିଗୁଡା ଡିଏଫଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅପରେସନ ହୋଇଥିଲା। କଳାହାଣ୍ଡି ଉତ୍ତର ବନଖଣ୍ଡ ଡି ଏଫ ଓ କନ୍ଧମାଳ ଜିଲ୍ଲାର ଅପରେସନ ହେଉଛି ବୋଲି କହିଥିଲେ। କନ୍ଧମାଳ ଜିଲ୍ଲାରୁ ଆସିଥିବା ବନ ବିଭାଗ ଅଧିକାରୀମାନେ କିଛି କହି ନଥିଲେ। ଏତେବଡ଼ ସମ୍ବେଦନଶୀଳଶୀଳ ଘଟଣାରେ ଅପରେସନ ବେଳେ ରାତି ହୋଇଥିଲେ ବି ମୋବାଇଲ ଲାଇଟ ରେ କିପରି ବ୍ୟବଚ୍ଛେଦ ହେଲା ତାହା ନେଇ ବନ ବିଭାଗ ତଦନ୍ତର ଦିଗ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆରମ୍ଭରୁ ଏହି ଘଟଣା ରେ ବନ ବିଭାଗ ର ତଦନ୍ତ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଘଟଣାରେ ସମ୍ପୃକ୍ତ ରେଞ୍ଜର ବିନୟ ବିଶିକୁ ନିଲମ୍ବିତ କରିଥିବାବେଳେ ତାଙ୍କ ଗାଁ ନିକଟରୁ ମିଳିଛି ମୃତ ହାତୀର ଖଣ୍ଡ ବିଖଣ୍ଡିତ ହାତୀର ଦେହର କିଛି ଅଂଶ । ବାଲିଗୁଡ଼ା ବନଖଣ୍ଡର ବେଲଘର ରେଞ୍ଜ ର ମୁଣ୍ଟୁଟି ଜଙ୍ଗଲରେ ଚଳିତ ମାସ ୫ ତାରିଖରେ ଏକ ହାତୀ ମୃତ୍ୟୁ ଘଟଣା ଚପାଇ ଦେବାକୁ ସ୍ଥାନୀୟ ରେଞ୍ଜର ଯୋଜନା କରିଥିଲେ ବୋଲି ଅଭିଯୋଗ ହେଉଛି ।

## ମହିଳାଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର

ଜୟପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ମୁଖୀଗୁଡାର ସେକ୍ଟର- ୩ ରେ ଜଣେ ବିବାହିତ ମହିଳାଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର ହୋଇଛି । ମୃତ ମହିଳା ହେଉଛନ୍ତି ମହିପାଣି ଗାଁ କୁମାରପଡାର ନୂତନ ମଞ୍ଜରୀ ଦାସ (୨୩)। ସେ ମୁଖୀଗୁଡାର କମଳାକାନ୍ତ ନାଏକଙ୍କୁ ବର୍ଷେ ତଳେ ପ୍ରେମ ବିବାହ କରିଥିଲେ। ତେବେ କମଳାକାନ୍ତଙ୍କ ପୂର୍ବ ସ୍ତ୍ରୀ ଏ ନେଇ ଜୟପାଟଣା ଥାନାରେ ଅଭିଯୋଗ କରୁଥିବା ବେଳେ ଜେଲ ମଧ ଯାଇଥିଲେ କମଳାକାନ୍ତ। ପୁନର୍ବାର କମଳାକାନ୍ତଙ୍କ ପୁର୍ବ ସ୍ତ୍ରୀ ଜୟପାଟଣା ଥାନାରେ ଅଭିଯୋଗ କରିଥିବା ବେଳେ ତାହା କୋର୍ଟରେ ବିଚାରଧୀନ ଅବସ୍ଥାରେ ରହିଛି।ତେବେ ହଠାତ ନୂତନ ମଞ୍ଜରୀଙ୍କ ମୃତ୍ୟୁ ସନ୍ଦେହ ସୃଷ୍ଟି କରିଛି। ଏହା ହତ୍ୟା ନା ଆତ୍ମହତ୍ୟା ତାହା ତଦନ୍ତ ପରେ ଜଣାପଡିବ ବୋଲି ସୂଚନା ମିଳିଛି।

## କନ୍ଧମାଳରେ ଗଠନ ହେଲା ନୂଆ ବ୍ୟବସାୟୀ ସଂଘ
## ପର୍ଶୁରାମ ସଭାପତି ଓ ସୁଧୀର ସମ୍ପାଦକ ମନୋନୀତ

କନ୍ଧମାଳ,(ସବ୍ୟୁ) : କନ୍ଧମାଳ ସଦର ମହକୁମାରେ ଗଠିତ ହୋଇଛି ଆଉ ଏକ ବ୍ୟବସାୟୀ ସଂଘ । ବୁଧବାର ସନ୍ଧ୍ୟାରେ ବ୍ୟବସାୟୀ ମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଗଙ୍ଗା ଟେଷ୍ଟ ହାଉସ ପରିସରରେ ଅନୁଷ୍ଠିତ ହୋଇଥିଲା ।ମୁଖ୍ୟ ଅତିଥି ଭାବେ ଆଇନଜୀବି କୈଳାଶ ଚନ୍ଦ୍ର ବାରିକ, ନିମନ୍ତ୍ରିତ ଅତିଥି ଭାବେ ବରିଷ୍ଠ ବ୍ୟବସାୟୀ କୁମର ସାହୁ ଓ ଭୀମସେନ ସାହୁ ଯୋଗ ଦେଇଥିଲେ ।ଉପସ୍ଥିତ ଅତିଥିମାନେ ବ୍ୟବସାୟୀ ମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା ସହ କ୍ଷୁଦ୍ର ଏବଂ ବଡ଼ ବ୍ୟବସାୟୀଙ୍କ ମଧ୍ୟରେ କୌଣସି ତାରତମ୍ୟ ନରଖିବା, କନ୍ଧମାଳ ଖାଉଟିଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବା, ବ୍ୟବସାୟ ସହିତ ସମାଜସେବା ଏବଂ କନ୍ଧମାଳର ବିକାଶ ପ୍ରତ୍ୟେକଙ୍କ ଲକ୍ଷ୍ୟ ରହିବା ଦରକାର ବୋଲି ନିଜ ବକ୍ତବ୍ୟରେ ମତାବ୍ୟକ୍ତ କରିଥିଲେ । ଅନ୍ୟାନ୍ୟ ପ୍ରତିନିଧିଙ୍କ ନିଜସ୍ୱ ମତକୁ ନେଇ ମହାଲକ୍ଷ୍ମୀ ବ୍ୟବସାୟୀ ସଂଘ ନାମରେ ଏକ ସଂଘ ଗଠନକୁ ନେଇ ପ୍ରସ୍ତାବ ଆଗତ କରିଥିଲେ । ସଂଘ ଗଠନ ସହ ନୂତନ କର୍ମକର୍ତ୍ତାଙ୍କ ନାମ ରଞ୍ଜିପ କୁମାର ସାହୁ ଘୋଷଣା କରିଥିଲେ । ନୂତନ ସଂଘର ସଭାପତିଭାବେ ପର୍ଶୁରାମ ସ୍ୱାଇଁ (ସଭାପତି), ଚୈତନ୍ୟ ରଣା, ଉପ -ସଭାପତି, ସୁଧୀର କୁମାର ପାଣିଗ୍ରାହୀ (ସମ୍ପାଦକ), ପ୍ରଦୀପ କୁମାର ପ୍ରଧାନ (ସହ-ସମ୍ପାଦକ) ଓ ଲଳିତ କୁମାର ସାହୁ (କୋଷାଧ୍ୟକ୍ଷ) ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଦୁର୍ଗେଶ ବାରିକ, ଗଙ୍ଗାଧର ଛତ୍ରିଆ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଜଗନ୍ନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଜଣା ଗାଡ଼ି ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ

ଅମ୍ବାଭୋନା,(ସବ୍ୟୁ): ବରଗଡ଼ ଜିଲ୍ଲା ଅନ୍ତର୍ଗତ ଅମ୍ବାଭୋନା ବ୍ଲକ ଭୁକ୍ତା ଗ୍ରାମର ସୁରେଶନ ସାହୁଙ୍କ ପୁଅ ପ୍ରିୟଦର୍ଶୀ ଅରୂପ କୁମାର ସାହୁ (ବାପି) (୨୮), ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ପ୍ରିୟଦର୍ଶୀ ସମ୍ବଲପୁରରୁ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିବା ବେଳେ ଭଟଲି ସ୍ଥିତ ନୂତନ ଥାନା ନିକଟରେ ଏକ ଅଜଣା ଗାଡ଼ି ତାଙ୍କ ବାଇକ୍ କୁ ଧକ୍କା ଦେଇଥିଲା। ଧକ୍କା ଏତେ ଭୟାବହ ଥିଲା ଯେ ସେ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ମୃତକ ପ୍ରିୟଦର୍ଶୀ ସମ୍ବଲପୁର ମ୍ୟୁନିସିପାଲଟି କାର୍ଯ୍ୟାଳୟରେ ସୁପରଭାଇଜର ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଭୁକ୍ତା ଗ୍ରାମ ସହ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଘଟଣାର ସୂଚନା ପାଇ ଭଟଲି ପୁଲିସ୍ ଘଟଣାସ୍ଥଳକୁ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ, ଅଜଣା ଗାଡ଼ିଟିକୁ ଚିହ୍ନଟ କରିବା ପାଇଁ ତଦନ୍ତ ଆରମ୍ଭ କରିଛି। ଏହି ଦୁଃଖଦ ଘଟଣା ପରେ ଭୁକ୍ତା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଯୁବକ ସଂଘ, ଅମ୍ବାଭୋନା ବ୍ଲକ ସାମ୍ବାଦିକ ସଂଘ, ବ୍ୟବସାୟିକ ସଂଘ, ଅମ୍ବାଭୋନା ବ୍ଲକ ଗୁଡ଼ିଆ ସମାଜ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମୃତକଙ୍କ ବାସଭବନକୁ ପହଞ୍ଚି ଶେଷ ଦର୍ଶନ କରି ଶୋକାକୁଳ ପରିବାରକୁ ସମବେଦନା ଜଣାଇଥିଲେ। ଅନ୍ତିମ ସତ୍କାର ସମୟରେ ମୃତକଙ୍କ ସାନ ଭାଇ କାହ୍ନା ମୁଖାଗ୍ନି ଦେଇଥିଲେ।

## ଘରୋଇ ଆମ୍ବୁଲାନ୍ସ ଯୋଗୁଁ ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ଜୀବନ ବଞ୍ଚିଲା

ବଙ୍ଗୋମୁଣ୍ଡା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା- ଖଡ଼ିଆଳ ୫୯ ନମ୍ବର ଜାତୀୟ ରାଜପଥ ମୋହରା ଛକ ଠାରେ ବାଇକ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ଭାବେ ପଡି ରହିଥିବା ବେଳେ ଘରୋଇ ଆମ୍ବୁଲାନ୍ସରେ ଡାକ୍ତରଖାନାରେ ଭର୍ତ୍ତି କରି ଜୀବନକୁ ବଞ୍ଚାଇ ଥିବା ନେଇ ସୂଚନା ମିଳିଛି । ସୂଚନା ଅନୁସାରେ ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ମୁକ୍ତାପୁର ଗାଁର ଉମେଶ ତାଣ୍ଡି ମୋହରା ଛକ ନିକଟରେ କୌଣସି କାରଣରୁ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟି ରାସ୍ତା କଡରେ ପଡିଥିଲେ । ସେହି ରାସ୍ତା ଦେଇ ଆସୁଥିବା ଜାମୁଟଝୁଲା ଗାଁର ହୃଷିକେଶ ମହାନନ୍ଦ ସ୍ଥାନୀୟ ଲୋକଙ୍କୁ କହିବା ସହ ୧୦୮ ଆମ୍ବୁଲାନ୍ସଙ୍କୁ ଯୋଗା ଯୋଗ କରିଥିଲେ ମଧ ଆମ୍ବୁଲାନ୍ସ ଆସି ନଥିଲା। ପରବର୍ତ୍ତୀ ସମୟରେ ଭାଲୁମୁଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଉପେନ୍ଦ୍ର ମେହେରଙ୍କୁ ଯୋଗାଯୋଗ କରି ଘରୋଇ ଆମ୍ବୁଲାନ୍ସ ଆଣିବା ପାଇଁ କହିଥିଲେ । ଶୀଘ୍ର ଦୁର୍ଘଟଣା ହୋଇଥିବା ସ୍ଥାନକୁ ଯାଇ ଗୁରୁତର ଯୁବକଙ୍କୁ ଉଦ୍ଧାର କରି ଖଡ଼ିଆଳ ଡ଼ାକ୍ତର ଖାନା ରେ ଭର୍ତ୍ତି କରିଛନ୍ତି ।

## ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ : ସେମିରେ ତାଳଚେର

ପଦ୍ମପୁର,(ସବ୍ୟୁ): ପଦ୍ମପୁର ନିକଟସ୍ଥ ଖଇରପାଲି ହାଇସ୍କୁଲ ପଡ଼ିଆରେ ଗୋଲ୍ଡେନ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ୧୩ତମ ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ କପର ଦ୍ୱିତୀୟ ଦିବସର ଖେଳରେ ୪ ଗୋଟି ଦଳ ମଧ୍ୟରୁ ତାଳଚେର କ୍ୱାଟର ଫାଇନାଲ ମ୍ୟାଚରେ ରାଞ୍ଚିକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ଦିନର ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବରେ ପଦ୍ମପୁରର ଥାନା ଅଧିକାରୀ ମମତା ନାୟକ ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ ଭାବରେ ତାଳଚେର ଦଳର ଜଗତଙ୍କୁ ପୁରସ୍କୃତ କରିଥିଲେ। ଅମ୍ପାୟାର ସନମ ସାହୁ, ଅନ୍ତର୍ଯ୍ୟାମୀ ପଧାନ ପରିଚାଳନା କରିଥିବା ବେଳେ ସୁନିଲ, ସନ୍ତୋଷ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ବୁଦ୍ଧଦେବ ମହାରଣା ଓ କୁମାର ଆନନ୍ଦ ଧାରାବିବରଣୀ ପ୍ରଦାନ କରିଥିଲେ ।




## ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉଦ୍‌ଘାଟିତ



ନର୍ଲା,(ସବ୍ୟୁ): ଜନସାଧାରଣଙ୍କ ହାତ ପାହାନ୍ତା ଚିକିତ୍ସାର ସୁବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ଥାପନ ପାଇଁ ଘୋଷଣା କରିଛନ୍ତି । ଏହି ପରିପ୍ରେକ୍ଷୀରେ ଗୁରୁବାର ଦିନ ନର୍ଲା ବ୍ଲକ ବାଲସିଙ୍ଗା ଗ୍ରାମପଞ୍ଚାୟତର ସାଲେପଡା ଠାରେ ନୂତନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସହ ନୂତନ ଗ୍ରାମପଞ୍ଚାୟତ ଗୃହ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେଓ ଯୋଗଦେଇ ଉଦ୍ଘାଟନ କରିଥିଲେ । ଏହି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ବାଲସିଙ୍ଗା ସରପଞ୍ଚ ପୂଜା ସିରୋନୋଭା ସ୍ୱାଇଁ, ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ଉପସଭାପତି ଆଶୁତୋଷ ପାଢ଼ୀ, ବରିଷ୍ଠ ବିଜେପି ନେତା ଗଗନ ସା ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମର ବହୁ ବରିଷ୍ଠ ବ୍ୟକ୍ତି, ଆଶା କର୍ମୀ, ଏସଏଚ ଜି ମହିଳା ସହ ଜନସାଧାରଣ ଉପସ୍ଥିତ ଥିଲେ ।

## ପାର୍ବତୀ ଗିରିଙ୍କ ଜନ୍ମ ଶତ ବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି

ବରଗଡ,(ସବ୍ୟୁ) : ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜନ୍ମ ଶତ ବାର୍ଷିକୀ ଅବସରରେ ବରଗଡ ସାମ୍ବାଦିକ ସଂଘ ଓ ବଡ ମା ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି। ସକାଳେ ପ୍ରଥମେ ସଦସ୍ୟ ମାନେ ବରଗଡ ସହର ମଧ୍ୟରେ ଥିବା ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ସମ୍ମୁଖରେ ସ୍ଥାପିତ ପାର୍ବତୀ ଗିରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ପ୍ରାଇଭେଟ୍ ବସଷ୍ଟାଣ୍ଡ ପାଖରେ ଥିବା ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଜ୍ଞାପନ କରି ପବିତ୍ର ଜନ୍ମ ଦିବସରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଏଥିରେ ବରଗଡ଼ ସାମ୍ବାଦିକ ସଂଘର ସଭାପତି ସୁରେନ୍ଦ୍ର କୁମାର ହୋତା , ଉପ ସଭାପତି ବିରେନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରେମାନନ୍ଦ ଖମାରୀ , ବରିଷ୍ଠ ସଦସ୍ୟ ପ୍ରସନ୍ନ ମିଶ୍ର, ରବି ପଣ୍ଡା, ଉମେଶ ଚନ୍ଦ୍ର ବିଶ୍ୱାଳ,ରମଣୀ ରଂଜନ ବେହେରା, ବ୍ୟୋମକେଶ କର, ମହେନ୍ଦ୍ର କୁମାର ସାହୁ , ପ୍ରଦୀପ ପାଢ଼ୀ, ସାମ୍ବାଦିକ ତୁଳସୀ ଚରଣ ଦାଶ , ସରୋଜ ଷଡ଼ଙ୍ଗୀ, ଦିଲ୍ଲୀପ ଆଚାର୍ଯ୍ୟ , ପଂଚାୟତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପତିତପାବନ ସାହୁ, ବଡ଼ ମା ପରିବାରର ଚଳଚ୍ଚିତ୍ର ନିର୍ଦ୍ଦେଶକ ଲିଟୁ ମହାନ୍ତି , କାଉନସିଲର ସୁନନ୍ଦା ପଣ୍ଡା, ସତ୍ୟନାରାୟଣ ପଣ୍ଡା, କନକ ଡନସନା, ତପସ୍ୱିନୀ ଗୁରୁ, ରାଧାରାଣୀ ମିଶ୍ର, ପ୍ରୀତି ଗୁରୁ, ଅନୁପମା ଘିବେଲା ଓ ଅରୁଣା ଘିବେଲା ପ୍ରମୁଖ ଉପସ୍ଥିତ ଥିଲେ।

## ଗୋ-ମାଂସ ଜବତ, ଥାନାରେ ଅଭିଯୋଗ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ହୀରାକୁଦ ଥାନା ଅନ୍ତର୍ଗତ ନୂଆଜାମଡା ନିକଟରୁ ଗୋମାଂସ ଜବତ ହୋଇଛି । ଏନେଇ ଗୁର୍ଜିତ ବୟସ ସିଂ ରାଇନା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ପୋଲିସ ଗୋମାଂସକୁ ଜବତ କରିଛି । ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ଏନେଇ କାହାକୁ ଗିରଫ କରାଯାଇ ନଥିବା ଜଣାପଡିଛି । ସୂଚନାଯୋଗ୍ୟ, ନୂଆଜାମଡା ଅଳିନଡ ଛକ ନିକଟରେ କିଛି ଯୁବକ ଏକ ଛୋଟ ବାଛୁରୀର ମାଂସ କାଟୁଥିଲେ । ସେମାନେ ମାଂସ ଖାଇବା ଓ ବିକ୍ରି କରିବାକୁ କାଟୁଥିବା ବେଳେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଗୋମାଂସ ଜବତ କରିଛି । ଏ ସମ୍ପର୍କରେ ହୀରାକୁଦ ଥାନା ଅଧିକାରୀ ସନୟ କୁମାର ନାୟକଙ୍କୁ ପଚାରିବାରୁ ଏକ ମଲା ବାଛୁରୀକୁ ଫିଙ୍ଗି ଦେବାକୁ ଜଣେ ବ୍ୟକ୍ତି ଏମାନଙ୍କୁ ଦେଇଥିଲେ । ତେବେ ସେମାନେ ଖାଇବା ଉଦ୍ଦେଶ୍ୟରେ କାଟୁଥିବା ଜଣାପଡିଛି ବୋଲି କହିଥିଲେ ।

## ଡାକ୍ତରଖାନା ଉପରେ ଭରଷା ହରାଉଛନ୍ତି ରୋଗୀ

କୁଚିଣ୍ଡା,(ସବ୍ୟୁ): ସମ୍ବରପୁର ଜିଲ୍ଲା କୁଚିଣ୍ଡାସ୍ଥିତ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ଚିକିତ୍ସାରେ ଘୋର ସମାସ୍ୟା ଦେଖାଦେଇଛି' । ରୋଗୀ ଡ଼େଲିଭରୀ,କିମ୍ବା କୌଣସି ରୋଗର ଚିକିତ୍ସା ନିମନ୍ତେ ଆସିଲେ ଆଶୁ ଚିକିତ୍ସା ପରେ, ବୁର୍ଲା, ସମ୍ବଲପୁର,କିମ୍ବା ଝାରସୁଗୁଡା ଇତ୍ୟାଦି ଡାକ୍ତରଖାନାକୁ ରେଫର କରିଦିଆଯାଉଛି'କେତେବେଳେ ଅପରେଶନ୍ ପାଇଁ ନିଶା ଡ଼ାକ୍ତର ନଥିବାବେଳେ ଆଉ କେତେବେଳେ ଅନ୍ୟକିଛି । ବିଭିନ୍ନ ଆଳ ନେଇ ରେଫର କରାଯାଉଥିବା ଗୁରୁତର ଅଭିଯୋଗ ହେଉଛି। ଏଠାରେ ୨ ଜଣ ଶିଶୁ ରୋଗ ବିଶେଷଜ୍ଞ,୨ଜଣ ମେଡିସିନ୍ ବିଶେଷଜ୍ଞ, ସର୍ଜରୀ ବିଶେଷଜ୍ଞ ଓ ଅନ୍ୟ ବିଭାଗୟ ଡାକ୍ତର ମଧ ଅଛନ୍ତି। କିନ୍ତୁ ସେମାନେ କ୍ଲିନିକ ବ୍ୟବସ୍ଥା ଉପରେ ଧ୍ୟାନ ଦେଇଥିବା ବେଳେ, ଡାକ୍ତରଖାନାକୁ ଆସୁଥିବା ଗରୀବ ରୋଗୀଙ୍କୁ ଅନ୍ୟତ୍ର ରେଫର ପ୍ରକିୟାଜାରୀ ରହିଛି। ତେଣୁ ରୋଗୀ ମହରଗରୁ ଯାଇ କାନ୍ତାରେ ପଡି ହଇରାଣ ହେଉଛନ୍ତି। ଏଣେ ଯିବା ବାଟରେ ରୋଗୀଟି ମୃତ୍ୟୁ ମୁଖରେ ଜୀବନ ଯାଉଥିବା ମଧ ନଜିର ରହିଛି। କାରଣ କୁଚିଣ୍ଡାରୁ ସମ୍ବଲପୁରକୁ ପ୍ରାୟ ୮୫ ଓ ଅନ୍ୟ ବାଟରେ ଗଲେ ୭୦ କିଲୋମିଟର ଦୁରରେ ଥିବାବେଳେ, ବୁର୍ଲାକୁ ପ୍ରାୟ ୧୦୦ କିଲୋ ମିଟର ଗଲେ ଯାଇ ଚିକିତ୍ସା ସେବା ପାଉଛନ୍ତି ।

ପୁର୍ବରୁ କୁଚିଣ୍ଡା ଡାକ୍ତରଖାନା ଚିକିତ୍ସା ପଦ୍ଧତି ରେ ସୁନାମ ରହିଥିଲା। ଯାହାକି ଦେବଗଡ଼ ଜିଲ୍ଲାର ତିଳେଇବଣୀ ବ୍ଲକ୍ ଲାଇ ସୁରା ଅଞ୍ଚଳ, ସୁନ୍ଦରଗଡ଼ ଜିଲ୍ଲାର ଗୁରୁଣ୍ଡିଆ ବ୍ଲକ୍ ଅନ୍ତର୍ଗତ ଜରଡା ଅଞ୍ଚଳ ଏବଂ ଝାରସୁଗୁଡା ଜିଲ୍ଲାର କିର୍ମିରା ଓ ଲଇକେରା ଏବଂ କୁଚିଣ୍ଡା ଉପଖଣ୍ଡର ୩ଗୋଟି ବ୍ଲକର ଲୋକଙ୍କ ଆଶା ଓ ଭରସା ଏହି ଡାକ୍ତର ଖାନା ନିର୍ଭରଯୋଗ୍ୟ ରହିଥିଲା। ଏବେ ଆଉ ରୋଗୀଙ୍କ ଭରଷା ନାହିଁ, କିମ୍ବା ଚିକିତ୍ସା ଭରଷା ନାହିଁ। ସାମାନ୍ୟ ଜ୍ୱର ହେଲେ ବି ରୋଗୀଟିକୁ ଅନ୍ୟତ୍ର ପଠାଉଥିବା ଦୃଢ଼ ଅଭିଯୋଗ ପରେ ମଧ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ତେଣୁ ଜନସାଧାରଣଙ୍କ ଭରଷା ଛିନ୍ନ ହେଉଛି,ଏଣେ ଉପଖଣ୍ଡର ଅନ୍ୟତ୍ର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଡାକ୍ତର ଅଭାବ ରହିଥିବାବେଳେ. ଯେଉଁଠି ଡାକ୍ତର ନିଯୁକ୍ତ ଥାଇ ମଧ ଡ୍ୟୁଟିରେ ଯୋଗଦାନ କରୁନଥିବା ଅଭିଯୋଗ ହେଉଛି । ଏହାର ସ୍ଥାୟୀ ସମାଧାନ ନିମନ୍ତେ ସବୁ ମହଲରେ ଦୃଢ଼ ଦାବି ହେଉଛି ।

# ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



କଲମପୁର,(ସବ୍ୟୁ): କଲମପୁର ବ୍ଲକ ଦୁଲୁକିବନ୍ଧ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟତ୍ରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ କଲମପୁର ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଜଣେ ଛାତ୍ର ବତ୍ସଳ ସାହିତ୍ୟିକ ଖଳିଆଭଟା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଉତ୍ସବ ପାଳନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀ ମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ଏକ ଆଧାର ବୋଲି ବକ୍ତବ୍ୟ ରଖିଥିଲେ । ଜିଲ୍ଲା ପରିଷଦ ସଦସ୍ୟା ଦୁହିତା ମାଝୀ,ସରପଞ୍ଚ ବାଳକୃଷ୍ଣ ମାଝୀ, । ଆଶିଷ କୁମାର ପଣ୍ଡା, କନିଷ୍ଠ ଯନ୍ତ୍ରୀ ପିତାମ୍ବର ହେମ୍ବ୍ରମ, ଏସ ଏମ ସି ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଶବର, ଶିକ୍ଷକ ରମାକାନ୍ତ ନାୟକ,ଅବସର ପ୍ରାପ୍ତ ଶିକ୍ଷକ ଟିକଚନ ସୁନାନୀ,ସୁଶିଲ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ବିଜ୍ଞାନ ଶିକ୍ଷକ ପ୍ରମୋଦ ଛତ୍ରିଆ ମଞ୍ଚ ପରିଚାଳନା କରିଥିବାବେଳେ ବାଳିକା ମାନେ ବହୁତ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସମସ୍ତଙ୍କୁ ମୁଗ୍ଧ କରିଥିଲେ । ସ୍କୁଲ ଛାତ୍ରୀ ମାନଙ୍କ ସମେତ ସ୍କାଉଟ ଛାତ୍ରୀ ମାନଙ୍କ ସହଯୋଗରେ ଶୃଙ୍ଖଳା ସହିତ ଉତ୍ସବର ସମାପନ ହୋଇଥିଲା ।

# ଭାରତ ନିର୍ବାଚନ କମିଶନ ପକ୍ଷରୁ ସମ୍ବର୍ଦ୍ଧିତ ହେବେ ନୂଆପଡା ଜିଲ୍ଲାପାଳ



ନୂଆପଡା,(ସବ୍ୟୁ): ଭାରତ ନିର୍ବାଚନ କମିଶନ ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କୁ ପତ୍ର ମଧ ମାଧମରେ ସୂଚନା ଦିଆଯାଇଛି ଯେ, ନୂଆପଡା, ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଉତ୍ତମ ନିର୍ବାଚନ ପରିଚାଳନା ଓ ଲଜିଷ୍ଟିକ୍ସ ପାଇଁ ଜାତୀୟ ଭୋଟର ଦିବସ ଅବସରରେ ଜାତୀୟ ସ୍ତରରେ ସମ୍ବର୍ଦ୍ଧିତ କରାଯିବ ।

ଏହି ପୁରସ୍କାର ୨୫ ଜାନୁଆରୀ ୨୦୨୬ ରେ ଦିଲ୍ଲୀ କ୍ୟାଣ୍ଟନମେଣ୍ଟ, ନୂଆଦିଲ୍ଲୀରେ ମାନେକ୍ସା ସେଣ୍ଟରରେ ପାଳନ ହେବାକୁ ଥିବା ଜାତୀୟ ଭୋଟର ଦିବସ ଦିନ ପ୍ରଦାନ କରାଯିବ। ଶ୍ରେଷ୍ଠ ନିର୍ବାଚନ ଜିଲ୍ଲା ବର୍ଗ ରେ ଏହି ପୁରସ୍କାର ପ୍ରଦାନ କରାଯାଉଛି । ସୂଚନାଯୋଗ୍ୟ ଯେ ନିକଟ ଅତୀତରେ ଜିଲ୍ଲା ପ୍ରଶାସନ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ବଳିଷ୍ଠ ଦିଗ ଦର୍ଶନରେ ଅତ୍ୟନ୍ତ ସଫଳତାର ସହିତ ମୁକ୍ତ, ଅବାଧ ଏବଂ ନିରପେକ୍ଷ ଭାବରେ ନୂଆପଡା ବିଧାନସଭା ଉପନିର୍ବାଚନ ସମ୍ପନ୍ନ କରିଛନ୍ତି । ଏହି ଉପ-ନିର୍ବାଚନରେ ଅନେକ ଉତ୍ତମ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଦୁର୍ଗମ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ଲଜିଷ୍ଟିକ୍ ଚ୍ୟାଲେଞ୍ଜକୁ ଦୂର କରିବା ପାଇଁ ହେଲିକପ୍ଟରକୁ ଅଭିନବ ଭାବରେ ବ୍ୟବହାର କରାଯାଇଥିଲା। ପ୍ରମୁଖ ଉଦ୍ଭାବନ ମଧ୍ୟରେ ଜି ଆଇ ଏସ୍ ଆଧାରିତ ସର୍ଟି ଯୋଜନା ଥିଲା। ସମନ୍ୱିତ ଏୟାର-ଗ୍ରାଉଣ୍ଡ ସମନ୍ୱୟ ଏବଂ ଏୟାର ଏବଂ ଗ୍ରାଉଣ୍ଡ ରୁଟ୍ ମିଶ୍ରଣ କରି ଏକ ହାଇବ୍ରିଡ୍ ପରିବହନ ମଡେଲ୍ ଅନ୍ତର୍ଭୁକ୍ତ ଥିଲା । ପ୍ରତିକୂଳ ପାଗରେ ମଧ ନିର୍ବାଚନ କାର୍ଯ୍ୟକୁ ଆଗେଇ ନେବା ପାଇଁ ସୁନାବେଡାରେ ଏକ ସ୍ଥାୟୀ ହେଲିପ୍ୟାଡ୍ ନିର୍ମାଣ କରାଯାଇଥିଲା। ଫଳରେ କୌଣସି ଭୋଟର ଭୋଟ ଦାନରୁ ବଞ୍ଚିତ ହେବେ ନାହିଁ ନୀତିକୁ ବଜାୟ ରଖି ଶତ ପ୍ରତିଶତ ପୋଲିଂ ଟିମ୍ ନିୟୋଜିତ କରିବା, ଶୂନ୍ୟ ପରିବହନ ଅଘଟଣ ଏବଂ ଭୋଟରଙ୍କ ଯୋଗଦାନ ବୃଦ୍ଧି କରାଯାଇଥିଲା। ଏହି ପଦକ୍ଷେପ ଗୁଡ଼ିକ ସୁରକ୍ଷିତ, ଦକ୍ଷ ଏବଂ ଅନ୍ତର୍ଭୁକ୍ତ ନିର୍ବାଚନ ପରିଚାଳନାକୁ ସୁନିଶ୍ଚିତ କରିଥିଲା। ଯାହା ଦୁର୍ଗମ କଷ୍ଟକର ଅଞ୍ଚଳରେ ଭବିଷ୍ୟତ ନିର୍ବାଚନ ପାଇଁ ସମଗ୍ର ଦେଶରେ ଏକ ମାନଦଣ୍ଡ ସ୍ଥାପନ କରିଥିଲା। ଆହୁରି ମଧ ଏହି ନିର୍ବାଚନରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସଫଳ ଉପଯୋଗ କରାଯାଇଥିଲା । ଏଥିପାଇଁ ନୂଆପଡା ଉପନିର୍ବାଚନରେ ୮୩.୪୫ ପ୍ରତିଶତ ମତଦାନ ହୋଇ ସମଗ୍ର ଦେଶରେ ଏହିଦିନ ହୋଇଥିବା ସମସ୍ତ ନିର୍ବାଚନରେ ପୋଲିଂରେ ପ୍ରଥମ ସ୍ଥାନ ଅଧିକାର କରିଥିଲା ।

# ଜିଲ୍ଲାସ୍ତରୀୟ ପିଏମ ଶ୍ରୀ ଉତ୍ସବ -୨୦୨୬ ଉଦ୍‌ଘାଟିତ



ମାଲକାନଗିରି,(ସବ୍ୟୁ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆୟୋଜିତ ଜିଲ୍ଲାସ୍ତରୀୟ ପିଏମ ଶ୍ରୀ ଉତ୍ସବ - ମାଲକାନଗିରି ଜିଲ୍ଲା ଗୁରୁବାର ଉଦଘାଟିତ ହୋଇଯାଇଛି । ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ସଭାପତିତ୍ୱରେ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଂଜ ପାଣିଗ୍ରାହୀଙ୍କ ଅବାହନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମାଲାକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ବାଲିମେଲା ବିଜ୍ଞାପିତ ପରିଷଦ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ସଂସଦ ପ୍ରତିନିଧି ସଂଜୟ କୁମାର ସରକାର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭାଗିରଥୀ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ମନ୍ତ୍ରୀଙ୍କ କରକମଳରେ ପୁନର୍ବାସ ଯୋଜନା ଅଧିନରେ ପାଞ୍ଚ ଜଣ କର୍ମଚାରୀଙ୍କୁ ପ୍ରଦତ୍ତ ନିଯୁକ୍ତି ପତ୍ର ପ୍ରଦାନ ସହ ଜର୍ଣ୍ଣାଲ ଉନ୍ମୋଚନ ସହିତ ସମଗ୍ର ଶିକ୍ଷା ମାଲାକାନଗିରି କ୍ୟାଲେଣ୍ଡର -୨୦୨୬ର ଉନ୍ମୋଚନ ହୋଇଥିଲା ।

ଇଚ୍ଛା ଶକ୍ତି ଥିଲେ ଅସମ୍ଭବ ବି ସମ୍ଭବ ହୋଇ ପାରିବ ଏବଂ ଜୀବନରେ ସଫଳତା ପାଇଁ କଠିନ ପରିଶ୍ରମ ଏକାନ୍ତ ଆବଶ୍ୟକ ରହିଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ପ୍ରକାଶ କରିଥିଲେ । ପିଲାମାନଙ୍କ ଦ୍ୱାର ଆୟୋଜିତ ହୋଇଥିବା ପ୍ରଦର୍ଶନୀ ଉଦ୍ଘାଟନ ସହ ପ୍ରଦର୍ଶନ, ପିମଶ୍ରୀ ବିଦ୍ୟାଳୟ ପ୍ରାଚୀର ପତ୍ରିକା ଓ ଜ୍ଞାନ କାନ୍ଥ ମାନ୍ୟବର ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଆକାଂକ୍ଷୀ ମେଳା ଇନ୍ସପାଏରି ଓଡ଼ିଶା୨୦୩୬ ଷ୍ଟଲ, ପିମଶ୍ରୀ ଆକାଂକ୍ଷୀ ଛାତ୍ର ପରିଷଦ ଷ୍ଟଲ, ଦୋକାନ ଯାତ୍ରା ପିମଶ୍ରୀ ବିଜନେସ ସମିଟ ଷ୍ଟଲ, ଆକାଂକ୍ଷୀ ଛାତ୍ର ପରିଷଦ ଟାଲେଣ୍ଟ ଗ୍ୟାଲେରୀ, ଭୋକସନଲ ଷ୍ଟଲ, କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସୃଜନଶୀଳ ପ୍ରବନ୍ଧ, ଗଳ୍ପ ଓ ପଟ୍ଟଚିତ୍ର ପ୍ରମୁଖ ସ୍ଥାନ ପାଇଅଛି । ଯାହାକି ଶ୍ରୀକ୍ଷାର୍ଥୀ ମାନଙ୍କର ବୌଧିକ ମାନସିକ ଏବଂ ସାମଗ୍ରୀକ ବିକାଶରେ ସହାୟକ ହେବ । ଏକ ବିଂଶ ଶତାବ୍ଦୀ ଜୀବନ କୌଶଳ କୁ ଆୟତ କରିବାର ଦକ୍ଷତା ଗୁଡ଼ିକୁ ଶିକ୍ଷାର୍ଥୀ ମାନେ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ଦେବରାଜ ସେଠୀ ପରିଚାଳନା କରିଥିଲା ବେଳେ ଏହାର ସଫଳ ରୂପାୟନ ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଲକାନଗିରି ମମତା ସୟ, ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ବାରୋଇ ,ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଥିଲି ସୁମିତ ବିଶ୍ୱାସ, ଗୋଷ୍ଠୀ ଶିକ୍ଷା ଅଧିକାରୀ କୋରକଣ୍ଡା ଗାୟତ୍ରୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲା ।

# ବଲାଙ୍ଗିର ଲୋକ ଉତ୍ସବ

## ଆମ କଳା, ସଂସ୍କୃତି ଓ ପରମ୍ପରା ଅନନ୍ୟ

ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ କୋଶଳ କଳା ମଣ୍ଡପରେ ଆୟୋଜିତ ତ୍ରୟୋବିଂଶତମ ବଲାଙ୍ଗିର ଲୋକ ଉତ୍ସବର ଚତୁର୍ଥ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ କଳାପ୍ରେମୀ । ସକାଳେ ଜୟଦେବ କଳାସଂସଦ, ବଲାଙ୍ଗିର ପକ୍ଷରୁ ନୂତନ ମଞ୍ଚ ଠାରେ ଭକ୍ତିସଂଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୁରୁଣା ମଞ୍ଚରେ ଜିଲ୍ଲାସ୍ତରୀୟ ଲୋକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।




ଜିଲ୍ଲାସ୍ତରୀୟ ଦଳୀୟ ପ୍ରତିଯୋଗିତାରେ ଘୁଙ୍ଗୁରୁ କଳାପରିଷଦ, ପୁଇଁନ୍ତଲା, ବୁଢାଦେଓ, କରମଶାନୀ ଦଳ, ବଲାଙ୍ଗିର, ମାହେଶ୍ୱରୀ ନଚନିଆଦ, ଦେଓଗାଁ, କରମା ଦଳ, ବୁରୋମାଲ, କୃଷ୍ଣଗୁରୁ ଦଳ ସଲେପାଲି, କଳଙ୍ଗୀ ନୃତ୍ୟ, ପତରାପାଲି, ମାଁ ହରଚଣ୍ଡୀ ଢାପ ବଙ୍ଗୋମୁଣ୍ଡା, ଚଣ୍ଡୀ ସମଲାଇ ଗଉଡ ବାଡ଼ି, ଟିଟିଲାଗଡ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟା କାର୍ଯ୍ୟକ୍ରମରେ ଲୋକଉତ୍ସବ ସାଂସ୍କୃତିକ କମିଟି ପକ୍ଷରୁ ଆକାଶବାଣୀ କଳାକାରଙ୍କ ଦ୍ୱାରା ଲୋକ ସଂଗୀତ ବିଚିତ୍ରା ନୂତନ ମଞ୍ଚରେ ଅନୁଷ୍ଠିତ ହୋଇଥିଲା ।

ବଲାଙ୍ଗିର ଜିଲ୍ଲା ପରିଷଦ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ତରଣି ସେନ ସୁନାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମଞ୍ଚାସୀନ ଥିଲେ ।ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠୀ, ସେମିନାର କମିଟି ଅଧ୍ୟକ୍ଷ ପରାଶର ବାଗ, ଖାଦ୍ୟ ଓ ଆବାସ କମିଟି ସହ ଅଧ୍ୟକ୍ଷ ସୋମନାଥ ମିଶ୍ର, ଅର୍ଥ କମିଟି ସହ ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଟିଟିଲାଗଡ ଲିମପଡ଼ାର ବରିଷ୍ଠ କଳାକାର ସୁଦର୍ଶନ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଲୋକଉତ୍ସବ ପଶ୍ଚିମ ଓଡ଼ିଶାର ଅନ୍ୟତମ ବଡ ଉତ୍ସବ, ଏହା କେବଳ କଳା ପ୍ରଦର୍ଶନର ମଞ୍ଚ ନୁହଁ ବରଂ ବଲାଙ୍ଗିର ଜିଲ୍ଲାର ଆତ୍ମା ବୋଲି କହିଥିଲେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ବାଗ। ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ ସୋମନାଥ ମିଶ୍ରଙ୍କ ଦ୍ୱାରା ହୋଇଥିବାବେଳେ ଅର୍ଥ କମିଟି ସହ ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀ ସ୍ୱାଗତ ସମ୍ଭାଷଣ ଦେଇଥିଲେ । ସେମିନାର କମିଟି ଅଧ୍ୟକ୍ଷ ଶ୍ରୀ ବାଗ ଧନ୍ୟବାଦ ଅର୍ପଣ କରିଥିଲେ । ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମରେ ମହାରାଷ୍ଟ୍ରର ଲାବଣି , ହରିୟଣାର ଘୁମର, ପଶ୍ଚିମବଙ୍ଗର ପୁରୁଲିଆ ଛଉ, ଉମରକୋଟର ମୋହିନୀ ନାଟ୍ୟମ, କାଶ୍ମୀରର ବଛାନାଗମ, ବଲାଙ୍ଗିରର ପଞ୍ଚମ, ପାଟଣାଗଡ଼ର ଅଭିଲା କଳାପରିଷଦ, ବଲାଙ୍ଗିରର ରାଧାରାଣୀ ସଂସ୍କୃତି ସାଂସଦ, ଝାଡ଼ଖଣ୍ଡର ସରାଇକେଲା ଛଉ, ଟିଟିଲାଗଡର ପାୟଲ ନୃତ୍ୟ ଦଳ ପ୍ରମୁଖ ସାଂସ୍କୃତିକ ଦଳ ଲୋକ ଉତ୍ସବର ଚତୁର୍ଥ ରଜନୀରେ ଅଂଶଗ୍ରହଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ ।

# ଅନାସ୍ଥା ଭୋଟ ଗଣତି ପରେ ବ୍ଲକ୍ ଅଧ୍ୟକ୍ଷାଙ୍କ ପଦ ଗଲା

ରାୟଗଡା,(ସବ୍ୟୁ): ଅନାସ୍ଥା ଭୋଟ ଗଣତି ପରେ ଗୁଡାରୀ ବ୍ଲକ ଅଧ୍ୟକ୍ଷା ପଦରୁ ବହିଷ୍କାର ବିଜ୍ଞପ୍ତି ପ୍ରକାଶ କଲେ ଉପଖଣ୍ଡ ନିର୍ବାଚନ ଅଧିକାରୀ। ଗୁଡ଼ାରୀ ବ୍ଲକ ରାଜନୀତିରେ ଦୀର୍ଘ ଦିନ ଧରି ଚାଲିଥିବା ଅସ୍ଥିରତାର ଅନ୍ତ ଘଟିଛି। ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଶେଷରେ ସଫଳ ହେବା ପରେ ଆଜି ସେ ନିଜ ପଦ ହରାଇଛନ୍ତି। ଗୁଣପୁର ଉପଜିଲ୍ଲାପାଳ ତଥା ଉପଖଣ୍ଡ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ସଂଖ୍ୟା ୨୨୪ ଜରିଆରେ ଶ୍ରମତୀ ଶବରଙ୍କୁ ଅଧ୍ୟକ୍ଷା ପଦରୁ ବହିଷ୍କାର କରାଯାଇଥିବା ନେଇ ବିଧିବଦ୍ଧ ଘୋଷଣା କରିଛନ୍ତି। ଦୀର୍ଘ ପାଞ୍ଚ ମାସର ଆଇନଗତ ଛକାପଞ୍ଝା ଏବଂ କୋର୍ଟ କଚେରୀର ଲଢ଼େଇ ପରେ ଶେଷରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କୁ ଶକ୍ତ ଧକ୍କା ଲାଗିଛି। ଓଡ଼ିଶା ପଞ୍ଚାୟତ ସମିତି ନିୟମାବଳୀ ୧୯୮୬ର ନିୟମ-୪ ଓ ନିୟମ-୫ ଅନୁଯାୟୀ, ଗୁଡ଼ାରୀ ତହସିଲଦାରଙ୍କ ରିପୋର୍ଟ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଜ୍ଞପ୍ତି ମୁତାବକ ଆଜି ଅର୍ଥାତ ୨୦୨୬ ଜାନୁଆରୀ ୨୨ ତାରିଖ ଠାରୁ ହିଁ ଶବରଙ୍କୁ ପଦଚ୍ୟୁତ କରାଯାଇଛି ଏବଂ ସେ ପଦ ତ୍ୟାଗ କରିଛନ୍ତି ବୋଲି ବିବେଚନା କରାଯିବ। ଏହି ନିର୍ଦ୍ଦେଶନାମାକୁ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ, ରାୟଗଡ଼ା ଜିଲ୍ଲାପାଳ ଏବଂ ଗୁଡ଼ାରୀ ବିଡ଼ିଓଙ୍କୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ପ୍ରେରଣ କରାଯାଇଛି। ଏହି ଘଟଣା ଜିଲ୍ଲା ରାଜନୀତିକୁ ପୁଣି ଥରେ ସରଗରମ କରିଦେଇଛି।

ବିଶେଷ କରି ଲକ୍ଷ୍ମୀ ଶବର ରାଜ୍ୟ ମହିଳା କଂଗ୍ରେସର ସମ୍ପାଦିକା ଥିବାରୁ ଏହି ଲଢ଼େଇ କଂଗ୍ରେସ ଦଳ ପାଇଁ ସମ୍ମାନର ପ୍ରଶ୍ନ ଥିଲା ବୋଲି ମଧ୍ୟ ସାଧାରଣରେ ଆଲୋଚନା ହେଉଛି। ସ୍ଥାନୀୟ ବିଧାୟକ ସତ୍ୟଜିତ ଗମାଙ୍ଗ ଅଧ୍ୟକ୍ଷାଙ୍କ ସୁରକ୍ଷା ପାଇଁ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ମାତ୍ର କୋର୍ଟ ସମସ୍ତ ଆବେଦନକୁ ଖାରଜ କରିଦେବା ପରେ ବିଧାୟକଙ୍କ ସମସ୍ତ ରଣନୀତି ଫେଲ୍ ମାରିଛି। ବିଜେଡି ଛାଡ଼ି କଂଗ୍ରେସର ହାତ ଧରିଥିବା ଲକ୍ଷ୍ମୀଙ୍କୁ ସୁରକ୍ଷା ଦେବାରେ ବିଧାୟକଙ୍କ ଅସମର୍ଥତା ଏବେ ତାଙ୍କ ରାଜନୈତିକ ପତିଆରା ପ୍ରତି ଏକ ଶକ୍ତ ଧକ୍କା ବୋଲି ସମୀକ୍ଷକ ମାନେ ମତ ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଗୁଡ଼ାରୀ ବ୍ଲକର ୧୯ ଜଣ ସଭ୍ୟଙ୍କ ମଧ୍ୟରୁ ୧୬ ଜଣ ସଦସ୍ୟ ଅଧ୍ୟକ୍ଷାଙ୍କ ମନମୁଖୀ ଶାସନ ବିରୋଧରେ ଏକଜୁଟ ହୋଇ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଗତ ଜୁଲାଇ ମାସରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ହାଇକୋର୍ଟଙ୍କ ରହିତାଦେଶ ଯୋଗୁଁ ଭୋଟ ଗଣତି ଅଟକି ରହିଥିଲା। ମାତ୍ର କୋର୍ଟଙ୍କ ରହିତାଦେଶ ହଟିବା ପରେ ଗୁଡ଼ାରୀ ତହସିଲଦାରଙ୍କ ପତ୍ର ସଂଖ୍ୟା ୧୬୨ ଅନୁଯାୟୀ ପ୍ରାପ୍ତ ରିପୋର୍ଟ ଆଧାରରେ ଉପଜିଲ୍ଲାପାଳ ଏହି ନିଷ୍ପତ୍ତି ଶୁଣାଇଛନ୍ତି। ଏହି ଘଟଣା ପରେ ଗୁଡ଼ାରୀ ବ୍ଲକ ପରିସରରେ ନୂତନ ରାଜନୈତିକ ସମୀକରଣ ଆରମ୍ଭ ହୋଇଛି। ଆଗାମୀ ଦିନରେ ଏହି ରାଜନୈତିକ ଲଢ଼େଇ କେଉଁ ମୋଡ଼ ନେଉଛି, ତାହା ଉପରେ ଏବେ ସମଗ୍ର ଜିଲ୍ଲାର ନଜର ରହିଛି।

# ମାଟି ଅତଡା ଖସି ଦୁଇ ଶ୍ରମିକ ଗୁରୁତର



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ଭତରା ନିକଟରେ ସ୍ୱରେଜ କାମ ଚାଲୁଥିବା ବେଳେ ମାଟି ଅତଡା ଖସିଛି । ଫଳରେ କାମ କରୁଥିବା ୨ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ, ଭତରା ନିକଟରେ ସ୍ୱରେଜ ଡ୍ରେନେଜ କାମ ପାଇଁ ପ୍ରାୟ ୧୦ଫୁଟ ମାଟି ଖୋଳା ଯାଇଥିଲା । ଗୁରୁବାର ମାଟି ଖୋଳା କାମ ଚାଲୁଥିବା ବେଳେ ସଂନ୍ଧ୍ୟା ପ୍ରାୟ ୬ଟାରେ ମାଟି ଅତଡା ଖସି ପଡିଥିଲା । ଫଳରେ ୨ଜଣ ଶ୍ରମିକ ମାଟି ତଳେ ପୋତି ହୋଇ ଯାଇଥିଲେ । ସେମାନେ ରାଜସ୍ଥାନର ମୁକେଶ ମେଘୱାଲ ଓ ପ୍ରେମାରାମ ବୋଲି ଜଣାପଡିଛି । ତେବେ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଜଣକୁ ତୁରନ୍ତ ଉଦ୍ଧାର କରିଥିଲା । ପରେ ଅନ୍ୟ ଜଣକୁ ପ୍ରାୟ ୧ଘଣ୍ଟା କଠିନ ପରିଶ୍ରମ ପରେ ଉଦ୍ଧାର କରାଯାଇଛି । ଅନ୍ୟ କେହି ଫଶିଥିବା ଆଶଙ୍କା କରାଯାଉଛି । ତେଣୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏପରିକି ସନ୍ଧାନୀ କୁକୁରକୁ ମଧ୍ୟ ସାମିଲ କରାଯାଇଛି । ଏହା ଜଣାପଡିବା ପରେ ଜିଲ୍ଲା ପ୍ରଶାସନିକ ଅଧିକାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ଥିଲେ । ନିରାପତ୍ତା ଉପରେ ଦୃଷ୍ଟି ଦିଆଯାଇନଥିବା ବେଳେ ଏଭଳି ଅଘଟଣ ଘଟିଥିବା ସ୍ପଷ୍ଟ ଅନୁମେୟ ଅଟେ ।

# ଗଡଜାତ ଲୋକ ମହୋତ୍ସବ ଉଦ୍‌ଯାପିତ

ହରହଙ୍ଗା,(ସବ୍ୟୁ): ନବମ ଗଡଜାତ ଲୋକ ମହୋତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି । ପଞ୍ଚମ ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି ବିଶ୍ୱଜିତ ମିଶ୍ରଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ତଥା ଓଡିଶା ବିଧାନସଭା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ରାଜେନ୍ଦ୍ର କୁମାର ଗୋଛାୟତ ବନଖଣ୍ଡ ଅଧିକାରୀ ବୌଦ୍ଧ, ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କର ସଭାପତି ଅରୁଣ କୁମାର ପ୍ରଧାନ, ଯୋଗଦେଇ ମହୋତ୍ସବ ମାଧ୍ୟମରେ ସ୍ଥାନୀୟ ଅଂଚଳର କଳା ସଂସ୍କୃତିର ବିକାଶ ପାଇଁ ପରାମର୍ଶ ଦେଇଥିଲେ। ମଞ୍ଚରେ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ କମିଟି ତରଫରୁ ଅତିଥି ମାନେ ସମ୍ମାନିତ କରିଥିଲେ ।




ଗଡଜାତ ମହୋତ୍ସବ କମିଟି ତରଫରୁ ରୁକ ସୁନାଙ୍କ ଗୀତ, ସ୍ଥାନୀୟ ଅଂଚଳ ବିଦ୍ୟାଳୟ ମାନଙ୍କର କୁନି କଳାକାର ଏବଂ ସ୍ଥାନୀୟ ଲୋକ ନୃତ୍ୟରେ ସମ୍ବଲପୁରୀ ଗୀତ ପରିବେଷଣରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକ ଝୁମି ଥିଲେ । କମିଟିର ସମ୍ପାଦକ ଓ ସମସ୍ତ ସଭ୍ୟ, ଡ୍ରାଇଭର ମହାସଂଘ, ପୋଲିସ ବାହିନୀ ମାନେ ସହଯୋଗ କରିଥିଲେ। ମହୋତ୍ସବରେ ବିଭିନ୍ନ ଖାଦ୍ୟ ଷ୍ଟଲ, ମୀନାବଜାର, ବୁଲି ଦର୍ଶକ ମାନେ ଉପଭୋଗ କରିଥିଲେ। ସୁରେନ୍ଦ୍ର କୁମାର କର୍ଣ୍ଣ ଓ ଶିକ୍ଷକ ନବ କିଶୋର ଦୀପ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ବସନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସାମ୍ବାଦିକ ନରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରସନ୍ନ ପଣ୍ଡାଛକରୁ ଗାନ୍ଧି ଛକ ଦୁର୍ଘଟଣା ପ୍ରବଣ !

ଝାରସୁଗୁଡ଼ା,(ସବ୍ୟୁ): ଜାତୀୟ ରାଜପଥ ୪୯ ପ୍ରସନ୍ନ ପଣ୍ଡା (ବକ୍ସି) ଛକ ଠାରୁ ଗାନ୍ଧୀ ଛକ ବ୍ରଜରାଜନଗର ପର୍ଯ୍ୟନ୍ତ ପ୍ରତ୍ୟହ ୨ ହଜାରର ଉର୍ଦ୍ଧ୍ୱ ଭାରୀଯାନ କୋଇଲା ପରିବହନ ଓ ପାଉଁଁଷଗୁଣ୍ଡ ସହିତ ୧ ହଜାର ୫୦୦ରୁ ଉର୍ଦ୍ଧ୍ୱ କ୍ଷୁଦ୍ର ମଧ୍ୟମ ଗାଡ଼ି ଚଳ ପ୍ରଚଳ କରୁଛି । ଏହା ଦ୍ୱାରା ଏହିରାସ୍ତାରେ ଦୁର୍ଘଟଣା ଦିନକୁ ଦିନ ବଢି ଚାଲିଛି । ଏହି ଜାତୀୟ ରାଜପଥ ରାସ୍ତାର ପାର୍ଶ୍ୱରେ ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ଝାରସୁଗୁଡ଼ା ସଦର ଥାନା ରହିଥିବା ବେଳେ ଆଞ୍ଚଳିକ ପରିବହନ ଛକରୁ ହଂ -କଟାପାଲି ନବୋଦୟ ବିଦ୍ୟାଳୟ ଓ ବିକାଶ ସ୍କୁଲକୁ ରାସ୍ତା ରହିଛି । ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅଫିସରୁ ମାତ୍ର ୧୫୦ ମିଟର ଜାତୀୟ ରାଜପଥରେ ଗଲେ ଆଦର୍ଶ ବିଦ୍ୟାଳୟ, ରତ୍ନାକର ବିଦ୍ୟାଳୟ, ପି.କେ.ଏସ୍.ଏସ୍. ଉଚ୍ଚ ବିଦ୍ୟାଳୟ ଓ ପି.କେ.ଏସ୍.ଏସ୍. ଡ଼ିଗ୍ରୀ କଲେଜ ରହିଥିବା ବେଳେ ୧୦ ମିଟର ଆଗରେ ଜିଲ୍ଲା ହକି ଆସୋସିଏସନର ହକି ଷ୍ଟାଡ଼ିୟମ ରହିଛି । ଶହ ଶହ ସଂଖ୍ୟାରେ ପିଲା ଏହି ରାସ୍ତାରେ ଚଳ ପ୍ରଚଳ କରୁଛନ୍ତି । ସଂଧ୍ୟା ସମୟରେ ପ୍ରସନ୍ନ ପଣ୍ଡା ଛକରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ ଅନ୍ଧାର ରହୁଥିବାରୁ ଏହା ମରଣ ଯନ୍ତାରେ ପରିଣତ ହୋଇଛି । ଏହି ରାସ୍ତା ପାର୍ଶ୍ୱରେ ରୁଙ୍ଗଟା ଷ୍ଟିଲ ପ୍ଲାଣ୍ଟ , ଏମ୍.ଏସ୍.ପି. ପ୍ଲାଣ୍ଟ , ଟି.ପି.ଏସ୍.ଏଲ୍. ପ୍ଲାଣ୍ଟ ରହି ଥିବାରୁ ରାତ୍ରି କାଳିନ ଡ୍ୟୁଟି କର୍ମଚାରୀଙ୍କର ଯିବା ଆସିବା ଲାଗି ରହି ଥାଏ । ଏହି ରାସ୍ତାର ପାର୍ଶ୍ୱରେ ଢ଼ାବା,ମୋଟର ଗ୍ୟାରେଜ ସବୁ ରହିଥିବାରୁ ରାସ୍ତାର ଦୁଇ ପାର୍ଶ୍ୱରେ ଭାରିଯାନ ଗୁଡିକ ଠିଆ ହୋଇ ରହି ଆସୁଛି । ଜାତୀୟ ରାଜପଥ ୪୯ ବେଲପାହାଡ଼, ବ୍ରଜରାଜନଗରକୁ ସଂଯୋଗ କରୁଛି । ଦୁର୍ଘଟଣା ହ୍ରାସ ପାଇଁ ଜିଲ୍ଲା ପ୍ରଶାସନ ବାରମ୍ବାର ବୈଠକ ହୋଇ ନୀତି ନିର୍ଦ୍ଧାରଣ କରୁଥିଲେ ମଧ୍ୟ ଦୁର୍ଘଟଣା ହ୍ରାସ ନହୋଇ ତାହା ବଢି ଚାଲିଛି ।

ସୁଚନା ଯୋଗ୍ୟ ଯେ ପ୍ରସନ୍ନ ପଣ୍ଡା (ବକ୍ସି) ଛକରୁ ସମ୍ବଲପୁର ଯାଇଥିବା ରାଜ୍ୟ ରାଜପଥ ବଡମାଲ ପର୍ଯ୍ୟନ୍ତ ସନ୍ଧ୍ୟା ସମୟରେ ପୁର୍ବରୁ ଛୋଟ ବଡ ଦୁର୍ଘଟଣା ମାନ ମାସରେ ୫୦ରୁ ଉର୍ଦ୍ଧ୍ୱ ହେଉଥିଲା । କିନ୍ତୁ ବର୍ତମାନ ସୁଦ୍ଧା ସମୟରେ ଆଲୋକୀକରଣ ହେବା ଫଳରେ ଦୁର୍ଘଟଣା ହ୍ରାସ ପାଇଛି । ଜନସାଧାରଣ ଦାବି କରନ୍ତି ଯେ ହ-କଟାପାଲି କଲେଜ ସ୍କୁଲ ନିକଟରେ ଗାଡି ଗୁଡିକର ଗତି ହ୍ରାସ ପାଇଁ ବ୍ୟବସ୍ଥା କରିବା ସହିତ ରାତ୍ରୀକାଳୀନ ଆଲୋକ ବ୍ୟବସ୍ଥା କଲେ ନିଶ୍ଚୟ ଦୁର୍ଘଟଣା ହ୍ରାସ ପାଇବ । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି ।

# ଘୁଷୁରାମୁଣ୍ଡା ଫୁଟବଲ : ଖଲିଆଖମାର ଚାମ୍ପିଅନ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତ ଘୁଷୁରାମୁଣ୍ଡା ନେହେରୁ ସ୍ପୋର୍ଟିଂ କ୍ଲବ ଆନୁକୁଲ୍ୟରେ ଚାଲିଥିବା ୧୭ତମ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ଫାଇନାଲ ଖେଳ ସିଆଲଝୁଡୁଙ୍ଗି ଓ ଖଲିଆଖମାର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।ଛନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ପାରିନଥିଲେ।ଛଶେଷରେ ଖଲିଆଖମାର ଦଳ ଟ୍ରାଇବ୍ରେକର ଯୋଗେ ସିଆଲଝୁଡୁଙ୍ଗି ଦଳକୁ ପରାସ୍ତ କରି ଚମ୍ପିୟାନ ଆଖ୍ୟା ଅର୍ଜନ କରିଛି।ଛଉଦଯାପନୀ ଉତ୍ସବରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି,ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର,ସାଂସଦ ପ୍ରତିନିଧି ଶ୍ରୀବତ୍ସ ବେହେରା,ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା,ବ୍ଲକ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ସଭାପତି ଦୁର୍ଗାନନ୍ଦ ମହାକୁର,ସମାଜସେବୀ ଭରତ ଦାସ,ବିଜେପି ନେତା ଦେବବ୍ରତ ବିଶି,ମନୋଜ ସାହୁ,ସୁରେଶ ଭୋଇ,ଗୋପୀନାଥ ବାଗ,ସନ୍ୟାସୀ ବାଗ ଓ ଆୟୋଜକ କମିଟି ସଭାପତି ନରେଶ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।ଛଅତିଥିମାନେ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଚମ୍ପିୟାନ ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ।ଛ ଶ୍ରେଷ୍ଠ ଖେଳାଳିମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।ଛମ୍ୟାଚ୍ ରେଫରି ଭାବେ ଗଣେଶ ଭୋଇ,ଲାଇନସମ୍ୟାନ ହଂସୁ ପରାଭୁଏ ଓ ସେବା ସାହୁ ଖେଳ ପରିଚାଳନା କରିଥିଲେ।ଛରାକେଶ ପୃଷ୍ଟି ଧାରା ବିବରଣୀ ପ୍ରଦାନ କରିଥିଲେ।ଛଆୟୋଜକ କମିଟିର ସଭାପତି ମାମରାଜ ବାଗ,କ୍ୟାପଟେନ ସରୋଜ ଖମାରୀ, କମିଟିର ଜୟଦେବ ଭୋଇ,ଅଜୟ ଯାନୀ, ମଣ୍ଟୁ ଜାନି,ସୁଶିଲ ବାଗ,ଦୀପ ଗହିର,ଟିଲୁ ଭୋଇ,ଜଗତ ବାଗ,ରୋହନ ସାହୁ,ରାଜେଶ ପୁଟେଲ, ଦୈତାରୀ ଭୋଇ, ହିମାଂଶୁ ସାହୁ,ମନୋଜ ବାଗ,ରାହୁଲ ଭୋଇ,,ଅଜୟ ଜାନି, ବିକାଶ ଭୋଇଙ୍କ ସହ ସମସ୍ତ ସଦସ୍ୟ ଓ ଘୁଷୁରାମୁଣ୍ଡା ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ତାଲବ କ୍ରିକେଟ୍ କପ୍-୨୦୨୬ ଉଦଘାଟିତ

ସମ୍ବଲପୁର,(ସବ୍ୟୁ): ଚଳିତବର୍ଷ ତାଲବ କ୍ରିକେଟ୍ କପ୍ ଉଦ୍ଘାଟିତ ହୋଇଯାଇଛି । ଉଦ୍ଘାଟନୀ ମ୍ୟାଚ୍ ସକର୍ମା ଓ ସମ୍ବଲପୁର ମଧ୍ୟରେ ହୋଇଥିଲା । ଏହା ୨୫ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ମୋଟ ୧୬ଟି ଦଳ ସାମିଲ ହୋଇଛନ୍ତି । ଉଦ୍ଘାଟନୀ ଉତ୍ସବରେ ଯୁବନେତା ଯୁଗଳ ବନଛୋର, ସହଦେବ ଓରାମ, ସମାଜସେବୀ ରାଜେଶ କୁମାର ଚଇନୀ, ଭବାନୀ ଶଙ୍କର ଭୋଇ, କୈବର୍ତ୍ତ କିଣ୍ଡୋ, ସତ୍ୟ ବାବୁ, ସରୋଜ ପାଣିଗ୍ରାହୀ, ଲଳିତ ରକ୍ସା, ସଚିନ ଜେନା, ବିରେନ କିସାନ, ରାଜୀବ ଠେଟୁଆ, ଅଶ୍ୱିନୀ କଣ୍ଟା, ସୁବାସ ଚନ୍ଦ୍ର ପଟେଲ ଏବଂ ୱାର୍ଡ ମେମ୍ବର ପ୍ରଫୁଲ୍ଲ ବିଶ୍ୱାଳ ଯୋଗ ଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ ।

# ସମଲେଶ୍ୱରୀ ମନ୍ଦିର ପରିସରରୁ ସୁନାଚେନ୍ ଲୁଟ୍ ଅଭିଯୋଗ

ସମ୍ବଲପୁର,(ସବ୍ୟୁ): ସମଲେଶ୍ୱରୀ ମନ୍ଦିର ପରିସରରୁ ସୁନାଚେନ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏଥିସହ ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଯାଞ୍ଚ କରାଯାଉଛି। ସୂଚନାଯୋଗ୍ୟ, ଗୁରୁବାର ସଂଧ୍ୟାରେ ସମଲେଶ୍ୱରୀ ମନ୍ଦିର ନିକଟସ୍ଥ ମହାନଦୀ ରିଭର୍ ଫ୍ରଣ୍ଟ ନିକଟରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଅମ୍ବିରା ନଗର ଅଞ୍ଚଳର ଶକୁନ୍ତଳା ମହାପାତ୍ର ଓ ତାଙ୍କ ସମୁଧୁଣି ସଂଯୁକ୍ତା ପଣ୍ଡା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତେବେ ସେମାନେ କାର୍ଯ୍ୟକ୍ରମ ସରିବା ପରେ ଭୋଗ ଖାଇବାକୁ ମନ୍ଦିର ପରିସରକୁ ଯାଇଥିଲେ । ଏହି ସମୟରେ କେହି ଲୁଟେରା ତାଙ୍କ ଠାରୁ ୩ଟି ସୁନା ଚେନ ଲୁଟି ନେଇଥିବା ଅଭିଯୋଗ ହୋଇଛି । ତେବେ ଆଉ ୩ଜଣଙ୍କ ମଧ୍ୟ ସମାନ ଢଙ୍ଗରେ ଲୁଟ୍ ହୋଇଥିବା ବେଳେ ଏହା ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଛି ।

# ମୁରିବାହାଲ ଥାନା ଆଇଆଇସି ବୁଲୁ ମୁଣ୍ଡାଙ୍କ ଯୋଗଦାନ

ମୁରିବାହାଲ,(ସବ୍ୟୁ):ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନାର ନୂତନ ଆଇଆଇସି ରୂପେ ବୁଲୁ ମୁଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟରେ ଅବସ୍ଥାପିତ ଥିଲେ। ମୁରିବାହାଲ ଥାନାରେ ଆଇଆଇସି ଥିବା ସନାତନ ସାହୁଙ୍କୁ ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟକୁ ବଦଳି ହୋଇଛି। ଶ୍ରୀ ସାହୁ ଗତ ୧୨/୦୮/୨୫ ରେ ମୁରିବାହାଲ ଥାନାରେ ଆଇଆଇସି ରୂପେ ଯୋଗ ଦେଇଥିଲେ।ନୂତନ ଆଇଆଇସି ରୂପେ ଯୋଗ ଦେଇଥିବା ଶ୍ରୀ ମୁଣ୍ଡା ସମସ୍ତଙ୍କ ସହଯୋଗରେ ପୂର୍ବଭଳି ଥାନା ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତିକୁ ବ୍ୟବସ୍ଥିତ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଗଞ୍ଜେଇ ଚାଷରେ ସମ୍ପୃକ୍ତ ମାମଲାରେ ଅଭିଯୁକ୍ତ ଗିରଫ

କନ୍ଧମାଳ ,(ସବ୍ୟୁ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅନ୍ତର୍ଗତ ବରଗାଁ ନିକଟରେ ଗଞ୍ଜେଇ ଚାଷରେ ସମ୍ପୃକ୍ତ ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି କଣ୍ଟାମାଳ ପୁଲିସ । ମିଳିଥିବା ସୂଚନା ଅନୁଯାୟୀ ବରଗାଁ ଗ୍ରାମର ରବି ଓରଫ ରବିନ୍ଦ୍ର କହଁର ୩୮ବର୍ଷ । ଗଞ୍ଜେଇ ଚାଷ ମାମଲାରେ ସମ୍ପୃକ୍ତ ଥିବା ନେଇ କଣ୍ଟାମାଳ ଥାନାରେ ୨୯୯/୨୦୨୫ ରେ ଏକ ମାମଲା ରୁଜୁ ହୋଇଥିଲା ଆଜି ଅଭିଯୁକ୍ତକୁ କଣ୍ଟାମାଳ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ବାସୁଦେବ ଭୋଇ ସୂଚନା ଦେଇଛନ୍ତି ।

# ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତିକୁ ନେଇ ସାମ୍ବାଦିକଙ୍କ ବୈଠକ

ସିନାପାଲି ,(ସବ୍ୟୁ): ସାଧାରଣତନ୍ତ୍ର ଦିବସ ପାଳନକୁ ସୁଚାରୁ ଭାବେ ଆୟୋଜନ କରିବା ନେଇ ଜୟ ଜଗନ୍ନାଥ ସାମ୍ବାଦିକ ସଂଘ, ସିନାପାଲି ପକ୍ଷରୁ ପ୍ରସ୍ତୁତି ବୈଠକ ହୋଇଥିଲା। ବୈଠକରେ ସଂଘର ସମସ୍ତ ସଦସ୍ୟ ସାମ୍ବାଦିକ ଉପସ୍ଥିତ ରହି ସାଧାରଣତନ୍ତ୍ର ଦିବସର କାର୍ଯ୍ୟକ୍ରମକୁ ଗରିମାମୟ ଭାବରେ ପାଳନ କରିବା ଉପରେ ବିଭିନ୍ନ ପ୍ରସ୍ତାବ ନେଇ ଆଲୋଚନା ହୋଇଥିଲା।

# କାର ଧକ୍କାରେ ସାଇକେଲ ଆରୋହୀ ମୃତ : ଉତ୍ତେଜନା

ରେଢାଖୋଲ,(ସବ୍ୟୁ): ସମ୍ବଲପୁର - କଟକ ୫୫ ନଂ ଜାତୀୟ ରାଜପଥ ରେଢ଼ାଖୋଲ ପୂର୍ତ୍ତବିଭାଗ ଡାକବଙ୍ଗଳା ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ କାର ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ସାଇକେଲ ଆରୋହୀ ହେଲେ ରେଢ଼ାଖୋଲ ଥାନା ବୀରଚନ୍ଦ୍ରପୁର ଗ୍ରାମର ଅନାମ ଭୋଇ, । ସେ ସାଇକେଲ ଯୋଗେ ଘରକୁ ଫେରୁଥିବାବେଳେ ପୂର୍ତ୍ତବିଭାଗ ଡାକବଙ୍ଗଳା ନିକଟରେ ସମ୍ବଲପୁର ପଟରୁ ଆସୁଥିବା ଏକ କାର ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା ।ଫଳରେ ଅନାମ ଭୋଇ ଗୁରୁତର ହୋଇପଡିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ଡ଼ାକ୍ତର ଅନାମଙ୍କୁ ମୃତ ଘୋଷଣା କରିଥିଲେ। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ । ଉତ୍ତେଜନା ସୃଷ୍ଟି ହେବାରୁ ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକେଙ୍କୁ ବୁଝାସୁଝା କରିବା ସହ ଏକ ଘଣ୍ଟା ପରେ ରାସ୍ତାରୋକ ହଟିଥିଲା । କାରଟି ଭୁବନେଶ୍ୱର ଅଭିମୁଖେ ଯାଉଥିଲା । କାର ଟିକୁ ପୋଲିସ ଜବତ କରିଛି । ରେଢ଼ାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଥିବା ପୋଲିସ କହିଛି ।

# ଲୁଟ୍ ଘଟଣାର ପର୍ଦ୍ଦାଫାଶ, ଦୁଇ ଅଭିଯୁକ୍ତ ଗିରଫ

ସଇଁତଳା,(ସବ୍ୟୁ): ଗତ କିଛି ଦିନ ପୂର୍ବେ କଣ୍ଟାବାଞ୍ଜି ଅଞ୍ଚଳର ପ୍ରଦିପ କୁମାର ବେହେରା ସଇଁତଳା ଥାନା ରୁଣିମହୁଲ ଅଞ୍ଚଳକୁ ଶ୍ରମିକ ମାନଙ୍କ ବକେୟା ଟଙ୍କା ଦେବାପାଇଁ ଆସିଥିଲେ। ଶ୍ରମିକ ମାନଙ୍କୁ ଟଙ୍କା ଦେଉଥିବା ସମୟରେ ଦୁଇ ଜଣ ଦୂର୍ବୃର୍ତ୍ତ ଆସି ଟଙ୍କା ଲୁଟ କରି ନେଇଥିଲେ। ତେବେ ଏ ନେଇ ଶ୍ରୀ ବେହେରା ସଇଁତଳା ଥାନା ରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ସଇଁତଳା ଥାନା ଅଧିକାରୀ ଖଗପତି ବିଶ୍ୱାଳ ତଦନ୍ତ କରିଥିଲେ ତେବେ ଲୁଟ ଘଟଣାରେ ସମ୍ପୃକ୍ତ ଥିବା ନେଇ ଦୁଇଜଣକୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି ସଇଁତଳା ପୋଲିସ। ଗିରଫ ଦୁଇ ଅଭିଯୁକ୍ତ ମାନେ ହେଲେ ସଇଁତଳା ଥାନା ସର୍ଗିପାଲି ଗାଁ ର ଗୋପବନ୍ଧୁ କୁମ୍ଭାର ଓ ରୁଣିମହୁଲ ଗାଁ ର ଭୋଲ ମହାନନ୍ଦ। ଦୁଇ ଅଭିଯୁକ୍ତଙ୍କ ଠାରୁ ୧ ଲକ୍ଷ ୪୦ ହଜାର ଉଦ୍ଧାର କରିଛି ପୋଲିସ।



# ୨୪ରୁ ସମ୍ବଲପୁର ପୁସ୍ତକ ମେଳା

ସମ୍ବଲପୁର,(ସବ୍ୟୁ): ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧିନରେ ଥିବା ନ୍ୟାସନାଲ ବୁକ୍ ଟ୍ରଷ୍ଟ ଇଣ୍ଡିଆ , ସେତୁ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ୨୬ତମ ସମ୍ବଲପୁର ପୁସ୍ତକ ମେଳା ଆୟୋଜିତ ହେଉଛି । ସମ୍ବଲପୁର ଅଇଁଠାପାଲି ପିଏଚ୍ଡି ପଡିଆ ଠାରେ ଆସନ୍ତା ୨୪ରୁ ଫେବୃଆରୀ ୧ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ଏଥିରେ ୨୫୦ରୁ ଅଧିକ ପୁସ୍ତକ ଷ୍ଟଲ ଉପଲବ୍ଧ ରହିବ । ପ୍ରତ୍ୟହ ସଂନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ ହେବ । ଗୁରୁବାର ସ୍ଥାନୀୟ ଏକ ହୋଟେଲ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏନ୍‌ବିଟି ନିର୍ଦ୍ଦେଶକ ଯୁବରାଜ ମଲ୍ଲିକ ଏହା କହିଥିଲେ । ସେ ଆହୁରି କହିଥିଲେ ଯେ, ଉଦ୍ଘାଟନୀ ଉତ୍ସବରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁସ୍ତକ ମେଳାର ଶୁଭ ଉଦ୍ଘାଟନ କରିବେ । ୯ଦିନିଆ ଏହି ମେଳାରେ ପାଠକ ମାନେ ନିଜ ପ୍ରିୟ ଲେଖକଙ୍କୁ ସିଧାସଳଖ ଭେଟିବାର ସୁଯୋଗ ପାଇପାରିବେ । ପ୍ରଫେସର ଧନେଶ୍ୱର ସାହୁ, ଗୌରହରି ଦାସ, ସୁଜାତା ଶିବେନ, ଡ. ସଂଘମିତ୍ରା ମିଶ୍ର, ଶ୍ରୁତିରେଖା ଆଚାର୍ଯ୍ୟ ଓ ଡ. ପିତାମ୍ବର ବେହେରା ଭଳି ବିଶିଷ୍ଟ ସାହିତ୍ୟିକ ମାନେ ବିଭିନ୍ନ ଆଲୋଚନା ଏବଂ ଲେଖକଙ୍କ ସହ ସାକ୍ଷାତ୍ ଅଧିବେଶନରେ ଯୋଗଦେଇ ପାଠକଙ୍କ ସହ ଭାବ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ପଠନ ଅଭ୍ୟାସ ପାଇଁ ଏକ ସ୍ୱତନ୍ତ୍ର ଶିଶୁ ମଣ୍ଡପ କରାଯାଇଛି । ୧ମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ କାହାଣୀ କଥନ, କୁଇଜ, ଚିତ୍ରାଙ୍କନ ପ୍ରତିଯୋଗିତା, ଡିଜିଟାଲ ସାକ୍ଷରତା ଅଧିବେଶନ ଓ ସୃଜନଶୀଳ କର୍ମଶାଳା ରହିଛି । କଣ୍ଠଶିଳ୍ପୀ ଉମାକାନ୍ତ ବାରିକ, ବିଷ୍ଣୁମୋହନ କବି, ଦୀପ୍ତିରେଖା ପାଢି ଓ ଅସୀମା ପଣ୍ଡା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକଙ୍କୁ ମତୁଆଲା କରିବେ । ସେତୁ ଅନୁଷ୍ଠାନର ସଭାପତି ମୀନକେତନ ପାଠୀ କହିଥିଲେ ଯେ, ଚଳିତ ପୁସ୍ତକ ମେଳାରେ ମୁଖ୍ୟ ତୋରଣ ବହ୍ନିକନ୍ୟା ପାର୍ବତୀ ଗିରି, ମଂଚ ସ୍ୱର୍ଗତ ବିନୋଦ ପଶାୟତଙ୍କ ନାମରେ ନାମିତ କରାଯାଇଛି । ଏହି ଅସରରେ ସେତୁ ପକ୍ଷରୁ ଏକ ସ୍ମରଣିକା ପ୍ରକାଶ ପାଇବ । ଏଥିସହ ଜଣେ ବହୁମୁଖୀ ପ୍ରତିଭାଙ୍କୁ ସେତୁ ସମ୍ମାନରେ ସମ୍ମାନିତ କରାଯିବ । ଏଥିସହ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ମାଟ୍ରିକ ଟପ୍ପରଙ୍କୁ ସ୍ୱାଧିନତା ସଂଗ୍ରାମୀ ଘନଶ୍ୟାମ ପାଣିଗ୍ରାହୀ, ଜଣେ ଆଦର୍ଶ ଶିକ୍ଷକଙ୍କୁ ବାଳକୃଷ୍ଣ କର, ସମ୍ବଲପୁର ଜିଲ୍ଲାର ମାଟ୍ରିକ ଟପ୍ପରଙ୍କୁ କ୍ଷିରୋଦ ମିଶ୍ର ଓ ଜଣେ ସର୍ମପିତ ମହିଳାଙ୍କୁ ଡା. ଦୀପ୍ତିବାଳା ପଟ୍ଟନାୟକ ସ୍ମୃତି ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି ।




# ନୈତିକ ଶିକ୍ଷା ଚରିତ୍ର ଗଠନରେ ସହାୟକ ହୁଏ

ବରଗଡ଼,(ସବ୍ୟୁ): ଛାତ୍ର ଛାତ୍ରୀଙ୍କ ଚରିତ୍ର ଗଠନରେ ନୈତିକ ଶିକ୍ଷାର ଆବଶ୍ୟକତା ରହିଥିବା ବେଳେ ନୈତିକ ଶିକ୍ଷା ମଣିଷ ଜୀବନକୁ ପ୍ରଭାବିତ କରିଥାଏ ବୋଲି ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତା ଓ ସଂସ୍କୃତ ଶିକ୍ଷକ ଗୋପବନ୍ଧୁ ପୁରୋହିତ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ବାବା ଓମ୍ କାରା ନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ଭାବେ ପୂର୍ବତନ ଛାତ୍ର ଜଗନ୍ନାଥ ଅଗ୍ରୱାଲ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ କପିଳେଶ୍ୱର ବାଗ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କୁ ନୈତିକ ଶିକ୍ଷାର ଉପକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏହି ଅବସରରେ ୧୯୭୪ ମସିହାରେ ଅଧ୍ୟୟନରତ ଛାତ୍ର ଜଗନ୍ନାଥ ଅଗ୍ରୱାଲଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଭାରତୀ ଶିଶୁ ସାହିତ୍ୟ ସଂସଦର ସଭାନେତ୍ରୀ ଧରିତ୍ରୀ ରାଉତ ଓ ସମ୍ପାଦିକା ସାଲିନିସା ଧନ୍ୟବାଦ୍ ଅର୍ପଣ କରିଥିଲେ ।



**(ଶ୍ରୀମଦ୍‌ଭଗବଦ୍ ଗୀତା ୨/୨୦)**

**ସାଂଖ୍ୟଯୋଗଃ**

ଶ୍ରୀଭଗବାନୁବାଚ

**ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ**
**ନ ହନ୍ୟତେ ହନ୍ୟମାନେ ଶରୀରେ ।। ୨୦ ।।**

(ନ ହନ୍ୟତେ ଇତି ଏତଦ୍ ଏବ ଷଡ୍‌ଭାବ ବିକାରଶୂନ୍ୟତ୍ୱେନ ଦ୍ରଢ଼ୟତି)–ଅୟଂ (ଆତ୍ମା) କଦାଚିତ୍ ନ ଜାୟତେ ବା (ଅଥବା) ମ୍ରିୟତେ: ଭୂତ୍ୱା (ଉତ୍ପଦ୍ୟ) ବା ଭୂୟଃ (ପୁନରପି) ନ ଭବିତା (ଭବିଷ୍ୟତି) ଇତି ନ: ଅୟଂ ଅଜଃ (ଜନ୍ମଶୂନ୍ୟଃ) ନିତ୍ୟଃ (ସଦା ଏକରୂପଃ) ଶାଶ୍ୱତଃ (ଶଶ୍ୱଭବଃ) ପୁରାଣଃ (ପରିଣାମହୀନଃ), ଶରୀରେ ହନ୍ୟମାନେ (ଅୟଂ) ନ ହନ୍ୟତେ ।। ୨୦ ।।

# ନେତାଜୀଙ୍କ ପାଇଁ ଗର୍ବିତ ଓଡ଼ିଶା



ଓଡ଼ିଶାର ଏହି କଟକ ସହରରେ, ଓଡ଼ିଆ ବଜାରରେ ୧୮୯୭ ଜାନୁଆରୀ ୨୩ ତାରିଖରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜନ୍ମଗ୍ରହଣ କରିଥିଲେ– ପିତା ଜାନକୀନାଥ ବୋଷ ଓ ମାତା ପ୍ରଭାବତୀ ଦେବୀଙ୍କ କୋଳମଣ୍ଡନ କରି । ଜଣେ ଅଦ୍ୱିତୀୟ ଭାରତୀୟ ଭାବେ ତାଙ୍କର ପ୍ରତିଷ୍ଠା କେବଳ ଭାରତରେ ନଥିଲା, ଥିଲା ସମଗ୍ର ବିଶ୍ୱରେ । ବଡ଼ ଆଶ୍ଚର୍ଯ୍ୟର କଥା ଯେ ଭାରତରେ ନେତାଜୀଙ୍କର ଜୟନ୍ତୀ ବା ଜନ୍ମ ଦିବସ ପାଳନ କରାଯାଇଥାଏ । କେହି କେବେ ତାଙ୍କର ଶ୍ରାଦ୍ଧ ଦିବସ ପାଳନ କରୁଥିବାର ଦୃଷ୍ଟାନ୍ତ ନାହିଁ ।

ତାଙ୍କର ବାଲ୍ୟକାଳ କଟକରେ ହିଁ କଟିଥିଲା । କଟକରେ ପ୍ରଥମେ ସେ ୧୮୮୨ରେ ପ୍ରତିଷ୍ଠା ହୋଇଥିବା ପ୍ରୋଟେଷ୍ଟାଣ୍ଟ ୟୁରୋପିଆନ ସ୍କୁଲ ( ପରବର୍ତ୍ତୀ କାଳରେ ତାହା ଷ୍ଟୁଆର୍ଟ ସ୍କୁଲ ଭାବେ ପରିଚିତ ହୋଇଥିଲା), ସେଠାରେ ପ୍ରଥମେ ସୁଭାଷ ନାମ ଲେଖାଇ ପରବର୍ତ୍ତୀ ସମୟରେ ୧୯୦୯ ମସିହାରେ କଟକର କଲେଜିଏଟ ସ୍କୁଲରେ ପାଠ ପଢ଼ିଥିଲେ । ଜଣେ ମେଧାବୀ ଛାତ୍ର ଭାବରେ ଲୋକେ ତାଙ୍କୁ ପ୍ରଶଂସା କରୁଥିଲେ । କାରଣ ୧୯୧୩ ମାର୍ଚ୍ଚ ମାସରେ ମାଟ୍ରିକ ପରୀକ୍ଷାରେ ବଙ୍ଗଳା, ବିହାର ଓ ଓଡ଼ିଶାର ପରୀକ୍ଷାରେ ସେ ସର୍ବୋଚ୍ଚ ଦ୍ୱିତୀୟ ସ୍ଥାନରେ ରହି ଉତ୍ତୀର୍ଣ୍ଣ ହୋଇଥିଲେ । ୧୯୧୩ରେ ସେ କୋଲକାତା (ପୂର୍ବର କଲିକତା ମହାନଗରୀ)ର ପ୍ରେସିଡେନ୍ସି କଲେଜରେ ପାଠ ପଢ଼ିଥିଲେ । ୧୯୧୪ରେ ଗ୍ରୀଷ୍ମ ଛୁଟିରେ ସେ ଓଡ଼ିଶାରେ ରହୁଥିବା ବେଳେ ଯାଜପୁର ଅନ୍ତର୍ଗତ କୋରାଇ ଅଞ୍ଚଳରେ କଲେରା ଓ ଝାଡ଼ାବାନ୍ତି ପ୍ରପୀଡ଼ିତ ଲୋକମାନଙ୍କ ସେବା ନିଜର ବନ୍ଧୁମାନଙ୍କ ସହିତ କରିଥିଲେ ଓ ଔଷଧପତ୍ର ଆଣି ବିତରଣ କରିଥିଲେ । ଛାତ୍ର ଜୀବନରେ ସେ ଓଡ଼ିଶାକୁ ମଝିରେ ମଝିରେ ଆସି ରହୁଥିଲେ । ଭାରତୀୟ ପ୍ରଶାସନିକ ସେବା (Civil Service)ରେ ସେ ସଫଳତା ଲାଭ କରିଥିଲେ ମଧ୍ୟ ୧୯୨୧ରେ ସେଥିରୁ ଇସ୍ତଫା ଦେଇ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ନିର୍ଦ୍ଦେଶରେ ଜାତୀୟବାଦୀ ଆନ୍ଦୋଳନରେ ପ୍ରଥମେ ସାମିଲ ହୋଇଥିଲେ । ତାଙ୍କୁ ଆତଙ୍କବାଦୀ ବୋଲି ଅଭିଯୋଗ କରାଯାଇଥିଲା ଏବଂ ସେ ବ୍ରହ୍ମଦେଶ (ମିଆଁମାର)ର କାରାଗାରରେ ୧୯୨୭ ପର୍ଯ୍ୟନ୍ତ ବନ୍ଦୀ ହୋଇ ରହିଥିଲେ । ଗାନ୍ଧିଜୀଙ୍କ ଡାକରାରେ ୧୯୩୦ରେ ଲବଣ ସତ୍ୟାଗ୍ରହରେ ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗ ଦେଇ ସେ ମଧ୍ୟ କାରାବରଣ କରିଥିଲେ । ସେ ଦେଶ ପାଇଁ ବହୁବାର କାରାବରଣ କରିଥିଲେ ।

**ପ୍ରକୃତରେ ଭାରତର ସ୍ୱାଧୀନତା ପାଇଁ ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନର ବଳିଷ୍ଠ ଭୂମିକା ଥିଲେ ମଧ୍ୟ ନେତାଜୀଙ୍କର ଯୁଦ୍ଧ ଡାକରା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ନେତାଜୀଙ୍କ ଯୁଦ୍ଧ ଡାକରା ଯୋଗୁଁ ଚତୁର ଇଂରେଜ ସରକାର ଭୟଭୀତ ହୋଇ ୧୯୪୭ ଅଗଷ୍ଟ ୧୪ ତାରିଖ ମଧ୍ୟ ରାତ୍ରରେ ଭାରତକୁ ସ୍ୱାଧୀନ କରିବା ବ୍ୟତୀତ ଗତ୍ୟନ୍ତର ନଥିଲା ।**

ତାଙ୍କର ଜୀବନ ଥିଲା ସଂଗ୍ରାମଶୀଳ । ଗାନ୍ଧିଜୀଙ୍କ ସହିତ ତାଙ୍କର ମତଭେଦ ହୋଇଥିଲା । ଏହା ସତ୍ତ୍ୱେ ସେ ଗାନ୍ଧିଜୀଙ୍କୁ ଭକ୍ତି କରୁଥିଲେ । ସେ ତତ୍କାଳୀନ ଜାତୀୟ କଂଗ୍ରେସ ନରମପନ୍ଥୀ ବୋଲି ଚିନ୍ତା କରି ଗାନ୍ଧିଜୀଙ୍କ ଭାରତରେ ସ୍ୱାଧୀନତା ଆନ୍ଦୋଳନଠାରୁ ଦୂରେଇ ଯାଇଥିଲେ । ଏହା ପରେ ସେ ଭାରତ ବାହାରକୁ ଯାଇ ବ୍ରିଟିଶ ବିରୋଧୀ ରାଷ୍ଟ୍ରମାନଙ୍କ ସହାୟତାରେ ଭାରତକୁ ସ୍ୱାଧୀନ କରିବାକୁ ଉଦ୍ୟମ ଜାରି ରଖିଥିଲେ । ୧୯୪୩ ଜୁଲାଇ ୪ ତାରିଖରେ ସେ ଭାରତୀୟ ଜାତୀୟ ବାହିନୀ (INA)ର ନେତୃତ୍ୱ ନେଇ ଭାରତର ସ୍ୱାଧୀନତା ପାଇଁ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିପାଇଁ ୧୯୪୩ ଜୁଲାଇ ୫ ତାରିଖରେ ସେ ସମଗ୍ର ବିଶ୍ୱରେ ଭାରତୀୟମାନଙ୍କୁ 'ଦିଲ୍ଲୀ ଚଲୋ'ର ଆହ୍ୱାନ ଦେଇଥିଲେ । ସମଗ୍ର ବିଶ୍ୱର ଅନ୍ୟାନ୍ୟ ଶକ୍ତିଶାଳୀ ରାଷ୍ଟ୍ରମାନଙ୍କର ସେ ସମର୍ଥନ ମଧ୍ୟ ଲୋଡ଼ିଥିଲେ । ୧୯୪୩ ଅକ୍ଟୋବର ୨୧ରେ ଭାରତର ମୁକ୍ତି କାମନା କରି ସେ ଅସ୍ଥାୟୀ ସରକାର ଘୋଷଣା କରିଥିଲେ । ଭାରତର ଏହି ଅସ୍ଥାୟୀ ସରକାରଙ୍କୁ ୧୯୪୩ ଅକ୍ଟୋବର ୨୩ରେ ଜାପାନ ମଧ୍ୟ ସ୍ୱୀକୃତି ଦେଇଥିଲା । ନେତାଜୀଙ୍କ ସେହି ଅସ୍ଥାୟୀ ସରକାରରେ ବ୍ରହ୍ମଦେଶ (ମିଆଁମାର), ଜର୍ମାନୀ, ଫିଲିପାଇନ୍ସ, ଜାତୀୟବାଦୀ ଚୀନ, ମଞ୍ଚୁକୋ, ଇଟାଲୀ, ଥାଇଲାଣ୍ଡ ଓ କୋଏସିଆ ପ୍ରଭୃତି ରାଷ୍ଟ୍ରଗଣ ଯୋଗ ଦେଇଥିଲେ । ଆଣ୍ଡାମାନ ଦ୍ୱୀପର ପୋର୍ଟବ୍ଲେଆରଠାରେ ନେତାଜୀ ଭାରତ ସରକାରଙ୍କର ଜାତୀୟ ପତାକା ୧୯୪୩ ଡିସେମ୍ବର ୩୦ରେ ଉତ୍ତୋଳନ କରିଥିଲେ । ଏହାପରେ ୧୯୪୪ ଜାନୁଆରୀ ୭ରେ ନେତାଜୀ ବ୍ରହ୍ମଦେଶର ରାଜଧାନୀ ରେଙ୍ଗୁନଠାରେ ତାଙ୍କ ସରକାରଙ୍କ ସଦର ମହକୁମା (Headquater)କୁ ସ୍ଥାନାନ୍ତରିତ କରିଥିଲେ ।

ପ୍ରକୃତରେ ଭାରତର ସ୍ୱାଧୀନତାପାଇଁ ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନର ବଳିଷ୍ଠ ଭୂମିକା ଥିଲେ ମଧ୍ୟ ନେତାଜୀଙ୍କର ଯୁଦ୍ଧ ଡାକରା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ନେତାଜୀଙ୍କ ଯୁଦ୍ଧ ଡାକରା ଯୋଗୁଁ ଚତୁର ଇଂରେଜ ସରକାର ଭୟଭୀତ ହୋଇ ୧୯୪୭ ଅଗଷ୍ଟ ୧୪ ତାରିଖ ମଧ୍ୟ ରାତ୍ରରେ ଭାରତକୁ ସ୍ୱାଧୀନ କରିବା ବ୍ୟତୀତ ଗତ୍ୟନ୍ତର ନଥିଲା । ତା' ହୋଇ ନଥିଲେ ଆମର ସ୍ୱାଧୀନତା ଆହୁରି ବିଳମ୍ବିତ ହୋଇଥା'ନ୍ତା । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ 'କଣାମାମୁ' ଉପନ୍ୟାସଟି ଭାରତର ସ୍ୱାଧୀନତା ସଂଗ୍ରାମ ଉପରେ ଆଧାରିତ ଏବଂ କଣାମାମୁ ଚରିତ୍ରଟିରେ ନେତାଜୀଙ୍କ ବ୍ୟକ୍ତିତ୍ୱର ପ୍ରତିଫଳନ ଥିବା ପରି ମନେ ହୋଇଥାଏ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଦେବୀ ସରସ୍ୱତୀ ନଦୀ ସରସ୍ୱତୀ



ଡକ୍ଟର ବାସନ୍ତୀ ମହାନ୍ତି



ବାଗ୍‌ଦେବୀ ସରସ୍ୱତୀ ବୈଦିକ ଯୁଗରୁ ମୁନିଋଷିମାନଙ୍କ କଣ୍ଠରେ ଉଚ୍ଚାରିତ ହୋଇ ଆସୁଥିଲେ । ସୃଷ୍ଟି ଆରମ୍ଭରେ ପ୍ରଥମ ଦେବୀ ଭାବରେ ସେ ଆବିର୍ଭୂତା ହୋଇଥିଲେ । ସ୍ୱୟମ୍ଭୂବ୍ରହ୍ମା ପ୍ରଥମେ ଚକ୍ଷୁ ଉନ୍ମୀଳନ କରି 'କୋଽହଂ'– ମୁଁ କିଏ ବୋଲି ଯେତେବେଳେ ପ୍ରଶ୍ନ କରିଛନ୍ତି, ସେତିକିବେଳେ ବାଗ୍‌ଦେବୀ ସରସ୍ୱତୀ ଆବିର୍ଭାବ ହୋଇ ବ୍ରହ୍ମାଙ୍କୁ ଯେଉଁ ଜ୍ଞାନ ପ୍ରଦାନ କରିଥିଲେ, ସେହିସବୁ ଚତୁର୍ବେଦ ହୋଇ ବ୍ରହ୍ମାଙ୍କ ମୁଖରୁ ନିଃସୃତ ହୋଇଥିଲା । ଏ ସମ୍ପର୍କରେ ଋଗ୍‌ବେଦରେ ସବିଶେଷ ତଥ୍ୟ ରହିଛି ।

ମା' ସରସ୍ୱତୀ ନଦୀ ହୋଇ ବହିଗଲା ପରେ ସେହି ନଦୀ କୂଳରେ ଗଢ଼ି ଉଠିଥିଲା ଆମ ପ୍ରାଚୀନ ସଭ୍ୟତା । ବିଭିନ୍ନ ଜନପଦ । ହରପ୍ପା ସଭ୍ୟତା ମଧ୍ୟ ଏହି ନଦୀକୂଳରେ ଅବସ୍ଥିତ ଥିଲା । ପାର୍ବତୀ କାର୍ତ୍ତିକେୟଙ୍କୁ ଏହି ନଦୀ ତଟରେ ଦେବ ସେନାପତି ରୂପେ ସଜ୍ଜିତ କରି ସ୍ୱର୍ଗରାଜ୍ୟକୁ ପଠାଇଥିଲେ । ପୁରୁରବା ଉର୍ବଶୀଙ୍କର ମିଳନ ଏହି ନଦୀ କୂଳରେ ହୋଇଥିଲା । ମହାଭାରତ ବର୍ଣ୍ଣିତ କାମ୍ୟକ ବନ ଏହି ନଦୀ ତଟରେ ଥିଲା। ମହାଭାରତ ଯୁଦ୍ଧ ମଧ୍ୟ ସରସ୍ୱତୀ ନଦୀ ତଟରେ ହୋଇଥିଲା ବୋଲି ଉଲ୍ଲେଖ ଅଛି ।

ଋଗ୍‌ବେଦରେ ଯେଉଁ ସପ୍ତସିନ୍ଧୁ ସମ୍ପର୍କରେ ଉଚ୍ଚାରଣ ରହିଛି, ସେମାନଙ୍କ ମଧ୍ୟରେ ନଦୀ ସରସ୍ୱତୀ ଅନ୍ୟତମ । ଅନ୍ୟ ଛଅଟି ନଦୀ ହେଲା – ସିନ୍ଧୁ, ଶତଦ୍ରୁ ବା ଶତ୍‌ଲେଜ୍, ବିତସ୍ତା, ବିପାଶା, ଅସ୍କିନି (ଚେନାବ), ପରୁଷ୍ଣି (ରାବି) । ଏମାନଙ୍କ ମଧ୍ୟରେ ସବୁଠାରୁ ଶ୍ରେଷ୍ଠ ଥିଲା ସରସ୍ୱତୀ ବା ସାରସନଦୀ (ପୂର୍ବନାମ)। ଉତ୍ତରାଖଣ୍ଡ ଅନ୍ତର୍ଗତ ଗଡ଼୍‌ୱାଲ୍‌ର ହର୍-କି-ଧୂନ୍‌ର ହିମସ୍ରୋତରୁ ବାହାରି ପ୍ରାୟ ୧୫୦୦ କିଲୋମିଟର ପର୍ଯ୍ୟନ୍ତ ସରସ୍ୱତୀ ନଦୀର ଲମ୍ବ ଓ ୧୫ କିଲୋମିଟର ପର୍ଯ୍ୟନ୍ତ ପ୍ରସ୍ଥ ଥିଲା ବୋଲି ପ୍ରତ୍ନତତ୍ତ୍ୱବିତ୍‌ମାନେ କହନ୍ତି । ସେହିପରି ପାଞ୍ଚମିଟର ଥିଲା ଗଭୀରତା । ଋଗ୍‌ବେଦ ଅନୁସାରେ ଏହି ନଦୀ ଯମୁନା ଓ ଶତ୍‌ଲେଜ୍ ମଝିରେ ପ୍ରବାହିତ ହୋଇ ସମୁଦ୍ରରେ ପଡ଼ିଥିଲା । ଅଳକାନନ୍ଦା ଏହାର ଏକ ଉପନଦୀ ଥିଲା । ଏବେ ଆମେ ଯାହାକୁ ପ୍ରୟାଗ ଠାରେ ତ୍ରିବେଣୀ କହୁଛୁ, ତାହା ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କର ମିଳନସ୍ଥଳ । ସରସ୍ୱତୀ ନଦୀ ଏବେ ଦୃଶ୍ୟମାନ ନୁହେଁ । ତଥାପି ସେ ଅନ୍ତଃ ସଲୀଳା ବୋଲି ହିନ୍ଦୁ ଧର୍ମରେ ବିଶ୍ୱାସ ରହିଛି । ପ୍ରୟାଗ ଠାରେ ନଦୀ ସରସ୍ୱତୀଙ୍କୁ ପୂଜାର୍ଚ୍ଚନା ହୁଏ ।

ସରସ୍ୱତୀ ନଦୀ ଅଦୃଶ୍ୟ ହେବା ମୂଳରେ ଭୂଚଳନର ଭୂମିକା ରହିଛି ବୋଲି ବୈଜ୍ଞାନିକମାନେ କହନ୍ତି । ଏହି ଭୂଚଳନ ହେତୁ ସରସ୍ୱତୀ ନଦୀର ଉପନଦୀ ଯମୁନା ଗତିପଥ ପରିବର୍ତ୍ତନ କରିବା ଦ୍ୱାରା ସରସ୍ୱତୀ ନଦୀ ଶୁଷ୍କ ହୋଇଗଲା। ଏକଦା ସୁନାବ୍ୟା ନଦୀ ରୂପେ ପ୍ରତିଷ୍ଠା ଅର୍ଜନ କରିଥିବା ନଦୀ ଅସ୍ତିତ୍ୱ ହରାଇଲା । ଏହା କୂଳରେ ଗଢ଼ି ଉଠିଥିବା ସଭ୍ୟତା ମଧ୍ୟ ଲୋପ ପାଇଗଲା। ହରପ୍ପା ସଭ୍ୟତା ସରସ୍ୱତୀ ନଦୀ କୂଳରେ ଅବସ୍ଥିତ ଥିଲା। ଏଠାରୁ ଲୋକମାନେ ଗୋଆ ଓ କେରଳ ଆଦି ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିବା ଅନୁମାନ କରାଯାଏ ।

ସରସ୍ୱତୀ ନଦୀ ଶୁଷ୍କ ହେବା ମୂଳରେ ଅନେକ ପୌରାଣିକ କାହାଣୀ କିମ୍ବଦନ୍ତୀ ରହିଛି । ସେମାନଙ୍କ ମଧ୍ୟରୁ ଏକ ବହୁଚର୍ଚ୍ଚିତ କିମ୍ବଦନ୍ତୀ ହେଉଛି ଗଣେଶଙ୍କ ଅଭିଶାପ କଥା । ବ୍ୟାସଦେବ ମହାଭାରତ ଲେଖିବା ବେଳେ ଗଣେଶ ଥିଲେ ତାଙ୍କ ସହାୟକ । ଏଥିପାଇଁ ଦୁହେଁ ଥିଲେ ସର୍ତ୍ତବଦ୍ଧ । ସର୍ତ୍ତ ହେଲା ବ୍ୟାସ ଅନର୍ଗଳ ଶ୍ଳୋକମାନ ଆବୃତ୍ତି କରିବେ ଓ ଶ୍ଳୋକଗୁଡ଼ିକୁ ଭଲ ଭାବରେ ବୁଝିସାରିବା ପରେ ଅବିଚ୍ଛିନ୍ନ ଭାବରେ ଗଣେଶ ଲେଖି ଚାଲିବେ । କେହି କାହାକୁ ଅବସର ଦେବେ ନାହିଁ । ସରସ୍ୱତୀ ନଦୀ କୂଳରେ ଦୁହେଁ ବସି ମହାଭାରତ ରଚନା କରିବାର ନିଷ୍ପତ୍ତି ନେଲେ । କିନ୍ତୁ ସରସ୍ୱତୀ ନଦୀସ୍ରୋତର ଶବ୍ଦରେ ବ୍ୟାସଙ୍କ ମୁଖର ଆବୃତ୍ତି ଭଲଭାବରେ ଗଣେଶ ଶୁଣିପାରିଲେ ନାହିଁ । ସେ ଶବ୍ଦକୁ ହ୍ରାସ କରିବା ପାଇଁ ସରସ୍ୱତୀଙ୍କୁ ଗଣେଶ ନିର୍ଦ୍ଦେଶ ଦେଲେ କିନ୍ତୁ ସେଥିପ୍ରତି ସେ କର୍ଣ୍ଣପାତ କଲେ ନାହିଁ। ଫଳରେ ସେ ସରସ୍ୱତୀ ନଦୀକୁ ଶୁଷ୍କ ହୋଇଯିବାର ଅଭିଶାପ ଦେଲେ। ନଦୀଟି ସଙ୍ଗେ ସଙ୍ଗେ ଶୁଷ୍କ ହୋଇଗଲା। ଏହା ଖ୍ରୀ.ପୂ. ୬୦୦୦ରୁ ୪୦୦୦ ବର୍ଷ ପୂର୍ବର କଥା ବୋଲି ପୁରାଣ ତତ୍ତ୍ୱବିତ୍‌ମାନେ କହନ୍ତି ।

ଏବେ ଦେବୀ ସରସ୍ୱତୀଙ୍କ ସମ୍ପର୍କରେ କିଞ୍ଚିତ୍ ଆଲୋକପାତ କରିବା। ଉପରୋକ୍ତ ପୁରାକଳ୍ପ ଅନୁସାରେ ଦେବୀ ସରସ୍ୱତୀ ଓ ନଦୀ ସରସ୍ୱତୀ ଏକ ଓ ଅଭିନ୍ନ। ବ୍ରହ୍ମାଙ୍କ ଲୋଲୁପ ଦୃଷ୍ଟିରୁ ଏଡ଼ାଇବା ପାଇଁ ସେ ନଦୀ ହୋଇ ବହିଯାଇଥିଲେ ଓ ଗଣେଶଙ୍କ କୋପରେ ଶୁଷ୍କ ହୋଇଗଲେ। ଏହି ପୌରାଣିକ କିମ୍ବଦନ୍ତୀର ସାଙ୍କେତିକ ସ୍ୱରୂପ ହୋଇପାରେ, ପ୍ରତିଭା ଶୃଙ୍ଖଳିତ ସଂଯତ୍ନ ଓ ନିରହଙ୍କାରୀ ହେଲେ, ତାହା ପ୍ରତିଷ୍ଠା ପାଇଥାଏ। ନଦୀ ଶୁଷ୍କ ହୋଇଗଲା ପରେ ଦେବୀ ସରସ୍ୱତୀଙ୍କୁ ଆମେ ଦେଖୁ ଶୁଭ୍ରବସନା, ନିରାଭରଣା ସଦାସର୍ବଦା ସାଧନାରତ ଦେବୀରୂପେ। ତାଙ୍କର ଦୁଇହସ୍ତ ବୀଣା ଧାରଣ କରି କଳା ସାଧନା କରୁଥିବା ବେଳେ, ଆଉ ଗୋଟିଏ ହସ୍ତ ପୁସ୍ତକ ଧାରଣ କରିଛି। ଅନ୍ୟ ହସ୍ତଟିରେ ଲେଖନୀ ରହିଛି। ସରସ୍ୱତୀଙ୍କ ବ୍ୟତୀତ ଅନ୍ୟ ସମସ୍ତ ଦେବୀଙ୍କ ହସ୍ତରେ ଅସ୍ତ୍ର ରହିଛି । ଏପରିକି ଲକ୍ଷ୍ମୀଙ୍କ ହସ୍ତରେ ମଧ୍ୟ ରହିଛି ଶଙ୍ଖ, ଚକ୍ର, ଗଦା, ପଦ୍ମ । ଯଦିଓ ଲକ୍ଷ୍ମୀ କେବେ କେଉଁଠି ଯୁଦ୍ଧ କରିବାର ଉଲ୍ଲେଖ ନାହିଁ ।

ଲକ୍ଷ୍ମୀ, ସରସ୍ୱତୀ ଓ ପାର୍ବତୀ ଶାସ୍ତ୍ରୀୟ ଦେବୀ। ଲକ୍ଷ୍ମୀ ଧନ ଓ ଐଶ୍ୱର୍ଯ୍ୟର ଦେବୀ। ସେ ବିଷ୍ଣୁଙ୍କ ପାଟରାଣୀ । ବିଷ୍ଣୁଙ୍କ ଗାର୍ହସ୍ଥ୍ୟ ଜୀବନରେ ସେ ସନ୍ତୁଷ୍ଟା । ପାର୍ବତୀ ଶକ୍ତିର ଦେବୀ । ସେ ଶକ୍ତିମୟୀ । ଶିବଙ୍କର ପତ୍ନୀ । ଆବଶ୍ୟକ ସ୍ଥଳେ ସଂହାର କାରିଣୀ ସାଜି ପାରନ୍ତି । ଶିବ ଅଘୋରୀ ଶ୍ମଶାନବାସୀ । ପାର୍ବତୀ ପରିବାର ପ୍ରତିପୋଷଣ କରନ୍ତି । ସେ ଶିବଙ୍କ ପରିବାରରେ ସନ୍ତୁଷ୍ଟ ଅଟନ୍ତି ।

ବିଦ୍ୟାଦାତ୍ରୀ ସରସ୍ୱତୀ କଳା ଓ ସଂସ୍କୃତିର ପୃଷ୍ଠପୋଷକତା କରନ୍ତି । ସେ ଜ୍ଞାନ, ପ୍ରଜ୍ଞା ଓ ପ୍ରତିଭାର ଦେବୀ । ତାଙ୍କ ପତ୍ନୀତ୍ୱ ସମ୍ପର୍କରେ ଅନେକ କାହାଣୀ କିମ୍ବଦନ୍ତୀ ରହିଛି । ତାଙ୍କୁ କେହି ବ୍ରହ୍ମାଙ୍କର ଝିଅ କହୁଥିବା ବେଳେ ଆଉ କେହି ତାଙ୍କୁ ବ୍ରହ୍ମାଙ୍କ ପତ୍ନୀ ବୋଲି କହନ୍ତି । କେତେକ ପୁରାଣରେ ଉଲ୍ଲେଖ ଅଛି ବ୍ରହ୍ମା ସରସ୍ୱତୀଙ୍କ ସହ ଗାୟତ୍ରୀଙ୍କୁ ମଧ୍ୟ ବିବାହ କରିଥିଲେ । ସରସ୍ୱତୀ ବ୍ରହ୍ମାଙ୍କୁ ବିବାହ କରିବା ପୂର୍ବରୁ ବିଷ୍ଣୁଙ୍କୁ ବିବାହ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବିଷ୍ଣୁ, ତାଙ୍କ ପତ୍ନୀ ସରସ୍ୱତୀଙ୍କୁ ବ୍ରହ୍ମାଙ୍କୁ ପ୍ରଦାନ କରିଥିଲେ । ସରସ୍ୱତୀଙ୍କ ପତ୍ନୀତ୍ୱ ସମ୍ପର୍କରେ ଏକ କାହାଣୀ ରହିଛି । କାହାଣୀଟି ଏହିପରି...

ସେ ବ୍ରହ୍ମା ଯଜ୍ଞର ଆୟୋଜନ କରିଥିଲେ । ଯଜ୍ଞ ଅନୁଷ୍ଠାନରେ ସସ୍ତ୍ରୀକ ବସିବା ବିଧି । କିନ୍ତୁ ଠିକ୍ ସମୟରେ ସରସ୍ୱତୀ ଆସିପାରିଲେ ନାହିଁ । ସେ କେଉଁଠି କଳା ସାଧନାରେ ମଗ୍ନ ଥିଲେ । ହଠାତ୍ ମନେ ପଡ଼ିଯିବାରୁ ସେ ତରତର ହୋଇ ଯଜ୍ଞସ୍ଥଳରେ ପହଞ୍ଚିଗଲେ । କିନ୍ତୁ ସେତେବେଳକୁ ପୁରୋହିତଙ୍କ ପରାମର୍ଶରେ ଲଗ୍ନ ଗଡ଼ିଯାଉଥିବାରୁ ବ୍ରହ୍ମା ଗାୟତ୍ରୀଙ୍କୁ ପତ୍ନୀ ରୂପରେ ଗ୍ରହଣ କରି ପୂଜାରେ ବସି ସାରିଥିଲେ । ସରସ୍ୱତୀ ଏଥିରେ କ୍ରୋଧିତ ହୋଇ ବ୍ରହ୍ମାଙ୍କୁ ଅପୂଜ୍ୟ ହେବାର ଅଭିଶାପ ଦେଇଥିଲେ । ସେଥିପାଇଁ ତ୍ରିଦେବମାନଙ୍କ ମଧ୍ୟରେ ଶିବ ଓ ବିଷ୍ଣୁଙ୍କ ପାଇଁ ସାରା ବିଶ୍ୱରେ ଅନେକ ମନ୍ଦିର ପରିଲକ୍ଷିତ ହେଲେ ସୁଦ୍ଧା ବ୍ରହ୍ମାଙ୍କ ପାଇଁ ସ୍ୱତନ୍ତ୍ର ମନ୍ଦିର ପରିଲକ୍ଷିତ ହୁଏ ନାହିଁ । କେବଳ ତ୍ରିନାଥ ମେଳାରେ ଯାହା ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କୁ ଏକତ୍ର ପୂଜା କରାଯାଏ । ଅନ୍ୟତ୍ର ସ୍ୱତନ୍ତ୍ର ଭାବରେ ବ୍ରହ୍ମାଙ୍କୁ ପୂଜା କରାଯାଏ ନାହିଁ ।

ସଂଯୋଗବଶତଃ ତ୍ରିଦେବୀ ଲକ୍ଷ୍ମୀ, ସରସ୍ୱତୀ ଓ ପାର୍ବତୀଙ୍କ ମଧ୍ୟରୁ ଲକ୍ଷ୍ମୀ, ପାର୍ବତୀଙ୍କ ସ୍ୱତନ୍ତ୍ର ମନ୍ଦିର ବିଭିନ୍ନ ସ୍ଥାନରେ ଥିଲେ ସୁଦ୍ଧା ସରସ୍ୱତୀଙ୍କ ନାମରେ ସ୍ୱତନ୍ତ୍ର ମନ୍ଦିର ଥିବା ପରିଲକ୍ଷିତ ହୁଏ ନାହିଁ । ଅନେକ ମନ୍ଦିରରେ ସେ ପାର୍ଶ୍ୱଦେବୀ ରୂପେ ଶୋଭା ପାଇଥାନ୍ତି । ଝଙ୍କଡ଼ରେ ସିଂହବାହିନୀ ଦୁର୍ଗାଙ୍କ ଭିତରେ ହିଁ ମାଆ ସରସ୍ୱତୀଙ୍କୁ ସାରଳା ଦାସ ଦେଖିପାରିଥିଲେ । ତାଙ୍କୁ ପ୍ରସନ୍ନ କରି ସେ ଲେଖି ଚାଲିଥିଲେ ଅନର୍ଗଳ । ଦୁର୍ଗାଙ୍କୁ ହିଁ ସରସ୍ୱତୀ ରୂପେ ଗ୍ରହଣ କରିନେଇଛନ୍ତି । ଏଠି ସରସ୍ୱତୀଙ୍କ ବାହନ ହଂସ ନୁହେଁ, ସିଂହ, ସେ ସିଂହବାହିନୀ । ସେହିପରି ଉପେନ୍ଦ୍ର ଭଞ୍ଜ କୁଲାଡ଼ରେ ଯେଉଁ ଦେବୀଙ୍କୁ ସରସ୍ୱତୀ ରୂପେ ପୂଜା କରିଥିଲେ ତାଙ୍କୁ ବାଗ୍‌ଦେବୀ କୁହାଗଲେ ସୁଦ୍ଧା ସେ ହେଉଛନ୍ତି ବ୍ୟାଘ୍ରବାହିନୀ ବ୍ୟାଘ୍ରଦେବୀ। ବ୍ୟାଘ୍ର ବାହନରେ ବସିଥିବାରୁ ତାଙ୍କୁ ବ୍ୟାଘ୍ରଦେବୀ କୁହାଯାଏ। ବିଦ୍ୟାଳୟମାନଙ୍କରେ ଶ୍ରୀପଞ୍ଚମୀ ଦିନ ମୃଣ୍ମୟ ମୂର୍ତ୍ତି ଆବହନ କରାଯାଇ ବିସର୍ଜନ କରାଯାଇଥାଏ। ବ୍ରହ୍ମାଙ୍କ ପରି ସେ ଅପୂଜ୍ୟା ନୁହଁନ୍ତି କିନ୍ତୁ ତାଙ୍କ ପାଇଁ ସ୍ୱତନ୍ତ୍ର ମନ୍ଦିର ପରିଲକ୍ଷିତ ହୁଏ ନାହିଁ । ଏହାର କାରଣ ଏବେ ସୁଦ୍ଧା ଗବେଷଣା ସାପେକ୍ଷ ।

ଦେବୀ ସରସ୍ୱତୀଙ୍କ ବାହନ ହେଉଛନ୍ତି ହଂସ । ହଂସ ଏକାଗ୍ରତାର ପ୍ରତୀକ । କ୍ଷୀର ଓ ନୀର ରଖିଲେ ସେ କେବଳ କ୍ଷୀରତକ ପିଇ ନୀରତକ ଛାଡ଼ି ଦିଏ । ପଙ୍କିଳ ଜଳରାଶିରୁ ଅତି କୌଶଳ ସହକାରେ ସେ ଜଳତକ ପିଇ ପଙ୍କତକ ଛାଡ଼ି ଦେଇଥାଏ । ଶୁଭ୍ରତା, ସ୍ୱଚ୍ଛତା, ଏକାଗ୍ରତା ଓ ଜ୍ଞାନର ପ୍ରତୀକ ହଂସ । ଦେବୀ ମା' ସରସ୍ୱତୀ, ଶ୍ୱେତବସନା, ଶ୍ୱେତ ପଦ୍ମ ଉପରେ ଉପବେଶନ କରିଥାନ୍ତି । ଦେବୀ ସରସ୍ୱତୀଙ୍କ ଜନ୍ମ ବସନ୍ତ ପଞ୍ଚମୀ । ସରସ୍ୱତୀଙ୍କୁ ବିଦ୍ୟାଦାତ୍ରୀ, ସଙ୍ଗୀତ କଳା ନିପୁଣା ରୂପେ ଆରାଧନା କରାଯାଏ । ଶ୍ରୀପଞ୍ଚମୀ ଦିନ ଶିଶୁମାନଙ୍କର ପ୍ରଥମ ଖଡ଼ିଛୁଆଁ ହୁଏ । ଏହି ଦିନଟାରେ ନିର୍ବିବାଦରେ ସବୁ ଶୁଭକାମ ଆରମ୍ଭ ହୋଇଥାଏ । ଜଗନ୍ନାଥଙ୍କ ରଥକାଠ ସଂଗ୍ରହ ଅନୁକୂଳ ହୋଇଥାଏ । ସରସ୍ୱତୀଙ୍କୁ ପ୍ରସନ୍ନ କରିବାକୁ ହେଲେ ଖୁବ୍ ସାଧନା କରିବାକୁ ପଡ଼େ । ସେ ସହଜରେ ପ୍ରସନ୍ନ ହୁଅନ୍ତି ନାହିଁ । ଥରେ ପ୍ରସନ୍ନ ହେଲେ ସେ ଆଉ ପାଖ ଛାଡ଼ନ୍ତି ନାହିଁ । ଅପରପକ୍ଷେ ଲକ୍ଷ୍ମୀ ଚଞ୍ଚଳା ସେ ଆସନ୍ତି, ପୁଣି କେତେବେଳେ ଚାଲିଯାଆନ୍ତି, ତାର ଇୟତ୍ତା ନଥାଏ । ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣରେ ରହିଛି –

*'ଜଗତେ ବୋଲନ୍ତି ତତେ ବାଇ ଠାକୁରାଣୀ,*
*ବାଇ ପ୍ରାୟ ବୁଲୁଥାଉ ମୋହର ଘରଣୀ*
*ଏକ ଘର କରାଉ ତୁ ସହସ୍ର ଘର ଭାଙ୍ଗି*
*ସହସ୍ର ଘର କରାଉ ଏକ ଘର ଭାଙ୍ଗି।'*

କିନ୍ତୁ ସରସ୍ୱତୀ ସ୍ଥିରା, ଧୀରା, ଏକାଗ୍ରତା ସମ୍ପନ୍ନା । ଐଶ୍ୱର୍ଯ୍ୟ ଦିଅନ୍ତି ନାହିଁ । କିନ୍ତୁ ତାଙ୍କ ଭକ୍ତଙ୍କୁ ସେ ଯେଉଁ ଦିବ୍ୟ ବିଭୂତିରେ ମଣ୍ଡିତ କରନ୍ତି, ତାହା କୋଟି ଐଶ୍ୱର୍ଯ୍ୟ ଠାରୁ ବି ଗରୀୟାନ ।

ଗଣ୍ଡମୂର୍ଖ କାଳିଦାସଙ୍କୁ କୌଶଳ କ୍ରମେ ପଣ୍ଡିତମାନେ ଜ୍ଞାନକୁ ନେଇ ଅହଂକାର କରୁଥିବା ବିଦୂଷୀ ରାଜକୁମାରୀଙ୍କୁ ବିବାହ କରାଇଦେଲେ । କିନ୍ତୁ ନିଜ ପତ୍ନୀଙ୍କ ଠାରୁ ବାସର ରାତିରେ ଅପମାନିତ ହୋଇ ସେ ଜ୍ଞାନ ଆହରଣ କରିବା ପାଇଁ ଚାଲିଗଲେ । ସେଥିପାଇଁ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କୁ ଧ୍ୟାନ କରି ବସିଲେ । ଅନ୍ନ, ଜଳ ତ୍ୟାଗ କରିଦେଲେ । କଠୋର ତପସ୍ୟା ପରେ ଶେଷରେ ଦେବୀ ପ୍ରସନ୍ନ ହେଲେ । ତାଙ୍କୁ ଦର୍ଶନ ମାତ୍ରକେ କାଳିଦାସଙ୍କର କବିତ୍ୱ ସ୍ଫୁରଣ ହେଲା, ସେ ତାଙ୍କୁ ବନ୍ଦନା କଲେ –

*'କଜ୍ଜଳ ପୁରିତ ଲୋଚନ ଧାରେ*
*ସ୍ତନଯୁଗ ଶୋଭିତ ମୁକୁତା ହାରେ*
*ବୀଣା ପୁସ୍ତକ ରଞ୍ଜିତ ହସ୍ତେ*
*ସରସ୍ୱତୀ ଭଗବତୀ ଦେବୀ ନମସ୍ତେ।'*

ଦେବୀ କ୍ରୋଧିତ ହେଲେ । ମାତୃ ବନ୍ଦନା ପାଦ ତଳୁ କରାଯାଏ, ମୁଖମଣ୍ଡଳରୁ ନୁହେଁ। କାଳିଦାସ ହେଲେ ଅଭିଶପ୍ତ, ନିଜର ବୁଦ୍ଧିବିଦ୍ୟା ବଳରେ ସବୁଠି ବିଜୟ ହାସଲ କଲେ ମଧ୍ୟ ବିଦ୍ୟା ନଗରୀ କାଶୀରେ ସେ ପରାଜିତ ହେବେ ବୋଲି ସରସ୍ୱତୀ କହିଦେଲେ । କାଶୀ ନଗରୀରେ କାଳିଦାସ କେମିତି ଉପହସିତ ହେଉଥିଲେ, ସେ ସମ୍ପର୍କରେ ଅନେକ ରୋଚକ କାହାଣୀ କିମ୍ବଦନ୍ତୀ ରହିଛି ।

ଝଙ୍କଡ଼ ବାସିନୀ ସିଂହବାହିନୀ ସାରଳାଙ୍କୁ ପ୍ରସନ୍ନ କରି ସାରଳା ଦାସ ଓଡ଼ିଆ ମହାଭାରତ ଲେଖିଛନ୍ତି । ନିଜକୁ ମୁର୍ଖ ଅପଣ୍ଡିତ ଶାସ୍ତ୍ରଜ୍ଞାନହୀନ ବୋଲି ବାରମ୍ବାର ତାଙ୍କ ମହାଭାରତରେ କହିଛନ୍ତି । ରାତିରେ ଦେବୀ ସରସ୍ୱତୀ ସାରଳାଙ୍କୁ ଯାହା କହନ୍ତି, ଦିନରେ ସେ ତାହା ଲେଖନ୍ତି ବୋଲି କହିଛନ୍ତି ।

ଜୈନଧର୍ମ ଓ ବୌଦ୍ଧଧର୍ମରେ ମଧ୍ୟ ଦେବୀ ସରସ୍ୱତୀଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି । ଜୈନ ଓ ବୌଦ୍ଧ ମନ୍ଦିର ଗାତ୍ର ମାନଙ୍କରେ ବୀଣା ଧାରିଣୀ ସରସ୍ୱତୀଙ୍କ ମୂର୍ତ୍ତି ଖୋଦିତ ହୋଇଛି । ଜୈନଧର୍ମରେ ତାଙ୍କୁ ବାଗିଶ୍ୱରୀ ଶାରଦା ଓ ବୌଦ୍ଧଧର୍ମରେ ମହାମାୟା ବୋଲି ଉଲ୍ଲେଖ କରାଯାଇଛି ।

ଦେବୀ ସରସ୍ୱତୀଙ୍କୁ ତନ୍ତ୍ରଶାସ୍ତ୍ରରେ ଦଶ ମହାବିଦ୍ୟାମାନଙ୍କ ମଧ୍ୟରେ ମାତଙ୍ଗୀ ବୋଲି ପରିକଳ୍ପନା କରାଯାଇଛି। ଦେବୀ ସରସ୍ୱତୀ ଆଦିଦେବୀ। ବ୍ରହ୍ମା ବ୍ରହ୍ମାଣ୍ଡ ସୃଷ୍ଟି କରିବା କାଳରୁ ସେ ତାଙ୍କର ସହାୟିକା ଦେବୀ ରୂପେ ତାଙ୍କ ସହ ଅଛନ୍ତି। ସେ ବୈଦିକ ଦେବୀ। ଗଙ୍ଗା ନଦୀ ପୁରାଣ ଯୁଗରେ ଆବିର୍ଭାବ ହୋଇଛନ୍ତି। ବୈଦିକ ମୁନିଋଷିମାନେ ଉଦାତ୍ତ କଣ୍ଠରେ ସରସ୍ୱତୀଙ୍କୁ ଆବାହନ କରୁଥିଲେ। ତତ୍‌କାଳୀନ ସମାଜ ଥିଲା ଜ୍ଞାନଭିକ୍ଷୁ କିନ୍ତୁ ଆମେ ଏବେ ଏମିତି ଏକ କାଳଖଣ୍ଡରେ ବାସ କରୁଛୁ, ଆମ ପାଖରେ ଜ୍ଞାନ ଅପେକ୍ଷା ଧନ ବଡ଼ ହୋଇ ଦେଖା ଦେଇଛି। ଆମ ବିଦ୍ୟାଧ୍ୟୟନ କେବଳ ଅର୍ଥ ଉପାର୍ଜନ ପାଇଁ ଉଦ୍ଦିଷ୍ଟ ହୋଇ ପଡୁଛି। ସାଧନା କି ଅଧ୍ୟବସାୟ ବଳରେ ନୁହେଁ, ଅର୍ଥ ବଳରେ ସରସ୍ୱତୀଙ୍କୁ ଆୟତ୍ତ କରିବାର ଏକ ନୂତନ ପରମ୍ପରା ସୃଷ୍ଟି ହୋଇଗଲାଣି। ବିଦ୍ୟାଳୟମାନ ଆଉ ସରସ୍ୱତୀଙ୍କ ଆରାଧନାସ୍ଥଳୀ ନୁହେଁ। ଲକ୍ଷ୍ମୀଙ୍କ ଆବାସସ୍ଥଳୀ ହେଲାଣି। ଯାହାର ଆର୍ଥିକ ଦମ୍ଭ ଯେତେ ବେଶି ସେ ସେତେ ଅଧିକ ବିଦ୍ୟା କିଣି ପାରୁଛି। ତାର ଯଥାର୍ଥ ପ୍ରୟୋଗ ପାଇଁ ପ୍ରଜ୍ଞାର ଅଭାବ ହେତୁ ସମାଜ ଓ ଜୀବନ ଏମାନଙ୍କ ଦୌରାତ୍ମ୍ୟରେ କଲବଲ ହେଉଛି ।

ଏବେ ସମୟ ଆସିଛି ଆମେ ସରସ୍ୱତୀଙ୍କୁ ଆବାହନ କରି ଆମ ସମାଜ ଓ ଜୀବନକୁ ପ୍ରଜ୍ଞାଦୀପ୍ତ କରିବା। ଜ୍ଞାନ ଆହରଣ କରି ସମାଜରୁ ଅଜ୍ଞାନତା ରୂପକ ଜଡ଼ତାକୁ ନାଶ କରିବା। ନିତ୍ୟ ନବ ନବ ପ୍ରତିଭାରେ ଜୀବନକୁ ବହୁ ବର୍ଣ୍ଣ ବିଭାରେ ମଣ୍ଡିତ କରିବା ।

**ଦି ଏମେରାଲ୍ଡ୍ ଆପାର୍ଟମେଣ୍ଟ**
**ବ୍ଲକ୍ ସି, ୨୧୩, ଲକ୍ଷ୍ମୀସାଗର,**
**ଭୁବନେଶ୍ୱର, ମୋ–୯୪୩୭୦୩୩୦୭୪**

# ହୃଦରୋଗ ବିପଦ ବଢ଼ାଉଛି ଦୈନନ୍ଦିନର ଅଭ୍ୟାସ



ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର

ହୃଦରୋଗ ବା ହାର୍ଟ ଆଟାକ୍ ହେଉ ଆଜିର ସମୟରେ ଏହା ଏକ ଧରାବନ୍ଧା ଦୁଃଖଦ ଖବର ହୋଇଗଲାଣି । ଏଥିପାଇଁ ଅନେକଙ୍କ ଜୀବନ ଦୀପ ଅଚାନକ ନିର୍ବାପିତ ହୋଇଯାଉଛି । କିଏ ଶୋଇବା ଅବସ୍ଥାରେ ତ କିଏ ଭାଷଣ ଦେବା ଅବସ୍ଥାରେ, କିଏ ଖାଦ୍ୟ ଖାଇବା ଅବସ୍ଥାରେ ଏପରିକି ଚାଲିବା ବୁଲିବା ଲୋକ ମଧ୍ୟ ହଠାତ୍ ତଳେ ପଡ଼ିଯାଉଛନ୍ତି । ଅନେକ ହୁଏତ ଜାଣନ୍ତିନି, ଆମ ମାନଙ୍କ ଦୈନନ୍ଦିନର କିଛି ଅଭ୍ୟାସ ହୃଦରୋଗକୁ ବଢ଼ାଉଛି ।

ହୃଦରୋଗ ହଠାତ୍ ଆସେ ବୋଲି ଅନେକଙ୍କ ଧାରଣା । କିନ୍ତୁ ବାସ୍ତବରେ ଏହା ନିରବରେ ଧୀରେ ଧୀରେ ଆରମ୍ଭ ହୋଇଥାଏ । ଅଧିକାଂଶ ଜାଣି ନଥାନ୍ତି ଯେ ନିଜର ଦୈନନ୍ଦିନ କାର୍ଯ୍ୟଧାରା ଏହି ବିପଦର କାରଣ ସାଜିଥାଏ । ଆସନ୍ତୁ, ଦୈନନ୍ଦିନ ଜୀବନର କିଛି ଅଭ୍ୟାସ ବାବଦରେ ଜାଣିବା, ଯାହା ହୃତପିଣ୍ଡକୁ କ୍ଷତି ପହଞ୍ଚାଉଛି ଏବଂ ମନୁଷ୍ୟର ଆୟୁଷକୁ ହ୍ରାସ କରୁଛି । ଆଧୁନିକ ସହରାଞ୍ଚଳ ଜୀବନଶୈଳୀରେ ଏମିତି କିଛି ଅଭ୍ୟାସ ଗୁନ୍ଥି ହୋଇ ରହିଛି ।

ଦୀର୍ଘ ସମୟ ବସି ରହିବା ଏବେ ହୃଦରୋଗ ବିପଦକାରକ ଭାବରେ ସ୍ୱୀକୃତି ପାଇଛି । ଦୀର୍ଘ ସମୟ ବସିବା ଦ୍ୱାରା ରକ୍ତବାହୀ ନଳୀର କାର୍ଯ୍ୟକାରିତାରେ ପରିବର୍ତ୍ତନଘଟି ମୃତ୍ୟୁର ବିପଦ ବଢ଼ାଇଥାଏ । ସେହିପରି ଆଧୁନିକ ଜୀବନଶୈଳୀର ଫାଶ ସାଜିଥିବା ଅତ୍ୟଧିକ ସ୍କ୍ରିନ ଟାଇମ୍ ମଧ୍ୟ ଅକାଳ ବାର୍ଦ୍ଧକ୍ୟର ଆଉ ଏକ କାରଣ । ସ୍କ୍ରିନ ସମୟ ଆମର ଗତିବିଧି, ନିଦ୍ରା ଓ ଖାଇବା ଆଚରଣକୁ ନିରବରେ ଖାଇ ଯାଉଛି । ସ୍କ୍ରିନ ଆଗରେ ଯେତେ ଘଣ୍ଟା ଅଧିକ ବିତିବ, ହୃଦରୋଗ, ଷ୍ଟ୍ରୋକ ଓ ମେଟାବୋଲିକ ବ୍ୟାଧିର ଆଶଙ୍କା ସେତେ ଅଧିକ ହେବ । ରାତିରେ ସ୍କ୍ରିନ ଏକ୍ସପୋଜର ମେଲାଟୋନିନ୍ କ୍ଷରଣକୁ ବାଧା ଦେଇ ନିଦ ଖରାପ କରେ ଏବଂ କାର୍ଡ଼ିଓମେଟାବୋଲିକ ବିପଦ ବଢ଼ାଏ । ଇନଷ୍ଟା ନୁଡଲସ, ପ୍ୟାକେଟରେ ମିଳୁଥିବା ସ୍ନାକ୍ସ ଏବଂ ମିଠା ପାନୀୟ ପରି ପ୍ରକ୍ରିୟାକୃତ ଖାଦ୍ୟ ସୁବିଧାଜନକ ହୋଇପାରେ, କିନ୍ତୁ ସେଗୁଡ଼ିକ ଦୀର୍ଘକାଳୀନ ବିପର୍ଯ୍ୟୟ ସୃଷ୍ଟି କରନ୍ତି । ଏହା ପ୍ରଦାହକୁ ତ୍ୱରାନ୍ୱିତ କରେ, ରକ୍ତଚାପ ବୃଦ୍ଧି କରେ, ଅନ୍ତନଳୀ ସ୍ୱାସ୍ଥ୍ୟକୁ ବିଚଳିତ କରେ ଏବଂ ଲୋକଙ୍କୁ ପ୍ରାରମ୍ଭିକ ହୃଦରୋଗ ଆଡ଼କୁ ଠେଲିଦିଏ ।

ସେହିପରି ଦୀର୍ଘକାଳୀନ ନିଦ୍ରା ଅଭାବ ହେଉଛି ସବୁଠାରୁ ଅଣଦେଖା ସ୍ୱାସ୍ଥ୍ୟ ବିପଦ ।



ଅଳ୍ପ ଓ ନିମ୍ନମାନର ନିଦ୍ରା ରକ୍ତଚାପ ବୃଦ୍ଧି କରେ, ମେଟାବୋଲିଜିମକୁ ପ୍ରଭାବିତ କରେ, ଓଜନ ବୃଦ୍ଧି କରେ ଏବଂ ହରମୋନ ସନ୍ତୁଳନକୁ ବିଗାଡ଼ି ଦିଏ । ଅଳ୍ପ ନିଦ୍ରା ମଧ୍ୟ ଚାପ ନିୟନ୍ତ୍ରଣରେ ବାଧା ସୃଷ୍ଟି କରି ହୃଦରୋଗର ସିଧାସଳଖ କାରଣ ପାଲଟେ । ସେହିପରି ଧୂମପାନର କୌଣସି ନିରାପଦ ସ୍ତର ନାହିଁ । କମ୍ କିମ୍ବା ସାମୟିକ ଧୂମପାନ ମଧ୍ୟ ହୃଦଘାତ ଓ ମସ୍ତିଷ୍କଘାତର ବିପଦ ବଢ଼ାଏ । ଏଥି ସହିତ ଦୀର୍ଘକାଳୀନ ମାନସିକ ଚାପ ହୃତପିଣ୍ଡକୁ ପ୍ରଭାବିତ କରେ । ଶରୀର ଚାପଗ୍ରସ୍ତ ରହିଲେ କର୍ଟିସୋଲ ଭଳି ହରମୋନ ଗୁଡ଼ିକ ଉଚ୍ଚ ରହିଥାଏ, ଯାହା ରକ୍ତବାହୀ ନଳୀକୁ କ୍ଷତି ପହଞ୍ଚାଏ, ରକ୍ତଚାପ ବୃଦ୍ଧି କରେ ଏବଂ ପ୍ଲାକ ଗଠନକୁ ତ୍ୱରାନ୍ୱିତ କରେ । ସେହିପରି ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ମଧ୍ୟ ହୃତପିଣ୍ଡର ଅନ୍ୟତମ ଶତ୍ରୁ । ସମ୍ପ୍ରତି ମଧ୍ୟରାତ୍ର ଭୋଜନ ଏକ ସାଧାରଣ ଅଭ୍ୟାସ ପାଲଟିଛି । ଉପରୋକ୍ତ ଅଭ୍ୟାସଗୁଡ଼ିକ ପ୍ରାୟତଃ ସାଧାରଣ ମନେ ହେଉଥିଲେ ହେଁ ଆମ ଅଲକ୍ଷ୍ୟରେ ବିପଜ୍ଜନକ ସାଜିଥାଏ । ତେଣୁ ସର୍ବନିମ୍ନ ଏକ ରୁଟିନବନ୍ଧା ସ୍ୱାସ୍ଥ୍ୟ ଅନୁମୋଦିତ ଜୀବନ ପ୍ରଣାଳୀ ଅବଲମ୍ବନ କରନ୍ତୁ, ଯାହାଦ୍ୱାରା ଅନ୍ତତଃପକ୍ଷେ ହୃଦରୋଗ ଆପଣଙ୍କ ନିୟନ୍ତ୍ରଣରେ ରହିପାରିବ ।

**ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମହିଳାଙ୍କ...

ନରେନ୍ଦ୍ର ମୋଦୀଙ୍କ ଭବ୍ୟ ଉପସ୍ଥିତିରେ ଭୁବନେଶ୍ୱରଠାରେ ଆରମ୍ଭ ହୋଇଥିଲା ଏବଂ ଅଦ୍ୟାବଧି, ଏକ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ତିନୋଟି କିସ୍ତିରେ ମୋଟ ୨୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କରି ସାରିଲୁଣି । ଏହି ଦୁଇଟି କିସ୍ତିକୁ ପ୍ରତି ବର୍ଷ ରାକ୍ଷୀ ପୂର୍ଣ୍ଣିମା ଏବଂ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ଏହି ଯୋଜନା ମାଧ୍ୟମରେ ସରକାର ମହିଳାମାନଙ୍କ ଜୀବନର ଏକାଧିକ ଦିଗରେ ଉନ୍ନତ କରିବାର ଲକ୍ଷ୍ୟ ରଖିଛନ୍ତି ଯାହା କ୍ରମଶଃ ସଫଳ ହେବାରେ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମହିଳା ସଶକ୍ତିକରଣ ଓ ସେମାନଙ୍କ ଆର୍ଥିକ ସ୍ୱାବଲମ୍ବିତା ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆର୍ଥିକ ସ୍ୱାଧୀନତା ଆତ୍ମବିଶ୍ୱାସ ଆଣିଥାଏ । ଯେତେବେଳେ ଜଣେ ମହିଳାଙ୍କ ହାତରେ ଟଙ୍କା ଥାଏ, ପରିବାର ଏବଂ ସମାଜରେ ତାଙ୍କ ସ୍ୱର ଅଧିକ ଶକ୍ତିଶାଳୀ ହୋଇଯାଏ । ସେ ନିଷ୍ପତ୍ତି ନେଇପାରନ୍ତି, ଭବିଷ୍ୟତ ପାଇଁ ଯୋଜନା କରିପାରନ୍ତି ଏବଂ ସାହସର ସହିତ ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ହୋଇପାରନ୍ତି । ସୁଭଦ୍ରା ଯୋଜନା ଆପଣଙ୍କୁ ସେହି ଆତ୍ମବିଶ୍ୱାସ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି । ଏହି ଯୋଜନା ସାମାଜିକ ନ୍ୟାୟ ମଧ୍ୟ ପ୍ରଦାନ କରୁଛି । ଏହା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ, ଗ୍ରାମାଞ୍ଚଳ, ଆଦିବାସୀ ସମ୍ପ୍ରଦାୟ, ସହରାଞ୍ଚଳ ଗରିବ ପରିବାର ଏବଂ ସାହାଯ୍ୟର ଆବଶ୍ୟକତା ଥିବା ସମସ୍ତ ମହିଳା ଓ ସେମାନଙ୍କ ପରିବାରକୁ ସମର୍ଥନ କରିବା ଉପରେ ଧ୍ୟାନ ଦିଏ । କାରଣ ଆମର ଲକ୍ଷ୍ୟ ହେଉଛି, ବିକାଶ ଯାତ୍ରାରେ କେହି ପଛରେ ରହିବା ଉଚିତ୍ ନୁହେଁ ।

ଆମ ସରକାର କେବଳ ସୁଭଦ୍ରା ଯୋଜନାରେ ସୀମାବଦ୍ଧ ହୋଇ ରହି ନାହାନ୍ତି । ଚଳିତ ବଜେଟରେ ରେକର୍ଡ ୮୯ ହଜାର ୮୬୨ କୋଟି ଟଙ୍କା କେବଳ ମାଦ ମାନଙ୍କ ପାଇଁ ପ୍ରାବଧାନ କରାଯାଇଛି । ଏହି ପ୍ରାବଧାନ ମୋଟ ବଜେଟ ଆକାରର ପ୍ରାୟ ୩୦ ପ୍ରତିଶତ । ସୁଭଦ୍ରା ଯୋଜନାରେ ଦିଆଯାଉଥିବା ତିନୋଟି କିସ୍ତିର ସହାୟତା ରାଶି ରାଜ୍ୟର ମହିଳାମାନଙ୍କର ଆର୍ଥିକ ମେରୁଦଣ୍ଡକୁ ମଜବୁତ୍ କରିବା ସହ ମହିଳାଙ୍କ ବିକାଶକୁ ଏକ ବଳ ଯୋଗାଇଛି । ଏହି ଧାରାକୁ ବଜାୟ ରଖିବା ସହ ସରକାର ପ୍ରତିଶ୍ରୁତିବଦ୍ଧ । ସୁଭଦ୍ରା ମାଧ୍ୟମରେ ଆମେ କେବଳ ଆର୍ଥିକ ସ୍ୱାଧୀନତା ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରୁ ନାହୁଁ ବରଂ ଶିକ୍ଷା, ଦକ୍ଷତା, ଏବଂ ରୋଜଗାରର ସୁଯୋଗ ମଧ୍ୟରେ ଥିବା ବ୍ୟବଧାନକୁ ମଧ୍ୟ ଦୂର କରୁଛୁ ବୋଲି ସେ କହିଥିଲେ ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ ସୁଭଦ୍ରା ଯୋଜନା ଶିଖାଇ ଦେଇଛି ଯେ ମହିଳା ଟିଏ ନିଜ ବଳରେ ନିଜର ଉଦ୍ୟମିତା ଆରମ୍ଭ କରିପାରେ । ସମ୍ମାନ, ସ୍ୱାବଲମ୍ବୀ ଓ ସ୍ୱାଭିମାନର ଲକ୍ଷ୍ୟ ନେଇ ଆମେ ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଓଡ଼ିଶା ଗଠନ ହୋଇପାରିବ ।

ଏହି ଅବସରରେ ୫ ସଫଳ ସୁଭଦ୍ରା ହିତାଧିକାରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ ଏବଂ ସହାୟତା ରାଶି ଚେକ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ମହିଳା ଓ ଶିଶୁବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ବିଭାଗୀୟ ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ ପ୍ରମୁଖ ମଞ୍ଚାସୀନ ଥିଲେ ।

## ୧୬ ମାଓବାଦୀ...

ନିହତ ହୋଇଥିବା ମାଓବାଦୀଙ୍କ ମଧ୍ୟରୁ ଜଣଙ୍କ "ଅନଲ' ଉପରେ ୧କୋଟିର ପୁରସ୍କାର ରାଶି ଘୋଷଣା କରାଯାଇଥିଲା ।

ଏନକାଉଣ୍ଟରରେ "ଅନଲ' ସମେତ ୧୬ ଜଣ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି ।ତେବେ କୋବ୍ରା ବାଟାଲିୟନ, ଜାଗୁଆର ଏବଂ ଜିଲ୍ଲା ପୁଲିସ ମିଳିତ ଭାବେ ଏହି ସ୍ୱତନ୍ତ୍ର ଅପରେସନ୍ ଆରମ୍ଭ କରିଥିଲେ । ସୁରକ୍ଷା ବାହିନୀ ମାଓବାଦୀଙ୍କ ନିକଟକୁ ଯିବା ମାତ୍ରେ ସେମାନେ ଆଖିବୁଜା ଗୁଳିମାଡ଼ କରିଥିଲେ । ଏହାର ଜବାବରେ ପାଲଟା ଗୁଳିମାଡ଼ କରିଥିଲେ ସୁରକ୍ଷା ବାହିନୀ ।ଏପର୍ଯ୍ୟନ୍ତ ୧୬ ଜଣଙ୍କ ମୃତ୍ୟୁ ନିଶ୍ଚିତ ହୋଇଛିଛ ନିହତ ମାଓବାଦୀଙ୍କ ବିବରଣୀ ଅପେକ୍ଷା କରାଯାଇଛି । ଏହା ଝାଡ଼ଖଣ୍ଡରେ କରାଯାଇଥିବା ସବୁଠାରୁ ବଡ଼ ଅପରେସନ । ଏହି ରାଜ୍ୟରେ ଏତେ ସଂଖ୍ୟକ ମାଓବାଦୀଙ୍କୁ ପୂର୍ବରୁ କେବେ ହତ୍ୟା କରାଯାଇ ନାହିଁ । ପୂର୍ବରୁ ୧.୧ କୋଟି ଟଙ୍କାର ପୁରସ୍କାର ବହନ କରୁଥିବା ମାଓବାଦୀ ପଲିଟବ୍ୟୁରୋ ସଦସ୍ୟ ପ୍ରଶାନ୍ତ ବୋଷଙ୍କୁ ସରାଇକେଲା-ଖରସୁଆଁରେ ଧରାଯାଇଥିଲା । ୨.୧ କୋଟି ଟଙ୍କାର ପୁରସ୍କାର ବହନ କରୁଥିବା କେନ୍ଦ୍ରୀୟ କମିଟି ସଦସ୍ୟ ମାଓବାଦୀ ସୁଧାକର ଝାଡ଼ଖଣ୍ଡରୁ ପଳାଇ ତେଲେଙ୍ଗାନା ସରକାରଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ । ଗତବର୍ଷ ଅପ୍ରେଲ ୩ ତାରିଖରେ କେନ୍ଦ୍ରୀୟ କମିଟି ସଦସ୍ୟ ପ୍ରୟାଗ ମାଁଝି ଓରଫ ବିବେକ ୧ କୋଟି ଟଙ୍କାର ପୁରସ୍କାର ବହନ କରି ଫେରାର୍ ହୋଇଯାଇଥିଲେ । ୧ କୋଟି ଟଙ୍କା ପୁରସ୍କାର ପାଇଥିବା ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ଅନୁଜ ଓରଫ ସହଦେବ ସୋରେନ ଓରଫ ପ୍ରବେଶ ଓରଫ ଅମଲେଶ ଗତ ବର୍ଷ ସେପେଟମ୍ବରରେ ହଜାରିବାଗରେ ଏକ ଏନକାଉଣ୍ଟରରେ ନିହତ ହୋଇଥିଲେ । ୫.୧ କୋଟି ଟଙ୍କା ପୁରସ୍କାର ପାଇଥିବା କେନ୍ଦ୍ରୀୟ କମିଟି ସଦସ୍ୟ ଅନଲ ଓରଫ ପତିରାମ ଆଜି ସରଣ୍ଡାରେ ଏକ ଏନକାଉଣ୍ଟରରେ ନିହତ ହୋଇଛି ।

କୁଖ୍ୟାତ ମାଓ ନେତା ଅନଲଙ୍କୁ ହତ୍ୟା କରିଛନ୍ତି ଯବାନ । ଅନଲ ସିପିଆଇ (ମାଓବାଦୀ)ର କେନ୍ଦ୍ରୀୟ କମିଟି ସଦସ୍ୟ (ସିସିଏମ୍) ଥିଲେ ଏବଂ ଦୀର୍ଘ ଦିନ ଧରି ସୁରକ୍ଷା ବାହିନୀର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଥିଲେ । ସୁରକ୍ଷା ବାହିନୀ ଅଞ୍ଚଳରେ ଏକ ସର୍ଚ୍ଚ ଅପରେସନ୍ ଚଳାଇଛନ୍ତି । ଏନକାଉଣ୍ଟର ପରେ ସମଗ୍ର ଅଞ୍ଚଳରେ ହାଇ ଆଲର୍ଟ ଘୋଷଣା କରାଯାଇଛି ଏବଂ ଘଟଣାସ୍ଥଳରେ ଅତିରିକ୍ତ ଫୋର୍ସ ମୁତୟନ କରାଯାଇଛି । ଝାଡ଼ଖଣ୍ଡରେ ଏତେ ସଂଖ୍ୟାରେ ମାଓବାଦୀ କେବେ ଏକକାଳୀନ ନିହତ ହୋଇନାହାଁନ୍ତି । ଏହା ପୁଲିସ ପାଇଁ ଏକ ବଡ଼ ସଫଳତା । ଅନଲଙ୍କ ସ୍କ୍ୱାଡ୍ କୋବ୍ରା-୨୦୯ ବାଟାଲିଅନ୍ ସହିତ ସିଧାସଳଖ ଏନକାଉଣ୍ଟରରେ ଲିପ୍ତ ହୋଇଥିଲା, ଫଳରେ ୧୬ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା । ସରଣ୍ଡାରେ ଏକ ନିର୍ଣ୍ଣାୟକ ଯୁଦ୍ଧ ଚାଲିଥିଲା । ଏହି ଅପରେସନ ପରେ ଝାଡ଼ଖଣ୍ଡରେ ଆଉ କୌଣସି ବଡ଼ ମାଓବାଦୀ ନାହାନ୍ତି ବୋଲି କୁହାଯାଉଛି ।

ସୁରକ୍ଷା ବାହିନୀର ସରକାରୀ ନିଶ୍ଚିତକରଣ ଅପେକ୍ଷା କରାଯାଇଛି । ଅଞ୍ଚଳରେ ସର୍ଚ୍ଚ ଅପରେସନ ଏବେ ବି ଜାରି ରହିଛି ଏବଂ ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ରଖିଛନ୍ତି । ସ୍ଥାନୀୟ ବାସିନ୍ଦା ଏବଂ ଅଧିକାରୀଙ୍କ ଅନୁଯାୟୀ ସରଣ୍ଡା ଜଙ୍ଗଲରେ ମାଓ କାର୍ଯ୍ୟକଳାପ ଦୀର୍ଘ ଦିନ ଧରି ଚିନ୍ତାର ବିଷୟ ହୋଇଆସିଛି । ଅନଲଙ୍କ ହତ୍ୟା ପରେ ସୁରକ୍ଷା ବାହିନୀ ଅଞ୍ଚଳରେ ସତର୍କତା ବୃଦ୍ଧି କରିଛନ୍ତି ଏବଂ ଆଖପାଖ ଗ୍ରାମଗୁଡ଼ିକରେ ପାଟ୍ରୋଲିଂ ଏବଂ ସନ୍ଧାନ ଅଭିଯାନକୁ ତୀବ୍ର କରିଛନ୍ତି । ଏହି ଏନକାଉଣ୍ଟରକୁ ସୁରକ୍ଷା ବାହିନୀ ପାଇଁ ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି ।

## ୧୦ ଯବାନ...

ଯବାନମାନଙ୍କୁ ଉଦ୍ଧାର କରାଯାଉଛି ଓ ଉଦ୍ଧାର କାର୍ଯ୍ୟ ଜୋରସୋର ଚାଲିଛି । ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ତୁରନ୍ତ ସେଠାକୁ ଟିମ୍ ଯାଇଥିଲା । ଏହା ହେଉଛି ଆମ ପାଇଁ ଏକ ଦୁଃଖଦ ମୁହୂର୍ତ୍ତ । ମୃତ ଓ ଆହତ ହୋଇଥିବା ସେନାଙ୍କ ପରିବାର ବର୍ଗଙ୍କ ସହ ଛିଡା ହୋଇଛନ୍ତି । ୧୦ ଆହତ ସୈନିକଙ୍କୁ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଥିଲା । ଏବଂ ଆହତମାନଙ୍କୁ ଚିକିତ୍ସା ଯୋଗାଇ ଦେବାକୁ ବରିଷ୍ଠମାନେ ନିର୍ଦ୍ଦେଶ ଦିଆଯାଇଛି । ସେନା ଗାଡିଟି ଉଚ୍ଚ ପାହାଡରେ ଥିବା ଏକ ସେନା ପୋଷ୍ଟକୁ ଯାଉଥିବା ସମୟରେ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲା । ଗାଡିଟି ୨୦୦ ଫୁଟ ତଳକୁ ଖସି ପଡିଥିଲା । ଡୋଡା ଜିଲ୍ଲାରେ ସୁରକ୍ଷା ପରିସ୍ଥିତି ସମ୍ବେଦନଶୀଳ ରହିଛି । ଦୁର୍ଘଟଣା ପରେ ସୁରକ୍ଷାବାହିନୀର ଅପରେସନ ବୃଦ୍ଧି ପାଇଛି । ଗୁଇନ୍ଦା ରିପୋର୍ଟ ଅନୁଯାୟୀ ଡୋଡା ଏବଂ ପଡୋଶୀ କିସ୍ତୱାଲ ଜିଲ୍ଲାରେ ଜିଲ୍ଲାରେ ୩୦ରୁ ୩୫ ଜଣ ପାକିସ୍ତାନର ମୂଳ ଆତଙ୍କବାଦୀ ସକ୍ରିୟ ଅଛନ୍ତି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ସୋସିଆଲ ମିଡ଼ିଆରେ ଉଲ୍ଲେଖ କରିଛନ୍ତି ଯେ ଏହି ଦୁଃଖଦ ସଡ଼କ ଦୁର୍ଘଟଣାରେ ସେ ଅତ୍ୟନ୍ତ ଦୁଃଖି । ଭାରତୀୟ ସେନା ୧୦ ଜଣ ସାହାସୀ ସୈନିକଙ୍କୁ ହରାଇଲା । ସେମାନଙ୍କ ପରିବାର ପ୍ରତି ହୃଦୟରୁ ସମବେଦନା ଜଣାଉଛି । ଆହତ ସୈନିକମାନଙ୍କୁ ଯଥା ସମ୍ଭବ ଚିକିତ୍ସା ଯୋଗାଇ ଦିଆଯିବ । ସମଗ୍ର ରାଷ୍ଟ୍ର ସେନା ବାହିନୀ ଓ ତାଙ୍କ ପରିବାର ସହ ଏହି କଠିନ ମୁହୂର୍ତ୍ତରେ ଛିଡା ହୋଇଛି ।

# ପିଏମ୍ଶ୍ରୀ କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କଲେ ମହାରାଷ୍ଟ୍ର ସିଏମ୍ଓ ଅଧିକାରୀ

ବାଲିପାଟଣା, (ସବ୍ୟୁ): ପି.ଏମ ଶ୍ରୀ କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଓ.ଏସ୍.ଡି ଶ୍ରୀମତୀ ପ୍ରିୟା ଖାନଙ୍କ ସମେତ ଅନ୍ୟ ଦୁଇ ଜଣ ସଚିବ ବିଦ୍ୟାଳୟ ପରିଦର୍ଶନ ନିମନ୍ତେ ଆସିଥିଲେ । ସେମାନେ ମୁଖ୍ୟତଃ ଆଲୁମିନିମାନଙ୍କର ବିଦ୍ୟାଳୟ ପ୍ରତି ଥିବା ଅବଦାନ ବିଷୟରେ ଜାଣିବାକୁ ଚାହିଁଥିଲେ ।ବିଦ୍ୟାଳୟ ପରିଦର୍ଶନ କରିବା ସହିତ ନିଜର ଖୁସି ଜାହିର କରିଥିଲେ । ଏହା ବିଦ୍ୟାଳୟ ପାଇଁ ଏକ ଗୌରବର ବିଷୟ ଥିଲା । ଏହି ସୌଭାଗ୍ୟପୂର୍ଣ୍ଣ ମୁହୂର୍ତ୍ତରେ ବିଦ୍ୟାଳୟରେ ବାଲିପାଟଣା ବ୍ଲକ ଶିକ୍ଷା ଅଧିକାରୀ ଡଃ ପ୍ରଭାତ କୁମାର ରଥ, ସି.ଆର.ସି.ସି ଝୁନି ଦେଇ, ପଞ୍ଚସଖା ଶିକ୍ଷା ସେତୁ ସଂଯୋଜନାର ସଭାପତି ପ୍ରତାପ କୁମାର ସାହୁ, ପଞ୍ଚସଖା ଶିକ୍ଷା ସେତୁ ସଂଯୋଜନାର ଆବାହକ ଭାଗିରଥୀ ପାତ୍ର, ପୂର୍ବତନ ମୋ ସ୍କୁଲ ସଭାପତି ଭୀମସେନ ମଣ୍ଡଳଙ୍କ ସମେତ ଅନ୍ୟାନ୍ୟ ଆଲୁମିନି ସଦସ୍ୟ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ଦେଇ ଓ ବରିଷ୍ଠ ଶିକ୍ଷକ ପ୍ରଦୀପ୍ତ କୁମାର ପ୍ରଧାନ ସେମାନଙ୍କୁ ବିଦ୍ୟାଳୟ ପରିଦର୍ଶନ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

## AFFIDAVIT

By virtue of an affidavit sworn before The Executive Magistrate Cuttack. I, Bijay Behera, Aged (43), S/o- Late Choudhury Behera, Resident of At- Andharua, Ghatikia, Bhubaneswar, Dist- Khordha, Pin-751003, Odisha. Declare by this affidavit no. 247, dated. 12.01.2026. I have changed my minor son's name from **Dhanjaya Behera** to **Dhananjaya Behera**. Hanceforth, he shall be known as **Dhananjaya Behera** for all purpose.

Sd/- Bijay Behera

## ଦ.ପୂ. ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ କାର୍ଯ୍ୟ କରୁଥିବା ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ଚକ୍ରଧରପୁର ଖୋଲା ଟେଣ୍ଡର ନିମନ୍ତେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କ୍ର.ନଂ., ଇ-ଟେଣ୍ଡର ନୋଟିସ୍ ନଂ ଓ କାର୍ଯ୍ୟର ନାମ ଓ ତାରିଖ ନିମ୍ନରେ ପ୍ରଦତ୍ତ : ୧. ୮୬-ଇଏଲ-ଜବ୍ଲୁଟି-୨୦୨୫-୨୬, ୨୧.୦୧.୨୦୨୬ । ଟାଟାନଗର-ହାଲୁଦପୁକୁରର କାର୍ଯ୍ୟ ସବାଶେ ଇଲେକ୍ଟ୍ରିକାଲ (ଜି) କାର୍ଯ୍ୟ : ଆଇୟୁବି ନିର୍ମାଣ ଦ୍ୱାରା ମାନବ ଚାଳିତ ଲେଭଲ କ୍ରସିଂ (ଏଲ୍‌ସି ନଂ.ଟିବି-୬, ଟିବି-୮ ଏବଂ ଟିବି-୯)ର ଉଚ୍ଛେଦ । ଟେଣ୍ଡର ମୂଲ୍ୟ : ଟ. ୯,୦୭,୩୯୭.୪୩ । ଇଏମଡି : ଟ. ୧୮,୨୦୦/- । ୨. ୮୭-ଇଏଲ-ଜବ୍ଲୁଟି-୨୦୨୫-୨୬, ୨୧.୦୧.୨୦୨୬ । ଏସ୍‌ଏସ୍‌ଇଇ(ଜି)/ଚକ୍ରଧରପୁରଙ୍କ ଅଧୀନରେ ତିନି ବର୍ଷ (୧୦୯୫ ଦିନ) ଅବଧି ପାଇଁ ବିଭିନ୍ନ କମ୍ପାନୀ ନିର୍ମିତ, ଧରଣର ଓ କ୍ଷମତା ବିଶିଷ୍ଟ ରୁମ୍ ଏୟାର କଣ୍ଡିସନର, ୱାଟର କୁଲର ଏବଂ ରେଫ୍ରିଜେରେଟର ଆଦିର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି । ଟେଣ୍ଡର ମୂଲ୍ୟ : ଟ. ୬୨,୩୬,୦୭୨.୬୮ । ଇଏମଡି : ଟ. ୧,୭୪,୨୦୦/- । ୩. ୮୮-ଇଏଲ-ଜବ୍ଲୁଟି-୨୦୨୫-୨୬, ୨୧.୦୧.୨୦୨୬ । (କ) ମୁର୍ଗାମହାଦେବ ରୋଡ୍-କାଂଶପାଣୀ (୩୧୪/୩ବି-୬ବି) ଏବଂ (ଖ) ରାଇରଙ୍ଗପୁର-ଝିଁକାଘୋଡି ଜଙ୍କସନ କେବିନ (୩୨୧/୪-୫) ଠାରେ ୦୨ଟି ୩୩ କେଭି କ୍ରସିଂର ପରିବର୍ତ୍ତନ ଏବଂ (କ) ଜାମକୁଣ୍ଡିଆ-ଦେଓଝର (୩୮୬/୩ବି-୪ବି) (ଖ) ମୁର୍ଗାମହାଦେବ ରୋଡ୍-କାଂଶପାଣି (୩୧୪/୧୧ବି-୧୨ବି), (ଗ) ବଡବିଲ୍-ବଲାଣିଖାଦାନ(୪୦୩/୧୩-୧୪) (ଘ) ବଡ଼ବିଲ-ବଲାଣିଖାଦାନ (୪୦୧/୪-୫) ଏବଂ (ଙ) ଝାରସୁଗୁଡା ୟାର୍ଡ (୫୧୩/୯-୧୧ ରୁ ଚକ୍ରଧରପୁର ଡିଭିଜନ ଅନ୍ତର୍ଗତ ଅଣଭୂଗର୍ଭସ୍ଥ କ୍ରସିଂକୁ ୦୫ଟି ୧୧ କେଭି ଓଭରହେଡ୍ କ୍ରସିଂ ପରିବର୍ତ୍ତନ । ଟେଣ୍ଡର ମୂଲ୍ୟ : ଟ. ୯୫,୮୯,୫୬୪.୯୩ । ଇଏମଡି : ଟ. ୧,୯୧,୮୦୦/- । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ ଟ.ରେ : ପ୍ରତ୍ୟେକଟି ପାଇଁ ଶୂନ୍ୟ । ବନ୍ଦ/ଖୋଲା ତାରିଖ : କ୍ର.ନଂ ୧ ପାଇଁ ୧୩.୦୨.୨୦୨୬ ଏବଂ କ୍ର.ନଂ. ୨ ଓ ୩ ପ୍ରତ୍ୟେକଟି ପାଇଁ ୨୩.୦୨.୨୦୨୬ । ଟେଣ୍ଡର ୱେବସାଇଟ୍ http://www.ireps.gov.in ରେ ଟେଣ୍ଡର ଦେଖିପାରିବେ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜିକୃତ ହୋଇଥିବା ବାଞ୍ଛନୀୟ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶ ଗ୍ରହଣ କରିବା ସମୟରେ ସମସ୍ତ ପ୍ରଯୋଜନୀୟ କାଗଜପତ୍ର ଅପ୍‌ଲୋଡ୍ ହୋଇଥିବା ଆବଶ୍ୟକ ।

(PR-1086)

# ଗରଦପୁର ବ୍ଲକ୍ ଚେୟାରମ୍ୟାନ ଅଭୟ ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର (ସବ୍ୟୁ) : ଦଳ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତି ଥିବା ଅଭିଯୋଗରେ କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ୍ ଚେୟାରମ୍ୟାନ ଅଭୟ କୁମାର ମହାରାଜଙ୍କୁ ବିଜୁ ଜନତା ଦଳରୁ ନିଲମ୍ବିତ କରାଯାଇଛି । ଏ ସମ୍ପର୍କରେ ଉପସଭାପତି ବିଜୁ ଜନତାଦଳର ମୁଖ୍ୟାଳୟ, ପ୍ରତାପ ଜେନା ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ।

# ସ୍ମାର୍ଟ ବଜାରର ଫୁଲ୍ ପଇସା ଅସୁଲ୍ ସେଲ୍

ମୁମ୍ବାଇ : ସ୍ମାର୍ଟ ବଜାର ପକ୍ଷରୁ ଏହାର ସ୍ୱତନ୍ତ୍ର 'ଫୁଲ ପଇସା ଅସୁଲ ସେଲ୍' ଘୋଷଣା କରାଯାଇଛି । ଏହା ଆସନ୍ତା୨୬ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ସେଲ୍ ଦେଶବ୍ୟାପୀ ସମସ୍ତ ସ୍ମାର୍ଟ ବଜାର ଷ୍ଟୋରରେ ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ହେବ । ଫୁଲ୍ ପଇସା ଅସୁଲ୍ ସେଲ୍ ଗ୍ରାହକମାନଙ୍କୁ ସେମାନଙ୍କ ବଜେଟ୍ ଉପରେ ଅତିରିକ୍ତ ଚାପ ନ ପକାଇ ଅଧିକ ଭାଲ୍ୟୁ ଏବଂ ଅଧିକ ସଞ୍ଚୟ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି ।

# ୟୁଟିଆଇର ଲାର୍ଜ ଏବଂ ମିଡ୍ କ୍ୟାପ୍ ଫଣ୍ଡ

ଭୁବନେଶ୍ୱର (ସବ୍ୟୁ) : ୟୁଟିଆଇ ଲାର୍ଜ ଏବଂ ମିଡ୍ କ୍ୟାପ୍ ଫଣ୍ଡ ଏକ ବିବିଧ ନିବେଶ ପୋର୍ଟଫୋଲିଓ ପ୍ରଦାନ କରେ ଏବଂ ଏପରିଭଲ କମ୍ପାନୀଗୁଡ଼ିକରେ ନିବେଶ କରିବାକୁ ଲକ୍ଷ୍ୟ ରଖେ ଯାହା ସେମାନଙ୍କର ପୂର୍ବ ବ୍ୟବସାୟୀକ କ୍ରମ କିମ୍ବା ସମକକ୍ଷତୁଳନାରେ ଉମ ବ୍ୟବସାୟ ମାଧ୍ୟମରେ ସୁରକ୍ଷିତ ମାର୍ଜିନ୍ ପ୍ରଦାନ କରିଥାଏ । ସେବି ତରଫରୁ ମ୍ୟୁଚୁଆଲ୍ ଫଣ୍ଡରବର୍ଗୀକରଣ ଅନୁସାରେ, ଲାର୍ଜ ଏବଂ ମିଡ୍ କ୍ୟାପ୍ ଫଣ୍ଡଗୁଡ଼ିକ ଲାର୍ଜ କ୍ୟାପ୍ ଏବଂ ମିଡ୍ କ୍ୟାପ୍ କମ୍ପାନୀଗୁଡ଼ିକର ଇକ୍ୱିଟି ଓଇକ୍ୱିଟି ସମ୍ବନ୍ଧୀୟ ଉପକରଣଗୁଡ଼ିକରେ ସର୍ବନିମ୍ନ ୩୫% ନିବେଶ କରନ୍ତି । ଏହି ଫଣ୍ଡ ଲାର୍ଜ କ୍ୟାପ୍ କମ୍ପାନୀଗୁଡ଼ିକ ପ୍ରତିପକ୍ଷପାତିତା ସହିତ ସ୍ଥିରତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖେ ଏବଂ ମଧ ଏବଂ କ୍ଷୁଦ୍ର କ୍ୟାପ୍ କମ୍ପାନୀଗୁଡ଼ିକରେ ନିବେଶମାଧ୍ୟମରେ ପୋର୍ଟଫୋଲିଓରେ ଉଚ୍ଚ ଅଭିବୃଦ୍ଧି ପ୍ରଦାନ କରେ ।ଭାଲ୍ୟୁ ଇନଭେଷ୍ଟମେ ହେଉଛି ଏକ ରଣନୀତି ଯେଉଁଥିରେ ଏପରି ଷ୍ଟକ୍ ବାଛିବ ।

# ନନ୍ଦନକାନନ ସୋମବାର ଖୋଲା, ମଙ୍ଗଳବାର ବନ୍ଦ

ବାରଙ୍ଗ, (ସବ୍ୟୁ): ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ ସୋମବାର ଦିନ ଖୋଲା ରହିବ । କିନ୍ତୁ ପର ଦିନ ଅର୍ଥାତ ମଙ୍ଗଳବାର ଦିନ ବନ୍ଦ ରହିବ ।ଏ ନେଇ ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଏହି ଖବର ପ୍ରଚାର ପ୍ରସାର ହେବା ପରେ ପ୍ରାର୍ଯ୍ୟଟକଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି । ସୂଚନା ଯୋଗ୍ୟ ଯେ , ପ୍ରାଣୀ ଉଦ୍ୟାନ ନନ୍ଦନକାନନ ସପ୍ତାହ ର ପ୍ରତ୍ୟେକ ସୋମବାର ବନ୍ଦ ରହିଥାଏ । ହେଲେ ଚଳିତ ବର୍ଷ ଗଣତାନ୍ତ୍ରିକ ଦିବସ ସୋମବାର ପଡୁଥିବାରୁ ଏହି ଦିନ ଉଭୟ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ ଖୋଲା ରଖାଯିବା ସହିତ ମଙ୍ଗବାର ଦିନ ବନ୍ଦ ରହିବାକୁ ନନ୍ଦନକାନନ କର୍ତ୍ତୃପକ୍ଷ ନିଷ୍ପତି ନେଇଛନ୍ତି ।

## OFFICE OF THE PANCHAYAT SAMITI, PURUSHOTTAMPUR

19001/3/2526
Email-ID : ori-purusottampur@nic.in
Telephone No : 0680-275323

Letter No. 500 Dated. 19/01/2026

**e- PROCUREMENT NOTICE BID IDENTIFICATION No.01/2025-26**

The Block Development Officer, Purushottampur on behalf of Governor of Odisha invites percentage rate bids in single cover system in online mode from eligible class "B & C" contractors registered with the State Govt, and contractors of equivalent Grade/ Class registered with Central Govt./ MES/Railways according to norm of e-procurement system in online mode for the work as per DTCN.

1. Name of the Work : CIVIL WORKS
2. Number of Work : 02 Nos.
3. Estimated cost : As per DTCN
4. Period of Completion : As per DTCN
5. Date and Time of availability of Bid Document in the Portal : From 10.00AM of Dt. 27/01/2026 to 5.00PM of Dt. 06/02/2026
6. Last date and time for receipt of Bid in the Portal : 5.00PM of Dt. 06/02/2026
7. The bid received online shall be opened on : 11.30 AM of dtd. 07/02/2026

Name and Address of the Officer inviting Bid: Block Development Officer, Purushottampur Further details can be seen from the Procurement Portal: www.tendersorissa.gov.in

Sd/- Block Development Officer, Purushottampur

OIPR : 19001/19199/1/25-26/0003

19001/2/2526

## OFFICE OF THE COLLECTOR & DISTRICT MAGISTRATE, BALASORE DISTRICT (DISTRICT SOCIAL WELFARE OFFICE)

No- 280 Date. 22.01.2026

**TENDER CALL NOTICE**

Sealed tenders are invited from intending registered Printing Press/ registered Firms/ Supplying agencies for printing & supply of Arunima Work Book-I & II Child Assessment (CA) card, Picture/numeracy books (6 to 8 nos.. Colorful pictorial books demonstrating stories/working with numbers). Details of the tender documents are available with the website (https://balasore.odisha.gov.in). The same can be purchased from the office of the DSWO, Balasore on any working Day till 06.02.2026 on payment of Rs 10000/- only.

Last date of submission of tender on or before 06.02.2026 at 5.30 PM.

Sd/- District Social Welfare Officer, Balasore

OIPR : 19001/19257/1/25-26/0002

E-696

## OFFICE OF THE SUPERINTENDENT, S.C.B. MEDICAL COLLEGE & HOSPITAL, CUTTACK

E-mail. scbsuperintendent@gmail.com Phone No.0671241408
Letter No. 1980 // Dt. 21.01.2026

**ADVERTISEMENT FOR THE POST OF ICU / CASUALTY MEDICAL OFFICER FOR TRAUMA CARE CENTRE, SCB MEDICAL COLLEGE & HOSPITAL, CUTTACK ON CONTRACTUAL BASIS THROUGH WALK-IN-INTERVIEW**

Eligible candidates are invited to attend the walk-in-interview in the Office of the superintendent SCBMCH, Cuttack for the post of ICU / Casualty Medical Officer for Trauma Care Centre, SCB Medical College & Hospital, Cuttack on 20.02.2026 (Friday) contractual basis in view of urgency. The details of the eligibility criteria /vacancies / etc. are available in the SCB MCH website i.e. www.scbmch.com. The direct candidates shall be appointed on contractual basis. Applications in the prescribed proforma are invited from the eligible candidates for filling up the vacant post of 6 nos. of ICU/Casualty Medical Officer for Trauma Care Centre, SCB MCH, Cuttack on contractual basis till the post is filled up on regular basis.

Candidates are required to submit application online to scbsuperintendent@gmail.com in the format given in the website by 17.02.2026 by 5 PM.

The engagement is purely temporary and the candidate cannot claim their right to continue in the post on the basis of such appointment/engagement. The selected candidates have to submit an undertaking to this effect.

Sd/- Medical Superintendent, S.C.B Medical College & Hospital, Cuttack

# ମହିଳା ପେସାଦାରଙ୍କ ପାଇଁ ଟାଟା ପାୱାର ଓଡ଼ିଶା ଡିସକମର 'ନୂଆ ଆରମ୍ଭ'

ଭୁବନେଶ୍ୱର (ସବ୍ୟୁ) : ଗତବର୍ଷର ମହିଳା କ୍ୟାରିୟର କମ୍‌ବ୍ୟାକ୍ କାର୍ଯ୍ୟକ୍ରମର ଉତ୍ସାହଜନକ ସଫଳତା ପରେ, ଟାଟା ପାୱାର ନେତୃତ୍ୱାଧୀନଓଡ଼ିଶା ଡିସକମ୍ ଗୁଡିକ ପକ୍ଷରୁ "ନୂଆ ଆରମ୍ଭ' ର ଦ୍ୱିତୀୟ ସଂସ୍କରଣ ଶୁଭାରମ୍ଭ କରାଯାଇଛି । ଏହି ସ୍ୱତନ୍ତ୍ର ପଦକ୍ଷେପଟି କୌଣସିକାରଣରୁ କାର୍ଯ୍ୟକ୍ଷେତ୍ରରୁ ବିରତି ନେଇଥିବା ମହିଳା ପେସାଦାରମାନଙ୍କୁ ପୁଣିଥରେ ସେମାନଙ୍କର ବୃତ୍ତିଗତ ଯାତ୍ରା ଆରମ୍ଭ କରିବାରେ ସାହାଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି ।ଏହି ପଦକ୍ଷେପ ବିବିଧତା, ଅନ୍ତର୍ଭୁକ୍ତିକରଣ ଏବଂ ଲିଙ୍ଗଗତ ସମାନତା ପ୍ରତି ଟାଟା ପାଓ୍ୱାରର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ପୁନଃପ୍ରତିପାଦିତ କରିବା ସହିତ ଓଡ଼ିଶାର ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ମହିଳାମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ଏବଂ ଭବିଷ୍ୟତ ଉପଯୋଗୀକ୍ୟାରିୟର ସୁଯୋଗ ସୃଷ୍ଟି କରୁଛି ।"ନୂଆ ଆରମ୍ଭ' ଅଧୀନରେ ଟାଟା ପାୱାର ଦ୍ୱାରା ପରିଚାଳିତ ଓଡ଼ିଶାର ଚାରୋଟି ଡିସକମ୍ ଯଥା ଟିପିସିଓଡିଏଲ୍, ଟିପିଏନ୍ଓଡିଏଲ୍ ,ଟିପିଏସ୍ଓଡିଏଲ୍ ଏବଂ ଟିପିଡବ୍ଲ୍ୟୁଓଡିଏଲ୍ ରେ ବିଭିନ୍ନ ପଦବୀ ପାଇଁ ଯୋଗ୍ୟ ମହିଳା ପ୍ରାର୍ଥୀଙ୍କଠାରୁ ଆବେଦନ ଆହ୍ୱାନ କରାଯାଇଛି । ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ମହିଳାମାନଙ୍କୁ ଆତ୍ମବିଶ୍ୱାସର ସହ ପୁଣିଥରେ କାର୍ଯ୍ୟକ୍ଷେତ୍ରକୁ ଫେରିବାରେ ସକ୍ଷମ କରିବା ।ଏହାର ପୂର୍ବ ସଂସ୍କରଣରେ ଏହି ପଦକ୍ଷେପକୁ ଅଭୁତପୂର୍ବ ସଫଳତା ମିଳିଥିଲା, ଯେଉଁଥିରେ ୮ ଜଣ ମହିଳା ପେସାଦାର ଓଡ଼ିଶାଡିସକମ୍ର ବିଭିନ୍ନ ବିଭାଗରେ ସଫଳତାର ସହ ନିଯୁକ୍ତି ପାଇଥିଲେ ।

# ମୋରମ ବୋଝେଇ ୨ ହାଇୱା ଜବତ, ଦୁଇ ଗିରଫ

ବାରଙ୍ଗ ,(ସବ୍ୟୁ): ବେଆଇନ ମୋରମ ଚାଲାଣ ବେଳେ ବୁଧବାର ରାତିରେ ଦୁଇଟି ମୋହରମ ବୋଝେଇ ହାଇୱା, ଗୋଟିଏ ସ୍କର୍ପିଓ କୁ ଚନ୍ଦକା ଥାନା ପୋଲିସ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।, ଗତ ୨୧ ତାରିଖ ରାତିରେ ଥାନା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ, ଗୋଠପାଟଣା ଜଙ୍ଗଲ ଜମିରୁ କୌଣସି ବୈଧ ଲାଇସେନ୍ସ କିମ୍ବା କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ବେଆଇନ ଭାବରେ ମୋରମ ମାଟି ଖୋଲି ନେଉଥିବା ଚନ୍ଦକା ଥାନାର ପୋଲିସ କର୍ମଚାରୀମାନେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ । ସୂଚନା ଆଧାରରେ ମୋରମ ବୋଝେଇ ହୋଇଥିବା ଏକ ହାଇୱା ଟ୍ରକ୍ ଗୋଠପାଟଣା ସହାୟତା ପୋଷ୍ଟ ନିକଟରେ ଅଟକାଇଥିଲେ । ଉକ୍ତ ଗାଡ଼ିର ଡ୍ରାଇଭର ବ୍ୟକ୍ତିଗତ ଲାଭ ପାଇଁ ବେଆଇନ ଭାବରେ ମୋରମ ଚାଲାଣ କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିବା ବେଳେ ପୁଣି ଗୁରୁବାର ବଡ଼ିଭୋର ସମୟରେ ଏକ ସ୍କୋର୍ପିଓ ଦ୍ୱାରା ଏସ୍କର୍ଟ କରାଯାଉଥିବା ଆଉ ଏକ ହାଇଓ୍ୱା ଟ୍ରକକୁ ଆଇଆଇଆଇଟି ଛକ ନିକଟରେଅଟକାଥିଲାପୋଲିସ । ଉଭୟ ଗାଡ଼ି ଗୋଠପାଟଣା ଜଙ୍ଗଲ ଜମିରୁ ମୋରମ ମାଟି ଖୋଳି ବେଆଇନ ଭାବେ ନେଉଥିବା ଜଣାପଡ଼ିଥିଲା ।ଚନ୍ଦକା ପୋଲିସ ୩୮/୨୬ ଓ ୩୯/୨୬ଦୁଇଟି କେସ ରୁଜୁ କରି ଦୁଇଟି ହାଇଓ୍ୱା ,ଗୋଟିଏ ସ୍କର୍ପିଓ ଗାଡି ସହିତ ନୟାଗଡ ଜିଲ୍ଲା ହରେକୃଷ୍ଣ ପୁର ଅଞ୍ଚଳର ଆର୍ତ୍ତତ୍ରାଣ ଭଞ୍ଜ , ବାଙ୍କୀ ନିଶ୍ଚିପୁର ଗ୍ରାମର କାହ୍ନା ସେଠୀକୁ ଗିରଫ କରି ଗୁରୁବାର ଦିନ ସେମାନଙ୍କୁ କୋର୍ଟକୁ ଚାଲାଣ କରାଯାଇଛି ।

## କେନ୍ଦ୍ରୀୟ ହୋମିଓପାଥି ଗବେଷଣା ପରିଷଦ

(ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟର ଏକ ସ୍ୱୟଂଶାସିତ ସଂସ୍ଥା) ଜବାହରଲାଲ ନେହେରୁ ଭାରତୀୟ ଚିକିତ୍ସା ଆଉମ୍ ହୋମିଓପାଥି ଅନୁସନ୍ଧାନ ଭବନ
୬୧-୬୫, ପ୍ରତିଷ୍ଠାନ କ୍ଷେତ୍ର, ଡି-ବ୍ଲକ୍ ସମ୍ମୁଖ, ଜନକପୁରୀ, ନୂଆଦିଲ୍ଲୀ-୧୧୦୦୫୮

ବିଜ୍ଞାପନ ନଂ ୧୮୨/୨୦୨୫-୨୬ ତାରିଖ: ୨୨.୦୧.୨୦୨୬

ସିସିଆରଏଚ ଏହାର ବିଭିନ୍ନ ଡାଲ୍ସ/ପ୍ରସ୍ତାବିତ ଗବେଷଣା ପ୍ରକଳ୍ପ/ମୁଖ୍ୟାଳୟରେ ଅଧ୍ୟୟନ/ଇନ୍‌ଷ୍ଟିଚ୍ୟୁଟ୍/ୟୁନିଟ୍ ଏବଂ ଅନ୍ୟାନ୍ୟ ସ୍ଥାନରେ କାର୍ଯ୍ୟ କରୁଥିବା ବୈଷୟିକ ଏବଂ ଅଣ-ବୈଷୟିକ ମାନବସମ୍ବଳଙ୍କୁ ଚୁକ୍ତିଭିତ୍ତିକ କିମ୍ବା ସ୍ଥିର ଅବଧି ଭିତ୍ତିରେ ନିୟୋଜିତ କରିବାକୁ ଚାହୁଁଛି । ଆଗ୍ରହୀ ପ୍ରାର୍ଥୀମାନେ ଯୋଗ୍ୟତା ସର୍ତ୍ତାବଳୀ – ଜରୁରୀ ଯୋଗ୍ୟତା, ଅଭିଜ୍ଞତା, ପାରିଶ୍ରମିକ, ସାକ୍ଷାତକାର ତାରିଖ, ପଦବୀ ସ୍ଥାନ ଇତ୍ୟାଦି ବିଷୟରେ ବିସ୍ତୃତ ଜାଣିବା ପାଇଁ ପରିଷଦର ୱେବସାଇଟ୍ www.ccrhindia.ayush.gov.in ପରିଦର୍ଶନ କରିପାରିବେ ।

ସହାୟକ ନିର୍ଦ୍ଦେଶକ (ଏଚ )/ଏସ୍-୪/ପ୍ରଶାସନ ଇନଚାର୍ଜ

O-2131

## OFFICE OF THE SUPERINTENDING ENGINEER RURAL WORKS DIVISION, KARANJIA

E-mail ID:- eerwkaranj ia@yahoo.com
Letter No Date.

**1ST CORRIGENDUM NOTICE**

**BID IDENTIFICATION NO. _RWDKNJ- 14/2025-26 (Road)_Invited Vide this Office Letter No-51 Dt 05.01.2026**

Due to unavoidable circumstances, tender invited vide Bid Identification **No-RWDKNJ-14/2025-26** (Road) works vide this office letter No - 51 Dt. 05.01.2026 for the work **" Periodical Renewal of 05 (Five) year Completed PMGSY roads for the Year 2025-26**. The Important dates have been changed as per following.

| | | | |
|---|---|---|---|
| 1 | Availability of tender Online | : | 27.01.2026 at to 11.00 AM instead of 12.01.2026 |
| 2 | Last date of availability of tender | : | 03.02.2026 up to 5.00PM instead of 20.01.2026 |
| 3 | Last date & Time of seeking tender | : | 02.02.2026 up to 1.00PM instead of 19.01.2026 |
| 4 | Date of Openings of Tender | : | 04.02.2026 at 11.00 AM instead of 21.01.2026 |

All other terms and conditions will remain unaltered.

Sd/- Executive Engineer
R.W.Division, Karanjia

O-2120

## GOVT. OF ODISHA
## OFFICE OF THE EXECUTIVE ENGINEER, RURAL WORKS DIVISION SONEPUR

**1ST Corrigendum**

**Letter No. 550 Dtd. 22.01.2026**

In continuation to this office tender identification No. SNPR/Online 06 of 2025-26 invited vide this office letter no. 197 dtd. 07.01.2026 under unavoidable circumstances partial modification (**time extension**) of has been made as follows.

| Sl. No. | Tender identification No with work Sl.No. | Items | Time Schedule as per original TCN | Time Schedule as per 1st Corrigendum notice |
|---|---|---|---|---|
| 1 | Bid Identification SNPR/Online-12 of 2025-26 | Availability of Tender on-line for bidding | 15.01.2026 at 11.00 A.M. to 29.01.2026 up to 5.00 P.M. | 28.01.2026 at 11.00 A.M. to 11.02.2026 up to 5.00 P.M. |
| 2 | | Date & time of seeking tender clarificaiton | 28.01.2026 up to 4.00 P.M. | 10.02.2026 up to 4.00 P.M. |
| 3 | | Date & time of opening of tender | 30.01.2026 at 11.00 A.M. | 12.11.2025 at 11.00 A.M. |

Sd/- Executive Engineer,
Rural Works Division, Sonepur

## ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ
## Odisha State Commission for Protection of Child Rights (OSCPCR)
Odisha State Commission for Protection of Child Rights

33001/1/2526

**ADVERTISEMENT**
**Walk-in-interview**

Eligible Indian citizens are invited to attend a walk-in-interview for engagement to the following posts in the office of Odisha State Commission for Protection of Child Rights(OSCPCR), Bhubaneswar purely on contractual basis for a period of one year. The detailed terms & conditions of engagement viz. qualification & experience etc. are available in the official website oscpcr.odisha.gov.in. The interview will be conducted on 31.01.2026 at 10:30A.M. in the office of Odisha State Commission for Protection of Child Rights, Qrs. No.1, Type-A, Unit-V, Bhubaneswar-751001. Interested candidates are requested to report at 9:00 a.m. for registration along with original documents for verification.

| Sl. No. | Name of the Post | No. of Post | Eligibility Criteria | Age |
|---|---|---|---|---|
| 1 | Consultant on POCSO/ Juvenile Justice | 02 | Bachelor's degree in Law with a minimum 5 years experience at the Bar, dealing with Civil/Criminal/ Service laws preferably in child protection-related laws/cases. Proficiency in computer operations is essential. | Below 65 years of age |
| 2 | Consultant on RTE | 01 | Bachelor's degree & minimum 5 years experience in administrative and accounts work. Proficiency in computer operations is essential. | Below 65 years of age |

OIPR : 33001/33008/1/25-26/0001 Sd/- Secretary, OSCPCR

## DISTRICT PROJECT OFFICE, SAMAGRA SIKSHA, JHARSUGUDA

No. 168/PDG/2026 Dated. 21.01.26
27001/3/2526

**NOTICE INVITING TENDER (NIT)**

Sealed tenders are invited from the reputed & credible printers / firms / agencies for printing & supply of "Question cum Answer Sheets, Answer Key & Oral questions" for SA-II for Class-I to IV and VI, VII & Annual Examination for Class - V & VIII 2026 Students in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II for Class-I to IV and VI, VII & Annual Examination for Class-V & VIII 2026 Students. | Rs. 1,000/- | Rs. 20,000/- | 05.02.2026 12 P.M. | 05.02.2026 03 P.M. |

The detailed BID document is available in the website http://jharsuguda.odisha.gov.in./ http://osepa.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

By the order of Collector-cum-Chairman
Sd/- District Project Coordinator
SS, Jharsuguda

OIPR : 27001/27153/1/25-26/0003

## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ୧୦ ଜିଲ୍ଲା ପରିଷଦ ସଭାପତିଙ୍କ ସହ ନବୀନ ପଟ୍ଟନାୟକଙ୍କ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଆଜି ଅପରାହ୍ନ ରେ ୧୦ ଟି ଜିଲ୍ଲା ର ଜିଲ୍ଲା ପରିଷଦ ସଭାପତି ମାନଙ୍କ ସହ ସେମାନଙ୍କ ଜିଲ୍ଲା ର ବିକାଶ କାମ ଓ ଆଗାମୀ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ବିଷୟ ରେ ଆଲୋଚନା କରିଥିଲେ।



ଆଲୋଚନା ରେ ଭାଗ ନେଇ ଜିଲ୍ଲା ପରିଷଦ ସଭାପତି ମାନେ ପଞ୍ଚାୟତି ପ୍ରତିନିଧି ମାନଙ୍କ କ୍ଷମତା କୁ ରାଜ୍ୟ ସରକାର ହଡପ କରି ପ୍ରଶାସନ କୁ ଦେଇଥିବାରୁ ତୃଣମୂଳ ସ୍ତର ରେ ସୃଷ୍ଟି ହେଉଥିବା ଅସନ୍ତୋଷ ବିଷୟ ରେ ଶ୍ରୀ ପଟ୍ଟନାୟକ ଙ୍କୁ ଅବଗତ କରିଥିଲେ। ପଂଚାୟତି ରାଜ ବ୍ୟବସ୍ଥା କୁ ଦୁର୍ବଳ କରିବା ପାଇଁ ରାଜ୍ୟ ସରକାର ଙ୍କ ଉଦ୍ୟମ କୁ ଶ୍ରୀ ପଟ୍ଟନାୟକ ନାପସନ୍ଦ କରିବା ସହିତ ଏଥିପାଇଁ ଆଇନଗତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଓଡିଶା ରେ ପଞ୍ଚାୟତି ରାଜ ବ୍ୟବସ୍ଥା କୁ ଶକ୍ତିଶାଳୀ କରିବାକୁ ବିଜୁ ବାବୁଙ୍କ ଆଦର୍ଶ ରେ ବିଜେଡି ସରକାର ଅନେକ ସକାରାତ୍ମକ ପଦକ୍ଷେପ ନେଇଥିଲା। କୌଣସି ପରିସ୍ଥିତିରେ ବି ପଞ୍ଚାୟତ କୁ ଦୁର୍ବଳ କରିବା ଉଦ୍ୟମ କୁ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ସରକାର ଙ୍କ ଅସହଯୋଗ ପରି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବିକାଶ କାମ ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ଏତଦବ୍ୟତୀତ ନିଜ ନିଜ ଜିଲ୍ଲା ରେ ପଂଚାୟତ ନିର୍ବାଚନ ପାଇଁ ଦଳୀୟ ସ୍ତର ରେ ପ୍ରସ୍ତୁତି ଆରମ୍ଭ କରିବାକୁ ଶ୍ରୀ ପଟ୍ଟନାୟକ ଜିଲ୍ଲା ପରିଷଦ ସଭାପତି ମାନଙ୍କୁ ପରାମର୍ଶ ଦେଇଥିଲେ। ଆଜି ର କାର୍ଯ୍ୟକ୍ରମ ରେ ବାଲେଶ୍ୱର ର ନାରାୟଣ ପ୍ରଧାନ,କଟକ ର କିଶୋର ଚନ୍ଦ୍ର ମିଶ୍ର,ବଲାଙ୍ଗୀର ର ଦେବକୀ ସାହୁ,ବରଗଡ଼ ର ମାନିନୀ ଭୋଇ,ମାଲକାନଗିରି ର ସମାରି ଟାଙ୍ଗୁଲୁ,ଅନୁଗୁଳ ର ବବିତା ପ୍ରଧାନ,ଗଞ୍ଜାମ ର ଅଞ୍ଜଳି ସ୍ୱାଇଁ, ଜଗତସିଂହପୁର ର ମନୋରଞ୍ଜନ ଭୋଇ,ନୟାଗଡ଼ ର ଦେବାଶିଷ ପଟ୍ଟନାୟକ ଓ ନବରଙ୍ଗପୁର ର ମୋତିରାମ ନାୟକ ପ୍ରମୁଖ ଜିଲ୍ଲା ପରିଷଦ ସଭାପତି ମାନେ ଉପସ୍ଥିତ ଥିଲେ।

## ଚନ୍ଦ୍ରଶେଖରପୁରରୁ ହଟିଲା ଜବରଦଖଲ

ଭୁବନେଶ୍ୱର, (ସବ୍ୟୁ): ଚନ୍ଦ୍ରଶେଖରପୁର ମୌଜା ଅନ୍ତର୍ଗତ ପ୍ଲଟ ନମ୍ବର ୬୬୬ରେ ଆଂଶିକ ଭାବେ ଜବରଦଖଲ ହୋଇଥିବା ବେଳେ ଏହାକୁ ଉଚ୍ଛେଦ କରିଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) । ବିନା ପୋଲିସ ସହାୟତାରେ ବିଡିଏର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ନମ୍ବର ୧, ୩, ୫ ଏବଂ ୬ ଉଚ୍ଛେଦରେ ସାମିଲ ହୋଇଥିଲେ । ଏଥିରେ ୧୦ଟି ଟିଣ ଘର, ଗୋଟିଏ ଦୋକାନ, ୩ଟି ଶୌଚାଳୟ, ଗୋଟିଏ ଲୁହା ଗେଟ, ୩ଟି ନିର୍ମାଣାଧିନ ଘର ସହିତ ୩୦୦ ଫୁଟ ଲମ୍ବର ପାଚେରୀକୁ ଭଙ୍ଗାଯାଇଥିଲା । ପ୍ରାୟ ୭୦୦ ବର୍ଗଫୁଟର ସରକାରୀ ଜମିକୁ ଜବରଦଖଲମୁକ୍ତ କରାଯାଇଥିଲା ।

# ଆପୋଲୋ ହସ୍ପିଟାଲ୍‌ରେ ପେଡିଆଟ୍ରିକ୍ ହାର୍ଟ ସର୍ଜରୀ ସଫଳ

ଭୁବନେଶ୍ୱର, (ସବ୍ୟୁ) : ସ୍ଥାନୀୟ ଆପୋଲୋ ହସ୍ପିଟାଲରେ ପେଡିଆଟ୍ରିକ୍ ହାର୍ଟ ସର୍ଜରୀ ସଫଳତାର ସହ ସମ୍ପୂର୍ଣ୍ଣ ହୋଇପାରିଛି । ଏହି ସଫଳତା ନେଇ ଗୁରୁବାର ହସ୍ପିଟାଲ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ହସ୍ପିଟାଲର ସିଓଓ ଡା. ଆଲୋକ ଶ୍ରୀବାସ୍ତବ ସୂଚନା ଦେଇଛନ୍ତି । ଏଥିରେ ଯୋଗଦେଇ ପ୍ରମୁଖ ଚିକିତ୍ସା ବିଶେଷଜ୍ଞମାନେ କ୍ଲିନିକାଲ୍ ମାଇଲଖୁଣ୍ଟ, ଅଭିନବ ଚିକିତ୍ସା ପଦ୍ଧତି ଏବଂ ଜନ୍ମଗତ ହୃଦ୍ ଦୋଷ ସହିତ ଜନ୍ମିତ ପିଲାମାନଙ୍କର ସ୍ୱାସ୍ଥ୍ୟର ପୁନରୁଦ୍ଧାର କରିବାରେ ହସ୍ପିଟାଲର ସଫଳତା ବିଷୟରେ କହିଥିଲେ । ନବଜାତ ଶିଶୁଙ୍କ ସବୁଠାରୁ ଜଟିଳ ହୃଦ୍ ରୋଗକୁ ମଧ୍ୟ ସଫଳତାର ସହିତ ଚିକିତ୍ସା କରାଯାଏ । କ୍ଲିନିକାଲ୍ ଦିଗ ଗୁଡ଼ିକୁ ସମ୍ବୋଧିତ କରି, ସିଟିଭିଏସ ର ସିନିୟର କନସଲଟାଣ୍ଟ, ଡା. ରଘୁନାଥ ମହାପାତ୍ର ରୋଗୀଙ୍କ




ପରିବାରକୁ ଆଶ୍ୱସ୍ତ କରି କହିଥିଲେ ଯେ, ଅଧିକାଂଶ ଜନ୍ମଗତ ହୃଦଘାତ ବର୍ତ୍ତମାନ ଆରୋଗ୍ୟ ଯୋଗ୍ୟ । ସମୟୋଚିତ ଚିହ୍ନଟ ଏବଂ ସଠିକ୍ ନିର୍ଣ୍ଣୟରେ ଶିଶୁମାନଙ୍କୁ ଆରୋଗ୍ୟ କରିଥାଏ । ପିତାମାତାମାନେ ଶଲ୍ୟ ଚିକିତ୍ସା ପ୍ରକ୍ରିୟାକୁ ଭୟ କରିବା ଉଚିତ ନୁହେଁ, ସଠିକ୍ ସମୟରେ ସଂଶୋଧନ ମୂଳକ ଅସ୍ତ୍ରୋପଚାର ବାଛିଲେ ଏକ ଜୀବନ ବଞ୍ଚା ଯାଇ ପାରିବା । ଶିଶୁ ହୃଦରୋଗ ପରାମର୍ଶଦାତା ଡା. ସନ୍ଦୀପ ମହାନ୍ତି ଉଲ୍ଲେଖ କରିଛନ୍ତି ଯେ ହୃଦରୋଗ ଜନ୍ମଗତ ତ୍ରୁଟି ହୋଇଥିଲେ ମଧ୍ୟ, ଉନ୍ନତ ଚିକିତ୍ସା ପଦ୍ଧତି ଏହାକୁ ଅଧିକ ସୁରକ୍ଷିତ ଏବଂ ପ୍ରଭାବଶାଳୀ କରିଛି । ଆପୋଲୋ ହସ୍ପିଟାଲରେ, ଆମେ ସର୍ବନିମ୍ନ ଆକ୍ରମଣାତ୍ମକ କୀହୋଲ୍ ଅସ୍ତ୍ରୋପଚାର ସମେତ ବିଭିନ୍ନ ଉନ୍ନତ ବିକଳ୍ପ ପ୍ରଦାନ କରୁଛୁ । ଜଣେ ଶିଶୁ ଶଲ୍ୟଚିକିତ୍ସା ପରେ ସେ ସାଧାରଣ ଜୀବନର ଗୁଣବତ୍ତା ଉପଭୋଗ କରିପାରିବ । ଆପୋଲୋ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ କିପରି ଶିଶୁ ହୃଦରୋଗ ସଫଳତାର ସହିତ ଚିକିତ୍ସା କରାଯାଇ ପାରୁଛି ତାହା ସାମ୍ବାଦିକ ସମ୍ମିଳନୀରେ ଉପସ୍ଥାପନ କରାଯାଇଥିଲା । ଏଥିରେ ଶିଶୁ ରୋଗ ବିଭାଗର ଡାକ୍ତର, ନର୍ସ, ରୋଗୀ, ସେମାନଙ୍କ ଅଭିଭାବକଙ୍କ ସମେତ କର୍ମଚାରୀମାନେ ଯୋଗ ଦେଇଥିଲେ ।

## ସରକାରୀ ଅଧିକାରୀଙ୍କ ବଦଳି କିମ୍ବା ନିଯୁକ୍ତି ସ୍ଥାନ

# ନିରୂପଣ ଉପରେ ହସ୍ତକ୍ଷେପ କରିବେନି ଅଦାଲତ

କଟକ,(ସବ୍ୟୁ): ସରକାରୀ ଅଧିକାରୀଙ୍କ ବଦଳି କିମ୍ବା ନିଯୁକ୍ତି ସ୍ଥାନ କ୍ଷେତ୍ରରେ ଅଦାଲତ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶରେ ମତ ଦେଇଛନ୍ତି । ଏ ସଂକ୍ରାନ୍ତ ଏକ ମାମଲାକୁ ଖାରଜ କରିବା ଅବସରରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍,ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଏଥିସହ ଆଇନର ଅପବ୍ୟବହାର ଦର୍ଶାଇ ହାଇକୋର୍ଟ ଆବେଦନକାରୀଙ୍କ ଉପରେ ୫୦ ହଜାର ଟଙ୍କାର ଜରିମାନା ମଧ୍ୟ ଲାଗୁ କରିଛନ୍ତି । ଏହି ଜରିମାନା ରାଶି ତିନି ସପ୍ତାହ ମଧ୍ଯରେ ରାଜ୍ୟ ଆଇନ ସେବା ପ୍ରାଧିକରଣରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜମା ରାଶି ଜୁଭେନାଇଲ ହୋମ୍‌ରେ କିଶୋରମାନଙ୍କ ଉନ୍ନତି ପାଇଁ ବ୍ୟବହାର କରାଯିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।ଆବେଦନକାରୀ ଲକ୍ଷ୍ମୀଧର ବିଶ୍ୱାଳ ଓ ଅନ୍ୟମାନେ ଏକ ମାମଲା ରୁଜୁ କରିଥିଲେ। ଯେଉଁଥିରେ ସେମାନେ ଅଭିଯୋଗ କରିଥିଲେ ଯେ, ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ଜଣେ ଅଧିକାରୀଙ୍କୁ ତାଙ୍କ ନିଜ ଗାଁ ବା ହୋମଟାଉନ୍‌ରେ ପୋଷ୍ଟି ଦିଆଯିବା ଉଚିତ୍ ନୁହେଁ । କିନ୍ତୁ ଏହି ନିୟମକୁ ଅନୁସରଣ କରାଯାଉ ନାହିଁ । ନିୟମ ବିରୋଧରେ ଯାଇ ପ୍ରଶାସନ ପକ୍ଷରୁ ଜଣେ ଅଧିକାରୀଙ୍କୁ ହୋମ୍‌ଟାଉନ୍‌ରେ ପୋଷ୍ଟିଂ କରାଯାଇଛି। ଏହି ବଦଳିକୁ ବାତିଲ୍ ପାଇଁ ଆବେଦନକାରୀଙ୍କ ପକ୍ଷରୁ ପ୍ରାର୍ଥନା କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଆବେଦନକାରୀଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଆଧାରହୀନ ଏବଂ ତଥ୍ୟଗତ ଭାବେ ଭୁଲ୍ । ଅଦାଲତ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଜନସ୍ୱାର୍ଥ ମାମଲାର ଅପ ବ୍ୟବହାରକୁ ନେଇ କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି। ଅଦାଲତ କହିଛନ୍ତି ଯେ, ବଦଳି ନିୟମାବଳୀର ଏକ ଅଂଶ। ଅଦାଲତ ଏଥିରେ ହସ୍ତକ୍ଷେପ କରି ପ୍ରଶାସନକୁ ନିର୍ଦ୍ଦେଶ ଦେଇପାରିବେ ନାହିଁ । କିଛି ବ୍ୟକ୍ତି ନିଜ ସ୍ୱାର୍ଥ ପାଇଁ ଜନସ୍ୱାର୍ଥ ମାମଲାକୁ ବ୍ୟବହାର କରି ପ୍ରଶାସନିକ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ଏଭଳି ଜନସ୍ୱାର୍ଥ ମାମଲାକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

## ଏମ୍‌ଏସ୍‌ଏମଇ ଗୁଡ଼ିକ ପାଇଁ ସଂଯୋଗୀକରଣ ସୁବିଧା,

# ଡ଼ିଜିଟାଇଜେସନକୁ ମଜଭୁତ କରିଛି ଟାଲିପ୍ରାଇମ ୭.୦

ଭୁବନେଶ୍ୱର, (ସବ୍ୟୁ): ଭାରତର ଏକ ଅଗ୍ରଣୀ ବ୍ୟବସାୟିକ ସ୍ୱୟଂକ୍ରିୟ ସଫ୍ଟୱେର ପ୍ରଦାନକାରୀ, ଟାଲିସଲ୍ୟୁସନ ପ୍ରା.ଲିଃ. ପକ୍ଷରୁ ୭.୦ର ଶୁଭାରମ୍ଭ କରିବାସହ ଟାଲିପ୍ରାଇମର ୫ ବର୍ଷ ପୂର୍ତ୍ତି ଘୋଷଣା କରାଯାଇଛି । ଏମଏସଏମଇ ମାନଙ୍କ ପାଇଁ ଡ଼ିଜିଟାଇଜେସନକୁ ସହଜ, ନିର୍ଭରଯୋଗ୍ୟ ଏବଂ ପ୍ରକୃତ ଉପଯୋଗୀ କରିବାକୁ ଟାଲିପ୍ରାଇମ ଲକ୍ଷ୍ୟରଖିଛି । ବିଗତ ବର୍ଷ ମାନଙ୍କରେ ଟାଲିପ୍ରାଇମ ଭାରତର ଦ୍ରୁତ ପରିବର୍ତ୍ତନଶୀଳ ଡ଼ିଜିଟାଲ କ୍ଷେତ୍ରେର ବ୍ୟବସାୟ ଗୁଡ଼ିକୁ ପରିକଳ୍ପନା କରିବାରେ ଯେଥେଷ୍ଟ ସାହାଯ୍ୟ କରିଛି ଯାହା ମଧ୍ୟରେ ରହିଛି ଇନଭଏସିଙ୍ଗ ଏବଂ ଇୱେବିଲଠାରୁ ଆରମ୍ଭ କରି ଜିଏସଟି ଅନୁପାଳନ ତଥା ଦୈନନ୍ଦିନ ଆର୍ଥିକ କାର୍ଯ୍ୟକଳାପ ପରିଚାଳନା । ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ବିଷୟରେ ମତବ୍ୟକ୍ତକରି ତେଜସ୍ ଗୋଏଙ୍କା, ପରିଚାଳନା ନିର୍ଦ୍ଦେଶକ, ଟାଲିସଲ୍ୟୁସନ କହିଛନ୍ତିଯେ, “ବିଗତ ୫ ବର୍ଷ ମଧ୍ୟରେ ଟାଲିପ୍ରାଇମ କ୍ରମାଗତଭାବରେ ଏହାର ସଂଯୋଗୀକରଣ ସୁବିଧା ଗୁଡ଼ିକୁ ସମ୍ପ୍ରସାରିତ କରିଛି, ଯାହା ବ୍ୟବସାୟ ଗୁଡ଼ିକର ଅନୁପାଳନ, ବ୍ୟାଙ୍କିଙ୍ଗ ଏବଂ ଏହାର ଦୈନନ୍ଦିନ କାର୍ଯ୍ୟ ପରଚାଳନାଶୈଳୀକୁ ଉନ୍ନତ କରିଛି । ଟାଲିପ୍ରାଇମ ୭.୦ ହେଉଛି ଏହି ଯାତ୍ରାର ଏକ ପ୍ରାକୃତିକ ସମ୍ପ୍ରସାରଣ ଯେଉଁଥିରେ ସ୍ମାର୍ଟସ୍ୱରଂଚାଳନା, ଗଭୀର ସମନ୍ୱୟ ଏବଂ ଉନ୍ନତମାନରେ ଗୋପନୀୟତା ବୈଶିଷ୍ଟ୍ୟ ଗୁଡ଼ିକୁ ସାମିଲ କରାଯାଇଛି ।

# ଏଏସ୍‌ଜି ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଡ୍ରାଇଭର ଦୃଷ୍ଟି କାର୍ଯ୍ୟକ୍ରମ




କଟକ, (ସ୍ୱପ୍ର) : କଟକ ଲିଙ୍କ ରୋଡ଼ ସ୍ଥିତ ଏଏସଜି ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଏକ ଅଭିନବ ପଦକ୍ଷେପ ନିଆଯାଇଛି । ଗୁରୁବାର ଚିକିତ୍ସାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟରେ କାର୍ଯ୍ୟରତ ଗାଡି ଚାଳକ ମାନଙ୍କ ଦୃଷ୍ଟି ଶକ୍ତିକୁ ସୁନିଶ୍ଚିତ କରିବା ପାଇଁ ଏକ ନିଆରା ତଥା ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଯେଉଁ ଗାଡି ଚାଳକ ମାନେ ଜନସାଧାରଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି ସେମାନଙ୍କ ଚକ୍ଷୁର ଯନି ନେବା ନିହାତି ଆବଶ୍ୟକ । ଚିକିତ୍ସାଳୟ ପକ୍ଷରୁ ଡ୍ରାଇଭର ଦୃଷ୍ଟି ନାମକ ଅଭିଯାନ ଆରମ୍ଭ କରାଯାଇଛି । ଏଥିରେ ଡ୍ରାଇଭର ମାନଙ୍କ ମାଗଣା ଚକ୍ଷୁ ପରୀକ୍ଷା ପରାମର୍ଶ ସହିତ ଆବଶ୍ୟକ ସ୍ଥଳେ ମାଗଣା ଚକ୍ଷୁ ଅସ୍ତ୍ରୋପଚାର ସୁବିଧା ଯୋଗାଇ ଦିଆଯିବ ବୋଲି ଏଏସଜି କର୍ତ୍ତୃପକ୍ଷ କହିଛନ୍ତି । ତେବେ ଆଗାମୀ ଦିନରେ ଖାଲି ଡ୍ରାଇଭର ନୁହଁନ୍ତି, ସାଧାରଣ ଲୋକଙ୍କୁ ମଧ୍ୟ ଉନ୍ନତ ଚକ୍ଷୁ ଚିକିତ୍ସା ଯୋଗାଇବା ଆମର ଲକ୍ଷ୍ୟ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି ।

## ବୀମା-ଆଧାରିତ ବିନିଯୋଗ ବିକଳ୍ପ ଗୁଡ଼ିକ

# ବଜାରର ଅସ୍ଥିରତା ମଧ୍ୟରେ ସ୍ଥିରତା ପ୍ରଦାନ କରିପାରିବେ : ବନ୍ଧନ ଲାଇଫ ଇନସୁରାନ୍ସ

ଭୁବନେଶ୍ୱର, (ସବ୍ୟୁ): ଆର୍ଥିକ ବଜାରରେ ଅନିଶ୍ଚିତରତା ଜାରି ରହିଥିବା ବେଳେ, ବୀମା ଭିତିକ ବିନିଯୋଗ ଗୁଡ଼ିକ ଦୀର୍ଘକାଳୀନ ପୋର୍ଟଫୋଲିଓର ଏକ ସ୍ଥିର ଉପାଦାନ ଭାବରେ ଉଭା ହୋଇ ସୁରକ୍ଷା, ପୂର୍ବାନୁମାନ ଯୋଗ୍ୟତା ଏବଂ ଅଭିବୃଦ୍ଧିରେ ସହଭାଗୀତା ପ୍ରଦାନ କରିଥାଏ। ସତୀଶ୍ୱର ବି., ଏମଡ଼ି ଏବଂ ସିଇଓ, ବନ୍ଧନ ଲାଇଫଙ୍କ ଅନୁଯାୟୀ, ବୀମା-ଆଧାରିତ ବିନିଯୋଗ ଉତ୍ପାଦ ଗୁଡ଼ିକ ଏହି ସନ୍ତୁଳନ ରକ୍ଷା କରିପାରିବ, ବିଶେଷକରି ସେହି ବ୍ୟକ୍ତିମାନଙ୍କ ପାଇଁ ଯେଉଁମାନେ ସେମାନଙ୍କର ସର୍ବାଧିକ ରୋଜଗାରକ୍ଷମ ବୟସରେ ଅଛନ୍ତି। ଇକ୍ୱିଟି ବଜାରରେ ଅସ୍ଥିରତା ଜାରି ରହିଥିବାରୁ, ବୋନସ ଏବଂ ଦରମା ବୃଦ୍ଧି ଭଳି ଅତିରିକ୍ତ ଆୟକୁ ବଜାରରେ ବିନିଯୋଗ କରିବା ନେଇ ନିବେଶକମାନେ ସତର୍କ ହୋଇଛନ୍ତି। ଦୂର ଅବଧି ବିନିଯୋଗ ଯେଉଁ ସମୟରେ ଜରୁରୀ ହୋଇଥାଏ ଅନିଶ୍ଚିତରତା ସେହି ସମୟରେ ସେଥିରୁ ଆସୁଥିବା ସୁଦ୍ଧର ସମାଧାନକୁ ସମାନ୍ତରାଳ ରିଟର୍ଣ୍ଣ କରିବା ସଙ୍ଗେ ସଙ୍ଗେ କ୍ୟାପିଟାଲ ସୁରକ୍ଷା ଏବଂ ଆର୍ଥିକ ସୁରକ୍ଷା ସହିତ ଲାଗି କରିଥାଏ। “ବଜାର ଚକ୍ର ଅପରିହାର୍ଯ୍ୟ ଅଟେ କିନ୍ତୁ ଆର୍ଥିକ ଯୋଜନା ସ୍ଥିର ରହିବା ଉଚିତ। ଏଭଳି ପରିସ୍ଥିତିରେ ନିବେଶକମାନେ ବୀମା ଆଧାରିତ ବିନିଯୋଗ ବିକଳ୍ପ ଗୁଡ଼ିକୁ ଦେଖିବା ଉଚିତ ଯାହା ବଜାର ସଂଯୁକ୍ତ ଅଭିବୃଦ୍ଧି, ପୁଞ୍ଜି ସୁରକ୍ଷା ଏବଂ ଜୀବନ ବୀମାର ସୁରକ୍ଷା ପ୍ରଦାନ କରିଥାଏ। ଏଥିସହିତ ସୁରକ୍ଷାର ଜୀବନ ଏହା ଏକାଠି କରିଥାଏ ଯାହାକି ଅନିଶ୍ଚିତରତା ସହିତ ଦୃଢ଼ତାକୁ ପରିଚାଳନା କରିବାରେ ସାହାଯ୍ୟ କରିଥାଏ” ମତରଖି କହିଛନ୍ତି ସତୀଶ୍ୱର ବି., ଏମଡ଼ି ଏବଂ ସିଇଓ, ବନ୍ଧନ ଲାଇଫ।

# ଆଦିତ୍ୟ ଆଲୁମିନା ରିଫାଇନେରୀରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ

ଭୁବନେଶ୍ୱର (ସବ୍ୟୁ): ଆଦିତ୍ୟ ବିର୍ଲା ଗ୍ରୁପ୍‌ର ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଏକ ଆଦିତ୍ୟ ଆଲୁମିନା ରିଫାଇନେରୀ,



କଂସାରୀଗୁଡ଼ା ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସପ୍ତାହରେ କର୍ମଚାରୀ, ଶ୍ରମିକ, ବ୍ୟବସାୟିକ ସହଭାଗୀ ଓ ଶ୍ରମିକମାନଙ୍କ ପାଇଁ ସଡ଼କ ସୁରକ୍ଷା କ୍ୱିଜ୍, ପ୍ରତିଫଳକ ସୁରକ୍ଷା ଜାକେଟ୍ ବଣ୍ଟନ, ସିଏଟ୍, ସେଲ୍ ଓ ସାନି ପକ୍ଷରୁ ଡିଫେନ୍ସିଭ୍ ଡ୍ରାଇଭିଂ ପ୍ରଶିକ୍ଷଣ, ଏବଂ “ସୁରକ୍ଷା ରଥ” ମାଧ୍ୟମରେ ୧୫ରୁ ୨୦ଟି ନିକଟସ୍ଥ ଓ ସ୍ଥାନୀୟ ଲୋକମାନଙ୍କୁ ସାମିଲ କରାଯାଇ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍କୁଲ୍ ଛାତ୍ରଛାତ୍ରୀ ଗାଁରେ ସଡ଼କ ସୁରକ୍ଷା ସନ୍ଦେଶ ପ୍ରଚାର କରାଯାଇଥିଲା। “ରାହଗିରି” କାର୍ଯ୍ୟକ୍ରମ ମାଧ୍ୟମରେ ସଡ଼କ ଉପଯୋଗକାରୀଙ୍କୁ ସକାରାତ୍ମକ ଭାବରେ ସଚେତନ କରାଯିବା ଏହାର ମୁଖ୍ୟ ଆକର୍ଷଣ ଥିଲା। କାର୍ଯ୍ୟକ୍ରମର ଉଦଘାଟନ ଆଦିତ୍ୟ ଆଲୁମିନା ରିଫାଇନେରୀର ୟୁନିଟ୍ ହେଡ୍ ଓ ପ୍ରେସିଡେଣ୍ଟ ମଜହର ବେଗ୍‌ଙ୍କ ଦ୍ୱାରା କରାଯାଇଥିଲା। ଏହି ଅବସରରେ ରମେଶ ଚନ୍ଦ୍ର ଦୁଗ୍ଗଡ଼ା (ହେଡ୍ କନଷ୍ଟ୍ରକ୍ସନ), ପି.କେ. ପାଢ଼ୀ (ଆଡମିନ୍ ଓ ସିକ୍ୟୁରିଟି ହେଡ୍), ବସୁଦେବ ରାଓ ଘଣ୍ଟା (ଏଭିପି – ପ୍ରୋସେସ୍ ଏଣ୍ଡ ପ୍ରୋଜେକ୍ଟ), ଦୀପକ ମୋହାନ୍ତି (ଏଚ୍‌ଆର୍ ହେଡ୍ – ସିଏସ୍‌ଆର, ଆଇଆର ଓ ଓଏର୍‌ସି), ମଧୁମାଳୟ ଦ୍ୱିବେଦୀ (ସେଫ୍ଟି ଓ ଫାୟାର୍ ହେଡ୍) ଉପସ୍ଥିତ ଥିଲେ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ୬୮ ତମ ଶାଖା ଉଦ୍‌ଘାଟନ ଆଜି

# ପ୍ରଥମ ଶହେ ମେଧାବୀ ବିଦ୍ୟାର୍ଥୀଙ୍କୁ ମାଗଣା ଶିକ୍ଷାଦାନ

କଟକ,(ସବ୍ୟୁ): ଖ୍ରୀଷ୍ଟ କଲିଜିଏଟ ବିଦ୍ୟାଳୟ ପରିସର କୋମଳମତି ଶିଶୁ ମାନଙ୍କ ହସରୋଳରେ ହେବ କୋଳାହଳମୟ । ପରିସରର ସୁଉଚ୍ଚ ଅଟ୍ଟାଳିକା ହୋଇ ଉଠିବ ଶୈକ୍ଷିକ ବାତାବରଣ। ପୁରୁଣା ଖ୍ରୀଷ୍ଟ କଲେଜିଏଟ ସ୍କୁଲ କିନ୍ତୁ ରହିବ । ସ୍କୁଲ୍ ପରିସର ପାର୍ଶ୍ୱକୁ ଲାଗି ସେଣ୍ଟ ଜାଭିୟର୍ସ ଗ୍ରୁପ ଆରମ୍ଭ କରିବାକୁ ଯାଉଛି ନିଜସ୍ୱ ପରିଚାଳନାରେ ପରିଚାଳିତ ତାର ନୂତନ ବିଦ୍ୟାଳୟ ସେଣ୍ଟ ଜାଭିୟର୍ଶ ହାଇସ୍କୁଲ୍ । ଚଳିତ ଶିକ୍ଷାବର୍ଷ ଠାରୁ ଏଠାରେ ଖୋଲିବ ସିବିଏସଇ ପାର୍ଟନରେ ନୂତନ ପାଠଶାଳା। ବାଲ ବାଟିକା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଚାଲିବ ପାଠପଢା । ପରବର୍ତ୍ତୀ ଅବସ୍ଥାରେ ଅନ୍ୟାନ୍ୟ ଶ୍ରେଣୀ ଗୁଡିକ ଖୋଲିବ ବୋଲି କଟକ ଖ୍ରୀଷ୍ଟିଆନ ଏଜୁକେସନ ବୋର୍ଡ (ସିସିଇବି) ସହିତ ୫୦ ବର୍ଷିଆ ଚୁକ୍ତି ଅବସରରେ କହିଛନ୍ତି ସେଣ୍ଟ ଜାଭିୟର୍ସ ଏଜୁକେସନାଲ ଟ୍ରଷ୍ଟର ଅଧ୍ଯକ୍ଷ ଡଃ ପ୍ରଭୁ ଚରଣ ମହାନ୍ତି। ଆସନ୍ତା ଜାନୁୟାରୀ ୨୩ ତାରିଖ ସରସ୍ୱତୀ ପୂଜା ତଥା ନେତାଜୀଙ୍କ ଜୟନ୍ତୀରେ ମାନ୍ୟଗଣ୍ୟ ଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ସେଣ୍ଟ ଜାଭିୟର୍ସ ଗ୍ରୁପ ଦ୍ୱାରା ପରିଚାଳିତ ଏହି ୬୮ତମ ନୂତନ ବିଦ୍ୟାଳୟର ହେବ ଶୁଭାରମ୍ଭ । ସେହିଦିନ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୭ ଫୁଟ ଉଚ୍ଚର ପୂର୍ଣ୍ଣାବୟବର ହେବ ଅନାବରଣ। ସାନ୍ଧ୍ୟ ଅଧିବେଶନକୁ ଆହୁରି ଗମ୍ଭୀର କରିବେ ଚର୍ଚ୍ଚିତ ଆଇଆଇଟି ଶିକ୍ଷାବିତ୍ ଆନନ୍ଦ କୁମାର । ନିଜର ଅଧ୍ୟବସାୟ ବଳରେ ସେ କିପରି ନିଜକୁ ଗଢ଼ିତୋଳିବା ସହ ଅନ୍ୟମାନଙ୍କୁ ତିଆର କରିବାକୁ ସକ୍ଷମ ହୋଇଛନ୍ତି ସେ ସଂକ୍ରାନ୍ତରେ ଉପସ୍ଥିତ ଅଭିଭାବକ ଓ ବିଦ୍ୟାର୍ଥୀ ମାନଙ୍କୁ ଦେବେ ଦୀକ୍ଷାନ୍ତ ପରାମର୍ଶ । ଶୀତ ତାପ ନିୟନ୍ତ୍ରିତ,ଟାଇଲ ଚଟାଣରେ ନିର୍ମିତ କୋଠାରେ ସିବିଏସଇର ନୂତନ ପାଠ୍ୟ ଖସଡାନୁଯାୟୀ କୃତ୍ରିମ ବୁଦ୍ଧିମତା,ମହାକାଶ ସଂକ୍ରାନ୍ତୀୟ ଶିକ୍ଷା ସାଙ୍ଗକୁ ସଂସ୍କୃତି ପରମ୍ପରା ବାବଦରେ ପିଲାମାନଙ୍କର ଧ୍ୟାନ ଆକର୍ଷଣ କରାଯିବ ଉକ୍ତ ବିଦ୍ୟାଳୟରେ । ଆର୍ଟ ଅଫ ଲାଇବ୍ରେରୀ, ସାଇନସ୍ ଲାବ୍ରୋଟାରୀ, କମ୍ପୁଟର ଲାବ,ରୋବୋଟିକ ଲାବ,ସ୍ପୋର୍ଟସ,ମ୍ୟୁଜିକ, ଡ୍ୟାନ୍ସ ଭଳି ସମସ୍ତ ପ୍ରକାର ସୁବିଧା ଏହି ବିଦ୍ୟାଳୟରେ ବିଦ୍ୟାର୍ଥୀ ମାନେ ପାଇପାରିବେ । ବିଶେଷ କରି ବାପା ମା'ଙ୍କୁ ଭଲପାଇବା, ପରିବେଶକୁ ସୁରକ୍ଷିତ ରଖିବା, ଦେଶାତ୍ମବୋଧକତା,ଜନ ସଞ୍ଚୟ ଧନ ସଞ୍ଚୟ ସଂକ୍ରାନ୍ତରେ ପିଲାମାନଙ୍କୁ ଶିକ୍ଷାଦେବା ଉପରେ ବିଦ୍ୟାଳୟ କରିବ ଫୋକସ ବୋଲି ଅଧ୍ୟକ୍ଷ ଡଃ ମହାନ୍ତି କହିଛନ୍ତି । ଏପ୍ରିଲ ପ୍ରଥମ ସପ୍ତାହରୁ ବିଧିବଦ୍ଧ ଭାବେ ପାଠ ପଢ଼ା ଆରମ୍ଭ ହେବାକୁ ସ୍ଥିର ହୋଇଥିଲେ ବି ଜାନୁୟାରୀ ୨୩,୨୪,୨୫ ତିନିଦିନ ମଧ୍ୟରେ ନାମ ଲେଖାଇବାକୁ ଆବେଦନ କରିଥିବା ପ୍ରଥମ ୧୦୦ ଜଣ ମେଧାବୀ ବିଦ୍ୟାର୍ଥୀ ଙ୍କୁ ମାଗଣା ଶିକ୍ଷାଦାନ କରାଯିବାକୁ ପରିଚାଳନା କମିଟି ନିଷ୍ପତ୍ତି ନେଇଥିବା ଅଧ୍ୟକ୍ଷ ଡ଼ଃ ମହାନ୍ତି ସୁଚନା ଦେଇଛନ୍ତି।

# ଚର୍ମ ତତ୍ତ୍ୱାବଧାନକୁ ନେଇ ସୋଆ ଏସ୍‌ପିଏସ୍ ପକ୍ଷରୁ ଆର୍ନ୍ତଜାତିକ ସମ୍ମିଳନୀ ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ): ଚର୍ମ ର ତତ୍ତ୍ୱାବଧାନ ଏବଂ ଅତ୍ୟାଧୁନିକ ପ୍ରକ୍ରିୟାରେ କ୍ଷତ ପରିଚାଳନା କ୍ଷେତ୍ରରେ ସ୍ମାର୍ଟ ବାୟୋମ୍ୟାଟେରିଆଲ୍ସ, ନାନୋ ଟେକ୍ନୋଲୋଜି ଏବଂ ଡ଼ିଜିଟାଲ୍ ସେନସିଂରେ ବିକାଶକୁ ନେଇ ବିଭିନ୍ନ ଦକ୍ଷିଣ ପୂର୍ବ ଏସିଆ ଦେଶ ଗୁଡିକର ବିଶେଷଜ୍ଞ ମାନେ ଏକତ୍ରିତ ହୋଇ ବୁଧବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ଆୟୋଜିତ ଏକ ଦିବସୀୟ ସମ୍ମିଳନୀରେ ଆଲୋଚନା କରିଛନ୍ତି। ସୋଆ ପରିଚାଳିତ ସ୍କୁଲ୍ ଅଫ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍ (ଏସପିଏସ) ପକ୍ଷରୁ “ଦ ଇଣ୍ଡୋ-ଏସିଆନ୍ ଇଂଟରନ୍ୟାସନାଲ ସେମିନାର' (ଆଇଏଆଇଏସ-୨୦୨୬) ଆୟୋଜିତ ହୋଇଯାଇଥିବା ବେଳେ ଏହାର ପ୍ରସଙ୍ଗ ରହିଥିଲା “ଇଞ୍ଜିନିୟରିଂ ଦ ନେକ୍ସଟ୍ ଜେନେରେସନ ଅଫ ଟ୍ରାଂସଡରମାଲ୍ କେୟାର'। ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସ୍ମାର୍ଟ ଟ୍ରାଂସଡରମାଲ୍ ସିଷ୍ଟମ୍‌କୁ ଭିତି କରି ଆଲୋଚନା କରାଯାଇଥିଲା। ଏହି ଅବସରରେ ସମ୍ମିଳନୀର ଆବାହକ ପ୍ରଫେସର ଏ. ବୋଷ କହିଥିଲେ ଯେ ବର୍ତ୍ତମାନ ସମୟରେ ଆମେ ଚିରାଚରିତ କ୍ଷତ ସ୍ଥାନର ଚିକିତ୍ସା ଏବଂ ସାଧାରଣ ଔଷଧ ପ୍ରଦାନ




ପ୍ରକ୍ରିୟାରୁ ଆଗକୁ ଯାଇ ବୁଦ୍ଧିସମ୍ପନ୍ନ, ପ୍ରତିକ୍ରିୟାଶୀଳ ଏବଂ ବହୁବିଧ ପ୍ରକ୍ରିୟା ବାୟୋମ୍ୟାଟେରିଆଲ ଉପରେ କାର୍ଯ୍ୟ କରୁଛୁ।

ଏହି ଅତ୍ୟାଧୁନିକ ବ୍ୟବସ୍ଥା କ୍ଷତ ତ୍ୱରିତ ଭଲ ହେବାରେ ସାହାଯ୍ୟ କରିବା ସହ ସଂକ୍ରମଣକୁ ପ୍ରତିରୋଧ କରୁଛି ଏବଂ ଶରୀରର କଷ୍ଟକୁ ମଧ୍ୟ ହ୍ରାସ କରାଇବାରେ ସହାୟକ ହେଉଛି ବୋଲି ସେ କହିଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମାଲେସିଆ, ଥାଇଲାଣ୍ଡ, ସିଙ୍ଗାପୁର ଏବଂ ବ୍ରୁନେଇ ଭଳି ବିଭିନ୍ନ ଦକ୍ଷିଣ ପୂର୍ବ ଏସିଆ ଦେଶରୁ ଗବେଷକ ଓ ବିଶେଷଜ୍ଞମାନେ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ଆଇଆଇଟି ଖଡ଼ଗପୁରର ସ୍କୁଲ ଅଫ ମେଡିକାଲ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ପ୍ରଫେସର ସାନ୍ତନୁ ଧର ଓ ଥାଇଲାଣ୍ଡର ଚିଆଙ୍ଗରାଏ ସ୍ଥିତ ମେ ଫା ଲୁଆଙ୍ଗ ୟୁନିଭର୍ସିଟିର ଆସୋସିଏଟ୍ ପ୍ରଫେସର ଡକ୍ଟର ଓରାଓ୍ୟାନ ସୁଆନଟୋଙ୍ଗ ଦୁଇଟି ବୈଜ୍ଞାନିକ ଅଧିବେସନରେ ବକ୍ତବ୍ୟ ରଖିଥିଲେ। ପ୍ରଫେସର ଧର “ଏଥିକାଲି ସୋର୍ସେସ୍ ବାୟୋମ୍ୟାଟେରିଆଲସ୍ ଥ୍ରୁ ଇନୋଭେଟିଭ ପ୍ରସେସିଂ ଫର ଉଣ୍ଡ ମ୍ୟାନେଜମେଂଟ' ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଡକ୍ଟର ସୁଆନଟୋଙ୍ଗ 'ୟୁଟିଲାଇଜେସନ୍ ଅଫ ବାୟୋପଲିମର ବେସଡ୍ ଉଣ୍ଡ ଡ୍ରେସିଂସ୍ ଇନକର୍ପୋରେଟେଡ ଉଇଥ ନ୍ୟାଚୁରାଲ ପ୍ରଡକ୍ଟ ଏକ୍ସଟ୍ରାକ୍ଟସ୍ ଫର ଡାଇଭର୍ସ ଉଣ୍ଡ ମ୍ୟାନେଜମେଂଟ' ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଧର କହିଥିଲେ ଯେ ଡାକ୍ତରୀ ଗବେଷଣା ଏବଂ ଫାର୍ମାସୀ ଓତଃପ୍ରତ ଭାବେ ଜଡ଼ିତ ଯେଉଁଥିରେ ଡାକ୍ତର, ଇଞ୍ଜିନିୟର ଓ ଔଷଧୀୟ ବୈଜ୍ଞାନିକ ମାନେ ସମାଜର ହିତ ପାଇଁ ଏକତ୍ରିତ ହୋଇ କାର୍ଯ୍ୟ କରିଥାନ୍ତି। ସେ କହିଥିଲେ ଯେ ବୈଜ୍ଞାନିକ ମାନେ ୧୯୯୧ରେ ହିଁ ଷ୍ଟେମ ସେଲ୍ ସମ୍ପର୍କରେ ଜାଣିବାକୁ ପାଇଥିବା ବେଳେ ୨୦୨୪ ମସିହାରେ ୟୁଏସଏର ଫୁଡ ଆଣ୍ଡ ଡ୍ରଗ ଆଡମିନିଷ୍ଟ୍ରେସନ୍ ପକ୍ଷରୁ ଷ୍ଟେମ ସେଲ୍ସ ଥେରାପୀ ନିମନ୍ତେ ସ୍ୱୀକୃତି ମିଳିଥିଲା। ଏହାକୁ ୨୦୨୫ ମସିହାରେ ଭାରତ ଗ୍ରହଣ କରିଥିଲା। ଏସପିଏସର ଡିନ୍ ପ୍ରଫେସର ଦେବଜ୍ୟୋତି ଦାସ ଅତିଥି ଏବଂ ପ୍ରତିନିଧିମାନଙ୍କୁ ସ୍ୱାଗତ କରିଥିବା ବେଳେ ଶିକ୍ଷାନୁଷ୍ଠାନର ଫାର୍ମାସ୍ୟୁଟିକାଲ ଆନାଲିସିସ୍ ବିଭାଗର ପ୍ରଫେସର ବି.ବି.ସୁବୁଦ୍ଧି ଏବଂ ଫାର୍ମାସ୍ୟୁଟିକ୍ସ ବିଭାଗର ମୁଖ୍ୟ ପ୍ରଫେସର ଗୌତମ ରଥ ନିଜର ମତ ରଖିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଶେଷରେ ଏସପିଏସ କ୍ୟାମ୍ପସ୍ ୨ର ଡିନ୍ ପ୍ରଫେସର ଦୁର୍ଗାମାଧବ କର ଧନ୍ୟବାଦ ଅର୍ପଣ କରିଥିଲେ।

## ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆ ପକ୍ଷରୁ ୨୦୦ତମ ସ୍ମାରକ ଜାତୀୟ ପତାକା ସ୍ତମ୍ଭ ପ୍ରତିଷ୍ଠା

# ୨୩ ଜାନୁଆରୀକୁ ରାଷ୍ଟ୍ରୀୟ ଧ୍ୱଜା ଦିବସ ଘୋଷଣା ପାଇଁ ପ୍ରସ୍ତାବ

ଭୁବନେଶ୍ୱର (ସବ୍ୟୁ): ଆମର ମହାନ ପରମ୍ପରା ଓ ଦେଶ ଭକ୍ତିର ଚମତ୍କାର ସଂଗମର ନିଦର୍ଶନ ସ୍ୱରୂପ ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆ ପକ୍ଷରୁ ମଣିପୁର ରାଜଧାନୀ ଇମ୍ଫାଲସ୍ଥିତ ଐତିହାସିକ କାଙ୍ଗଲା ଦୁର୍ଗରେ ୨୦୦ତମ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ ହୋଇଛି। ଏହି ବିଶାଳ ଜାତୀୟ ପତାକା ସ୍ତମ୍ଭ ପ୍ରତିଷ୍ଠା ଦୁଇଟି ଐତିହାସିକ ନ୍ୟାୟିକ ନିଷ୍ପତ୍ତିର ବାର୍ଷିକୀକୁ ସ୍ମରଣ କରାଉଛି। ଏହି ଦୁର୍ଗରେ ତ୍ରିରଙ୍ଗାର ଉତ୍ତୋଳନ ରାଷ୍ଟ୍ରୀୟ ଏକତାର ପ୍ରତୀକ ଭାବେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ। ଏହା ସହିତ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କୁ ଭାରତର ଲୋକତନ୍ତ୍ରକୁ ସ୍ମରଣ କରାଇବ। ଏହି କାର୍ଯ୍ୟକ୍ରମ ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ କଠିନ ପରିଶ୍ରମ ଓ ଦଶନ୍ଧି ବ୍ୟାପୀ ସଂଘର୍ଷକୁ ସ୍ମରଣ କରିବାର ଏକ ସ୍ୱତନ୍ତ୍ର ଅବସର ଥିଲା। ଆମେରିକାରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପରେ ତତ୍କାଳୀନ




ପ୍ରତିବନ୍ଧକପୂର୍ଣ୍ଣ ଜାତୀୟ ପତାକା ସଂହିତାକୁ ଆଇନଗତ ଚ୍ୟାଲେଞ୍ଜ କରିଥିଲେ। ସେତେବେଳର ନିୟମ ଅନୁସାରେ କେବଳ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜାତୀୟ ପତାକା ଉତ୍ତୋଳନର ଅନୁମତି ରହିଥିଲା। ଜିନ୍ଦଲ ପ୍ରଥମରୁ ରୁ ହିଁ ତ୍ରିରଙ୍ଗାକୁ ପ୍ରତ୍ୟକ ଭାରତୀୟଙ୍କ ଗୌରବ, ସମ୍ମାନ ଓ ଅଭିବ୍ୟକ୍ତିର ପ୍ରତୀକ ବୋଲି ମାନୁଥିଲେ। ସେଥିପାଇଁ ସବୁଦିନ ପ୍ରତ୍ୟକ ନାଗରିକଙ୍କୁ ଏହାର ଉତ୍ତୋଳନ ପାଇଁ ଅଧିକାର ମିଳିବା ଉଚିତ ବୋଲି ସେ ବିଚାର କରୁଥିଲେ। ତାଙ୍କ ନ୍ୟାୟିକ ଲଢ଼େଇ ପାଇଁ ଆଜି ସମସ୍ତ ଦେଶବାସୀଙ୍କୁ ଗର୍ବ ଓ ସମ୍ମାନର ସହ ସର୍ବଦା ଜାତୀୟ ପତାକା ଉଡ଼ାଇବାର ଅଧିକାର ମିଳିଛି। ନବୀନ ଜିନ୍ଦଲ କହିଛନ୍ତି, “ତ୍ରିରଙ୍ଗା ଭାରତର ଏକତା ଓ ସଫଳତାର ପ୍ରତୀକ। ଜାତୀୟ ପତାକା ସହ ଆମର ଗଭୀର ଭାବନାତ୍ମକ ସମ୍ବନ୍ଧ ରହିଛି।

### ମଣିପୁରରେ କୁକି ଆତଙ୍କୀଙ୍କ ବର୍ବର କାଣ୍ଡ

# ମୈତେୟୀ ବ୍ୟକ୍ତିଙ୍କୁ ଅପହରଣ ପରେ ଗୁଳିକରି ହତ୍ୟା

ଗୁଆହାଟୀ: ମଣିପୁରର ଚୁରାଚାନ୍ଦପୁର ଜିଲ୍ଲାରେ ସନ୍ଦିଗ୍ଧ କୁକି ଆତଙ୍କବାଦୀମାନେ ଜଣେ ମୈତେୟୀ ବ୍ୟକ୍ତିଙ୍କୁ ଅପହରଣ କରିବା ପରେ ଗୁଳି କରି ହତ୍ୟା କରିଛନ୍ତି। ଜାତିଗତ ହିଂସା ପ୍ରଭାବିତ ରାଜ୍ୟରେ ଗତ କିଛି ମାସ ମଧ୍ୟରେ ଏପରି ଘଟଣା ଘଟି ନ ଥିଲା। ଗତ ବର୍ଷ ଫେବ୍ରୁଆରି ୧୩ ତାରିଖରୁ ରାଷ୍ଟ୍ରପତି ଶାସନ ଅଧୀନରେ ଥିବା ରାଜ୍ୟରେ ସରକାର ଗଠନକୁ ନେଇ କଳ୍ପନାଜଳ୍ପନା ବଢୁଛି। ମିଳିଥିବା ସୂଚନା ମୁତାବକ, ବୁଧବାର ଚୁରାଚାନ୍ଦପୁର ଜିଲ୍ଲାର ତୁଇବୋଙ୍ଗ ଅଞ୍ଚଳରେ ଥିବା ଘରୁ ମୃତ ମାୟାଙ୍ଗଲାମ୍ବମ୍ ଋଷିକାନ୍ତ ସିଂହ ଓ ତାଙ୍କ କୁକି ପତ୍ନୀ ଚିଙ୍ଗନୁ ହାଓକିପଙ୍କୁ ଅପହରଣ କରାଯାଇଥିଲା। ପରେ ସିଂହଙ୍କୁ ଗୁଳି କରି ହତ୍ୟା କରାଯାଇଥିବା ବେଳେ ମହିଳାଙ୍କୁ ଛାଡି ଦିଆଗଲା। ଏହି ବ୍ୟକ୍ତି ଜଣକ ମୂଳତଃ ଇମ୍ଫାଲ ଉପତ୍ୟକାର କାକଚିଂ ଖୁନୋର ବାସିନ୍ଦା ଥିଲେ। ଏହି ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୁଲିସ ମଧ୍ୟରାତ୍ରିରେ ନାଟଜାଙ୍ଗ ଗ୍ରାମରୁ ମୃତଦେହ



ଉଦ୍ଧାର କରି ଚୁରାଚାନ୍ଦପୁର ଜିଲ୍ଲା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ୟୁନାଇଟେଡ୍ କୁକି ନ୍ୟାସନାଲ ଆର୍ମି, ଯାହା ସସପେନସନ୍ ଅଫ୍ ଅପରେସନ୍ (ଏସ୍‌ଓଓ) ଚୁକ୍ତିନାମା ସ୍ୱାକ୍ଷର କରିନାହିଁ, ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ପ୍ରାୟ ଦୁଇ ଡଜନ କୁକି ବିଦ୍ରୋହୀ ଗୋଷ୍ଠୀ ପୂର୍ବରୁ ମଣିପୁର ଓ କେନ୍ଦ୍ର ସରକାରଙ୍କ ସହ ତ୍ରିପାକ୍ଷିକ ଏସ୍‌ଓଓ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ମୃତ ବ୍ୟକ୍ତି ବିବାହ ପରେ ଏକ ଆଦିବାସୀ ନାମ ଜିନମିନ୍ଥାଙ୍ଗ ଗ୍ରହଣ କରିଥିଲେ। ରିପୋର୍ଟରୁ ଜଣାପଡିଛି ଯେ ସେ ନେପାଳରେ ଚାକିରି କରୁଥିଲେ ଓ ମାତ୍ର ତିନି ଦିନ ପୂର୍ବରୁ ଘରକୁ ଫେରିଥିଲେ। ଜାତିଗତ ଉତ୍ତେଜନା ଓ ମତଭେଦ ସତ୍ତ୍ୱେ କିଛି କୁକି ଗୋଷ୍ଠୀ ମୃତକଙ୍କୁ ତାଙ୍କ ପତ୍ନୀଙ୍କ ସହ ରହିବାକୁ ଅନୁମତି ଦେଇଥିବା ଜଣାଯାଇଛି। ମଣିପୁର ଜାତିଗତ ହିଂସାରେ ଅଦ୍ୟାବଧି ୨୬୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି।

# ଟ୍ରମ୍ପଙ୍କ ଶାନ୍ତି ବୋର୍ଡରେ ବହୁ ରାଷ୍ଟ୍ର

ନୂଆଦିଲ୍ଲୀ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶାନ୍ତି ବୋର୍ଡରେ ପାକିସ୍ତାନ ସମେତ ଅନେକ ରାଷ୍ଟ୍ର ରହିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ପ୍ରାୟ ସମସ୍ତେ ଶାନ୍ତି ବୋର୍ଡରେ ରହିବା ପାଇଁ ଚାହୁଁଛନ୍ତି। ଅନ୍ୟମାନଙ୍କ ସହ ସେ ଏନେଇ କାର୍ଯ୍ୟ କରିବେ। ରାଷ୍ଟ୍ରପତି ଟ୍ରମ୍ପ ପ୍ରଥମଥର ଲାଗି ଶାନ୍ତି ବୋର୍ଡ ଘୋଷଣା କରିଛନ୍ତି। ଯାହା ଅନ୍ତର୍ଜାତୀୟ ବିବାଦକୁ ସମାଧାନ କରିବ। ଏହାର ସ୍ଥାୟୀ ସଦସ୍ୟ ପାଇଁ ଏକ ବିଲିୟନ ଡଲାର ଅର୍ଥରାଶି ରଖାଯାଇଛି। ଏହି ବୋର୍ଡ ଅନ୍ତର୍ଜାତୀୟ କ୍ଷେତ୍ରରେ ପୁନଃ ନିର୍ମାଣର ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧରେ ଗାଜାରେ ସୃଷ୍ଟି ହୋଇଥିବା ପରିସ୍ଥିତି ଅନ୍ୟ ବୈଦେଶିକ ବିବାଦକୁ ସମାଧାନ କରିବ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ପ୍ରାୟ ୧୨ରୁ ଅଧିକ ଦେଶର କୂଟନୀତିଜ୍ଞମାନେ ଏଥିରେ ସାମିଲ ଅଛନ୍ତି। ସେମାନଙ୍କ ମଧ୍ୟରେ ଆର୍ଜେଣ୍ଟିନାର ରାଷ୍ଟ୍ରପତି, ଇଣ୍ଡୋନେସିଆ ରାଷ୍ଟ୍ରପତି, ପାରାଗାଏ ରାଷ୍ଟ୍ରପତି, ଉଜବେକିସ୍ତାନ ରାଷ୍ଟ୍ରପତି,ପାକିସ୍ତାନ ପ୍ରଧାନମନ୍ତ୍ରୀ ପ୍ରମୁଖ ରହିଛନ୍ତି। ଟ୍ରମ୍ପ ଏସମ୍ପର୍କରେ ତାଙ୍କର ପ୍ରାରମ୍ଭିକ ମନ୍ତବ୍ୟରେ କହିଛନ୍ତି ଯେ, ସମସ୍ତେ ଏହି ବୋର୍ଡରେ ସଦସ୍ୟ ହେବାକୁ ଚାହୁଁଛନ୍ତି। ଆମେ ସମସ୍ତଙ୍କ ସହ କାର୍ଯ୍ୟ କରିବୁ। ଯେଉଁମାନେ ଏହାର ସଦସ୍ୟ ହେବେ ସେମାନେ ମଧ୍ୟ ଜାତିସଂଘ ସହ ମିଶି କାର୍ଯ୍ୟ କରିବେ। ପ୍ରଥମେ ଆମେ ଗାଜା ଉପରେ ଫୋକସ କରିଛୁ। ଗାଜାରେ ଆମେ ଭଲ ସଫଳତା ପାଇବୁ। ଯେତେବେଳେ ଏହି ବୋର୍ଡ ଗଠନ ଶେଷ ହୋଇଯିବ, ଆମେ ଅନେକ କିଛି କରିପାରିବୁ। ଗାଜା ଯୁଦ୍ଧ ବାସ୍ତବରେ ଶେଷ ହୋଇଛି। ହମାସମାନଙ୍କୁ




ଚେତାବନୀ ଦିଆଯାଇଛି ଯେ ସେମାନେ ଏହାକୁ ସମାପ୍ତ କରନ୍ତୁ। ଟ୍ରମ୍ପ କହିଛନ୍ତି ଯେ ସେ ୮ଟି ଯୁଦ୍ଧର ଅବସାନ କରାଇଛନ୍ତି। ଖୁବ ଶୀଘ୍ର ରୁଷ, ୟୁକ୍ରେନ ଯୁଦ୍ଧକୁ ସମାପ୍ତ କରିବୁ। ତେବେ ଭାରତ ଏପର୍ଯ୍ୟନ୍ତ ଏସମ୍ପର୍କରେ ନିଷ୍ପତ୍ତି ନେଇ ନାହିଁ।

# ଚଣ୍ଡିଗଡ଼ରେ ଭାଙ୍ଗିଲା ଆପ୍-କଂଗ୍ରେସ ମେଣ୍ଟ

ଚଣ୍ଡିଗଡ଼ : ପାଖେଇ ଆସୁଛି ଚଣ୍ଡିଗଡ଼ ମେୟର ନିର୍ବାଚନ । ନିର୍ବାଚନ ଯେତିକି ପାଖଉଛି ରାଜନୈତିକ ମହଲ ବି ସେତିକି ରୋଚକ ମୋଡ଼ ନେବାରେ ଲାଗିଛି । ଚଣ୍ଡିଗଡ଼ ରାଜନୈତିକ ପାଣିପାଗକୁ ତର୍ଜମା କଲେ ଗୋଟିଏ କଥା ସାମ୍ନାକୁ ଆସୁଛି, ଏଥର ବିଜେପି ଫାଇଦାରେ ରହିବ । କାରଣ ଆଗାମୀ ପଞ୍ଜାବ



ବିଧାନସଭା ନିର୍ବାଚନ ସ୍ପଷ୍ଟ ଭାବରେ ଚଣ୍ଡିଗଡ଼ ମେୟର ନିର୍ବାଚନ ଉପରେ ପ୍ରଭାବ ପକାଇବ । ଏଥର, ଆମ ଆଦମୀ ପାର୍ଟି ଏବଂ କଂଗ୍ରେସ ଚଣ୍ଡିଗଡ଼ ମେୟର ନିର୍ବାଚନରେ ମେଣ୍ଟ ଗଠନ କରିବେ ନାହିଁ । ପରିଣାମ ସ୍ୱରୂପ, ଆପ୍ ଏବଂ କଂଗ୍ରେସ ମଧ୍ୟରେ ମେଣ୍ଟ ଅଭାବରୁ, ବିଜେପି ମେୟର, ବରିଷ୍ଠ ଡେପୁଟି ମେୟର ଏବଂ ଡେପୁଟି ମେୟର ପଦବୀ ଜିତିବା ନିଶ୍ଚିତ ।

ଦୀର୍ଘଦିନ ଧରି ସସପେନ୍ସ ଲାଗିରହିଥିଲା କି ଇଣ୍ଡିଆ ମେଣ୍ଟର ଦୁଇ ବନ୍ଧୁ ଆପ୍ ଓ କଂଗ୍ରେସ ଚଣ୍ଡିଗଡ଼ ମେୟର ନିର୍ବାଚନ ପାଇଁ ମେଣ୍ଟ ଗଢ଼ିବେ କି ନାହିଁ, ଆଉ ଏହି ସସପେନ୍ସ ଉପରୁ ପରଦା ହଟାଇଛନ୍ତି ଆମ ଆଦମୀ ପାର୍ଟିର ଚଣ୍ଡିଗଡ଼ ପ୍ରଭାରୀ ଜର୍ନୈଲ ସିଂହ । ଚଣ୍ଡିଗଡ଼ କଂଗ୍ରେସ ସଭାପତି ହରମୋହିନ୍ଦର ସିଂହ ଲକି ମଧ୍ୟ ଏହି ସୂଚନା ଦେଇଛନ୍ତି ।

ଏବେ, ଆମ୍ ଆଦମୀ ପାର୍ଟି ଏବଂ କଂଗ୍ରେସ ତିନୋଟି ପଦବୀ ପାଇଁ ନିଜ ନିଜ ପ୍ରାର୍ଥୀ ଦେବେ ।

### ଲସ୍କର-ଏ-ତୈବା ନିଯୁକ୍ତି ମାମଲା

# ଏନ୍‌ଆଇଏ କୋର୍ଟରେ ସୟଦ ଏମ ଇଦ୍ରିସକୁ ୧୦ ବର୍ଷ ଜେଲ

କୋଲକାତା: ପଶ୍ଚିମବଙ୍ଗରେ ମୁସଲିମ ଯୁବକଙ୍କୁ ନିଯୁକ୍ତି ଓ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା ସହିତ ସେମାନଙ୍କ ସମ୍ପର୍କ ତଥା ଭାରତ ସରକାରଙ୍କ ବିରୋଧରେ ଜିହାଦ କରିବାକୁ ସେମାନଙ୍କୁ ଉସୁକାଇବା ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ)ର ଏକ ସ୍ୱତନ୍ତ୍ର କୋର୍ଟ ଅଭିଯୁକ୍ତ ସୟଦ ଏମ ଇଦ୍ରିସ୍‌କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଗୁରୁବାର ଏନ୍‌ଆଇଏ ଦ୍ୱାରା ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, କୋଲକାତା ସ୍ଥିତ ଏନଆଇଏ ସ୍ୱତନ୍ତ୍ର କୋର୍ଟ କର୍ଣ୍ଣାଟକର ଉତ୍ତର କନ୍ନଡ ଜିଲ୍ଲାର ବାସିନ୍ଦା ସୟଦ ଏମ. ଇଦ୍ରିସ୍‌କୁ ଭାରତୀୟ ଦଣ୍ଡ ସଂହିତା (ଆଇପିସି) ଓ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନର ବିଭିନ୍ନ ଧାରା ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏକକାଳୀନ ସର୍ବାଧିକ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଏହା ସହିତ ୭୦,୦୦୦ ଟଙ୍କା ଜରିମାନା ମଧ୍ୟ କରାଯାଇଛି। ଏନ୍‌ଆଇଏ ଏପ୍ରିଲ ୨୦୨୦ରେ ପଶ୍ଚିମବଙ୍ଗ ପୁଲିସଠାରୁ ମାମଲାଟିକୁ ନିଜ ଅଧୀନକୁ ନେଇଥିଲା। ତଦନ୍ତ ସମୟରେ, ଏଜେନ୍ସି ଜମ୍ମୁ-କାଶ୍ମୀରର ଅଲତାଫ୍ ଅହମ୍ମଦ ରାଥର ସହିତ ସୟଦ ଏମ୍. ଇଦ୍ରିସ୍‌କୁ ଗିରଫ କରିଥିଲା। ତଦନ୍ତରୁ ଜଣାପଡ଼ିଥିଲା,ସେମାନେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ଓ ଲସ୍କର-ଏ-ତୈବା ମଡ୍ୟୁଲ୍ ପ୍ରତିଷ୍ଠା କରିବା ପାଇଁ ତାନିଆ ପରୱିନ୍ ସହିତ ମିଶି ଷଡ଼ଯନ୍ତ୍ର ରଚିଥିଲେ। ତାନିଆ ପରୱିନ୍ ପୂର୍ବରୁ ମାର୍ଚ୍ଚ ୨୦୨୦ରେ ପଶ୍ଚିମବଙ୍ଗ ପୁଲିସ ସ୍ପେଶାଲ୍ ଟାସ୍କ ଫୋର୍ସ (ଏସ୍ଟିଏଫ୍) ଦ୍ୱାରା ଉତ୍ତର ୨୪ ପରଗଣାର ବାଦୁରିଆ ଅଞ୍ଚଳରେ ଏକ ସର୍ଚ୍ଚ ଅପରେସନ୍ ସମୟରେ ଗିରଫ ହୋଇଥିଲା। ଏହି ଅପରେସନ୍ ଗୁପ୍ତ ସୂଚନା ଆଧାରରେ କରାଯାଇଥିଲା। ସର୍ଚ୍ଚ ସମୟରେ, ଏସ୍ଟିଏଫ୍ ଜିହାଦୀ ପାଠ୍ୟପୁସ୍ତକ ସମେତ ଅନେକ ଅପରାଧିକ ସାମଗ୍ରୀ ଜବତ କରିଥିଲା। ଏନ୍‌ଆଇଏ ତଦନ୍ତରୁ ଜଣାପଡିଥିଲା, ସୋସିଆଲ ମିଡିଆ ମାଧ୍ୟମରେ ଯୁବବର୍ଗମାନଙ୍କୁ ମୌଳବାଦୀ କରାଯାଉଛି ଓ ଭାରତ ସରକାରଙ୍କ ବିରୋଧରେ ଜିହାଦ୍ କରିବାକୁ ପ୍ରୋତ୍ସାହିତ କରାଯାଉଛି। ଏହି ନେଟୱାର୍କ ପାକିସ୍ତାନ ସ୍ଥିତ ଲସ୍କର-ଏ-ତୈବା ସହିତ ଜଡିତ ରହିଛି। ପରବର୍ତ୍ତୀ ସମୟରେ, ସେପ୍ଟେମ୍ବର ୨୦୨୦ ଓ ମେ' ୨୦୨୧ ରେ ଏନ୍‌ଆଇଏ ଏହି ମାମଲାରେ ଗିରଫ ତିନି ଅଭିଯୁକ୍ତଙ୍କ ସହିତ ପାକିସ୍ତାନରେ ରହୁଥିବା ଦୁଇ ପଳାତକ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। ପଳାତକ ଅଭିଯୁକ୍ତମାନଙ୍କୁ ଆୟେଶା ଓରଫ ଆୟେଶା ବୁରହାନ ଓରଫ ଆୟେଶା ସିଦ୍ଦିକି ଓରଫ ସୟଦ ଆୟେଶା ଓ ବିଲାଲ ଓରଫ ବିଲାଲ ଦୁରାନି ଭାବରେ ଚିହ୍ନଟ କରାଯାଇଥିଲା। ଉଭୟଙ୍କ ବିରୋଧରେ ରେଡ୍ କର୍ଣ୍ଣର ଓ ବ୍ଲୁ କର୍ଣ୍ଣର ନୋଟିସ୍ ଜାରି କରାଯାଇଥିଲା। ଏନ୍‌ଆଇଏ କହିଛି ଯେ, ଏହି ମାମଲାରେ ଗିରଫ ହୋଇଥିବା ଅନ୍ୟ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ମାମଲା ଏବେ ବି ଜାରି ରହିଛି। ଆତଙ୍କବାଦୀ ନେଟୱାର୍କ, ନିଯୁକ୍ତି ଓ ମୌଳବାଦୀ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖାଯାଇଛି। ଏଭଳି ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

### ୧୯୮୪ ଶିଖ ବିରୋଧୀ ହିଂସା ମାମଲା

# ସଜ୍ଜନ କୁମାର ନିର୍ଦ୍ଦୋଷରେ ଖଲାସ

ନୂଆଦିଲ୍ଲୀ: ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ପୂର୍ବତନ କଂଗ୍ରେସ ନେତା ସଜ୍ଜନ କୁମାରଙ୍କୁ ୧୯୮୪ ଶିଖ ବିରୋଧୀ ହିଂସା ସମୟରେ ଜନକପୁରୀ ଓ ବିକାଶପୁରୀ ଅଞ୍ଚଳରେ ହୋଇଥିବା ହିଂସାକାଣ୍ଡ ସହ ଜଡିତ ଏକ ମାମଲାରେ ଦୋଷମୁକ୍ତ କରିଛନ୍ତି। ଏହି ମାମଲାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିଲା। ଶୁଣାଣି ସମୟରେ, ସଜ୍ଜନ କୁମାର ନିଜର ପକ୍ଷ ରଖି କହିଥିଲେ ଯେ,ସେ ନିର୍ଦ୍ଦୋଷ ଓ କେବେ ହିଂସାରେ ଅଂଶଗ୍ରହଣ କରି ନଥିଲେ। ସ୍ୱପ୍ନରେ ମଧ୍ୟ ସେ ଏଭଳି କରି ନଥିବା କହିଥିଲେ। ମୋ ବିରୋଧରେ କୌଣସି ଠୋସ୍ ପ୍ରମାଣ ନାହିଁ। ଦୀର୍ଘ ଦିନ ପରେ, କୋର୍ଟ ତାଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ତାଙ୍କ ଦୋଷମୁକ୍ତ ହେବା ବିଷୟରେ ସୂଚନା ପାଇ ସଜ୍ଜନ କୁମାର ହାତ ଯୋଡି କୋର୍ଟଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଯଦିଓ ସଜ୍ଜନ କୁମାରଙ୍କୁ ଏହି ମାମଲାରେ ଦୋଷମୁକ୍ତ କରାଯାଇଛି। ତେବେ ତାଙ୍କୁ ଜେଲରେ ରହିବାକୁ ପଡିବ। କାରଣ ତାଙ୍କୁ ପୂର୍ବରୁ ୧୯୮୪ ଦଙ୍ଗା ସହିତ ଜଡିତ ଅନ୍ୟ ଦୁଇଟି ମାମଲାରେ ଆଜୀବନ କାରାଦଣ୍ଡ ଦିଆଯାଇଛି। ଫେବ୍ରୁଆରି ୨୦୧୫ରେ, ଜନକପୁରୀ ଏବଂ ବିକାଶପୁରୀ ଅଞ୍ଚଳରେ ୧୯୮୪ ମସିହାରେ ହୋଇଥିବା ହିଂସା ସହିତ ଜଡିତ ଅଭିଯୋଗ ଆଧାରରେ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି) ସଜ୍ଜନ କୁମାରଙ୍କ ବିରୋଧରେ ଦୁଇଟି ଏଫ୍‌ଆଇଆର୍ ଦାୟର କରିଥିଲା। ପ୍ରଥମ ଏଫ୍‌ଆଇଆର୍ ଜନକପୁରୀରେ ହୋଇଥିବା ହିଂସା ସହିତ ଜଡିତ ଥିଲା। ମାମଲାରେ ସୋହନ ସିଂହ ଓ ତାଙ୍କ ଜ୍ୱାଇଁ ଅବତାର ସିଂହଙ୍କୁ ୧ ନଭେମ୍ବର ୧୯୮୪ରେ ହତ୍ୟା କରାଯାଇଥିଲା। ଦ୍ୱିତୀୟ ଏଫ୍‌ଆଇଆର୍ ବିକାଶପୁରୀ ଘଟଣା ସହିତ ଜଡିତ ଥିଲା। ଯେଉଁଥିରେ ୨ ନଭେମ୍ବର ୧୯୮୪ ରେ ଗୁରଚରଣ ସିଂହଙ୍କୁ ଜୀବନ୍ତ ଜାଳି ଦିଆଯାଇଥିଲା। ୩୧ ଅକ୍ଟୋବର ୧୯୮୪ରେ, ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଶିଖ୍ ଅଙ୍ଗରକ୍ଷୀମାନେ ହତ୍ୟା କରିଥିଲେ।

### ବାହାଘରର ୨ ମାସ ପରେ ଉଜୁଡିଲା ସଂସାର

# ପତ୍ନୀଙ୍କୁ ଗୁଳିକରି ନିଜେ ଜୀବନ ହାରିଲେ ବଡ଼ ଅଫିସର

ଅହମ୍ମଦାବାଦ : ପତ୍ନୀଙ୍କୁ ମାରି ଆତ୍ମହତ୍ୟା କରିଥିବା ବ୍ୟକ୍ତି ଜଣଙ୍କ ହେଲେ ଯଶରାଜସିଂହ ଗୋହିଲ। ସେ ଜଣେ କ୍ଲାସ ୱାନ ଅଫିସର। ଗୁଜରାଟର ମାରିଟାଇମ ବୋର୍ଡରେ କାର୍ଯ୍ୟ କରୁଥିଲେ ଯଶରାଜ। ଗୁଜରାଟର ଅହମଦାବାଦ ସ୍ଥିତ ନିଜ ଆପାର୍ଟମେଣ୍ଟରେ ଜଣେ ବ୍ୟକ୍ତି ପତ୍ନୀଙ୍କୁ ଗୁଳି କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ମାତ୍ର ୨ ମାସ ତଳେ ଏହି ଦମ୍ପତି ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। କିନ୍ତୁ ଏବେ ଏତେ ବଡ଼ ଘଟଣା ଘଟି ଯାଇଛି। ପତ୍ନୀଙ୍କୁ ମାରି ଆତ୍ମହତ୍ୟା କରିଥିବା ବ୍ୟକ୍ତି ଜଣଙ୍କ ହେଲେ ଯଶରାଜସିଂହ ଗୋହିଲ। ସେ ଜଣେ କ୍ଲାସ ୱାନ ଅଫିସର। ଗୁଜରାଟର ମାରିଟାଇମ ବୋର୍ଡରେ କାର୍ଯ୍ୟ କରୁଥିଲେ ଯଶରାଜ। ତାଙ୍କ ପତ୍ନୀ ହେଉଛନ୍ତି ରାଜେଶ୍ୱରୀ ଗୋହିଲ। ବୁଧବାର ରାତିରେ କୌଣସି କାରଣରୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାଟୁତୁଣ୍ଡ ହୋଇଥିଲା। ଏହାପରେ ଯଶରାଜ ନିଜର ଲାଇସେନ୍ସ ପ୍ରାପ୍ତ ବନ୍ଧୁକ ବାହାର କରି ସିଧା ରାଜେଶ୍ୱରୀଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁଳି



ମାରିବା ପରେ ଯଶରାଜ ତୁରନ୍ତ ୧୦୮ ଜରୁରୀ ସେବାକୁ ଫୋନ କରି ଡାକିଥିଲେ। ସେମାନେ ରାଜେଶ୍ୱରଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଯାଞ୍ଚ କରିଥିଲେ ହେଁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ପୁଲିସ୍ କହିଛି ଯେ ଜରୁରୀ ସେବାର କର୍ମଚାରୀମାନେ ଫ୍ଲାଟରୁ ଯିବା ପରେ ଯଶରାଜ ଆଉ ଗୋଟିଏ ରୁମକୁ ଯାଇଥିଲେ। ସମାନ ବନ୍ଧୁକରେ ସେ ନିଜକୁ ମଧ୍ୟ ଗୁଳି କରିଥିଲେ। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଯଶରାଜ ହେଉଛନ୍ତି ଗୁଜରାଟ କଂଗ୍ରେସର ପୂର୍ବତନ ମୁଖିଆ ତଥା ରାଜ୍ୟସଭା ସାଂସଦ ଶକ୍ତିସିଂହ ଗୋହିଲଙ୍କ ପୁତୁରା। ଗୋହିଲ ପରିବାରରେ ଏତେ ବଡ଼ ଘଟଣାରେ ସମସ୍ତେ ପୂରା ସ୍ତବ୍ଧ ହୋଇ ଯାଇଛନ୍ତି। କିନ୍ତୁ କାହିଁକି ୨ ମାସ ତଳେ ବାହା ହୋଇଥିବା ଦମ୍ପତିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା, ସେକଥା ଜଣାପଡ଼ିନାହିଁ। ଅନ୍ୟପକ୍ଷରେ କଂଗ୍ରେସ ମୁଖପାତ୍ର ମନୀଷ ଦୋଶୀ ମୃତ୍ୟୁକୁ ନେଇ ଶୋକ ପ୍ରକାଶ କରିବା ସହ ପରିବାର ଏହି ଖବରରେ ଗଭୀର ଭାବେ ପ୍ରଭାବିତ ହୋଇଥିବା କହିଛନ୍ତି। ସେ କହିଛନ୍ତି, "ପୂରା ପରିବାର ଏବେ ସ୍ତବ୍ଧ। ଏହା ପରିବାର ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ସମୟ। ମୁଁ ବ୍ୟକ୍ତିଗତ ଭାବେ ଯଶରାଜଙ୍କୁ ଜାଣିଥିଲି। ସେ ବହୁତ ଖୁସି ଓ ଭାଗ୍ୟବାନ ପିଲା। ନିକଟରେ ସେ ମାରିଟାଇମ ବୋର୍ଡ ପରୀକ୍ଷାରେ ପାସ ହୋଇଥିଲେ ଓ ଜଣେ ଅଧିକାରୀ ଭାବେ ନିଯୁକ୍ତି ପାଇଥିଲେ। ସେ ୟୁପିଏସସି ପାଇଁ ମଧ୍ୟ ପ୍ରସ୍ତୁତ ହେଉଥିଲେ। ଦମ୍ପତି ବେଶ ଖୁସିଥିଲେ ଓ ବିଦେଶ ବୁଲିବା ପାଇଁ ଯୋଜନା କରୁଥିଲେ। ବନ୍ଧୁକରେ ଖେଳିବା ଯଶରାଜଙ୍କ ଗୋଟିଏ ଅଭ୍ୟାସ। ସେ ଭୁଲବଶତଃ ଗୁଳି ଚଳାଇ ଦେଇଥିଲେ ଓ ଏହା ତାଙ୍କ ପତ୍ନୀଙ୍କ ଦେହରେ ମାଡ଼ ହୋଇଥିଲା। ସେ ତୁରନ୍ତ ୧୦୮କୁ ଡାକିଥିଲେ। ୧୦୮ ଟିମ ଘରେ ପହଞ୍ଚି ଯାଞ୍ଚ କଲା ବେଳକୁ ରାଜେଶ୍ୱରୀଙ୍କ ମୃତ୍ୟୁ ହୋଇସାରିଥିଲା।

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ଭୋଜଶାଳାରେ ହେବ ସରସ୍ୱତୀ ପୂଜା ଓ ନମାଜ ପାଠ

ନୂଆଦିଲ୍ଲୀ : ମଧ୍ୟପ୍ରଦେଶର ଧାର ସ୍ଥିତ ବିବାଦୀୟ ଭୋଜଶାଳା କମ୍ପ୍ଲେକ୍ସରେ ଆସନ୍ତାକାଲି (ଶୁକ୍ରବାର) ଉଭୟ ହିନ୍ଦୁ ଓ ମୁସଲିମ ଶ୍ରଦ୍ଧାଳୁମାନେ ପ୍ରାର୍ଥନା କରିପାରିବେ। ଆସନ୍ତାକାଲି ସରସ୍ୱତୀ ପୂଜା ଥିବା ବେଳେ ପାରମ୍ପରିକ ଶୁକ୍ରବାର ପ୍ରାର୍ଥନା ବା ଜୁମା ମଧ୍ୟ ରହିଛି। ଏହାକୁ ଦୃଷ୍ଟିରେ ରଖି ଆଜି ସୁପ୍ରିମକୋର୍ଟ ସଦଭାବନା ରକ୍ଷା କରିବାକୁ ଏପରି ନିର୍ଦ୍ଦେଶ ଦେଇଛନ୍ତି।

କୋର୍ଟଙ୍କ ଆଗରେ ପ୍ରଥମେ ଗୋଟିଏ ପ୍ରସ୍ତାବ ରଖାଯାଇଥିଲା। ଏହି ପ୍ରସ୍ତାବ ଅନୁସାରେ ଜୁମା ନମାଜ ପାଠ ବା ଜୁମା ପ୍ରାର୍ଥନା ଦିନ ୧ଟାରୁ ୩ଟା ମଧ୍ୟରେ ମସଜିଦ ମଧ୍ୟରେ ଥିବା ଧାର୍ଯ୍ୟ ସ୍ଥାନରେ ହେବ। ଏହାଦ୍ୱାରା ନମାଜ ପାଠ ପରେ ଲୋକମାନେ ସହଜରେ ବାହାରକୁ ଯାଇ ପାରିବେ। ସମାନ ଭାବେ ସରସ୍ୱତୀ ପୂଜା ମଧ୍ୟ କମ୍ପ୍ଲେକ୍ସ ମଧ୍ୟରେ ବ୍ୟବସ୍ଥା କରାଯିବ। ଏହି ପ୍ରସ୍ତାବ ଶୁଣିବା ପରେ ସୁପ୍ରିମକୋର୍ଟ ଉଭୟ ସଂପ୍ରଦାୟର ଲୋକଙ୍କୁ



ଭୋଜନଶାଳାରେ ପ୍ରାର୍ଥନା ଓ ପୂଜା କରିବାକୁ ଅନୁମତି ଦେଇଛନ୍ତି।

କୋର୍ଟ କହିଛନ୍ତି, "ଗୋଟିଏ ଉଚିତ ପ୍ରସ୍ତାବ ଆସିଛି। ମଧ୍ୟାହ୍ନ ୧ରୁ ୩ଟା ମଧ୍ୟରେ ନମାଜ ପାଠ ପାଇଁ କମ୍ପ୍ଲେକ୍ସ ଭିତରେ ସ୍ୱତନ୍ତ୍ର ସ୍ଥାନ ଉପଲବ୍ଧ କରାଯିବ। ଏହି ସ୍ଥାନରେ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଅଲଗା ଅଲଗା ରାସ୍ତା ରହିବ। ଏହା ଦ୍ୱାରା ବେଶ ଭଲ ଭାବେ ନମାଜ ପାଠ କରାଯାଇ ପାରିବ। ସମାନ ଭାବେ ବସନ୍ତ ପଞ୍ଚମୀ ଅବସରରେ ହିନ୍ଦୁ ସଂପ୍ରଦାୟର ଲୋକଙ୍କ ପାଇଁ ପାରମ୍ପରିକ ସମାରୋହ ଆୟୋଜନ କରିବା ପାଇଁ ଅଲଗା ସ୍ଥାନ ଉପଲବ୍ଧ କରାଯିବ।"ଭୋଜନଶାଳା କମ୍ପ୍ଲେକ୍ସ ହେଉଛି ୧୧ତମ ଶତାବ୍ଦୀର ଐତିହ୍ୟ। ଏହାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଏଏସ୍‌ଆଇ ପାଖରେ ରହିଛି। ଏହି ଐତିହ୍ୟ ସ୍ଥଳୀକୁ ନେଇ ଦୀର୍ଘ ବର୍ଷ ହେଲାଣି ଗୋଟିଏ ଧାର୍ମିକ ବିବାଦ ଲାଗି ରହିଛି। ମା' ସରସ୍ୱତୀୟଙ୍କ ପାଇଁ ଏହା ଗୋଟିଏ ମନ୍ଦିର ବୋଲି ହିନ୍ଦୁମାନେ କହୁଛନ୍ତି। ମୁସଲିମମାନେ ଏହାକୁ କମଲ ମୌଲା ମସଜିଦ ଭାବେ ବିବେଚନା କରୁଛନ୍ତି। ଭୋଜ ଉତ୍ସବ କମିଟି ଜାନୁଆରୀ ୨୩ରେ ଦିନ ତମାମ ସରସ୍ୱତୀ ପୂଜା ଏଠାରେ କରିବାକୁ ଅଧିକାରୀମାନଙ୍କ ଠାରୁ ଅନୁମତି ମାଗିଥିଲା। ସେହିପରି ମୁସଲିମ ସଂପ୍ରଦାୟର ଲୋକମାନେ ଗୋଟିଏ ଦାବିପତ୍ର ଦାଖଲ କରି ଶୁକ୍ରବାର ପ୍ରାର୍ଥନା ପାଇଁ ଦିନ ୧ରୁ ୩ଟା ମଧ୍ୟରେ ସମୟ ଦେବାକୁ ଅନୁମତି ମାଗିଥିଲେ। ଗତ ୨୩ ବର୍ଷ ଧରି ଗୋଟିଏ ବୁଝାମଣା ଅନୁସାରେ ମଙ୍ଗଳବାର ଭୋଜଶାଳାରେ ପୂଜା ଅର୍ଚ୍ଚନା ପାଇଁ ହିନ୍ଦୁମାନଙ୍କୁ ଏଏସଆଇ ଅନୁମତି ଦେଇଥିବା ବେଳେ ଶୁକ୍ରବାର ଏଠାରେ ମୁସଲିମମାନେ ନମାଜ ପାଠ କରୁଛନ୍ତି। ୨୦୧୬ରେ ବସନ୍ତ ପଞ୍ଚମୀ ଶୁକ୍ରବାର ପଡ଼ିବାରୁ ଉକ୍ତ ସ୍ଥାନରେ ପ୍ରବଳ ବିକ୍ଷୋଭ ଓ ସଂଘର୍ଷ ଦେଖିବାକୁ ମିଳିଥିଲା। ୨୦୨୬ରେ ସମାନ ସ୍ଥିତି ଆଶଙ୍କାରେ ସୁପ୍ରିମକୋର୍ଟ ଆଜି ଉଭୟ ସଂପ୍ରଦାୟ ପାଇଁ ପ୍ରାର୍ଥନା କରିବାକୁ ସମୟ ଧାର୍ଯ୍ୟ କରିଛନ୍ତି।

# ଦୃଷ୍ଟିବାଧିତଙ୍କ ପାଇଁ ନୀତା ଅମ୍ବାନୀଙ୍କ ୫ କୋଟିର ସହାୟତା

ମୁମ୍ବାଇ : ନ୍ୟାସନାଲ୍ ଆସୋସିଏସନ୍ ଫର୍ ଦି ବ୍ଲାଇଣ୍ଡ (ଏନଏବି) ଇଣ୍ଡିଆର ୭୫ତମ ପ୍ରତିଷ୍ଠା ଦିବସ ପାଳନ ସମାରୋହରେ, ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷା ନୀତା ଅମ୍ବାନୀ ଦୃଷ୍ଟିବାଧିତଙ୍କ ପାଇଁ ରିଲାଏନ୍ସ ଫାଉଣ୍ଡେସନ୍ ପକ୍ଷରୁ ୫ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଘୋଷଣା କରିଛନ୍ତି। ଏହି ସହାୟତା ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ପ୍ରଦାନ କରାଯିବ। ଏହି ପଦକ୍ଷେପ ଅଧୀନରେ, ଦୃଷ୍ଟିବାଧିତ କର୍ମଜୀବୀ ମହିଳା ଏବଂ ଦୃଷ୍ଟିବାଧିତ ଛାତ୍ରୀମାନଙ୍କ ପାଇଁ ଆବାସିକ ହଷ୍ଟେଲଗୁଡ଼ିକର ନବୀକରଣ ଏବଂ ରୂପାନ୍ତରଣ କରାଯିବ। ଏହି ହଷ୍ଟେଲ ଗୁଡ଼ିକ ସୁରକ୍ଷିତ, ସମ୍ମାନଜନକ ଏବଂ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବ। ଏନଏବି ଇଣ୍ଡିଆ ସହିତ ମିଳିତ ଭାବରେ, ରିଲାଏନ୍ସ ଫାଉଣ୍ଡେସନ୍ ଏକ ଜାତୀୟ ସ୍ତରୀୟ ଦକ୍ଷତା-ନିର୍ମାଣ କାର୍ଯ୍ୟକ୍ରମ ଆରମ୍ଭ କରିବ। ଏହି କାର୍ଯ୍ୟକ୍ରମଗୁଡ଼ିକ ଜରିଆରେ ବ୍ରେଲ୍ ସାକ୍ଷରତା, କ୍ରୀଡା, ସଂସ୍କୃତି, ସୃଜନଶୀଳ ଅଭିବ୍ୟକ୍ତି ସହିତ ସ୍ୱତନ୍ତ୍ର ଶିକ୍ଷକଙ୍କ ତାଲିମ ଉପରେ ଧ୍ୟାନ ଦିଆଯିବ। ପିଲାମାନଙ୍କ ପାଇଁ ଏକ ସୁନ୍ଦର ନୂତନ କ୍ରୀଡା କ୍ଷେତ୍ର ମଧ୍ୟ ନିର୍ମାଣ କରାଯିବ। ଏହି ଅବସରରେ, ନୀତା



ଅମ୍ବାନୀ କହିଥିଲେ ଯେ ରିଲାଏନ୍ସ ଫାଉଣ୍ଡେସନର "ଦୃଷ୍ଟି କାର୍ଯ୍ୟକ୍ରମ" ଅଧୀନରେ ଏନଏବି ସହିତ ମିଳିତ ଭାବରେ ଏପର୍ଯ୍ୟନ୍ତ ଶିକ୍ଷା, ଜୀବିକା ଏବଂ ଚକ୍ଷୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ କାର୍ଯ୍ୟ କରାଯାଇଛି। ୨୦୦,୦୦୦ ରୁ ଅଧିକ ମାଗଣା ଚକ୍ଷୁ ପରାମର୍ଶ ଏବଂ ୨୨,୦୦୦ ରୁ ଅଧିକ ବ୍ୟକ୍ତିଙ୍କୁ କର୍ଣ୍ଣିଆ ପ୍ରତିରୋପଣ ଏବଂ ଚକ୍ଷୁ ଅସ୍ତ୍ରୋପଚାର ମାଧ୍ୟମରେ ଦୃଷ୍ଟି ଉପହାର ଦିଆଯାଇଛି। ଏଥିସହିତ ହିନ୍ଦୀ ଏବଂ ମରାଠୀ ଭାଷାରେ ଭାରତର ଏକମାତ୍ର ଆନ୍ତର୍ଜାତୀୟ ବ୍ରେଲି ପାକ୍ଷିକ ଖବରକାଗଜ ପ୍ରକାଶ କରାଯାଉଛି ଯାହାର ୩୦,୦୦୦ ରୁ ଅଧିକ ପାଠକ ରହିଛନ୍ତି। ନୀତା ଅମ୍ବାନୀ କହିଥିଲେ, "ମୋ ପାଇଁ ସଂଖ୍ୟା ଅପେକ୍ଷା ଗୁରୁତ୍ୱପୂର୍ଣ୍ଣ ହେଉଛି ସେହି ମୁହୂର୍ତ୍ତଗୁଡ଼ିକ ଯାହା କାହାର ଜୀବନରେ ପରିବର୍ତ୍ତନ ଆଣିଥାଏ।

# ମୁମ୍ବାଇ ଦାୟିତ୍ୱ ସମ୍ଭାଳିବେ ମହିଳା ମେୟର

ମୁମ୍ବାଇ: ମୁମ୍ବାଇର ମେୟର କିଏ ହେବେ, ତାକୁ ନେଇ କଳ୍ପନାଜଳ୍ପନା ଚାଲିଥିବା ଆଜି ସଂରକ୍ଷିତ ବର୍ଗ ପାଇଁ ଲଟେରି ଅନୁଷ୍ଠିତ ହୋଇଛି। ଏହି ଲଟେରିର ଫଳାଫଳ ଅନୁଯାୟୀ ପ୍ରଥମ କରି ସାଧାରଣ ବର୍ଗର ଜଣେ ମହିଳା ଦେଶର ଆର୍ଥିକ ରାଜଧାନୀର ମେୟର ହେବେ ବୋଲି ଜଣାପଡ଼ିଛି। ଲଟେରି ସରିବା ପରେ ବର୍ତ୍ତମାନ ବିଜେତା ଦଳ ବା ମେଣ୍ଟ ସେମାନଙ୍କ ମେୟରଙ୍କ ନାମ ଘୋଷଣା କରିବାକୁ ସ୍ୱାଧୀନ। ଗୁରୁବାର ରାଜ୍ୟ ନଗର ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଲଟେରିରେ ୨୯ଟି ପୌର ନିଗମ ମଧ୍ୟରୁ ଅନୁସୂଚିତ ଜନଜାତି (ଏସ୍ଟି)କୁ ୧ଟି, ଅନୁସୂଚିତ ଜାତି (ଏସ୍ସି)କୁ ୩ଟି (୨ ମହିଳା ଏସ୍ସି), ୮ଟି ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)କୁ (୪ ମହିଳାଙ୍କ ସମେତ) ଏବଂ ସାଧାରଣ ବର୍ଗ (୯ ଜଣ ମହିଳାଙ୍କ ସମେତ)କୁ ୧୭ଟି ମିଳିବ ବୋଲି ଜଣାପଡ଼ିଛି।

ସହରାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ (ଏମ୍ ଓଏସ୍) ମାଧୁରୀ ମିସାଲଙ୍କ ଉପସ୍ଥିତିରେ ସଂରକ୍ଷଣ ଲଟେରି ଘୋଷଣା କରାଯାଇଥିଲା। ବିଜେପିର ରାଜେଶ ଶିରୱାଡକର, ଶିବସେନା (ୟୁବିଟି) କର୍ପୋରେଟର କିଶୋରୀ ପେଡନେକର, ବିଧାୟକ ମନୋଜ ଜାମସୁତକର ଓ ଏନ୍ସିପିର ଆନନ୍ଦ ପରାଞ୍ଜପେ ୨୯ଟି ମ୍ୟୁନିସିପାଲିଟି କର୍ପୋରେସନ ପାଇଁ ଲଟେରିରେ ଯୋଗ ଦେଇଥିଲେ। ଶିବସେନା (ୟୁବିଟି) କର୍ପୋରେଟର କିଶୋରୀ ପେଡନେକର ଅଭିଯୋଗ କରିଛନ୍ତି ଯେ, ନିୟମ ଉଲ୍ଲଂଘନ କରି ଲଟେରି କରାଯାଇଥିଲା ଓ ରିଗିଂ ହୋଇଥିଲା। ମୁମ୍ବାଇ ମେଟ୍ରୋପଲିଟାନ ରିଜିଅନ (ଏମ୍‌ଏମ୍‌ଆର)ରେ ମେୟର ପଦବୀ ନିମ୍ନ ପ୍ରକାରେ ସଂରକ୍ଷିତ ରଖାଯାଇଛି: ମୁମ୍ବାଇ - ସାଧାରଣ ମହିଳା, ନଭୀ ମୁମ୍ବାଇ - ସାଧାରଣ ମହିଳା, ପାନଭେଲ - ଓବିସି, ଥାଣେ - ଏସ୍ସି, ଉଲ୍ଲାସନଗର - ଓବିସି ସାଧାରଣ, କଲ୍ୟାଣ-ଡୋମ୍ବିଭାଲି -



ଏସ୍ଟି, ଭାସାଇ-ବିରାର - ସାଧାରଣ। ୫୦% ମହିଳା ସଂରକ୍ଷଣ ଲାଗୁ ହେବା ସହିତ ୧୫ଟି ପୌର ନିଗମ ମହିଳାଙ୍କ ପାଇଁ ସଂରକ୍ଷିତ ଏବଂ ୧୪ଟି ମେୟର ପଦବୀ ସାଧାରଣ ବର୍ଗରେ ରହିବ। ବିଏମ୍ସି ପାଇଁ ସଂରକ୍ଷଣ କ୍ରମାଗତ ଦୁଇଥର ସାଧାରଣ ବର୍ଗର ରହିଛି। ଏପର୍ଯ୍ୟନ୍ତ ମହିଳା ଓବିସି ସଂରକ୍ଷଣ ହୋଇନାହିଁ। ୨୦୧୭ ଓ ୨୦୧୯ରେ ସାଧାରଣ ବର୍ଗ ପାଇଁ ସଂରକ୍ଷଣ ଥିଲା, ଯାହା ଓବିସିଙ୍କ ପ୍ରତି ଅନ୍ୟାୟ ଥିଲା। ସେମାନେ ଏକ ନୂତନ ନିୟମ କରିଥିଲେ ଯେଉଁଥିରେ ଅତି କମ୍‌ରେ ତିନିଜଣ ଅନୁସୂଚିତ ଜନଜାତି (ଏସ୍ଟି) କର୍ପୋରେଟରଙ୍କୁ ଏସ୍ଟି ସଂରକ୍ଷଣ ପାଇବାକୁ ବାଧ୍ୟ କରାଯାଇଥିଲା। ଏହା ଜାଣିଶୁଣି କରାଯାଇଥିଲା କାରଣ ବିଏମ୍ସିରେ କେବଳ ଶିବସେନା (ୟୁବିଟି)ର ଦୁଇଜଣ ଏସ୍ଟି କର୍ପୋରେଟର ଅଛନ୍ତି। ଏହି ନିୟମକୁ ପରିବର୍ତ୍ତନ କରାଯାଇଥିଲା, ଯାହା ଲଟେରିକୁ ପୂର୍ବରୁ ସ୍ଥିର କରାଯାଇଥିବା ପରି ମନେ ହେଉଛି। ଆମେ ଏହାକୁ ନିନ୍ଦା କରୁଛୁ ବୋଲି ପେଡନେକର କହିଛନ୍ତି।

ପେଡନେକର ଆହୁରି କହିଛନ୍ତି ଯେ, ଏସ୍ଟି ମହିଳା ସଂରକ୍ଷଣ ପାଇଁ ଅତି କମ୍‌ରେ ତିନି ଜଣ ଏସ୍ଟି ମହିଳା କର୍ପୋରେଟର ଆବଶ୍ୟକ ବୋଲି ନୂତନ ନିୟମ ବିଷୟରେ କୌଣସି ରାଜନୈତିକ ଦଳକୁ ଜଣାଇ ଦିଆଯାଇ ନ ଥିଲା।




# ହକି ଇଣ୍ଡିଆ ଲିଗ୍‌ରେ ଓଡ଼ିଆ ଚମକ

ଭୁବନେଶ୍ୱର, ୨୨।୧ (ଶକ୍ତିପ୍ରକାଶ ନନ୍ଦ) : ୨୦୧୩ ରେ ହକି ଇଣ୍ଡିଆ ଲିଗ୍‌ର ଶୁଭାରମ୍ଭ ହୋଇଥିଲା। ପ୍ରଥମ ସଂସ୍କରଣରେ ଉପସ୍ଥିତି ନଗନ୍ୟ ଥିଲେ ବି ୬ ଜଣ ଖେଳାଳିଙ୍କ ଅଂଶଗ୍ରହଣ ଓଡିଶାର ସ୍ଥିତିକୁ ଦୃଢ଼ିଭୂତ କରିଥିଲା। ଆଦିବାସୀ ଅଞ୍ଚଳରୁ ଆସିଥିବା ଆମ ହକି ଖେଳାଳିଙ୍କ କଳାକୌଶଳ କ୍ରୀଡା ପ୍ରତି ଅତୁଟ ପ୍ରେମର ମୂଳରେ ଥିବା ଐତିହ୍ୟକୁ ଜୀବିତ ରଖିବା ସହ ହକିରେ ଆମ ଦୃଢତା କେତେ ତାହା ପ୍ରତିପାଦିତ କରିଥିଲା। ଅବଶ୍ୟ ଏଚ୍‌ଆଇଏଲର ଦ୍ୱିତୀୟ ସଂସ୍କରଣରେ ଓଡିଶାର ଦଳ କଳିଙ୍ଗ ଲାନସର୍ସ ସାମିଲ ହେବା ପରେ ନୂଆ ପରିଚୟ ମିଳିଥିଲା। ଇତି ମଧ୍ୟରେ ୨୦୧୩ ରୁ ୨୦୨୬ ପାଖାପାଖି ୧୩ ବର୍ଷ ବିତିଯାଇଛି। ହକି ଇଣ୍ଡିଆ ଲିଗରେ ଓଡିଆଙ୍କ ଅଂଶଗ୍ରହଣ ବି ସେହି ଅନୁପାତରେ ବଢିଛି। ଖେଳାଳିଙ୍କ ସଂଖ୍ୟା ୬ ରୁ ୧୬ କୁ ବୃଦ୍ଧି ପାଇଛି। ପ୍ରଥମ ସଂସ୍କରଣରେ ଖେଳିଥିଲେ ୬ ଜଣ। ତେବେ ଆଉ ୧୦ ଜଣ ସାମିଲ ହୋଇ ଆମ ହକି ଗୌରବକୁ ଆହୁରୀ ଗୌରାବାନ୍ୱିତ କରିଛନ୍ତି। ସାରା ବିଶ୍ୱରେ ହକି ଖେଳୁଥିବା ରାଷ୍ଟ୍ର, ଭାରତର ଅନେକ ରାଜ୍ୟର ପ୍ରତିଭା ସମ୍ପନ୍ନ ଖେଳାଳିଙ୍କ ମଧ୍ୟରେ ଆମ ଓଡିଶା ଖେଳାଳି କିଛି କମ୍ ନୁହଁନ୍ତି ବୋଲି ବିଗତ ହକି ଇଣ୍ଡିଆ ଲିଗର ସଂସ୍କରଣ ଗୁଡିକରେ ଖେଳାଳିଙ୍କ ସଂଖ୍ୟା ଓ ପ୍ରଦର୍ଶନକୁ ଦେଖି ସ୍ପଷ୍ଟ ହେଉଛି।

୨୦୧୩ରେ ଓଡିଶାର ଅମିତ ରୋହି ଦାସ, ଷ୍ଟାଲିନ୍ ଭିକ୍ଟର ମିନ୍, ଅରବିନ୍ଦ କୁଜୁର, ସୁଶାନ୍ତ ତିର୍କୀ, ସୁରେଶ ଟୋପ୍ପୋ ଏବଂ ବିରେନ୍ଦ୍ର ଲାକ୍ରା ହକି ଇଣ୍ଡିଆ ଲିଗ୍‌ର ଅଂଶ ଥିଲେ। ସେତେବେଳେ ହକି ପ୍ରଶଂସକଙ୍କ ପାଇଁ ହକି ଇଣ୍ଡିଆ ଲିଗ୍ କେବଳ ଏକ ବ୍ୟତିକ୍ରମ ବୋଲି କୁହାଯାଉଥିଲା। ରାଜ୍ୟସ୍ତରୀୟ ପ୍ରତିଯୋଗିତା ଠାରୁ ବହୁ ଦୂରରେ ଥିଲା ଏହି ପେଶାଦାର ଲିଗ୍। ସମୟ ଏପରି ଥିଲା ଯେ ନିଜର ପରିଚୟ ପାଇଁ ହକି ଇଣ୍ଡିଆ ଲିଗ୍ ସଂଘର୍ଷ କରୁଥିଲା। ପ୍ରଥମ ସଂସ୍କରଣର ଲୋକ ପ୍ରିୟତାରୁ ହକିର ପ୍ରଚାର ପ୍ରସାର ତୀବ୍ର ହୋଇଥିଲା। କେବଳ ହକି ଇଣ୍ଡିଆ ଲିଗ୍ ନୁହେଁ ଜାତୀୟ ହକି ଦଳରେ ସର୍ବଦା ଓଡିଆଙ୍କ ପ୍ରଭାବ ରହିଛି। ଦୀର୍ଘ ଦଶନ୍ଧି ଧରି ଭାରତୀୟ ପୁରୁଷ ଓ ମହିଳା ଦଳରେ ଅର୍ଦ୍ଧଡଜନ ଓଡିଆ ଖେଳାଳିଙ୍କ ଅଂଶଗ୍ରହଣ ରହିଆସିଛି। ଏହାର ପ୍ରଭାବ ମଧ୍ୟ ହକି ଇଣ୍ଡିଆ ଲିଗ୍‌ରେ ଦେଖିବାକୁ ମିଳିଥିଲା। ଏଚ୍‌ଆଇଏଲ୍ ମାଧ୍ୟମରେ ବିଶ୍ୱ ସ୍ତରର ତାରକାଙ୍କ ସହ ଖେଳିବାର ସୁଯୋଗ, ଶିଖିବାର ଜିଜ୍ଞାସା, ଭାବର ଆଦାନ ପ୍ରଦାନ ଓ କଳାକୌଶଳ ଆଦି ଶିଖିବା ହକି ଇଣ୍ଡିଆ ଲିଗର ମହାନତାକୁ ବ୍ୟାପ୍ତ କରିଥିଲା। ଏଚ୍‌ଆଇଏଲ୍ ଏପରି ଏକ ମଞ୍ଚ ଯେଉଁଠି ଜିରୋରୁ ହିରୋ ବନିଛନ୍ତି ବହୁ ହକି ଖେଳାଳି। ଓଡିଶାର ମଧ୍ୟ ଅନେକ ଖେଳାଳି ହକି ଇଣ୍ଡିଆ ଲିଗର ପ୍ରଦର୍ଶନ ଯୋଗୁଁ ହିଁ ଜାତୀୟ ଦଳକୁ ଯାଇପାରିଛନ୍ତି। ଓଡିଆ ଖେଳାଳିମାନେ ନିଜର ଦକ୍ଷତା ବଳରେ ଆଉ ସୀମିତ ହୋଇ ରହିନାହାଁନ୍ତି। ପ୍ରତ୍ୟେକ ଫ୍ରାଞ୍ଚାଇଜରେ ଥିବା ଓଡିଆ ଖେଳାଳିଙ୍କ ଭୂମିକା ଏବେ ଗୁରୁତ୍ୱପୂର୍ଣ୍ଣ ଓ ସ୍ୱତନ୍ତ୍ର। ଡିଫେଣ୍ଡରଙ୍କଠୁ ଆରମ୍ଭ କରି ମିଡ୍ ଫିଲ୍ଡ ତଥା ଆଟାକିଂରେ ମଧ୍ୟ ଓଡିଶା ଖେଳାଳି ଆଗରେ ଅଛନ୍ତି।



ଅମିତ ରୋହି ଦାସ ଏକମାତ୍ର ଖେଳାଳି ଯିଏ କି ହକି ଇଣ୍ଡିଆ ଲିଗର ଉଦଘାଟନୀ ସଂସ୍କରଣରେ ଥିଲେ। ଏବେ ବି ଖେଳୁଛନ୍ତି। ତାଙ୍କୁ ଦୁଇ ଦଶକର ଜୀବନ୍ତ ସେତୁ ବୋଲି କୁହାଯାଇପାରେ। ୨୦୧୩ରେ ଜଣେ ଯୁବ ଡିଫେଣ୍ଡର ଭାବେ ହକି ଇଣ୍ଡିଆ ଲିଗ୍ କ୍ୟାରିୟର ଆରମ୍ଭ କରିଥିବା ଅମିତ ରୋହି ଦାସ ୨୦୨୫-୨୬ ସଂସ୍କରଣରେ ତାମିଲନାଡୁ ଡ୍ରାଗନ୍ସର ଅଧିନାୟକ ହୋଇପାରିଛନ୍ତି। ଏକଦା ସେ କଳିଙ୍ଗ ଲାନସର୍ସର ଶୋଭାବର୍ଦ୍ଧନ କରୁଥିଲେ। ଏବେ ସେ ତାମିଲନାଡୁର ଡ୍ରାଗନ୍ସର ମଙ୍ଗୁଆଳ। ତାଙ୍କ ପାଖରେ ଭରପୁର ଅନ୍ତର୍ଜାତୀୟ ଅଭିଜ୍ଞତା ରହିଛି। ବିଶ୍ୱକପ୍‌ଠୁ ଆରମ୍ଭ କରି ଅଲିମ୍ପିକ୍ସ ପର୍ଯ୍ୟନ୍ତ ସବୁଠି ନିଜ ଝଲକ ଦେଖାଇଛନ୍ତି ଅମିତ ରୋହ ଦାସ। ଅମିତଙ୍କ ଯୋଗୁଁ ରାଜ୍ୟର ହକି ଗୌରବ ପୂର୍ବଭଳି ସେମିତି ମୁଣ୍ଡ ଟେକି ରହିଛି।

ଏଚ୍‌ଆଇଏଲରେ ୬ ରୁ ୧୬ ଜଣ ଓଡିଆ ଖେଳାଳିଙ୍କ ସଂଖ୍ୟା ବୃଦ୍ଧି ସଂଯୋଗ ବଶତଃ ଘଟିନାହିଁ। କାରଣ ଗତ ଦଶନ୍ଧି ଧରି ଓଡିଶାର ଜିଲ୍ଲା ଓ ବ୍ଲକ ସ୍ତରରେ ହକି ପ୍ରତିଯୋଗିତା, ଉଚ୍ଚ ପ୍ରଦର୍ଶିତ କେନ୍ଦ୍ର ଏବଂ ରାଜ୍ୟ ପରିଚାଳିତ ଏକାଡେମୀ ମାଧ୍ୟମରେ ତୃଣମୂଳ ସ୍ତରରୁ ପ୍ରତିଭା ବିକଶିତ କରାଯାଉଛି। ବହୁ ପରିମାଣରେ ଅର୍ଥର ମଧ୍ୟ ନିବେଶ କରାଯାଇଛି। ଏହା ସହିତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଏବଂ ରାଉରକେଲାରେ (ବିର୍ଶା ମୁଣ୍ଡା ହକି ଷ୍ଟାଡିୟମ) ଅନ୍ତର୍ଜାତୀୟ ମାନର ହକି ଷ୍ଟାଡିୟମ ନିର୍ମାଣ, ବିଶ୍ୱକପ୍, ପ୍ରୋ-ଲିଗ୍ ଏବଂ ଅନ୍ୟାନ୍ୟ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରି ଓଡିଶା ବିଶ୍ୱ ସ୍ତରରେ ନିଜର ଖ୍ୟାତି ଅର୍ଜନ କରିପାରିଛି।

ସୁନ୍ଦରଗଡ ଜିଲ୍ଲାର ସିମଡେଗା ସୀମାପ୍ରାନ୍ତ ଗାଁ ତଥା ଆଦିବାସୀ ଅଞ୍ଚଳର ଯୁବ ଖେଳାଳିଙ୍କ ପାଇଁ ହକି ଆଉ କେବଳ ପରମ୍ପରା ନୁହେଁ, ସେମାନଙ୍କ ଭାବନା, ପରିଚୟ ଓ ଜାଗରଣ ଭାବେ ଉଭା ହୋଇଛି। କାରଣ ପିଲାଏ ଖେଳକୁଦ ଜାଣିବା ଦିନଠୁ ହାତରେ ହକି ବାଡି ଧରି ବଲ ଗଡାଇଥାନ୍ତି। ବଣପାହାଡ ଘେରା ଅଞ୍ଚଳର ପିଲାଏ ହକି ସହ ଏପରି ଅଭ୍ୟସ୍ତ ଯେ ପ୍ରତିବର୍ଷ ହଜାର ହଜାର ପିଲା ହକି ପ୍ରତି ଆକୃଷ୍ଟ ହୋଇ ନୂଆ ପୀଢିର ମଞ୍ଜି ବୁଣିଥାନ୍ତି। ବର୍ତ୍ତମାନ ଯୁବ ପୀଢି ହକି ଇଣ୍ଡିଆ ଲିଗରେ ଖେଳୁଥିବା ଓଡିଆଙ୍କ ପ୍ରଦର୍ଶନକୁ ଦେଖି ବେଶ୍ ଅନୁପ୍ରାଣିତ ହେଉଛନ୍ତି। ଯୁବ ପୀଢିର ଖେଳାଳିଙ୍କୁ କ୍ରୀଡାର ସ୍ୱତନ୍ତ୍ର ବ୍ୟବସ୍ଥା, କ୍ରୀଡା ଛାତ୍ରାବାସ, ଏଲିଟ୍ ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ପ୍ରସ୍ତୁତ କରାଯାଉଛି।

୨୦୧୭ ପରେ ପୁଣି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମକୁ ହକି ଇଣ୍ଡିଆ ଲିଗ୍ ଫେରିଛି। ଲୋକଙ୍କ ହକି ପ୍ରତି ଭଲ ପାଇବା ପୂର୍ବଭଳି ରହିଛି। ବହୁ ସଂଖ୍ୟକ ଦର୍ଶକ କଳିଙ୍ଗ ଷ୍ଟାଡିୟମ ଆସି ହକି ଇଣ୍ଡିଆ ଲିଗ୍‌ର ମଜା ଉଠାଉଛନ୍ତି। ଘରୋଇ ଓଡିଆ ଖେଳାଳିଙ୍କୁ ଭରପୂର ସମର୍ଥନ ମିଳୁଛି। ଆଗକୁ ମଧ୍ୟ ଓଡିଶା ହକି ସମୃଦ୍ଧିରେ ଆଉ ଏକ କୀର୍ତ୍ତୀସ୍ତମ୍ଭ ରଚିବ।

## ଟି-୨୦ ବିଶ୍ୱକପ୍ ଖେଳିବନି ବାଂଲାଦେଶ

ନୂଆଦିଲ୍ଲୀ,୨୨।୧(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ଆୟୋଜିତ ଟି-୨୦ ବିଶ୍ୱକପରୁ ବାଦ ପଡ଼ିଛି ବାଂଲାଦେଶ। ଭାରତରେ ନିଜର ମ୍ୟାଚ୍ ନଖେଳିବା ଜିଦରେ ବାଂଲାଦେଶ ଅଟଳ ରହିଥିବାରୁ ଆଇସିସି ପକ୍ଷରୁ ଦଳକୁ ବିଶ୍ୱକପରୁ ବାଦ ଦିଆଯାଇଛି। ଏ ସମ୍ପର୍କରେ ଆଇସିସି ବିଧିବଦ୍ଧ ଭାବେ ଘୋଷଣା କରିବ। ବାଂଲାଦେଶ ବିଶ୍ୱକପରୁ ବିଦା ହୋଇଥିବାରୁ ଏବେ ସ୍କଟଲ୍ୟାଣ୍ଡକୁ ଆଇସିସି ଟୁର୍ଣ୍ଣାମେଣ୍ଟରେ ସାମିଲ କରିବ। ବାଂଲାଦେଶ ସ୍ଥାନ ନେବ ସ୍କଟଲ୍ୟାଣ୍ଡ। ବାଂଲାଦେଶ ଯେଉଁ ସବୁ ସ୍ଥାନରେ ମ୍ୟାଚ୍ ଖେଳିବାର ଥିଲା, ସେଠାରେ ସ୍କଟଲ୍ୟାଣ୍ଡ ମ୍ୟାଚ୍ ଖେଳିବ। ସୁରକ୍ଷାର ଆଳ ଦେଖାଇ ଭାରତ ବାହାରକୁ ନିଜର ଗ୍ରୁପ ମ୍ୟାଚଗୁଡ଼ିକ ସ୍ଥାନାନ୍ତର କରିବାକୁ ଆଇସିସିକୁ ଅନୁରୋଧ କରିଥିଲା। ପ୍ରଥମେ ଆଇସିସି ବାଂଲାଦେଶ କ୍ରିକେଟ ବୋର୍ଡ ବା ବିସିବିକୁ ଭାରତରେ ମ୍ୟାଚ୍ ଖେଳିବା ପାଇଁ ବୁଝାଇଥିଲା। ତଥାପି ବିସିବି ନିଜ ଅନ୍ତରୀଣ ସରକାରଙ୍କ ରାଜନୀତିକ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଭାରତରେ ମ୍ୟାଚ୍ ନଖେଳିବା ଜିଦରେ ଅଟଳ ରହିଥିଲା। ଏସବୁ ଭିତରେ ବୁଧବାର(ଜାନୁଆରୀ ୨୧) ଆଇସିସିର ବଡ଼ ବୈଠକ ବସିଥିଲା। ଏହି ବୈଠକରେ ବାଂଲାଦେଶର ମ୍ୟାଚ୍ ସ୍ଥାନାନ୍ତର ଅନୁରୋଧକୁ ଆଇସିସି ଭୋଟିଂ ଦ୍ୱାରା ଖାରଜ କରିଥିଲା। ମ୍ୟାଚ୍ ସ୍ଥାନାନ୍ତର ସପକ୍ଷରେ ବିସିବି ଓ ପାକିସ୍ତାନ କ୍ରିକେଟ ବୋର୍ଡ ଭୋଟିଂ କରିଥିଲେ। ବାକି ୧୪ ରାଷ୍ଟ୍ର ବାଂଲାଦେଶ ବିଶ୍ୱକପ ମ୍ୟାଚ୍ ଭାରତରେ ଖେଳିବା ଉଚିତ ବୋଲି କହିଥିଲେ। ଏହାପରେ ଆଇସିସି ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ବାଂଲାଦେଶକୁ ୨୪ ଘଣ୍ଟାର ସମୟ ଦେଇଥିଲା। ଏହାକୁ ନେଇ ଆଜି ବିସିବି ଅଧିକାରୀ, ଜାତୀୟ ଟିମର କ୍ରିକେଟର ଓ ଅନ୍ତରୀଣ ସରକାର ପରାମର୍ଶଦାତା ଆସିଫ ନଜରୁଲ ବୈଠକ କରିଥିଲେ। ବୈଠକରେ ବାଂଲାଦେଶ ନିଜ ପୁରୁଣା ଜିଦରେ ଅଟଳ ରହିଥିବା କହିଛି। ଭାରତରେ ବାଂଲାଦେଶ ଟି-୨୦ ବିଶ୍ୱକପ ଖେଳିବ ନାହିଁ ଓ ଆଇସିସିର ମ୍ୟାଚ୍ ସ୍ଥାନାନ୍ତର ନିଷ୍ପତ୍ତିକୁ ବିସିବି ଅପେକ୍ଷା କରିଥିବା ବୈଠକ ପରେ ନଜରୁଲ ସୂଚନା ଦେଇଛନ୍ତି। ଭରତରେ ବାଂଲାଦେଶ ଖେଳିବାକ ରାଜି ନଥିବାରୁ ଆଇସିସି ଏହି ଦେଶର ଦଳକୁ ବିଶ୍ୱକପରୁ ବାଦ ଦେବ ବୋଲି ଜଣାପଡ଼ିଛି। ଟି-୨୦ ବିଶ୍ୱକପ ଆସନ୍ତା ଫେବୃଆରୀ ୭ରୁ ଆରମ୍ଭ ହେବ। ମାର୍ଚ୍ଚ ୮ ଯାଏ ଚାଲିବାକୁ ଥିବା ବିଶ୍ୱକପର ଆୟୋଜନ ଭାରତ ଓ ଶ୍ରୀଲଙ୍କା କରୁଛନ୍ତି। ନଭେମ୍ବର ମାସରେ ଆଇସିସି ଜାରି କରିଥିବା ମ୍ୟାଚ୍ ସୂଚୀ ଅନୁସାରେ ବାଂଲାଦେଶ ତା'ର ଗ୍ରୁପ ପର୍ଯ୍ୟାୟ ମ୍ୟାଚଗୁଡ଼ିକ କୋଲକାତା ଓ ମୁମ୍ବାଇରେ ଖେଳିବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଭାରତ ସହ ରାଜନୀତିକ ବିବାଦ କାରଣରୁ ବାଂଲାଦେଶ କ୍ରିକେଟ ବୋର୍ଡ ନିଜ ସରକାରଙ୍କ କଥାରେ ପରିଚାଳିତ ହୋଇ ଭାରତକୁ ଟିମ ପଠାଇବ ନାହିଁ ବୋଲି କହିଥିଲା। ଏଥିସହ ଭାରତ ବାହାରକୁ ନିଜର ମ୍ୟାଚ୍‌କୁ ସ୍ଥାନାନ୍ତର କରିବାକୁ କହିଥିଲା। ହେଲେ ଆଇସିସି ଆଜି ବିଧିବଦ୍ଧ ଭାବେ ବାଂଲାଦେଶର ସବୁ ଅନୁରୋଧକୁ ଅଗ୍ରାହ୍ୟ କରି ଦେଇଛି।

## ମହାବୀର କ୍ରିକେଟ ଟୁର୍ଣ୍ଣାମେଣ୍ଟ : ତୋଟାପଡା ଚାମ୍ପିଅନ

ଖଇରା, ୨୨।୧(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଡୁଙ୍ଗୁରା ଗ୍ରାମ ପଞ୍ଚାୟତ ଅଧୀନ ବାରାହାପୁର ଚନ୍ଦନପଡିଆରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଦିନ ଉଦ୍‌ଯାପିତ ହୋଇ ଯାଇଛି। ଏଥିରେ ତୋଟାପଡାର ଡେଞ୍ଜର ଇଲେଭେନ ଟିମ ପାଇକାଳପୁର ୟୁନାଇଟେଡ କ୍ଲବକୁ ୪୩ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ତୋଟାପଡା ନିର୍ଦ୍ଧାରିତ ୨୦ ଓଭରରେ ୧୮୭ ରନ ସଂଗ୍ରହ କରିଥିଲା। ଜବାବରେ ପାଇକାଳପୁର ନିର୍ଦ୍ଧାରିତ ଓଭରରେ ୧୪୪ରନ ସଂଗ୍ରହ କରି ପରାଜୟ ସ୍ୱିକାର କରିଥିଲା। ଶଶିକାନ୍ତ ମାଝୀ ଓ ରନିାକର ମାଝୀ ମ୍ୟାଚ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଯୁବନେତା ନିଳମାଧବ ପଣ୍ଡା ମୁଖ୍ୟଅତିଥି, ସରପଞ୍ଚ ପ୍ରକାଶ କୁମାର ଲେଙ୍କା, ଯୁବନେତା ଶଙ୍କର୍ଷଣ ମାଝୀ, ଅରୁଣ ଘୋଷ, ସୁବାଷ ଚନ୍ଦ୍ର ମାଝୀ, ଶତ୍ରୁଘ୍ନ ମହାନ୍ତି ଓ ନଟବର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୟୀ ତୋଟାପଡା ଟିମକୁ ଟ୍ରଫି ସହ ୧୨ହଜାର ଏବଂ ରନର୍ସ ଅପ ଟିମକୁ କପ ସହ ୮ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମହାବୀର ଯୁଥ କ୍ଲବର ସଦସ୍ୟ ରାଜେନ୍ଦ୍ର ମାଝୀ, ପ୍ରିୟଜିତ ମାଝୀ, ଜ୍ୟୋତିରଞ୍ଜନ ଘୋଷ, ସନ୍ତୋଷ ମାଝୀ ଓ ଭଗବାନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରତାପ ଇଲେଭେନ ଷ୍ଟାର ଚାମ୍ପିଅନ

ଅସୁରାଳି,ତା(ସବ୍ୟୁ):ଧାମନଗର ବ୍ଲକ ଗଣେଶ ନଗର ତରୁଣ ଯୁବ ପରିଷଦ ପକ୍ଷରୁ ସ୍ଥାନୀୟ ଷ୍ଟକଚର ପଡିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସୁରେନ୍ଦ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପ୍ରତାପ ଇଲେଭେନ ଷ୍ଟାର ଅସୁରାଳି ଚାମ୍ପିଅନ ହୋଇଛି। ରବିବାର ଖେଳା ଯାଇଥିବା ଫାଇନାଲ ମ୍ୟାଚରେ ପ୍ରତାପ ଇଲେଭେନ ଷ୍ଟାର ୭ ଉଇକେଟରେ ଆଶୁ ଇଲେଭେନ ଗୁଡୁପୋଖରୀକୁ ପରାସ୍ତ କରିଛି। ଆଶୁ ଇଲେଭେନ ପ୍ରଥମେ ବ୍ୟାଟିଂ କରି ୧୫.୨ ଓଭରରେ ୧୨୬ରନ କରି ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ଧନ ରାଉତ ସର୍ବାଧିକ ୪୧ରନ କରିଥିଲେ। ପ୍ରତାପ ଇଲେଭେନ ପକ୍ଷରୁ ମାଣିକ ଚାନ୍ଦ ୪/୨୦ ବୋଲିଂ ସଫଳତା ପାଇଥିଲେ। ପ୍ରତାପ ଇଲେଭେନ ଷ୍ଟାର ୧୨.୩ ଓଭରରେ ମାତ୍ର ୩ ଉଇକେଟ ହରାଇ ୧୨୭ ରନ କରି ବିଜୟୀ ହୋଇଥିଲା। ମାଣିକ ଚାନ୍ଦ ୩୮ ରନ କରିଥିବାବେଳେ ଆଶୁ ଇଲେଭେନ ପକ୍ଷରୁ ଇମ୍ରାନ ଖାନ ୨୫ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ପ୍ରିୟଦର୍ଶିନ ପଣ୍ଡା ଓ ପ୍ରକାଶ ସାହୁ ଅମ୍ପାୟରିଂ କରିଥିଲେ। ଶମ୍ଭୁନାଥ ସାହୁ, କାର୍ତ୍ତିକ ସାହୁ, ଅଭିଷେକ ସାହୁ ସ୍କୋରିଂ ଏବଂ ଜଗନ୍ନାଥ ଦାସ, ଅଂଶୁମାନ ମାହଲ ଧାରାବିବରଣୀ ପ୍ରଦାନ କରିଥିଲେ।

## ୨୪ ରୁ ଓଡିଶା ଜିମ୍ନାଷ୍ଟିକ୍ ଚାମ୍ପିଅନସିପ

ଭୁବନେଶ୍ୱର, ୨୨।୧(ସବ୍ୟୁ) : ଆଗାମୀ ୨୪ ଓ ୨୫ ତାରିଖ ଦୁଇଦିନ ଧରି ପୁରୀର ଜଗନ୍ନାଥ ଷ୍ଟାଡିୟମରେ ୪୪ତମ ଓଡିଶା ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍ ଆୟୋଜନ ହେବ। ଏଥିରେ ଭୁବନେଶ୍ୱର ଜିମ୍ନାଷ୍ଟିକ୍ ଆସୋସିଏସନ୍‌ର ସିନିୟର ବାଳିକାରେ ରୀତିକା ଦାସ, ବିଗ୍ନେଶ ଦାସ, ଜୁନିୟର ବାଳିକାରେ ସରନ୍ୟା ମିଶ୍ର, ସବ୍‌ଜୁନିୟର ବାଳିକାରେ ସୌମ୍ୟାଶ୍ରୀ ପ୍ରିୟଦର୍ଶିନୀ, ପଟେଲ ସଗୁନ ମିଟେସ, ସିଦୀକ୍ଷା ସାହୁ, ଆର୍ଚ୍ଚିକ୍ରୀଷ୍ଟା ପ୍ରିୟମ୍, ପ୍ରଭାତି, ଅଭିଶ୍ରୀ ଅସ୍ମିତା, ୧୦ ବର୍ଷରୁ କମ୍ ବାଳିକାରେ ଦିବ୍ୟାଞ୍ଜଳୀ ମହନ୍ତ, କିଭା ପ୍ରିୟଦର୍ଶିନୀ, ଅମିରା ଅଗ୍ରୱାଲ, ସନ୍ନିତା ଖିଲାର, ଆଲୌ ସାନଭି, ଜୁନିୟର ବାଳକରେ ମହମ୍ମଦ ବର୍କତ ଅଲ୍ଲି ଅଂଶଗ୍ରହଣ କରିବେ। ୧୪ ବର୍ଷରୁ କମ୍



ବାଳରେ ଜିସାମ୍ ଅହମ୍ମଦ ଖାନ ଓ ତନ୍ମୟ ପାଢୀ, ୧୨ ବର୍ଷରୁ କମ୍ ବାଳକରେ ଦିବ୍ୟାଂଶ ପାଣିଗ୍ରାହୀ, ଯଶରାଜ ମହାନ୍ତି, ବିଶ୍ୱଜିତ୍ ଜେନା ଓ ଦିବ୍ୟଜିତ୍ ମହାରଣା, ୧୦ ବର୍ଷରୁ କମ୍ ବାଳକରେ ଭାସ୍କର ଭବିକ ବେଉରା ଓ ଦିବ୍ୟାଂ ସାହୁ ଅଂଶଗ୍ରହଣ କରିବେ। ରତିକାନ୍ତ ପ୍ରଧାନ ଏବଂ ଅନିଲ ପରିଡା କୋଚ୍ ତଥା ସନ୍ତୋଷ ପାଣିଗ୍ରାହୀ ଓ ଦିପ୍ତୀମୟୀ ନାୟକ ମ୍ୟାନେଜର ଦାୟିତ୍ୱ ନିର୍ବାହ କରିବେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନ୍ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ସହସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ, ଉପସଭାପତି ମୀରାରାଣୀ ଦାସ, ପରିଚାଳନା କମିଟି ସଦସ୍ୟ ଯଶୋବନ୍ତ ଦାସ ପ୍ରମୁଖ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ୨୦୨୮ ବିଶ୍ୱ ଆଥଲେଟିକ୍ସ ଇନଡୋର ଚାମ୍ପିୟନସିପ ଆୟୋଜନ ଦୌଡରେ କଳିଙ୍ଗ !

ଭୁବନେଶ୍ୱର, ୨୨।୧(ସବ୍ୟୁ) : ୨୦୨୮ ବିଶ୍ୱ ଆଥଲେଟିକ୍ସ ଇନଡୋର ଚାମ୍ପିୟନସିପ୍ ଆୟୋଜନ ପାଇଁ ଭାରତ ଆଗ୍ରହ ପ୍ରକାଶ କରିଥିବା ବେଳେ, ବିଶ୍ୱ ଆଥଲେଟିକ୍ସ ଏବଂ ଭାରତୀୟ ଆଥଲେଟିକ୍ସ ମହାସଂଘ (ଏଫ୍‌ଆଇ) ର ଏକ ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ସେମାନେ ଷ୍ଟାଡିୟମ ପରିସର ମଧ୍ୟରେ ଥିବା ଇନଡୋର ଆଥଲେଟିକ୍ସ ସେଣ୍ଟର ଏବଂ ଅନ୍ୟାନ୍ୟ ସୁବିଧାଗୁଡ଼ିକର ଅନୁଧ୍ୟାନ କରିଥିଲେ। ଏହି ଅବସରରେ ମାନ୍ୟବର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରୀଡ଼ା ବିଭାଗର କମିଶନର-ତଥା-ସଚିବ ସଚିନ ଆର. ଯାଦବ, ବିଶ୍ୱ ଆଥଲେଟିକ୍ସର ଉପସଭାପତି ଆଦିଲ୍ଲେ ଜେ. ସୁମାରିୱାଲା, ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ମାର୍ଟିନ ଗ୍ୟୁଲାଲ୍, ବିଡିଂ ମୁଖ୍ୟ ମାର୍କ



ହର୍ଷ୍ଟ, ଏଫ୍‌ଆଇ ବୈଷୟିକ କମିଟି ଅଧ୍ୟକ୍ଷ ରବୀନ୍ଦ୍ର ଚୌଧୁରୀ ଏବଂ ବିଡିଂ ବିଶେଷଜ୍ଞ ବିଜୟ କୁମାର ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ କ୍ରୀଡ଼ା ମନ୍ତ୍ରୀ ଓଡ଼ିଶାର ସୁଦୃଢ଼ କ୍ରୀଡା ଭିତ୍ତିଭୂମି ସମ୍ପର୍କରେ ସୂଚନା ଦେଇ କହିଲେ ଯେ, ଓଡ଼ିଶାରେ ସମସ୍ତ ପ୍ରକାରର କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ରହିଛି। ଗତ ବର୍ଷ ସଫଳତାର ସହ 'ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ' ଆୟୋଜନ କରିବା ପରେ ଚଳିତ ବର୍ଷ ଆମେ 'ସିଲଭର ମିଟ୍' ଆୟୋଜନ କରିବାକୁ ଯାଉଛୁ। ମୋର ଆଶା, ବିଶ୍ୱ ଆଥଲେଟିକ୍ସ ଏବଂ ଏଫ୍‌ଆଇ ସହଯୋଗରେ ଆମେ ଏହି ସମ୍ମାନଜନକ ମାଇଲଖୁଣ୍ଟ ହାସଲ କରିପାରିବୁ। ବିଶ୍ୱ ଆଥଲେଟିକ୍ସର ଉପ ସଭାପତି ଡକ୍ଟର ସୁମାରିୱାଲା ଆଲୋଚନାରେ ଅଂଶଗ୍ରହଣ କରି କହିଲେ, ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଅନୁଯାୟୀ ଭାରତ ୨୦୨୮ ବିଶ୍ୱ ଇନଡୋର ଆଥଲେଟିକ୍ସ ଚାମ୍ପିୟନସିପ୍ ପାଇଁ ବିଡ୍ କରୁଛି। ଭୁବନେଶ୍ୱରର ଭିତ୍ତିଭୂମି, ଆତିଥ୍ୟ ଏବଂ କ୍ରୀଡ଼ା ସଂସ୍କୃତି ବିଶ୍ୱସ୍ତରୀୟ। ଏହି ଚାମ୍ପିୟନସିପ୍ ଆୟୋଜନ ପାଇଁ ଏହା ଏକ ଆଦର୍ଶ ସ୍ଥାନ। କ୍ରୀଡା ବିଭାଗର ସଚିବ ସଚିନ ରାମଚନ୍ଦ୍ର. ଯାଦବ କହିଲେ ଯେ, ଓଡ଼ିଶା ଦେଶର ଅନ୍ୟତମ ପ୍ରମୁଖ କ୍ରୀଡ଼ା କେନ୍ଦ୍ର। ଆମର ବଡ଼ ଧରଣର କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାର ବହୁ ଅଭିଜ୍ଞତା ରହିଛି। ବିଶ୍ୱାସ୍ତରୀୟ କ୍ରୀଡା ପ୍ରତିଯୋଗିତାକୁ ଏକ ଐତିହାସିକ ସଫଳତା ପ୍ରଦାନ କରିବା ପାଇଁ ଆମେ ଆଶା ରଖୁଛୁ।

## ୨୬ତମ କାଠଖୁଣ୍ଟିଆ ବିବେକାନନ୍ଦ ଯୁଥ ଫୁଟବଲ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିବସ

ଖୋର୍ଦ୍ଧା, ୨୨/୧(ସବ୍ୟୁ) : ଖୋର୍ଦ୍ଧା ଉପକଣ୍ଠ କାଠଖୁଣ୍ଟିଆ ଫୁଟବଲ ପଡିଆ ଠାରେ ୨୬ତମ କାଠଖୁଣ୍ଟିଆ ବିବେକାନନ୍ଦ ଯୁଥ ଫୁଟବଲ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିବସରେ କାଠଖୁଣ୍ଟିଆ ସହ ଗଡମାଣତ୍ରି ଖେଳ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ମାରି ପାରିନଥିଲେ। ଖେଳର ଦ୍ୱିତୀୟାର୍ଦ୍ଧରେ ଗଡମାଣତ୍ରି ଦଳର ମନୋଜ ନାୟକ ଏକ ଚିତାକର୍ଷକ ଗୋଲମାରି ନିଜ ଦଳକୁ ସେମିଫାଇନାଲରେ ସୁନିଶ୍ଚିତ କରିଥିଲେ। ଏହି ମ୍ୟାଚକୁ ପରିଚାଳନା କରିଥିଲେ ସଗିର ଅହମଦ। ତାଙ୍କ ସହ ଲାଇନରେ ସାହାଯ୍ୟ କରିଥିଲେ ବିଦେଶୀ ନାୟକ ଏବଂ ପ୍ରଫୁଲ୍ଲ କୁମାର ବେହେରା। ଚତୁର୍ଥ ରେଫେରି ଭାବେ ଅମଜାଦ ଖାଁ ଦାୟିତ୍ୱ ତୁଲାଇଥିଲେ। ଏହି ମ୍ୟାଚରେ ମାଣୋଇ, କେରଙ୍ଗ ଅହମଦୀୟା ମୁସଲିମ ଫୁଟବଲ ଦଳର ପୂର୍ବତନ ଖେଳାଳି ସେକ ରଶିଦ



ମୁଖ୍ୟ ଅତିଥି ଭାବେ ମୁକ୍ତାପୁର, ମଲ୍ଲିପୁରର ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଶରଧାପୁର ଗ୍ରାମ ସେକ୍ରେଟାରୀ ମହମ୍ମଦ ଇଦ୍ରିସ ଯୁବନେତା ଭରତ ଏବଂ ସୁକଦେବ ନାୟକ ଯୋଗ ଦେଇଥିଲେ। ଆସନ୍ତା କାଲି ପ୍ରଥମ ସେମିଫାଇନାଲ କୁମ୍ପିଲୋ ସହ ଭାଲିଆବାଡି ଦଳ ଖେଳାଯିବାର ସୂଚନା ଟୁର୍ଣ୍ଣାମେଣ୍ଟ କମିଟି ତରଫରୁ ଦିଆଯାଇଛି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ସମ୍ବାଦପତ୍ର ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

## ପଞ୍ଚସଖା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ : ଜଟଣୀ ବିଜୟୀ

ସାକ୍ଷୀଗୋପାଳ, ୨୨।୧(ସବ୍ୟୁ) : ପଞ୍ଚସଖା ମେମୋରିଆଲ କ୍ଲବ ଦ୍ୱାରା ଆୟୋଜିତ ୨୯ତମ ପଞ୍ଚସଖା ଓ ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆଜି ପଞ୍ଚମ ଦିନରେ ଭୁବନ ସ୍କୋଟିଂ, ଢେଙ୍କାନାଳ ଓ ଜଟଣୀ କ୍ରିକେଟ ଆସୋସିଏସନ୍ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସାକ୍ଷୀଗୋପାଳ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ହୋଇଥିବା ଏହି ମ୍ୟାଚରେ ଜଟଣୀ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୫ ଓଭରରେ ଆଇଏସ ଗିରିଙ୍କ ଆକର୍ଷଣୀୟ ୯୦ ରନ ଓ ସନ୍ଦିପ ପାଇକରାୟଙ୍କ ୩୩ରନ ସହାୟତାରେ ୨୨୭ ରନ ସଂଗ୍ରହ କରିଥିଲା। ଭୁବନ ଏକାଦଶର ଲକ୍ଷ୍ମୀଧର ସାହୁ ୪ଟି ଉଇକେଟ ନେଇଥିଲେ। ଜବାବରେ ଭୁବନ ସ୍କୋଟିଂ ସମସ୍ତ ଉଇକେଟ ହରାଇ ୧୮୨ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଆଜିର ମ୍ୟାଚ୍ କୁ ପ୍ରଶାନ୍ତ ଶତପଥୀ ଓ ବିଜୟ ବେହେରା ପରିଚାଳନା କରିଥିଲେ। ଖେଳ ଶେଷରେ ମ୍ୟାଚର ଶ୍ରେଷ୍ଠ ଖେଳାଳୀ ବିଜୟୀ ଜଟଣୀ ଏକାଦଶର ଆଇଏସ ଗିରିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର, ପଞ୍ଚସଖା ମେମୋରିଆଲ କ୍ଲବର ବରିଷ୍ଠ ସଦସ୍ୟ ଗୋପୀନାଥ ରଥ ପ୍ରଦାନ କରିଥିଲେ। ଆଜିର ମ୍ୟାଚରେ ଭାଷ୍ୟକାର ରାଧାକ୍ରିଷ୍ଣ ମୁନା ସିଂ ସମ୍ପୂର୍ଣ୍ଣ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ଆଠମଲ୍ଲିକ, ୨୨।୧(ସବ୍ୟୁ) : ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତ ଜିପିସିସି କୁଦଗାଁ ପଞ୍ଚାୟତ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପୀତବାସପୁର ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ସିଧୁ ଫାଇଟର ଏବଂ ଟାଇଁସର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ସିଧୁ ଫାଇଟର ବିଜୟୀ ହୋଇଥିଲା। ଅମପେୟାର ଭାବେ ଗିରିଶ ଚନ୍ଦ୍ର ରଣା, ସୋମନାଥ ବେହେରା ପରିଚାଳନା କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ସୋମ୍ୟ ରଞ୍ଜନ ପ୍ରଧାନ। ଉଦ୍‌ଘାଟନୀ ମ୍ୟାଚ ଅବସରରେ ଅତିଥି ଭାବରେ କୁଦଗାଁ ପଞ୍ଚାୟତ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତି ଯୋଗଦେଇ ଉଭୟ ଦଳର ଖେଳାଳି ମାନଙ୍କ ସହ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ। ଶ୍ରବଣ ଗାଇଗରିଆ, ସୁମନ୍ତ ଗାଇଗରିଆ, ତନ୍ମୟ ନାଏକ, ବିଭୁତି ଭୂଷଣ କୁମ୍ଭାର, ଅଜିତ ଦଳ ବେହେରା, ସୋମନାଥ ବେହେରାଙ୍କ ସମେତ କୁଦ ଗାଁ ପଞ୍ଚାୟତ ଜିପିସିସି କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

## ରଣଜୀ ଟ୍ରଫି

### କିଟ୍‌ରେ ପ୍ରଥମ ଦିନ ୪ ଅର୍ଦ୍ଧଶତକ, ତାମିଲନାଡୁ ୨୮୧/୭

ଭୁବନେଶ୍ୱର, ୨୨।୧(ସବ୍ୟୁ) : ରଣଜୀ ଟ୍ରଫିର ଷଷ୍ଠ ପର୍ଯ୍ୟାୟ ଆରମ୍ଭ ହୋଇଛି। ଗୁରୁବାର କିଟ୍ ଷ୍ଟାଡିୟମରେ ଘରୋଇ ଓଡିଶା ଦଳ ଓ ତାମିଲନାଡୁ ପରସ୍ପରକୁ ଭେଟିଛନ୍ତି। ପ୍ରଥମ ଦିନ ତାମିଲନାଡୁ ଜମାଣିଆ ପ୍ରଦର୍ଶନ ଦେଖାଇ ୭ ୱିକେଟ ବିନିମୟରେ ୨୮୧ ରନ୍ କରିଛି। ତାମିଲନାଡୁର ଏହି ଇନିଂସରେ ୪ ଜଣ ବ୍ୟାଟର ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି। ଓଡିଶାର ରାଜେଶ ମହାନ୍ତି ଓ ଗୋବିନ୍ଦ ପୋଦାର ଦୁଇଟି ଲେଖାଏଁ ୱିକେଟ ଦଖଲ କରିଛନ୍ତି।

ଟସ୍ ଜିତି ଓଡିଶା ଭ୍ରମଣକାରୀ ତାମିଲନାଡୁକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଅତିଶଙ୍କ ସହ ନାରାୟଣ ଜଗଦିଶାନ ପାଳି ଆରମ୍ଭ କରିଥିଲେ। ଦଳୀୟ ସ୍କୋର ୧୨ ରନ୍ ବେଳେ ଜଗଦିଶାନ ବ୍ୟକ୍ତିଗତ ୭ ରନ କରି ରାଜେଶ ମହାନ୍ତି ଦ୍ୱାରା ବୋଲ୍ଡ ହୋଇଥିଲେ। ଓପନର ଅତିଶ ୧୨୬ ବଲରୁ ୫୦ ରନ୍, ପି ବିଦ୍ୟୁତ ୧୨ ରନ୍ କରି ଆଉଟ୍ ହୋଇଥିଲେ। ୩ ୱିକେଟ୍ ଝଡିଲା ବେଳକୁ ତାମିଲନାଡୁ ୩୭ ଓଭରରେ ୧୧୧ ରନ୍ ସଂଗ୍ରହ କରିନେଇଥିଲା। ଏହାପରେ ପ୍ରଦୋଷ ରଞ୍ଜନ ପାଲ ୧୦୦ ବଲରୁ ୭୮, ଆନ୍ଦ୍ରେ ସିଦ୍ଧାର୍ଥ ୫୬, ତଥା ନିଧିଷ ରାଜଗୋପାଲ ଅପରାଜିତ ୫୪ ରନ କରିବାରୁ ତାମିଲନାଡୁ ୮୩ ଓଭରରେ ୭ ୱିକେଟ ହରାଇ ୨୮୧ ରନ କରିବାକୁ ସମର୍ଥ ହୋଇଥିଲା। ବୋଲିଂରେ ଓଡିଶାର ରାଜେଶ ମହାନ୍ତି, ଗୋବିନ୍ଦ ପୋଦାର ଦୁଇଟି ଲେଖାଏଁ, ଦେବବ୍ରତ ପ୍ରଧାନ, ସମ୍ବିତ ବରାଳ, ବିପ୍ଳବ ସାମନ୍ତରାୟ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି